DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୭/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 17/2022 Page 20 ₹ 7.00 ★★★★★★

୪୮ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 293 ମୂଲ୍ୟ₹୭/-





**ଭାରତ ଏ' ଦଳରେ ରାଜ ଅଙ୍ଗଦ ବାୱା**

ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଲାଗି ଭାରତ ଏ' କ୍ରିକେଟ ଦଳରେ ରାଜ ଅଙ୍ଗଦ ବାୱା ସ୍ଥାନ ପାଇଛନ୍ତି।

୨୦

୧୬

**ମୁହାଁମୁହିଁ ହେବେ ଆୟୁଷ୍ମାନ-ସଲମାନ**

ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଡ୍ରିମ୍‌ଗର୍ଲ-୨ ସଲମାନଙ୍କ ଫିଲ୍ମ ଟାଇଗର-୩ ଏକାସାଙ୍ଗରେ ରିଲିଜ୍ ହେବାକୁ ଯାଉଛି।





ଉଜ୍‌ବେକିସ୍ତାନର ସମରକନ୍ଦଠାରେ ଏସ୍‌ସିଓ ସମ୍ମିଳନୀ ପୃଷ୍ଠଭୂମିରେ ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କରମର୍ଦ୍ଦନ କରୁଛନ୍ତି।

# ଆସନ୍ତାବର୍ଷ ମାନ୍ଦାବସ୍ଥାର ସମ୍ମୁଖୀନ ହେବ ବିଶ୍ୱ

## ବିଶ୍ୱବ୍ୟାଙ୍କ ରିପୋର୍ଟ




ୱାଶିଂଟନ,୧୬।୯

ଅଧିକାଂଶ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏକସଙ୍ଗେ ସେମାନଙ୍କ ମୁଦ୍ରାନୀତିକୁ କଠୋର କରିଥିବାବେଳେ ଆସନ୍ତା ବର୍ଷ ବିଶ୍ୱ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ। ବିଶ୍ୱବ୍ୟାଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ମୁଦ୍ରାସ୍ଫୀତି କମାଇବାକୁ ହେଲେ ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଯୋଗାଣ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ହଟାଇବାକୁ ବିଶ୍ୱ ବ୍ୟାଙ୍କ ଆହ୍ୱାନ ଦେଇଛି। ରିପୋର୍ଟ ଅନୁଯାୟୀ ବିଶ୍ୱ ମାନ୍ଦାବସ୍ଥାର ଅନେକ ଲକ୍ଷଣ ପରିଲକ୍ଷିତ ହେଲାଣି। ବିଶ୍ୱ ଅର୍ଥନୀତି ଏବେ ଦ୍ରୁତ ବେଗରେ ହ୍ରାସ ପାଉଛି। ୧୯୭୦ର ମାନ୍ଦାବସ୍ଥା ପରବର୍ତ୍ତୀ ଅବସ୍ଥାରେ ଅର୍ଥନୀତି କେବେ ଏଭଳି ହ୍ରାସ ପାଇ ନ ଥିଲା। ବିକାଶଶୀଳ ଅର୍ଥନୀତିଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି, ଯାହା ଦୀର୍ଘମିଆଦୀ କ୍ଷତି ପହଞ୍ଚାଇପାରେ ବୋଲି ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟୟନରେ କୁହାଯାଇଛି।

ମୁଦ୍ରାସ୍ଫୀତି କମାଇବା ଲାଗି ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଚଳିତ ବର୍ଷ ଏକସଙ୍ଗେ ସୁଧ ବଢ଼ାଇଛନ୍ତି, ଯାହାକି ଗତ ୫ ଦଶନ୍ଧି ମଧ୍ୟରେ ଦେଖାଯାଇ ନ ଥିଲା। ଆଗାମୀ ବର୍ଷ ମଧ୍ୟ ଏହି ଧାରା ଜାରି ରହିପାରେ। କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ୪%ରେ ପହଞ୍ଚିପାରେ, ଯାହା ୨୦୨୧ରେ ଥିବା ସୁଧହାରର ଦୁଇଗୁଣ। ଆମେରିକା, ୟୁରୋପ, ଭାରତ ସମସ୍ତେ ମୁଦ୍ରାସ୍ଫୀତି କମାଇବା ପାଇଁ ସୁଧହାର ବଢ଼ାଇଛନ୍ତି। ଏଭଳି କଠୋର ମୁଦ୍ରାନୀତି ଯୋଗୁ ପୁଞ୍ଜିନିବେଶ, ନିଯୁକ୍ତି ଆଦି ପ୍ରଭାବିତ ହେବା ସହ ଅଭିବୃଦ୍ଧି ହ୍ରାସ ପାଇଛି। ସାରା ବିଶ୍ୱରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ହ୍ରାସ ପାଉଛି। ଅଧିକାଂଶ ଦେଶ ମାନ୍ଦାବସ୍ଥା ମଧ୍ୟକୁ ଠେଲିହୋଇଯାଉଥିବାରୁ ଅଭିବୃଦ୍ଧି ହାର ଆହୁରି କମିପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଧାରା ଅଧିକ ଦିନ ତିଷ୍ଠି ରହିବା ସହ ଏହାର ପରିଣାମ ଦୀର୍ଘଦିନ ଅନୁଭୂତ ହେବ ବୋଲି ବିଶ୍ୱବ୍ୟାଙ୍କ ଅଧକ୍ଷ ଡାଭିଡ୍ ମାଲ୍‌ପାସ୍ କହିଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିର ☞ପୃଷ୍ଠା-୪

# ସଡ଼କ ଦୁର୍ଘଟଣା: ୫ ଜୀବନ ଗଲା

## କମ୍ପାନୀ ବସ୍ -ହାଇୱା ଧକ୍କା

ଝାରସୁଗୁଡ଼ା ଅଫିସ୍,୧୬।୯

ଝାରସୁଗୁଡ଼ା ଜିଲା ସଦର ଥାନା ବାଇପାସ୍ ପାୱାର ହାଉସ୍ ନିଖିଳଢାବା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟିଛି। ସମ୍ବଲପୁର ଜିଲାର ଠେଲକୁଲିସ୍ଥିତ ଭୂଷଣ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ୧୫ନଂ. ବସ୍‌କୁ କୋଇଲା ବୋଝେଇ ହାଇୱା ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ କମ୍ପାନୀର ୫କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବସ୍ କର୍ମଚାରୀମାନଙ୍କୁ ଧରି ଠେଲକୁଲିରୁ ଝାରସୁଗୁଡା ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍‌ରେ ୫୦ରୁ ଅଧିକ କର୍ମଚାରୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୨୮ଜଣ ଗୁରୁତର ଆହତ ହୋଇଛନ୍ତି। କେତେଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆଉ କେତେଜଣଙ୍କୁ ଝାରସୁଗୁଡ଼ାର ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

ମୃତ କର୍ମଚାରୀ ରାଜେନ୍ଦ୍ର ତିୱାରୀ, ସେର୍ ବାହାଦୁର, ବ୍ରିଜ୍‌ପାଲ ସିଂହ, ପଙ୍କଜ ଝା ଓ ବିକାଶ କୁମାର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ୫କର୍ମଚାରୀଙ୍କ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲାପାଳ ସରୋଜ କୁମାର ସାମଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ତରଫରୁ ସମସ୍ତ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ କର୍ମଚାରୀମାନେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ କମ୍ପାନୀର କାର୍ଯ୍ୟରତ କର୍ମଚାରୀ ହିସାବରେ କ୍ଷତିପୂରଣ ଯୋଗାଇ ଦିଆଯିବ। ଏଦିଗରେ କମ୍ପାନୀ ସହିତ ଆଲୋଚନା କରାଯିବ ବୋଲି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କିଏ ଜିତିବ**




# ସ୍କୁଲ ପାଚେରି ଗେଟ୍ ପଡ଼ି ଛାତ୍ରୀ ମୃତ

ପଦ୍ମପୁର/ଗୁଣପୁର,୧୬।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବିଚିକୋଟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ଗେଟ୍ ପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଆହୂତି ଶବର(୧୧)।

ଘଟଣାରୁ ପ୍ରକାଶ, ମଧ୍ୟାହ୍ନ ବିରତି ସମୟରେ ଆହୂତି ସ୍କୁଲ ପରିସରରେ ବୁଲୁଥିଲେ। ଆହୂତି ଏବଂ ଅନ୍ୟ ଜଣେ ଛାତ୍ରୀ ସ୍କୁଲ ପରିସରରେ ଥିବ ଶୌଚାଳୟକୁ ପରିସ୍ରା କରିବାକୁ ଯାଇଥିଲେ। ଫେରିବା ସମୟରେ ହଠାତ୍ ପାଚେରି ଭୁଶୁଡ଼ି ସିମେଣ୍ଟ ଇଟା ଖଣ୍ଡ ଏବଂ ଲୁହାଗେଟ୍ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ଅହୂତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ସାଙ୍ଗରେ ଥିବା ଛାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଆହୂତିଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ☞ପୃଷ୍ଠା-୪

# ଟ୍ରେନ୍ ଝରକାରେ ଓହଳି ୧୦ କି.ମି. ଗଲେ



## ମହଙ୍ଗା ପଡ଼ିଲା ଚୋରି

ପାଟନା, ୧୬।୯

ଅନେକ ସମୟରେ ଟ୍ରେନ୍ ଯାତ୍ରୀଙ୍କଠାରୁ ଜିନିଷ ଲୁଟ ହେଉଥିବା ଖବର ଆମେ ଖବରକାଗଜ ବା ନ୍ୟୁଜ୍‌ରେ ଦେଖିଛେ। ବିହାରରେ ଜଣେ ଚୋରଙ୍କୁ ତାଙ୍କ ଆପରାଧିକ କାର୍ଯ୍ୟ ପାଇଁ ହଟହଟା ହେବାକୁ ପଡ଼ିଛି। ବିହାରରେ ଦେଖିବାକୁ ମିଳିଛି ଏକ ଅଜବ ଘଟଣା, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ପ୍ରସାରିତ ହେବାରେ ଲାଗିଛି। ଚୋର ଚଳନ୍ତା ଟ୍ରେନ୍ ଝରକା ବାଟେ ଯାତ୍ରୀଙ୍କଠାରୁ ଫୋନ୍ ଛଡ଼ାଇନେବାକୁ ଉଦ୍ୟମ କରୁଥିବାବେଳେ ଯାତ୍ରୀମାନେ ସମ୍ପୃକ୍ତ ଚୋରକୁ ଧରିନେଇଥିଲେ। ଏହାପରେ ଟ୍ରେନ୍ ଷ୍ଟାର୍ଟ ହୋଇଯାଇଥିଲା। ଯାତ୍ରୀମାନେ ଚୋରଙ୍କୁ ଆଉ ଛାଡ଼ି ନ ଥିଲେ। ଏହିଭଳି ଭାବେ ଝରକାରେ ଓହଳି ଚୋର ଜଣକ ୧୦ କି.ମି. ବାଟ ଯାଇଥିଲେ। ପରବର୍ତ୍ତୀ ସମୟରେ ଯାତ୍ରୀମାନେ ଉକ୍ତ ଚୋରଙ୍କୁ ଛାଡ଼ି ଦେଇଥିଲେ। ସାହେବପୁର କାମଲ ଷ୍ଟେଶନରେ ଏହି ଘଟଣା ଘଟିଥିବାବେଳେ ଟ୍ରେନ୍‌ଟି ଖଗରିଆ ଷ୍ଟେଶନ୍ ଅଭିମୁଖେ ଯାଉଥିଲା। ଚଳନ୍ତା ଟ୍ରେନ୍‌ରୁ ଯାତ୍ରୀଙ୍କଠାରୁ ଚୋରି ହେବା ଘଟଣା ନୂଆ ନୁହେଁ। ଏଭଳି ଘଟଣା ସବୁ ସ୍ଥାନରେ ଘଟୁଥିବାବେଳେ ବିହାରରେ ଅଧିକାଂଶ ଦେଖିବାକୁ ମିଳିଥାଏ।



# ରାଜଧାନୀ ଆକାଶରେ ଗର୍ଜିଲା ହକ୍ ବିମାନ



## ସୂର୍ଯ୍ୟକିରଣ ଶୋ

- କଳାକୌଶଳ ଦେଖାଇଲେ ବାୟୁସେନା ଯବାନ
- ଅସମ୍ଭାଳ ଭିଡ଼, ପୋଲିସ ନାକେଦମ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ଉପକଣ୍ଠ କୁଆଖାଇ ନଦୀପଠାରେ ଥିବା ବାଲିଯାତ୍ରା ପଡ଼ିଆରେ ବହୁ ପ୍ରତୀକ୍ଷିତ ବାୟୁସେନାର ଏୟାର ଶୋ' 'ସୂର୍ଯ୍ୟକିରଣ' ଶେଷ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଏହି ଏୟାର ଶୋ' ଆରମ୍ଭ ହୋଇଥିଲା। ଏଥିର ୯ଟି ହକ୍ ବିମାନ ସାମିଲ ହୋଇଥିଲେ। ଯବାନମାନେ ଏକାସଙ୍ଗେ ବିମାନଗୁଡ଼ିକୁ ୫ ଶହରୁ ୧ହଜାର ଫୁଟ୍ ଉଚ୍ଚରେ ଉଡ଼ାଇ ସାହସିକ କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି ଲଢୁଆ ବିମାନଗୁଡ଼ିକର ଗର୍ଜନରେ ରାଜଧାନୀ ଆକାଶ କମ୍ପିଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବାୟୁସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କୁଆଖାଇ ନଦୀପଠାର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଦର୍ଶକ ଏୟାର ଶୋ'ର ମଜା ନେଇଥିଲେ। କର୍ଣାଟକରୁ ଆସିଥିବା ୯ ହକ୍ ବିମାନରେ ବାୟୁବୀରମାନେ ପ୍ରାୟ ୨୦ ମିନିଟ ଯାଏ ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଶୋ'ରେ ୨ଟି ଟିମ୍‌ରେ ୧୬ ଜଣ ବାୟୁସେନା ଅଧିକାରୀ ସାମିଲ ହୋଇଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ରମାନେ ଜାତୀୟ ପତାକା ଧରି 'ମା ତୁଝେ ସଲାମ' ଦେଶାତ୍ମବୋଧ ସଙ୍ଗୀତର ତାଳେ ତାଳେ ସୂର୍ଯ୍ୟକିରଣ ଟିମ୍‌କୁ ସ୍ୱାଗତ କରିଥିଲେ। ଫ୍ଲାଇଟ୍ ଲ୍ୟୁଟନାଣ୍ଟ ରିଧିମା ସୂର୍ଯ୍ୟକିରଣ ଟିମ୍ ତରଫରୁ ଏୟାର ଶୋ'ର ଧାରା ବିବରଣୀ ପ୍ରଦାନ କରିଥିଲେ। ନିରାପତ୍ତା ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଓଡ୍ରାଫ୍ ଟିମ୍ ସହ ୪୫ ସେକ୍ସନ୍ ଫୋର୍ସ ମୁତୟନ ଥିଲେ। ପ୍ରାୟ ୧୦୦ ପୋଲିସ ଅଧିକାରୀ ମଧ୍ୟ ମୁତୟନ ଥିଲେ।

ଏୟାର ଶୋ'କୁ ଦେଖିବା ପାଇଁ ସକାଳୁ ଭିଡ଼ ଆରମ୍ଭ ହୋଇଯାଇଥିଲା। କୁଆଖାଇ ନଦୀପଠା ବାଲିଯାତ୍ରା ପଡ଼ିଆ ଓ ଆଖପାଖରେ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଶୋ' ଶେଷ ହେବା ପରେ ବାଲିଯାତ୍ରା ପଡ଼ିଆ ଓ କୁଆଖାଇପଠାକୁ ଯାଇଥିବା ଲୋକଙ୍କର ଘରବାହୁଡ଼ା ଦୁର୍ଦ୍ଦଶା ଆରମ୍ଭ ହୋଇଯାଇଥିଲା। ୧୬ ନମ୍ବର ଜାତୀୟ ରାଜପଥରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇଥିବା ନଦୀବନ୍ଧ ରାସ୍ତା ଦୁଇଥାକିଆ ହୋଇଛି। ମାତ୍ର ଭିଡ଼ ଏଭଳି ଥିଲା ଯେ, ବାଲିଯାତ୍ରା ପଡ଼ିଆରୁ ଜାତୀୟ ରାଜପଥ ନିକଟକୁ ୩ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପ୍ରାୟ ୨ ଘଣ୍ଟା ଲାଗି ଯାଇଥିଲା। ପୂର୍ବରୁ କୁହାଯାଇଥିଲା ଯେ ଏୟାର ଶୋ' ଦେଖିବା ପାଇଁ ପ୍ରାୟ ୫୦ହଜାର ଲୋକ କୁଆଖାଇ ନଦୀପଠାରେ ପହଞ୍ଚିବେ। ବାସ୍ତବ ପକ୍ଷେ ଏହି ଶୋ' ଦେଖିବା ପାଇଁ ବହୁ ଅଧିକ ଲୋକଙ୍କର ଭିଡ଼ ହୋଇଥିଲା, ସେଥିପାଇଁ ଲୋକଙ୍କୁ ୧ କି.ମି. ରାସ୍ତା ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗିଥିଲା। ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ମଧ୍ୟ ନାକେଦମ ହେବାକୁ ପଡ଼ିଥିଲା। ଦିନ ୯ଟା ହେବା ପରେ ରାଜଧାନୀବାସୀ କୁଆଖାଇ ଅଭିମୁଖେ ବାହାରିଥିଲେ। ଏକ ଘଣ୍ଟା ମଧ୍ୟରେ ବାଲିଯାତ୍ରା ପଡ଼ିଆ ଏବଂ ଏହାର ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇଯାଇଥିଲା। ପୋଲିସ କର୍ମଚାରୀମାନେ ସକାଳ ୭ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଯାତାୟାତକୁ ନିୟନ୍ତ୍ରଣ କରିଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ କଡ଼ା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା।

ସୂର୍ଯ୍ୟକିରଣ ହେଉଛି ବାୟୁସେନାର ଏରୋବାଟିକ୍ ଡିସ୍‌ପ୍ଲେ ଟିମ୍। ୧୯୮୨ରେ ବାୟୁସେନାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହା ଗଠନ କରାଯାଇଥିଲା। ୯ଟି ହକ୍ ଏୟାରକ୍ରାଫ୍ଟ ଉଡ଼ାଇଥିଲେ ସ୍ୱତନ୍ତ୍ର ଟିମ୍। ସେତେବେଳେ ଏହାର ନାଁ ରଖାଯାଇଥିଲା 'ଥଣ୍ଡରବୋଲ୍ଟସ'। ଆସନ୍ତା ୧୭ ତାରିଖରେ ପୁରୀରେ ସୂର୍ଯ୍ୟକିରଣ ଶୋ' ଅନୁଷ୍ଠିତ ହେବ।



ଏୟାର ଶୋ' 'ସୂର୍ଯ୍ୟକିରଣ' ଦେଖିବା ପାଇଁ ଶୁକ୍ରବାର ଭୁବନେଶ୍ୱର କୁଆଖାଇ ନଦୀପଠା ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ଭିଡ଼।







**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ସିବିଆଇ ଏବଂ ଇଡି ଦ୍ୱାରା ଅନ୍ୟମାନଙ୍କୁ ହଇରାଣ କରିବା ପରିବର୍ତ୍ତେ ଦେଶର ପ୍ରଗତି ଲାଗି ସକାରାତ୍ମକ କାର୍ଯ୍ୟ କରନ୍ତୁ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଶ୍ରୀମାନ୍
ପରିବାରବର୍ଗ



ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲୁହାପଥର ତଳେ ଚାପି ହୋଇ ଯୁବକ ମୃତ

## ଛାତ୍ରୀ ଗୁରୁତର, ୨ ବାଇକ୍ ଚୂରମାର

ଯୋଡ଼ା,୧୬।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ରଣାଶାଳ ଘାଟି ଓଭର୍ ବ୍ରିଜ ତଳେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ଏକ ଲୁହାପଥର ବୋଝେଇ ଟ୍ରେଲର ଓଲଟି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଦୁଇଜଣଙ୍କ ଉପରେ ଲୁହାପଥର ଚାପି ହୋଇଯାଇଥିଲା। ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣୈକା ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତକ ରାଉରକେଲା ଅଞ୍ଚଳର ଅଭିଷେକ ଗୁପ୍ତା। ସେ ଯୋଡ଼ାସ୍ଥିତ ଝୁମ୍ପୁଡ଼ି ହଟିଂରେ ରହି ଏକ ପରିବହନ ସଂସ୍ଥାରେ କାର୍ଯ୍ୟ କରିଆସୁଥିଲେ। ଆହତ ଛାତ୍ରୀ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡ ମୁଖାର୍ଜୀ ହଟିଂର ଶ୍ରୁତି କ୍ରିଷ୍ଣା ଗୋପ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଏନ୍‌ଏଲ୍ -୦୧ ଏଡି -୨୭୭୧ ନମ୍ବର ଏକ ୨୨ ଚକିଆ ଟ୍ରେଲର ସାଇଜଡ ଲୁହାପଥର ବୋଝେଇ କରି ବଡ଼ବିଲ ଆଡୁ ଦ୍ରୁତଗତିରେ ଆସୁଥିଲା। ରଣାଶାଳ ଘାଟି-ଡିଏଭି ସ୍କୁଲ ଜଙ୍କସନ ଓଭରବ୍ରିଜ ତଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ସମୟରେ ଉକ୍ତ ସ୍ଥାନରେ ପୂର୍ବରୁ ଛିଡ଼ା ହୋଇଥିବା ବଡ଼ବିଲ ସେଣ୍ଟ ମେରୀ ସ୍କୁଲର ଛାତ୍ରୀ ଶ୍ରୁତି ଏବଂ ଅଭିଷେକଙ୍କ ଉପରେ ଓଲଟି ପଡ଼ିଥିଲା। ଟ୍ରେଲରରେ ଥିବା ପାଖାପାଖି ୪୦ ମେଟ୍ରିକ ଟନ୍ ଲୁହାପଥର ୨ ଜଣଙ୍କ ଉପରେ ପଡ଼ିଯାଇଥିଲା। ଅଭିଷେକ ଲୁହାପଥର ତଳେ ପୋତି ହୋଇଯାଇଥିବା ବେଳେ ଛାତ୍ରୀଙ୍କ ଅଣ୍ଟା ପାଖରୁ ପାଦଯାଏ ପୋତି ହୋଇଯାଇଥିଲା। ଏଥିସହିତ ଉକ୍ତ ସ୍ଥାନରେ ଥିବା ୨ଟି ମୋଟର ସାଇକେଲ ଭାଙ୍ଗି ଚୂରମାର ହୋଇଯାଇଛି। ଖବର ପାଇ ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଟାଟା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଅଭିଷେକଙ୍କୁ ମୃତ ଘୋଷଣା କରିଥିବାବେଳେ ଛାତ୍ରୀଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକ ଫେରାର୍ ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲର୍ ଓ ୩ଟି ମୋଟର ସାଇକେଲ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋତେ ଆଶାକରି ମୂଲିଆ ନ କଲି**
**ବାଡ଼ି କପାଖଣ୍ଡି ମଲା**
**ତୋତେ ଆଶାକଲି ଘଇତା ନ କଲି**
**ବଳ ବୟସ ଯେ ଗଲା।**

ପରକୁ ଆଶ୍ରାକରି ରହୁଥିବା ବ୍ୟକ୍ତିଙ୍କୁ ଲାଭ ବଦଳରେ କ୍ଷତି ହିଁ ମିଳିଥାଏ। ଅନ୍ୟକୁ ଆଶା କରି ବହୁମୂଲ୍ୟ ସମୟ ନଷ୍ଟ କରି ବସିଲେ ପଛକୁ ହୀନସ୍ତା ଭୋଗିବାକୁ ପଡିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତେଲି ତେଲ ଗଲେ ମିଳି**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲି ପେଷାଇ ତେଲ ବାହାର କରେ, ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ସ୍ତ୍ରୀଙ୍କୁ ମାରି ୨ ଦିନ ଘରେ ମୃତଦେହ ଲୁଚାଇ ରଖିଥିଲେ ସ୍ୱାମୀ

କେନ୍ଦୁଝର,୧୬।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ସଦର ଥାନା ଅଧୀନ ପାଟୁଙ୍ଗ ପାତ୍ର ସାହିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ଗ୍ରାମର ସୋନୁ ମୁଣ୍ଡା(୩୨) ଗତ ବୁଧବାର ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀ ନନ୍ଦିନୀ ମୁଣ୍ଡା(୨୫)ଙ୍କୁ ପିଟିପିଟି ହତ୍ୟା କରି ଦୁଇ ଦିନ ଘରେ ମୃତଦେହ ଲୁଚାଇ ରଖିଥିଲେ। ଶୁକ୍ରବାର ପୋଲିସ ଶବ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋନୁ ତାଙ୍କ ସ୍ତ୍ରୀଙ୍କୁ ମାରି ଦୁଇ ଦିନ ଘରେ ଲୁଚାଇ ରଖିଥିବା ବେଳେ ଗୁରୁବାର ଗାଁ ଲୋକଙ୍କୁ ସବୁ କଥା କହିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସରପଞ୍ଚ ସଦର ଥାନାକୁ ଖବର ଦେଇଥିଲେ। ଶୁକ୍ରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗି ଶବ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୩୭୩/୨୨) ରୁଜୁ ହୋଇଛି। ଅଭିଯୁକ୍ତ ସୋନୁ ମୁଣ୍ଡା ଅସୁସ୍ଥ ଥିବାରୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତ ନନ୍ଦିନୀ ମୁଣ୍ଡାଙ୍କ ଠିକଣା ଜଣାପଡ଼ି ନ ଥିବା ବେଳେ ସଦର ପୋଲିସ ତଦନ୍ତ ଜାରି ରଖିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲେ ୬ ଜିଲାର ମିଶନ ଶକ୍ତି ସଦସ୍ୟ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଜାତୀୟ ପତାକା ତିଆରି କରିବାର ସୁଯୋଗ ପାଇ ଆମେ ଗର୍ବିତ। ମୁଖ୍ୟମନ୍ତ୍ରୀ ଆମ ଉପରେ ଭରସା କରି ଆମକୁ ଏ ମହାନ୍ ସୁଯୋଗ ଦେଇଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ। ନବୀନ ନିବାସରେ ୬ଟି ଜିଲାର ମିଶନ ଶକ୍ତିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହା କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସଠାରେ ଗଞ୍ଜାମ, ଗଜପତି, ନୂଆପଡ଼ା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ୮୪ଟି ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ଅବସରରେ ମିଶନ ଶକ୍ତି ସଦସ୍ୟମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

**ଜାତୀୟ ପତାକା ତିଆରି**

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ଉପରେ ମୋର ପୂରା ଭରସା ରହିଛି। ଆପଣମାନଙ୍କ ଭିତରେ ବହୁତ କିଛି କରିବାର ସାମର୍ଥ୍ୟ ରହିଛି। ବହୁତ କମ୍ ସମୟ ପାଇ ମଧ୍ୟ ଆପଣମାନେ ୩୦ ଲକ୍ଷ ଜାତୀୟ ପତାକା ତିଆରି କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ମିଶନ ଶକ୍ତିର ସଦସ୍ୟମାନେ କହିଥିଲେ, ଜାତୀୟ ପତାକା ତିଆରି କରିବାର ସୁଯୋଗ ପାଇ ଆମେ ବହୁତ ଖୁସି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ଅଙ୍ଗନୱାଡି ପିଲାଙ୍କ ପୋଷାକ ସିଲେଇ କରିବା, ବିଦ୍ୟୁତ୍ ବିଲ୍ ଆଦାୟ କରିବା ଆଦି କାମ ବହୁତ ଭଲ ଭାବରେ କରିପାରୁଛୁ। ନୂଆପଡ଼ାରେ ଆମେ ଡ୍ରାଇଭିଂ ଶିକ୍ଷା ମଧ୍ୟ ନେଉଛୁ। ଆମେ ବି ପାରିବୁ, ଏ ବିଶ୍ୱାସ ଆମର ବଢ଼ିଛି। ଆମେ ସମସ୍ତେ ଏବେ କିଛି ନା କିଛି ଉପଯୋଗୀ କାର୍ଯ୍ୟରେ ନିୟୋଜିତ ହୋଇପାରିଛୁ ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ ପାଚେରି ଗେଟ୍ ...



ପାଚେରି ଭୁଶୁଡ଼ିବା ସହ ଗେଟ୍ ଓଲଟି ପଡ଼ିଛି।

ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଛାତ୍ରୀ ବିଚିକୋଟ ଗ୍ରାମର ସୁଦାମ ଶବରଙ୍କ ଝିଅ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପଦ୍ମପୁର ବିଇଓ ସୁବାସ ଶବର ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କେଉଁ ପରିସ୍ଥିତିରେ ଏହା ଘଟିଲା ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏବିଇଓ ନିର୍ମଳା ସାହୁ ସ୍କୁଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ଏବଂ ଗ୍ରାମବାସୀ ଛାତ୍ରୀଙ୍କ ମୃତଦେହ ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରଖି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ନ୍ୟାୟ ଦାବିରେ ଧାରଣାରେ ବସିଥିଲେ। ପଦ୍ମପୁର ତହସିଲଦାର, ବିଇଓ, ପଦ୍ମପୁର ଆଇଆଇସି, ଗୁଡାରୀ ଆଇଆଇସି ପହଞ୍ଚି ପଦ୍ମପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଗୁଡ଼ିଆବନ୍ଧ ସରପଞ୍ଚ ଓ ନାଏବ ସରପଞ୍ଚ ଏବଂ ବିଚିକୋଟ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ମୃତ ଛାତ୍ରୀଙ୍କ ବାପା କ୍ଷତିପୂରଣ ପ୍ରଦାନ ନିମନ୍ତେ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ରେଡ୍‌କ୍ରସରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯିବା ସହ ରାତି ସାଢ଼େ ପ୍ରାୟ ୮ଟାବେଳେ ମୃତଦେହ ସ୍ୱର୍ଗରଥରେ ଗାଁକୁ ପଠାଯାଇଛି। ସେହିପରି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି।

**ନିମ୍ନମାନର ପାଚେରି କାମ: ତଦନ୍ତ ଦାବି**

ବିଚିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ପ୍ରାୟ ବର୍ଷେ ତଳେ ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ପାଚେରି ଅନେକ ଦିନ ହେଲା ଫାଟି ଆଁ କରିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିବାରୁ ଦୁର୍ବଳ ପାଚେରି ଭୁଶୁଡ଼ି ଜଣେ ଛାତ୍ରୀଙ୍କ ଜୀବନ ଚାଲିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିରେ ଅଧିକ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା ଆଶଙ୍କା ଥିଲା। ତେଣୁ କେଉଁ ଠିକାଦାର ନିର୍ମାଣ କାମ କରିଥିଲେ ଏବଂ କାମର ମାନକୁ ନେଇ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ତେବେ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ସଡ଼କ ଦୁର୍ଘଟଣା...



ବସ୍ ଓ ହାଇୱା ମୁହାଁମୁହିଁ ଧକ୍କା

ଜିଲାପାଳ ସାମଲ କହିଛନ୍ତି। ଝାରସୁଗୁଡା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କମ୍ପାନୀର ଓଡି ୨୩ଏମ୍ ୮୧୩୧ ନମ୍ବର ବସ୍, ଓଡି୧୬ଜି ୦୯୫୦ ନଂ. କୋଇଲା ବୋଝେଇ ହାଇୱାକୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଆସନ୍ତାବର୍ଷ ମାନ୍ଦାବସ୍ଥାର ...

ଏକାଧିକ କାରଣ ମଧ୍ୟରୁ ୟୁକ୍ରେନ୍ ଯୁଦ୍ଧ ଅନ୍ୟତମ। ଏଥିଯୋଗୁ ଖାଦ୍ୟ ଯୋଗାଣ ବାଧାପ୍ରାପ୍ତ ହୋଇଛି। ମହାମାରୀ ଯୋଗୁ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିଲାବେଳେ ଚାଇନାରେ ଦୀର୍ଘଦିନ ଧରି ଲକ୍‌ଡାଉନ ଯୋଗୁ ଚାହିଦା ହ୍ରାସ ପାଇଛି। ଏହାବ୍ୟତୀତ ପାଣିପାଗରେ ଅନିୟମିତତା କୃଷି ଉତ୍ପାଦନକୁ ପ୍ରଭାବିତ କରିଛି। ମୁଦ୍ରାସ୍ଫୀତି କମାଇବା ପାଇଁ ଭାରତର ରିଜର୍ଭ ବ୍ୟାଙ୍କ ଗତ ଅଗଷ୍ଟରେ ତୃତୀୟ ଥର ପାଇଁ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିବା ଫଳରେ ଏହା ୫.୪୦ ପ୍ରତିଶତରେ ପହଞ୍ଚିଛି। ୨୦୨୨-୨୩ ବର୍ଷ ପାଇଁ ମୁଦ୍ରାସ୍ଫୀତି ୬.୭ ପ୍ରତିଶତ ରହିବା ସହ ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ଆକଳନ କରିଛି। ଖାଦ୍ୟସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ଗତ ଅଗଷ୍ଟରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଜୁଲାଇରେ ମୁଦ୍ରାସ୍ଫୀତି ୬.୭୧ ପ୍ରତିଶତ ରହିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସ୍ୱଗୃହୀ ବୁଧ ଓ ବୃହସ୍ପତିଙ୍କ ପାରସ୍ପରିକ ସମଦୃଷ୍ଟି କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଶୁଭ ହେବ। ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ତଥାପି ଆପଣ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** – କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ବ୍ୟସ୍ତ ରହିପାରନ୍ତି। ଅନ୍ୟକୁ ସାହାଯ୍ୟ କରି ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** – ଆଜି କର୍ମଭାବରେ ଗୁରୁ ହେତୁ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରିଦେଇ ପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ତଥାପି ପୁନର୍ବସୁ ନକ୍ଷତ୍ର ନିଜର ଦକ୍ଷତା ଓ ଦୃଢ଼ତା ବଳରେ ଅସାଧ୍ୟ ସାଧନ କରିବେ।

**କର୍କଟ** – କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ନିଜ ପରିସରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** – ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। କର୍ମ କ୍ଷେତ୍ରରେ ସାମାନ୍ୟ କାମ ହାସଲରେ ବାଧା ଉପୁଜିପାରେ, ଏଣୁ ସାବଧାନ ରହିବା ଭଲ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ୍ୟ କରିବେ। ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହୋଇପାରନ୍ତି।

**ତୁଳା** – ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** – ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ମଧ୍ୟ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** – ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ। କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟ ମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅଫିସରେ ସହକର୍ମୀଙ୍କୁ ସାହାଯ୍ୟ ସହଯୋଗ କରି ବନ୍ଧୁଗହଣରେ ଚର୍ଚ୍ଚିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସମ୍ମାନିତ ହେବେ।

**ମକର** – ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ମନରେ ସନ୍ଦେହ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ।

**କୁମ୍ଭ** – ପରିବାରରେ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ।

**ମୀନ** – ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।


# classifieds

**Everyday 0674-2580101, 2549302**

real estate

**SALE**

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଫୁଲନଖରା ଓମ୍‌ଫେଡ ଛକ ପାଖରେ immediate ଘର କରିବା ପ୍ଲଟ୍ ବିକ୍ରିହେବ। 9090556060. D-73872

Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952. D-74101

Readymade 2/3 BHK flat sale at Acharyavihar. Contact: 7978209277. D-1536

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 4,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ। 9178762589. D-74113

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455. D-74105

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828. D-1520

ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166. D-74111

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-1367

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1538

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1368

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

Do you want to construct buildings on your own plot. Contact: 7008268129, 9439143273. D-71352

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1420

Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73297

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Newly open Spa positively health benefit with expert. Contact: 7749976301. D-73870

**AFFIDAVIT**

I Afsar Khan, S/o- Phej Mahammad, R/o- Khariar, Road Odisha changed my name from M.D. Afsar Khan to Afsar Khan. D-1540

By virtue of an affidavit before Notary Public, Bhubaneswar, I have changed my surname Arun Kumar Nayak to Arun Kumar Mohapatra. Henceforth, I shall be known as Arun Kumar Mohapatra for all purposes. D-1535

I Mamina Mahana @ Mamuni Giri aged 27 years W/o- Sanatan Giri of Vill-Uchapur, PO/ PS-Sabaranga, Dist- Bhadrak do hereby solemnly affirm that I have an LIC Policy bearing Policy No.- 559421719, Where my name is MAMINA MAHANA. That in my bank passbook of OGB, Sabaranga branch (A/C No- 41483400100001 0) my name is mentioned as Mamuni Giri as per my Aadhaar card. That I the deponent further declare that Mamina Mahana & Mamuni Giri, W/o- Sanatan Giri is same & One person. D-1534

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୬୨,୭୪,୬୬୦ | ୬୫,୨୬,୩୧୭ | ୫୯,୫୪,୯୦,୯୫୭ |
| ଭାରତ | ୪,୪୫,୨୨,୭୭୭ | ୫,୨୮,୨୭୩ | ୪,୩୯,୪୭,୭୫୬ |
| ଓଡ଼ିଶା | ୧୩,୩୧,୩୫୩ | ୯୧୮୬(+୫୩) | ୧୩,୨୦,୪୫୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୋଖରୀରୁ ମିଳିଲା ୩ ଅପରିପକ୍ୱ ଶିଶୁଙ୍କ ମୃତଦେହ

■ ପରୀକ୍ଷା ପାଇଁ ଏଫ୍‌ଏମ୍‌ଟି କଟକ ପଠାଗଲା
■ ଗର୍ଭପାତ ପରେ ଫିଙ୍ଗି ଦେଇଥିବା ସନ୍ଦେହ

ଢେଙ୍କାନାଳ ଅଫିସ, ୧୬।୯

ଢେଙ୍କାନାଳ ସଦର ଥାନା ଅଧୀନ ଇନ୍ଦିପୁରସ୍ଥିତ ନଟାପୋଖରୀରୁ ଶୁକ୍ରବାର ୩ ଅପରିପକ୍ୱ ନବଜାତକଙ୍କ ମୃତଦେହ ଠାବ କରାଯାଇଛି। କୌଣସି ଘରୋଇ କ୍ଲିନିକ୍‌ରେ ଗର୍ଭପାତ କରାଇବା ପରେ ଘଟଣାକୁ ଲୁଚାଇବା ନିମନ୍ତେ କେହି ମୃତଦେହ ଆଣି ପୋଖରୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ଜିଲାରେ ପ୍ରଥମ ବୋଲି କୁହାଯାଉଛି। ନବଜାତକଙ୍କ ଲିଙ୍ଗ ପରୀକ୍ଷା ପାଇଁ କଟକ ଏସ୍‌ସିବି ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫ୍‌ଏମ୍‌ଟି)କୁ ପଠାଯାଇଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

ଗ୍ରାମବାସୀଙ୍କ କହିବା କଥା, ପ୍ରାତଃ ସମୟରେ କେତେଜଣ ବ୍ୟକ୍ତି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ୩ ଅପରିପକ୍ୱ ନବଜାତକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଅଞ୍ଚଳରେ ଭିନ୍ନମତ ପ୍ରକାଶ ପାଇଛି। ଲୋକଲଜ୍ଜାରେ କେହି ଜଣେ କୁଆଁରୀ ମା’ ଗର୍ଭପାତ କରି ଭ୍ରୂଣ ଫିଙ୍ଗି ଦେଇଥିବା ଆଲୋଚନା ଜୋର୍ ଧରିଛି। ଅନ୍ୟ କେତେକଙ୍କ କହିବା କଥା, ହୁଏତ ଜଣେ ମହିଳା ଗର୍ଭପାତ କରିବା ପରେ ପୋଖରୀରେ ଭ୍ରୂଣଗୁଡ଼ିକୁ ଫିଙ୍ଗି ଦେଇଛନ୍ତି। ସର୍ବସାଧାରଣ ବ୍ୟବହାର କରୁଥିବା ପୋଖରୀରେ ମୃତ ଶରୀର ଫିଙ୍ଗାଯିବା ଘଟଣାକୁ ଗ୍ରାମର ପୁରୁଖା ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ କୁହନ୍ତି, କୌଣସି ବେସରକାରୀ କ୍ଲିନିକ୍‌ରେ ଏଭଳି କାର୍ଯ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ଅତି ଘୃଣ୍ୟ ଓ ନିନ୍ଦନୀୟ। ପ୍ରଶାସନ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୩ ନବଜାତକଙ୍କ ମୃତଦେହ ପରୀକ୍ଷା ପାଇଁ କଟକ ଏସ୍‌ସିବି ଏଫ୍‌ଏମ୍‌ଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଯାହା କିଛି ସ୍ପଷ୍ଟ ହେବ। ଘରୋଇ କ୍ଲିନିକ ଓ ନର୍ସିଂହୋମ୍‌ରେ ରୁଟିନ୍ ଚଢ଼ାଉ ଜାରି ରହିଛି। ସଦର ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ମୃତକଙ୍କ ଡିଏନ୍‌ଏ ଟେଷ୍ଟ ହେବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ନଂ. ୫୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ପୋଲିସର ତଦନ୍ତ ଓ ଗ୍ରାମବାସୀଙ୍କ ଗହଳି।

## ମହିଳାଙ୍କ ଗଳିତ ମୃତଦେହ ଜବତ

ଦେବଗଡ଼, ୧୬।୯(ଡି.ଏନ.ଏ.): ଜଙ୍ଗଲ ଭିତରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି ଦେବଗଡ଼ ପୋଲିସ। ଗତ କିଛି ଦିନ ହେବ ମହିଳା ଜଣକ ନିଖୋଜ ଥିବାବେଳେ ଶୁକ୍ରବାର ଜଙ୍ଗଲ ଭିତରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଦେବଗଡ଼ ଥାନା ଅନ୍ତର୍ଗତ ବଡବାହାଲ ଗ୍ରାମ ନିକଟସ୍ଥ ପଳସାଦୁମା ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ବଡବାହାଲ ଗ୍ରାମର ବିନକ ବିଶ୍ୱାଳଙ୍କ ସ୍ତ୍ରୀ ଶୋଭା ଗତ କିଛିଦିନ ହେବ ନିଖୋଜ ଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇ ନ ଥିଲେ।






# ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ୨ ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଦୁଇଟି ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହୋଇଛି। ‘ବିୟୁଟି ୱେଲ୍‌ନେସ୍ ଆଣ୍ଡ୍ ସ୍ପା’ ଏବଂ ‘ହେୟାର ଫ୍ୟାଶନ ଆଣ୍ଡ୍ ଡିଜାଇନିଂ’ରେ ବୃତ୍ତି ଆପଣେଇବାକୁ ଚାହୁଁଥିବା ଯୁବପିଢ଼ି ଏଥିରେ ତାଲିମ ନେଇପାରିବେ। ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ସ୍କୁଲ ଅଫ୍ ସର୍ଭିସେସ୍ ଅଧୀନରେ ଏହି ଦୁଇ ପାଠକ୍ରମ ଆରମ୍ଭ କରାଯାଇଛି। ସ୍କୁଲ ଅଫ୍ ସର୍ଭିସେସ୍ ନିର୍ଦ୍ଦେଶିକା ସୁଗୁଣା ଶ୍ରୀନିବାସ କହିଛନ୍ତି, ପ୍ରତ୍ୟେକ ପାଠ୍ୟକ୍ରମର ଅବଧି ଏକବର୍ଷ ରହିବ। ଯୁକ୍ତ୨ କିମ୍ବା ଯେକୌଣସି ବିଷୟରେ ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏଥିନିମନ୍ତେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କ ବୟସ ୧୭ ରୁ ୩୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହି ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ରଙ୍କୁ ୫ହଜାର ଟଙ୍କା ଦେବାକୁ ପଡ଼ିବ। ବିଭିନ୍ନ ପାଠ୍ୟ ଉପକରଣ ସହ ରହିବା, ଖାଇବା ଓ କେନ୍ଦ୍ରକୁ ଯାତାୟାତ ଆଦି ସୁବିଧା ମାଗଣାରେ ଉପଲବ୍ଧ ହେବ। ଆଗ୍ରହୀ ଛାତ୍ରୀଛାତ୍ର www.worldskillcenter.org/admissions ୱେବ୍‌ସାଇଟ ଜରିଆରେ ନାମଲେଖା ବାବଦରେ ଅଧିକ ସୂଚନା ପାଇପାରିବେ। ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ପ୍ରଶିକ୍ଷାର୍ଥୀଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ପ୍ରୟୋଗଶାଳା, ଶ୍ରେଣୀଗୃହ, ପାଠ୍ୟକ୍ରମ ଏବଂ ଉନ୍ନତମାନର ଉପକରଣ ରହିଛି। ଏହି ପାଠ୍ୟକ୍ରମକୁ ସିଙ୍ଗାପୁର ଆଇଟିଇଏସ୍ ସଂସ୍ଥା ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ଏଠାରେ କାର୍ଯ୍ୟରତ ପ୍ରଶିକ୍ଷକ ସିଙ୍ଗାପୁରର ଆଧୁନିକ ଶିକ୍ଷା କୌଶଳରେ ତାଲିମପ୍ରାପ୍ତ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। ଓଡ଼ିଶାର ଶିକ୍ଷିତ ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ମାନର ତାଲିମ ପ୍ରଦାନ ସହ ଆଗାମୀ ଦିନରେ ବିଶ୍ୱସ୍ତରୀୟ ପ୍ରଫେସନାଲ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖି ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ସେ କହିଛନ୍ତି।






# ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଚିତ୍ରଶିଳ୍ପୀ ତଥା ସୁସାହିତ୍ୟିକ ଅଶୋକ କୁମାର ମହାନ୍ତିଙ୍କ ଶୁକ୍ରବାର ଭଦ୍ରକ ଜଗନ୍ନାଥପୁରସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସେ ଭଦ୍ରକ ଜିଲାର ପାଳିଆ ଗ୍ରାମରେ ୧୯୫୫ ଜୁନ୍ ୧୩ରେ ଜନ୍ମଗ୍ରହଣ କରିଥିଲେ। ୧୯୭୪ରେ ଖଲ୍ଲିକୋଟ କଳା ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ସେ କଳା ସାଧନାରେ ନିଜକୁ ସମର୍ପି ଦେଇଥିଲେ। ତାଙ୍କୁ ଲଳିତ କଳା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୭୪ରେ ଲଳିତ କଳା ଏକାଡେମୀର ରାଜ୍ୟସ୍ତରୀୟ ପୁରସ୍କାର, ୧୯୮୦ରେ ଆନ୍ଧ୍ରପ୍ରଦେଶରୁ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ପୁରସ୍କାର, ୨୦୦୫ରେ ଫକୀର ମୋହନ ସାହିତ୍ୟ ପରିଷଦରୁ ଶିଳ୍ପୀ ଉଦୟ ଜେନା ସ୍ମୃତି ସମ୍ମାନ ଆଦି ପାଇଥିଲେ। ତାଙ୍କ ଦ୍ୱାରା ରଚିତ ପୁସ୍ତକ ଓଡ଼ିଶାର କଳା, କୃତି ଓ କୀର୍ତ୍ତି, ଶିଶୁ ସାହିତ୍ୟ ଓ ଶିଶୁ ଚିତ୍ରକଳା, ଅଙ୍କୁର ଆଙ୍କି ଶିଖ, ଧୌତ ଚିତ୍ରକଳା ଓ ଶିଳ୍ପୀ ରବିନାରାୟମ ଆଦି ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଶ୍ ଆଦୃତ। ତାଙ୍କ ମୃତ୍ୟୁ ଖବର ପାଇ ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ଶୁକ୍ରବାର ଏକାଡେମୀ ପରିସରରେ ସଚିବ ପଞ୍ଚାନନ ସାମଲ ଓ ଅନ୍ୟ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଧରିତ୍ରୀ DHARITRI Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to : recruitment@dharitri.com
Attractive salary commensurate with experience

APPOINTMENT
Wanted a ACCOUNTANT having 7 to 10 years experience for Paradeep Office.
Contact: 9937399588 8249193688

ଆବଶ୍ୟକ
କାର୍ ଡ୍ରାଇଭର ଆବଶ୍ୟକ ଜଗତ୍‌ପୁର ଅଫିସ ପାଇଁ। ଯୋଗାଯୋଗ ପାଇଁ
Mob.: 9437021279 7381075901

APPOINTMENT
SALES EXECUTIVES (MALE/ FEMALE)
For Bhubaneswar
Send Resume Immediately
To e-mail: cssenapati28@gmail.com
or 9861066950 (Whatsapp)

WALK-IN-INTERVIEW
ST. XAVIER INTERNATIONAL SCHOOL
Requires for Premium Branch
● Principal ● Academic Coordinator ● PGT / TGT (Sc. & Com.) - Physics, Chemistry, Mathematics, Biology, Economics, Business Studies, Accountancy, Computer Science, Physical Education ● PRT (All Subject) ● Nursery Teacher - 30 Nos. ● Academic Supervisors, ● Receptionist ● Transport Manager ● Security Personnel
Preference will be given to experienced, highly motivated creative candidates having good command over English and a flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interview Date: 17th & 18th September 2022 Time : 10:00 am- 4:00pm
At-12 Janpath, Satyanagar, Bhubaneswar- 751007
E.mail: hrsxis@gmail.com, Whatsapp: 9861099999, Ph.: 9776633003





ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ । କିନ୍ତୁ ଅତିରଞ୍ଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ । ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ । ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ । -ଶ୍ରୀଅରବିନ୍ଦ



# କିଏ ଜିତିବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରେଲୱେରେ ଉଚ୍ଚ ପଦବୀଗୁଡ଼ିକୁ ପଦୋନ୍ନତି ପାଇଁ ନୂଆ ନିୟମ ଘୋଷଣା ହେବାର ପାଖାପାଖି ୪ ମାସ ବିତିଗଲାଣି । ରେଲ୍ ବାବୁମାନେ ବି ପ୍ରଥମ ବ୍ୟାଚ୍ ପଦୋନ୍ନତିକୁ ଏ ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି । ତେବେ ଘୋଷଣା ହେବା ପରେ ଦୀର୍ଘଦିନର ନୀରବତାକୁ ନେଇ ସେମାନଙ୍କ ମଧ୍ୟରେ ସାମୂହିକ ଭାବେ ବ୍ୟଗ୍ରତା ପ୍ରକାଶ ପାଇଛି । ସୂତ୍ରରୁ ଜଣାପଡ଼ିଛି ଯେ, ଏହା କେବଳ ଏକ ଦୀର୍ଘମିଆଦୀ ଚୟନ ପ୍ରକ୍ରିୟା ନୁହେଁ ଯାହା ରେଲୱେ ବାବୁମାନଙ୍କୁ ଚିନ୍ତାରେ ପକାଇଛି, ବରଂ ନୂଆ ନିୟମ ପରିପ୍ରେକ୍ଷୀରେ ସେମାନଙ୍କ କ୍ୟାରିୟରର ଭବିଷ୍ୟତ ମଧ୍ୟ ଆଶଙ୍କାରେ ରହିଛି । ସ୍ପଷ୍ଟତଃ, ଏକ ଏକ୍ସପର୍ଟ ପ୍ୟାନେଲ ବା ବିଶେଷଜ୍ଞ କମିଟିର ଅନୁମୋଦନ କ୍ରମେ ରେଳ ମନ୍ତ୍ରଣାଳୟ ଯୋଗ୍ୟ ଅଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି । ବିଶ୍ୱାସ କରାଯାଉଛି ଯେ, ମହାପ୍ରବନ୍ଧକ ପଦବୀ ଲାଗି ମନ୍ତ୍ରଣାଳୟ ୧୩୫ ଦରଖାସ୍ତ ଗ୍ରହଣ କରିଥିଲା । କିନ୍ତୁ ନିଯୁକ୍ତି ଲାଗି କମିଟିର ସୁପାରିସ ଆଧାରରେ କେବଳ ପ୍ରାୟ ୩୫ ଜଣ ଅଧିକାରୀଙ୍କ ତାଲିକା କରିଥିଲା । ତେବେ ସମସ୍ତ ଆବେଦନକାରୀ ଅଧିକାରୀଙ୍କ ମଧ୍ୟରୁ କେବଳ ଏହିମାନଙ୍କ ନାମ ସୁପାରିସ କରିବାକୁ ବିଶେଷଜ୍ଞ କମିଟିକୁ କୁହାଯାଇଥିଲା ବୋଲି କେତେଜଣ ବାବୁ ବିଶ୍ୱାସ କରୁଛନ୍ତି । ପ୍ରଥମରୁ ଏଥିରେ କିଛି ଭୁଲ୍ ନ ଥିବା ଜଣାପଡ଼ିଥିବାବେଳେ ଏହି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଓ ଏକପାଖିଆ ବୋଲି କେତେଜଣ ବାବୁ ମଧ୍ୟ ଦାବି କରନ୍ତି । ଡିପାର୍ଟମେଣ୍ଟ ପ୍ରମୋଶନ କମିଟି (ଡିପିସି) ବା ବିଭାଗୀୟ ପଦୋନ୍ନତି କମିଟି ଏହାର ପରିସରରେ ସମସ୍ତ ଅଧିକାରୀଙ୍କ କଥା ବିଚାର କରିବା ଦରକାର ଥିଲା । ନିଯୁକ୍ତି ପାଇଁ ଏକ ସଂକ୍ଷିପ୍ତ ତାଲିକା କରିବା ଏବଂ ନିର୍ଦ୍ଦିଷ୍ଟ ନିୟମ ଆଧାରରେ ଅଧିକାରୀମାନଙ୍କ କମିଟିକୁ ସୁପାରିସ ଲାଗି କେବଳ ଡିପିସିର ହିଁ କ୍ଷମତା ରହିଥିଲା । କିନ୍ତୁ ଏହା ପରିବର୍ତ୍ତେ ବିଶେଷଜ୍ଞ କମିଟି କାର୍ଯ୍ୟ ଆଧାରରେ ମନ୍ତ୍ରଣାଳୟ ଅଧିକାରୀମାନଙ୍କ ନିଯୁକ୍ତି ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ତେବେ ବିଶେଷଜ୍ଞଙ୍କ ନୂଆ କମିଟି କିମ୍ବା ଡିପିସି ମଧ୍ୟରୁ କିଏ ଜିତିବ ବା କାହା କଥା ରହିବ ତାହା ଦେଖିବାକୁ ବାକି ରହିଲା ।

### ନିଯୁକ୍ତିକୁ ବିରୋଧ

ହିମାଚଳ ପ୍ରଦେଶରେ ଆଗକୁ ନିର୍ବାଚନ ହେବାକୁ ଥିବାବେଳେ ଅମଲାତନ୍ତ୍ରର ଶୀର୍ଷରେ ଦେଖାଦେଇଥିବା ବିବାଦ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏବଂ ତାଙ୍କ ପାର୍ଟି ଲାଗି ଶୁଭ ସଙ୍କେତ ନୁହେଁ । ବରିଷ୍ଠ ଆଇଏଏସ୍ ଅଧିକାରୀ ନିଶା ସିଂଙ୍କୁ ଅଧିକ୍ରମଣ କରି ତାଙ୍କ ବଦଳରେ ରାମ କେ.ଧିମାନଙ୍କୁ ମୁଖ୍ୟ ଶାସନ ସଚିବ ପଦରେ ନିଯୁକ୍ତି ଦିଆଯାଇଛି । ବାବୁମାନଙ୍କ ଶୀର୍ଷ ପଦବୀରେ ଧିମାନଙ୍କ ନିଯୁକ୍ତିକୁ ନେଇ ଏବେ ନିଶା ପ୍ରଶ୍ନ ଉଠାଇଛନ୍ତି । ଏବକାର ପ୍ରଶାସନ ମହିଳା ଅଧିକାରୀ ଏବଂ ସାଧାରଣ ମହିଳାମାନଙ୍କ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରୁ ନ ଥିବା କହିବା ସହ ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସିଂ ହିମାଚଳ ପ୍ରଦେଶ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି । ପୁନଶ୍ଚ ସେ ଅଭିଯୋଗ କରିଛନ୍ତି ଯେ, କୌଣସି କାରଣ ନ ଦର୍ଶାଇ ଚଳିତ ବର୍ଷ ଜୁଲାଇରେ ମୁଖ୍ୟ ଶାସନ ସଚିବ ଭାବେ ଧିମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ସିଂ ରାଜ୍ୟ ସରକାରଙ୍କ ପ୍ରମୁଖ ପରାମର୍ଶଦାତା (ପ୍ରଶିକ୍ଷଣ) ଭାବେ ନିଯୁକ୍ତି ପାଇଛନ୍ତି । କେବଳ ସିଂ ନୁହନ୍ତି , ବରଂ ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଉଭୟ ଅଲି ରାଜ୍ ରିଜ୍‌ଭି ଏବଂ ସଞ୍ଜୟ ଗୁପ୍ତାଙ୍କୁ ମଧ୍ୟ ଅଣଦେଖା କରାଯାଇ ଧିମାନଙ୍କୁ ନିଯୁକ୍ତି ଦିଆଯାଇଛି । ସିଂ ହେଉଛନ୍ତି ପୂର୍ବତନ ମୁଖ୍ୟ ସଚିବ ରାମ ସୁଭଗ ସିଂଙ୍କ ସ୍ତ୍ରୀ । ଆଶ୍ଚର୍ଯ୍ୟ କଥା,ରାମ ସୁଭଗଙ୍କୁ ମୁଖ୍ୟ ଶାସନ ସଚିବ ପଦବୀରୁ ହଟାଯାଇ ତାଙ୍କ ସ୍ଥାନରେ ଧିମାନଙ୍କୁ ନିଯୁକ୍ତ କରାଯାଇଥିଲା । ସୁଭଗ ହେଉଛନ୍ତି ପଞ୍ଚମ ମୁଖ୍ୟ ସଚିବ ଯିଏ କି ଏବକାର ଭାଜପା ସରକାରରେ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରିନାହାନ୍ତି । ସୁଭଗଙ୍କ ବ୍ୟତୀତ ଅନ୍ୟ ୪ ଜଣ ହେଲେ ଭି.ସି.ଫାର୍କା, ବିନୀତ ଚୌଧୁରୀ, ବି.କେ.ଅଗ୍ରୱାଲ ଏବଂ ଅନିଲ ଖାଚି ।

### କ୍ଷୀଣ ଆଶା

ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍‌ୱେରେ ଗାଡ଼ ଜଣାପଡ଼ିବା ପରେ ତାହା ହିଁ ଉତ୍ତରପ୍ରଦେଶର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ(ଗୃହ)ଅୱନିଶ କୁମାର ଅୱସ୍ତିଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ନ ହେବାର କାରଣ ହୋଇପାରେ ବୋଲି କୁହାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଏ ବିଷୟରେ କେନ୍ଦ୍ରକୁ ଦୁଇଥର ଅନୁରୋଧ କରିବା ସତ୍ତ୍ୱେ କାର୍ଯ୍ୟକାଳ ସମ୍ପ୍ରସାରଣ ପରିବର୍ତ୍ତେ ତାଙ୍କୁ ଅବସର ଦିଆଗଲା । ସୂତ୍ରରୁ ପ୍ରକାଶ ଯେ,ବର୍ଷାଦିନେ ଏକ୍ସପ୍ରେସ୍‌ୱେ ଉଦ୍‌ଘାଟନ କରାଯିବା ଲାଗି ଅୱସ୍ତି ନିଷ୍ପତ୍ତି ନେଇଥିଲେ ଯାହାଦ୍ୱାରା ହାଇୱେର କ୍ଷତି ହୋଇଥିଲା ଏବଂ ଏହା ରାଜ୍ୟରେ ସମାଜବାଦୀ ପାର୍ଟି ଶାସକ ଦଳକୁ ଟାର୍ଗେଟ କରିବା ଲାଗି ଏକ ସୁଯୋଗ ଦେଇଥିଲା । ଫଳରେ ଅୱସ୍ତିଙ୍କ ଏଭଳି ନିଷ୍ପତ୍ତିରେ କେନ୍ଦ୍ର ସନ୍ତୁଷ୍ଟ ନ ଥିଲା । ଅଧିକାଂଶ ଲୋକ ଜାଣନ୍ତି ଯେ, ଏବେ ଲକ୍ଷ୍ନୌ ଏବଂ ଦିଲ୍ଲୀ ମଧ୍ୟରେ ସମ୍ପର୍କ ନିଶ୍ଚିତ ରୂପେ ଶାନ୍ତ ରହିଛି । ଯୋଗୀ ସରକାରଙ୍କ ଉପରେ ଲଗାମ ଲଗାଇବା ଏବଂ ନିଜର ଇଚ୍ଛା ଲଦି ଦେବା ଲାଗି କେନ୍ଦ୍ର ଏଭଳି ପଦକ୍ଷେପ ନେଇଥିବା ଅନେକେ ବିଚାର କରନ୍ତି । ଯେଉଁମାନେ ଅୱସ୍ତିଙ୍କୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ଏକ କ୍ଷୀଣ ଆଶା ରହିଛି । ୟୁପିରେ ଗୁଞ୍ଜରଣ ଉଠିଛି ଯେ, ଶୀଘ୍ର ହେଉ କି ବିଳମ୍ବରେ, ମୁଖ୍ୟମନ୍ତ୍ରୀ କିଛି ଗୁରୁଦାୟିତ୍ୱକୁ ତାଙ୍କୁ ଫେରାଇ ଆଣିବେ । ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅୱସ୍ତି ଏବେସୁଦ୍ଧା ଯୋଗୀ ଆଦିତ୍ୟନାଥଙ୍କର ଜଣେ ଅତି ଘନିଷ୍ଠ ଭାବେ ରହିଛନ୍ତି ବୋଲି ସମସ୍ତେ ଜାଣନ୍ତି । ଯଦି ଆବଶ୍ୟକ ହୁଏ ଓ ଯୋଗୀ ତାଙ୍କୁ ଫେରାଇଆଣନ୍ତି, ତେବେ ଏହାକୁ ଜଣେ ମହତ୍ତ୍ୱାକାଂକ୍ଷୀ ମୁଖ୍ୟମନ୍ତ୍ରୀ ଦ୍ୱାରା ଖୋଲା ଅବଜ୍ଞା ବୋଲି କେନ୍ଦ୍ର ବିଚାର କରିବ କି ? ଆଗକୁ କ'ଣ ଘଟୁଛି ତାହାକୁ ଲକ୍ଷ୍ୟ କରିବା ।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | 4 | | | | |
| | | 1 | 8 | | | 7 | | |
| | 8 | 3 | | | | 9 | | |
| | | 5 | | | | | | |
| | | | 4 | | | 2 | | 3 |
| 7 | | | | 8 | | 4 | 9 | |
| | 1 | 2 | | | | | 5 | |
| | | | | 2 | | 6 | 7 | |
| | | | 9 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 1 | 7 | 6 | 4 | 2 | 3 |
| 3 | 7 | 1 | 5 | 4 | 2 | 6 | 8 | 9 |
| 2 | 4 | 6 | 9 | 3 | 8 | 5 | 1 | 7 |
| 5 | 1 | 7 | 4 | 6 | 3 | 8 | 9 | 2 |
| 4 | 9 | 3 | 8 | 2 | 5 | 1 | 7 | 6 |
| 8 | 6 | 2 | 7 | 1 | 9 | 3 | 5 | 4 |
| 7 | 2 | 4 | 6 | 8 | 1 | 9 | 3 | 5 |
| 1 | 3 | 9 | 2 | 5 | 4 | 7 | 6 | 8 |
| 6 | 5 | 8 | 3 | 9 | 7 | 2 | 4 | 1 |

ଗତକାଲିର ଉତ୍ତର

# ସ୍ପୋର୍ଟ୍ସ କ୍ୟାପିଟାଲ ଓ କ୍ରୀଡ଼ାର ବିକାଶ



ଅନିଲ ବିଶ୍ୱାଳ

ଓଡ଼ିଶା ହେଉଛି ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ ଅର୍ଥାତ୍ ଖେଳର ରାଜଧାନୀ । ବିଭିନ୍ନ ସଭାସମିତିରେ, ସରକାରଙ୍କର ପ୍ରଚାରପତ୍ରରେ, ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନ ମାଧ୍ୟମରେ ଏହି ଶବ୍ଦ ଏପରି ପ୍ରଚଳନ ହୋଇଯାଇଛି ଯେ ଯେମିତି ଲାଗୁଛି ଓଡ଼ିଶା ଭାରତରେ ବୋଧହୁଏ କ୍ରୀଡ଼ା କ୍ଷେତ୍ରରେ ବହୁତ ଆଗରେ ଅଛି ଓ କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ାବିତ୍‌ଙ୍କର ବିକାଶ ଆଦି କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟଙ୍କୁ ପଛରେ ପକାଇ ସାରିଲାଣି,ଏମିତି ଗୋଟିଏ ଧାରଣା ତିଆରି ହୋଇସାରିଛି । ହଁ ଏଥିରେ ସନ୍ଦେହ ନାହିଁ ଯେ ଓଡ଼ିଶାରେ ବିଗତ କିଛିବର୍ଷ ଭିତରେ ଅନେକ ବଡ଼ ବଡ଼ ପ୍ରତିଯୋଗିତା ଆୟୋଜନ ହୋଇଛି । ହେଲେ ଆମେ କେବଳ ପ୍ରତିଯୋଗିତା ଆୟୋଜନରେ ସୀମିତ ହୋଇଯାଉଛୁ ନା ସତରେ ଆମ ରାଜ୍ୟରେ କ୍ରୀଡ଼ାର ବିକାଶ ହୋଇଛି ଏହା ଆଜିର ସମୟର ଏକ ବଡ଼ ପ୍ରଶ୍ନ । ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ, ୨୦୧୮ର ପୁରୁଷ ହକି ବିଶ୍ୱ କପ, ଦକ୍ଷିଣ ଏସିଆ ୨୦ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ, ବିଶ୍ୱ ହକି ସିରିଜ, ହକି ଜୁନିୟର ବିଶ୍ୱ କପ ଭଳି ଅନେକ ସମ୍ମାନଜନକ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଛି । ସେହିପରି ଆଗାମୀ ୨୦୨୩ରେ ପୁରୁଷ ହକି ବିଶ୍ୱ କପ ମଧ୍ୟ ଆୟୋଜନ ହେବାକୁ ଯାଉଛି । ହକି ଖେଳୁଥିବା ଦେଶଗୁଡ଼ିକ ତାଲିକାରେ ଅନେକ ବିକଶିତ ଦେଶ ରହିଛନ୍ତି । ହେଲେ ସେହି ବିକଶିତ ଦେଶଗୁଡ଼ିକ ଯେତିକି ପ୍ରତିଯୋଗିତା ଆୟୋଜନ କରୁଛନ୍ତି ତା'ଠାରୁ ବେଶି ପ୍ରତିଯୋଗିତା ଆମ ଓଡ଼ିଶାରେ ହେଉଛି, ତାହା ପୁଣି ସରକାରୀ ଅର୍ଥ ଖର୍ଚ୍ଚ ବିନିମୟରେ । ୨୦୧୦-୧୧ରେ ଓଡ଼ିଶାର କ୍ରୀଡ଼ା ବଜେଟ ଥିଲା ମାତ୍ର ୨୮କୋଟି ଟଙ୍କା । ୨୦୨୧-୨୨ ବଜେଟରେ ଏହାର ପରିମାଣ ଥିଲା ୪୦୫ କୋଟି । ୨୦୨୨-୨୩ରେ ଆଗତ ହୋଇଥିବା ରାଜ୍ୟ ବଜେଟରେ କ୍ରୀଡ଼ା କ୍ଷେତ୍ର ପାଇଁ ଆବଣ୍ଟିତ ହୋଇଛି ୯୧୧ କୋଟି ଟଙ୍କା । ମାତ୍ର ଗୋଟିଏ ବର୍ଷରେ ବଜେଟ ବଢ଼ିଛି ୫୦୬କୋଟି ଟଙ୍କା ଆଉ ସେହି ଅର୍ଥ କେବଳ ବିଭିନ୍ନ ପ୍ରତିଯୋଗିତାରେ ଖର୍ଚ୍ଚ ହେଉଛି । ରାଜ୍ୟର ଅନ୍ୟ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଅର୍ଥ ନାହିଁ । ରାଜ୍ୟର ବିଭିନ୍ନ କ୍ରୀଡ଼ା ହଷ୍ଟେଲରେ ଅଭ୍ୟାସ କରୁଥିବା ଖେଳାଳିମାନଙ୍କର ଷ୍ଟାଇପେଣ୍ଡ ଆଜି ବି ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ୍ । ତେଣୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନରେ ଓଡ଼ିଶାର କ'ଣ ଲାଭ ହେଉଛି ତା'ର ଅନୁଶୀଳନ ହେବାର ଆବଶ୍ୟକତା ରହିଛି ।

ଅଲିମ୍ପିକ୍ସ ପ୍ରତିଯୋଗିତାରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଓଡ଼ିଆ ବ୍ୟକ୍ତିଗତ ଭାବରେ କେବେ ପଦକ ପାଇନାହାନ୍ତି । ଏଥିରୁ ଅନୁମାନ କରାଯାଇପାରେ ଆମେ କ୍ରୀଡ଼ା କ୍ଷେତ୍ରରେ କେତେ ପ୍ରଗତି କରିଛୁ । କ୍ରିକେଟରେ ଭାରତୀୟ ଜାତୀୟ ଦଳରେ ଆଜକୁ ୨୦ ବର୍ଷ ହେଲା ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା କୌଣସି ଖେଳାଳି ସ୍ଥାନ ପାଇନାହାନ୍ତି । ଆଜି ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ ଦଳ ରଣଜୀ ଟ୍ରଫି ହେଉ କି ବିଜୟ ହଜାରେ ଟ୍ରଫି ହେଉ ବା ସୟେଦ ମୁସ୍ତାକ ଅଲି ଟ୍ରଫି ହେଉ ଜିତିପାରି ନାହାନ୍ତି । ଜାତୀୟ ମହିଳା କ୍ରିକେଟ ଦଳରେ ଆଜି ପର୍ଯ୍ୟନ୍ତ ମାତ୍ର ଜଣେ ଓଡ଼ିଆ ଖେଳାଳି ଦେଶ ପାଇଁ ଖେଳିଛନ୍ତି । କ୍ରିକେଟର ବଡ଼ ଘରୋଇ ଟୁର୍ନାମେଣ୍ଟ ପାଲଟିଥିବା ଆଇପିଏଲ୍‌ରେ ମଧ୍ୟ କୌଣସି ଓଡ଼ିଆ ଖେଳାଳି ମ୍ୟାଚ ଖେଳିବାର ସୁଯୋଗ ପାଉନାହାନ୍ତି । ସେହିଭଳି ଯଦି ଆମେ ଫୁଟବଲ କଥା ଦେଖିବା ବର୍ତ୍ତମାନ ଜାତୀୟ ପୁରୁଷ ଫୁଟବଲ ଦଳରେ ମଧ୍ୟ ଓଡ଼ିଶାରୁ କୌଣସି ଖେଳାଳି ନାହାନ୍ତି । ଜାତୀୟ ମହିଳା ଦଳରେ ମାତ୍ର ଜଣେ ଓଡ଼ିଆ ଖେଳାଳି ଅଛନ୍ତି । କେବଳ ହକି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ ରହିଆସିଛି । ହେଲେ ସେଥିପାଇଁ ସରକାରଙ୍କ ଭୂମିକା ଯେତିକି ନାହିଁ ତା'ଠାରୁ ବେଶି ଭୂମିକା ରହିଛି ସୁନ୍ଦରଗଡ଼ର ହକି ପ୍ରତି ଥିବା ଭାବପ୍ରବଣତାର । ଏବେ ବି ଓଡ଼ିଶାର ଯେତିକି ଖେଳାଳି ଜାତୀୟ ହକି ଦଳରେ ସ୍ଥାନ ପାଇଛନ୍ତି ସମସ୍ତେ ସେହି ସୁନ୍ଦରଗଡ଼ ଜିଲାର ।



ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ସ୍ପୋର୍ଟ୍ସ କ୍ୟାପିଟାଲ ନାଁରେ ଗୋଟିଏ ଆତ୍ମପ୍ରଚାର କରୁଛେ ନା ସତରେ କ୍ରୀଡ଼ାର ଭିତ୍ତିଭୂମି, କ୍ରୀଡ଼ାର ବିକାଶ ପାଇଁ ଯତ୍ନବାନ ଅଛେ । ଲୋକଙ୍କ ଟିକସ ପଇସାକୁ କେବଳ ପ୍ରତିଯୋଗିତା କରିବାରେ ସାରିବା ଅପେକ୍ଷା ଏହାକୁ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବିନିଯୋଗ କଲେ ଆମ ରାଜ୍ୟର ପ୍ରଦର୍ଶନ ଭଲ ହୁଅନ୍ତାନି କି? ଆମେ ଯଦି ଏମିତି ପ୍ରତିବର୍ଷ ସରକାରୀ ଅର୍ଥକୁ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଖର୍ଚ୍ଚ କରିଚାଲିବା ଓ ଓଡ଼ିଶାର ଖେଳାଳିଙ୍କର ବିକାଶ ପାଇଁ କିଛି ନ କରିବା ତା'ହେଲେ ଏହି ସ୍ପୋର୍ଟ୍ସ କ୍ୟାପିଟାଲର ଲାଭ କ'ଣ ହେବ ?

କ୍ରିକେଟ ଆଇପିଏଲ୍ ଶୈଳୀରେ ଫୁଟବଲରେ ଇଣ୍ଡିଆନ ସୁପର ଲିଗ୍ ପ୍ରତିଯୋଗିତା ହେଉଛି । ସେଥିରେ ଗୋଟିଏ ଦଳ ଅଛି, ତା'ର ନାଁ ହେଉଛି ଓଡ଼ିଶା ଏଫ୍‌ସି । ସେହି ଦଳର ପ୍ରାୟୋଜକ ମଧ୍ୟ ଓଡ଼ିଶା ସରକାର । ଏକଥା ଦୁଃଖର ସହ କହିବାକୁ ପଡୁଛି ଓଡ଼ିଶା ନାମରେ ନାମିତ ସେହି ଫୁଟବଲ ଦଳରେ କୌଣସି ଓଡ଼ିଆ ଖେଳାଳି ନାହାନ୍ତି । ସେହି ଆଇସିଏଲ୍ ପ୍ରତିଯୋଗିତାରେ ଆହୁରି ଅନେକ ଦଳ ଯେମିତିକି ବେଙ୍ଗାଲୁରୁ, ଗୋଆ, ମୁମ୍ବାଇ, କେରଳ, ଜାମସେଦପୁର, ଚେନ୍ନାଇ ଆଦି ଅଛନ୍ତି । ହେଲେ ସେହି ସବୁ ଦଳର ପ୍ରାୟୋଜକ କେଉଁ ରାଜ୍ୟର ସରକାର ବା କୌଣସି ସରକାରୀ କମ୍ପାନୀ ନୁହନ୍ତି । କେବଳ ଘରୋଇ ବ୍ୟବସାୟିକ ସଂସ୍ଥାମାନେ ଏହାର ପ୍ରାୟୋଜକ । ଆଉ ସେହି ଦଳଗୁଡ଼ିକରେ ନିଜ ରାଜ୍ୟର ଖେଳାଳିମାନଙ୍କୁ ପ୍ରାଧାନ୍ୟ ମିଳୁଛି । ଘରୋଇ କମ୍ପାନୀଗୁଡ଼ିକର ସାମାଜିକ ଦାୟିତ୍ୱ ପାଣ୍ଠି, ବିଜ୍ଞାପନ ପାଣ୍ଠିକୁ ସେମାନେ କ୍ରୀଡ଼ା ପାଇଁ ଖର୍ଚ୍ଚ କରୁଛନ୍ତି । ଓଡ଼ିଶାରେ ବ୍ୟବସାୟ କରୁଥିବା ଟାଟା, ଜିନ୍ଦଲ ଭଳି କମ୍ପାନୀ ଜାମସେଦପୁର, ବେଙ୍ଗାଲୁରୁ ଫୁଟବଲ ଦଳର ପ୍ରାୟୋଜକ ଅଛନ୍ତି । ହେଲେ ଓଡ଼ିଶା ଦଳର ପ୍ରାୟୋଜକ ହେଉଛନ୍ତି ଓଡ଼ିଶା ରାଜ୍ୟ ସରକାର ; ଯେଉଁଥିରେ ସାଧାରଣ ଲୋକଙ୍କ ଟିକସ ପଇସା ଖର୍ଚ୍ଚ ହେଉଛି, ସେଥିରେ ଓଡ଼ଆ ଖେଳାଳିଙ୍କୁ ସ୍ଥାନ ମିଳୁନି ।

ସେହିଭଳି ହକି ଇଣ୍ଡିଆ ଲିଗ୍‌ରେ ୬ଟି ଦଳ ଖେଳୁଛନ୍ତି । ସେଥିରୁ ଗୋଟିଏ ହେଉଛି କଳିଙ୍ଗ ଲାନ୍ସର, ଯାହାର ପ୍ରାୟୋଜକ ସାଜିଛନ୍ତି ରାଜ୍ୟ ସରକାର । ବାକି ଅନ୍ୟ ଦଳଗୁଡ଼ିକର ପ୍ରାୟୋଜକ ହେଉଛନ୍ତି ଘରୋଇ କମ୍ପାନୀମାନେ । କୌଣସି କ୍ଷେତ୍ରରେ ସରକାର ବା ସରକାରୀ କମ୍ପାନୀ କୌଣସି ଦଳର ପ୍ରାୟୋଜକ ନାହାନ୍ତି । ଅଲ୍ଟିମେଟ୍ ଖୋଖୋ ଲିଗ୍‌ରେ କେବଳ ଓଡ଼ିଶା ଦଳକୁ ଛାଡ଼ିଦେଲେ ବାକି ସମସ୍ତ ଦଳର ପ୍ରାୟୋଜକମାନେ ହେଉଛନ୍ତି ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନମାନେ । ହେଲେ ଓଡ଼ିଶା ଦଳର ପ୍ରାୟୋଜକ ନିଜେ ରାଜ୍ୟ ସରକାର । ଘରୋଇ ବ୍ୟବସାୟିକ ସଂସ୍ଥାମାନେ ଆଗ୍ରହୀ ହେଉଛନ୍ତି ବାହାର ରାଜ୍ୟର ଦଳଗୁଡ଼ିକୁ ସାହାଯ୍ୟ କରିବାକୁ । ହେଲେ ଆମ ରାଜ୍ୟରେ କାହିଁକି ସେହି ବାତାବରଣ ହେଉନାହିଁ । କ୍ରୀଡ଼ା ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ସରକାରଙ୍କୁ ମନା ନାହିଁ କିନ୍ତୁ ଯେଉଁଠି ଏହା ଘରୋଇ ବ୍ୟବସାୟିକ ସଂସ୍ଥାଗୁଡ଼ିକ ସହଯୋଗରେ ହୋଇପାରୁଛି ସେଠି ସାଧାରଣ ଟିକସଦାତାଙ୍କ ପଇସା କାହିଁକି ଖର୍ଚ୍ଚ ହେବ ? ସରକାର କ୍ରୀଡ଼ାର ବିକାଶ ଚାହାନ୍ତି ଏକଥା ଦେଖେଇହେବା କ'ଣ ସତରେ ଏତେ ଆବଶ୍ୟକ ହୋଇପଡିଛି କି ?

ଆମ ସରକାର ଯେତିକି ଅର୍ଥ ଖର୍ଚ୍ଚ କରି ଓଡ଼ିଶାରେ ଏଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତା କରୁଛନ୍ତି ଯଦି ସେହି ଅର୍ଥକୁ ରାଜ୍ୟରେ ବାସ୍ତବିକ କ୍ରୀଡ଼ାର ବିକାଶରେ ବିନିଯୋଗ କରନ୍ତେ ତା'ହେଲେ ଆହୁରି ଭଲ ହୁଅନ୍ତା । ହକି ଷ୍ଟାଡିୟମ ଆମ ରାଜ୍ୟରେ ମାତ୍ର ୨ଟି ଅଛି । ମହାରାଷ୍ଟ୍ରରେ ୬ଟି, ଉତ୍ତର ପ୍ରଦେଶରେ ୬ଟି, ପଞ୍ଜାବରେ ୪ଟି ଅଛି । ଆମ ରାଜ୍ୟରେ ଆଥ୍‌ଲେଟିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମ ଛଡା ଆଉ ସେଭଳି ଭଲ ଷ୍ଟାଡିୟମ ନାହିଁ । ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ପୁରୁଣା ବିଶ୍ୱବିଦ୍ୟାଳୟରେ ବି କ୍ରୀଡ଼ା ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ । ତେଣୁ ଆମେ ପ୍ରତିଯୋଗିତାରେ ବା ପ୍ରାୟୋଜକ ସାଜିବାରେ ନ ମାତି ଯଦି ନିଜ ରାଜ୍ୟରେ କେମିତି ଭଲ ଖେଳାଳି ବାହାରିବେ ସେ ଦିଗରେ ପ୍ରଚେଷ୍ଟା କରନ୍ତେ ତେବେ ଓଡ଼ିଶାରେ ଭବିଷ୍ୟତରେ ଅସଲି ସ୍ପୋର୍ଟ୍ସ କ୍ୟାପିଟାଲ ହୋଇପାରନ୍ତା ।

ଓଡ଼ିଶାରେ ଯେତିକି ବ୍ୟବସାୟିକ ସଂସ୍ଥା ଏହାର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଏଠାରେ ବ୍ୟବସାୟ କରୁଛନ୍ତି ସେମାନଙ୍କର କାରବାର, ଲାଭର ପରିମାଣ ଆର୍ଥିକ ଆକାରରେ ଢେର ଅଧିକ । ଯେତିକି ଲାଭ ଉଠାଉଛନ୍ତି ସେହି ତୁଳନାରେ ନିଜର ସାମାଜିକ ଦାୟିତ୍ୱ ନିଭାଉ ନାହାନ୍ତି । ରାଜ୍ୟ ସରକାର ଚାହିଁଲେ ସେହି କର୍ପୋରେଟମାନଙ୍କୁ ବିଭିନ୍ନ ଦଳ, ପ୍ରତିଯୋଗିତାର ପ୍ରାୟୋଜକ କରାଇ ପାରନ୍ତେ ଓ ରାଜ୍ୟର ଝାଳବୁହା ଟିକସଦାତାଙ୍କ ପଇସା ଅନ୍ୟ ଆବଶ୍ୟକ ବିକାଶମୂଳକ କାମରେ ଲାଗିପାରନ୍ତା ।

ହରିରାଜପୁର, ପୁରୀ
ମୋ- ୮୨୪୯୮୬୮୯୬୧

# ଖୁସି ଓ ଅବସାଦ



ରିତେଶ କୁମାର ଶିଶୁ

ଆଜିକାଲି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି । ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ଆତ୍ମହତ୍ୟା ହାର ୨୦.୨୦ ପ୍ରତିଶତ ବୃଦ୍ଧି ପାଇଛି । ଜାତୀୟ ସ୍ତରରେ ମଧ୍ୟ ଏହି ହାର କମ୍ ନୁହେଁ । କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ପ୍ରବଣତାର କାରଣ ଅନୁଶୀଳନ କରିବା ନିତାନ୍ତ ଆବଶ୍ୟକ । ଲକ୍ଷ୍ୟକଲେ ଜଣାପଡ଼ିବ, ଆଜିକାଲି ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର ସହିତ ଏହାର ଅପବ୍ୟବହାର ଅନେକ ହେଉଛି । ଏହା ନ ଥିଲା ବେଳେ କୌଣସି ବ୍ୟକ୍ତିର ଅନୁପସ୍ଥିତିରେ ତାଙ୍କ ପ୍ରତି ଆମ ଭିତରେ ଜାଗ୍ରତ ପ୍ରେମ, ଅଭିମାନ, କ୍ରୋଧ, ଘୃଣା ଆଦି ତୁରନ୍ତ ପରିପ୍ରକାଶ କରିବା ପାଇଁ ସେ ସାକ୍ଷାତ୍‌ରେ ଦେଖା ନ ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ମାଧ୍ୟମ ନ ଥିଲା । ଫଳସ୍ୱରୂପ ସେହି ଭାବନାଗୁଡ଼ିକ ଅଧିକ କୁହୁଳୁ ନ ଥିଲା ଓ ଧୀରେ ଧୀରେ ପାସୋରି ହୋଇଯାଉଥିଲା । କିନ୍ତୁ ଏବେ ସେ ପାଖରେ ନ ଥିଲେ ମଧ ଘଣ୍ଟା ଘଣ୍ଟା କଥାବାର୍ତ୍ତା ଆଉ ଭିଡିଓ କଲ୍ ଚାଲିଛି । ଏହା ଦ୍ୱାରା ଅଳ୍ପକିଛି ମାନ ଅଭିମାନ ଭୀଷଣ ରୂପ ଧାରଣ କରି ଅନେକ ପରିବାର ଉଜାଡ଼ିବାର ମାଧ୍ୟମ ହେଉଛି । କଲେଜ ପଢୁଆ ଯୁବତୀଯୁବକମାନେ ମୋବାଇଲର ଅଧିକ ବ୍ୟବହାର କରି ମାନସିକ ଅଶାନ୍ତି ଓ ଅବସାଦକୁ ଡାକିଆଣୁଛନ୍ତି । ଏପରି କି ନବବିବାହିତ ଦମ୍ପତି ମୋବାଇଲ ମାୟାଜାଲରେ ପଡ଼ି ପରସ୍ପରକୁ ସନ୍ଦେହ କରି ଆତ୍ମହତ୍ୟା କରୁଛନ୍ତି । ବ୍ୟକ୍ତି ଓ ବସ୍ତୁ ପ୍ରତି ଅଧିକ ଆସକ୍ତି ଆମକୁ ଏହାର ବିଚ୍ଛେଦକୁ ସହ୍ୟକରି ସମସ୍ୟାକୁ ସମ୍ମୁଖୀନ ହୋଇ ଆଗକୁ ବଢ଼ିବାର ଶକ୍ତି ଦେଉନାହିଁ । ତେଣୁ ମାନସିକ ଚାପ ଓ ଅବସାଦ ଆମକୁ ସହଜରେ କବଳିତ କରିନେଉଛି ଏବଂ ପରିଶେଷରେ ଆତ୍ମହତ୍ୟା ଆଡ଼କୁ ବାଟ କଢ଼ାଇ ନେଉଛି ।

ଆମ ଶରୀର ଏକ ରାସାୟନିକ ପ୍ରକ୍ରିୟା ସାଧନ କରୁଥିବା ଯନ୍ତ୍ର ସଦୃଶ । ବୟସର ବୃଦ୍ଧି ସହିତ ବିଭିନ୍ନ ପ୍ରକାର ହରମୋନ୍ ଓ ରସାୟନର କ୍ଷରଣ ହେତୁ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୁଏ । ଏହି ହରମୋନ୍ ଓ ରସାୟନର ସନ୍ତୁଳନ ହିଁ ଆମକୁ ଶାରୀରିକ ଓ ମାନସିକ ସୁସ୍ଥତା ଦିଏ । ଏହି ରସାୟନିକ ଉପାଦାନମାନଙ୍କ ମଧ୍ୟରେ କେତେକ ହରମୋନ୍‌ର ଠିକ୍ ପରିମାଣର କ୍ଷରଣ ଆମ ମାନସିକ ସ୍ଥିତିକୁ ସୁସ୍ଥ ଓ ଖୁସି ରଖିବାରେ ସାହାଯ୍ୟ କରନ୍ତି । ଯେପରି କି ଡୋପାମିନ୍, ଅକ୍ସିଟୋସିନ୍, ଏଣ୍ଡୋର୍ଫିନ୍ ଓ ସେରୋଟୋନିନ୍ ଆଦି ହରମୋନ୍ । କିନ୍ତୁ ଏହିସବୁ ରସାୟନିକ ଉପାଦାନର ସନ୍ତୁଳନ ବ୍ୟାହତ ହେଲେ ଆମେ ଅବସାଦଗ୍ରସ୍ତ ହେଉ ଓ ଏହା ଅଧିକ ଦିନ ଲାଗିରହିଲେ ଆତ୍ମହତ୍ୟା କଥା ଚିନ୍ତାକରୁ । କିନ୍ତୁ ଆମର ଆଳସ୍ୟମୟ ଜୀବନଶୈଳୀ, ଅଧିକ ତେଲମସଲା ଓ ଜଙ୍କ୍ ଫୁଡ୍ ଖାଦ୍ୟ ସେବନ ଦ୍ୱାରା ମୋଟାପଣ, ଅପପୁଷ୍ଟି ଆଦିର ଶିକାର ହୋଇ ଏହିସବୁ ହରମୋନ୍‌ର କ୍ଷରଣକୁ ବାଧାପ୍ରାପ୍ତ କରନ୍ତି ।



ଏହାସହିତ ପାରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା, କୌଣସି ସମସ୍ୟାକୁ ନେଇ ଦୀର୍ଘଦିନ ଦୁଃଖରେ ରହିବା ଆଦି ଆମକୁ ମାନସିକ ଚାପଗ୍ରସ୍ତ କରିବା ସହିତ ଧୀରେ ଧୀରେ ଦୀର୍ଘ ଅବସାଦ ଆଡ଼କୁ ଟାଣିନିଅନ୍ତି । ଏହି ମାନସିକ ଚାପ, ଦୁଃଖ ଆଦି ନକାରାତ୍ମକ ପ୍ରଭାବ ଆମ ଶରୀରରେ ବିଭିନ୍ନ ପ୍ରକାର ହରମୋନ୍‌ର ସ୍ତରକୁ ଅସନ୍ତୁଳିତ କରି ଅବସାଦଗ୍ରସ୍ତ ମାନସିକ ରୋଗର କାରଣ ହୁଅନ୍ତି । ଅବସାଦ ଜନିତ ମାନସିକ ସମସ୍ୟା ଥିବା ବ୍ୟକ୍ତିମାନଙ୍କର ରାତିରେ ନିଦ ନ ହେବା, ଅବସ ଲାଗିବା, ଭୋକ କମିଯିବା ବା ଅଧିକ ଭୋକ ଲାଗିବା, ଏକାଗ୍ରତା ହରାଇବା, ନିଜ ପ୍ରତି ହୀନମନ୍ୟତା ବା ଘୃଣାଭାବ, ଆତ୍ମହତ୍ୟା ପ୍ରବଣତା ଆଦି ଲକ୍ଷଣ ଦେଖାଦିଏ । ଏପରି ମାନସିକ ରୋଗର ଫଳପ୍ରଦ ଚିକିତ୍ସା ସମ୍ଭବ ।

ବାସ୍ତବରେ କହିବାକୁ ଗଲେ ଅଧିକାଂଶ କ୍ଷେତ୍ରରେ ଜଣେ ଶାରୀରିକ ଭାବେ ସୁସ୍ଥ ବ୍ୟକ୍ତି ଚାହିଁଲେ କିଛି ପଦକ୍ଷେପ ନେଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଏଠାରେ ପ୍ରଥମେ ଆମକୁ ସକାରାତ୍ମକ ଭାବନା ଜାଗ୍ରତ ସ୍ୱରୂପ ଖୁସି ରହିବାର ମାଧ୍ୟମ ଖୋଜିବାକୁ ପଡ଼ିବ । ଯେପରି କି ନିଜର ଲକ୍ଷ୍ୟ ପୂରଣ କରିବା, ନିଜର ଯତ୍ନ ନେବା, କିଛି ଲେଖାଲେଖି କରିବା, ପରିବାର ସହିତ ବସି ଭୋଜନ କରିବା, ସାଙ୍ଗସାଥୀମାନଙ୍କ ସହିତ ଖୁସିଗପ କରିବା ଆଦି ଦ୍ୱାରା ଡୋପାମିନ୍ ହରମୋନ୍ କ୍ଷରଣରେ ସାହାଯ୍ୟ କରେ । ସାମାଜିକ କାର୍ଯ୍ୟରେ ସାମିଲ ହେବା, ଗୃହପାଳିତ ପଶୁ ସହ ସମୟ ବିତାଇବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ଆଦି ଦ୍ୱାରା ଅକ୍ସିଟୋସିନ ହରମୋନ୍ କ୍ଷରଣକୁ ସୁଗମ କରେ । କର୍ମଠ ରହିବା, ଶାରୀରିକ ପରିଶ୍ରମ କରିବା, ଗୀତ ଶୁଣିବା, ମନ ଖୋଲି ହସିବା ଆଦି ଏଣ୍ଡୋର୍ଫିନ୍ ହରମୋନ୍‌ର କ୍ଷରଣରେ ସହାୟକ ହୁଏ । କଅଁଳ ସୂର୍ଯ୍ୟାଲୋକରେ ବସିବା, ପ୍ରାକୃତିକ ଦୃଶ୍ୟ ବୁଲି ଦେଖିବା, ଧ୍ୟାନ କରିବା ଆଦି ସେରୋଟୋନିନ୍ ହରମୋନ୍‌ର କ୍ଷରଣକୁ ସୁଗମ କରେ । ଏହିସବୁ ହରମୋନ୍‌ର ସନ୍ତୁଳିତ କ୍ଷରଣ ଦ୍ୱାରା ଆମ ମନକୁ ଖୁସି ରଖିବା ସହିତ ମାନସିକ ଚାପ ଓ ଅବସାଦକୁ ଦୂରେଇ ମାନସିକ ସ୍ୱାସ୍ଥ୍ୟ ଭଲ ରଖେ ।

ନିଜ ଜୀବନ ଜିଇବାର କୌଶଳ ଓ ଖୁସି ନିଜ ଅଧୀନରେ ଅଛି । କାରଣ ନିଜ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁକୁ ସଦାସର୍ବଦା ଆମ ଅଧୀନରେ ରଖିବା କ୍ଷମତା ଆମର ନାହିଁ । ଏତେବଡ଼ ବିଶ୍ୱରେ ମଣିଷ ଏକ କ୍ଷୁଦ୍ରାତିକ୍ଷୁଦ୍ର ଜୀବଟିଏ ଓ ଏହି ଜୀବନ ଦୁର୍ମୂଲ୍ୟ । ତେଣୁ ମଣିଷ ଜୀବନ ପାଇ ଏହାକୁ ସୁବିନିଯୋଗ କରିବା ସହିତ କିଛି ମହତ୍ ଉଦ୍ଦେଶ୍ୟରେ କାମ କରିବା ଓ ଜୀବନରେ ଆସୁଥିବା ସୁଖଦୁଃଖ, ମିଳନବିଚ୍ଛେଦ, ମାନଅପମାନ ଆଦିକୁ ସମାନ ଦୃଷ୍ଟିରେ ଦେଖି ସର୍ବଦା ସକାରାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ।

ଦଧିବାବନପୁର, କଟକ
ମୋ: ୮୦୧୮୮୩୪୭୩୪

## ଏଇ ଭାରତରେ

ବୟସ ୮୮ । ତଥାପି ଚଳଚଞ୍ଚଳ ତାମିଲନାଡୁର ନଞ୍ଜାମଲ । ସେ ଦୁଇଟି ଗାଁର ପ୍ରାୟ ସବୁ ପରିବାରକୁ କିଚେନ ଗାର୍ଡେନ କରିବାରେ ସହଯୋଗ କରିଛନ୍ତି । କୋଏମ୍ବାଟୁର ପୁଙ୍ଗନଗରର ଥୋପାମପଟ୍ଟି ନିବାସୀ ନଞ୍ଜାମଲ ନିଜେ କରିଥିବା କିଚେନ ଗାର୍ଡେନରୁ ୧୭ ପ୍ରକାର ପରିବା ଉତ୍ପାଦନ କରିବା ସହ ତାଙ୍କ ଗାଁର ସମସ୍ତଙ୍କ ଘରେ ଏହି ଗାର୍ଡେନ କରି ପରିବା ଚାଷ କରାଇପାରିଛନ୍ତି । ସକାଳୁ ଉଠି ନିଜ ଗାର୍ଡେନର ଯତ୍ନ ନେବା ପରେ ବାହାରି ଯାଉଛନ୍ତି ଅନ୍ୟମାନଙ୍କ ଗାର୍ଡେନର ଅନୁଧ୍ୟାନ କରିବାକୁ । ଏହାବ୍ୟତୀତ ଏରୋଡେ ଜିଲା ତାଙ୍କ ପୈତୃକ ଗାଁ ଅନପଲାୟମରେ ମଧ୍ୟ କିଚେନ ଗାର୍ଡେନ କରିବାକୁ ସେ ଲୋକମାନଙ୍କୁ ସହଯୋଗ କରୁଛନ୍ତି । ସପ୍ତାହକୁ ଦୁଇଦିନ ସେହି ଗାଁକୁ ଯାଉଛନ୍ତି ଗାର୍ଡେନ୍‌ଗୁଡ଼ିକର ଭଲମନ୍ଦ ବୁଝିବାକୁ । ଦୁଇଟି ଗାଁରେ ସେ ୧୬୦ରୁ ଊର୍ଦ୍ଧ୍ୱ ପରିବାରରେ କିଚେନ୍ ଗାର୍ଡେନ କରାଇ ପାରିଛନ୍ତି । ନଞ୍ଜାମଲ ଲୋକମାନଙ୍କୁ ମଞ୍ଜି ଓ ଚାରା ବି ଯୋଗାଇ ଦେଉଛନ୍ତି । ଏଥିପାଇଁ ତାଙ୍କୁ ଲୋକେ 'ପରିବା ଆଇମା' ବୋଲି ସମ୍ବୋଧନ କରୁଛନ୍ତି । ସବୁ ଗାର୍ଡେନରେ ଜୈବିକ ଉପାୟରେ ଚାଷ କରାଯାଉଛି । ଉକ୍ତ କାର୍ଯ୍ୟରେ ନଞ୍ଜାମଲଙ୍କୁ ତାଙ୍କ ପୁଅ ଭାରତୀ ଚିନାସ୍ୱାମୀ ସହଯୋଗ କରୁଛନ୍ତି । ଏହି ଦୁଇ ଗାଁ ପରେ ଏବେ ମା'ପୁଅ କୋଏମ୍ବାଟୁରର ୧୦ଟି ଗାଁରେ କିଚେନ ଗାର୍ଡେନ ଅଭିଯାନ ଚଳାଇଛନ୍ତି ।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଢ଼େ ରବି-
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କଟକ ଦଶହରାକୁ ମାନ୍ୟତା କେବେ

ମହାଶୟ,

କଟକ ଦଶହରା ପ୍ରାୟ ୫ଶହ ବର୍ଷର ପୂଜା ପରମ୍ପରାର ପ୍ରତୀକ । କଟକ ପ୍ରସିଦ୍ଧ ତାରକସିର ନିଖୁଣ କାରିଗରି ଓ ସୁନା ଗହଣାର ଚମକରେ ଝଲସେ ପୂଜା ମଣ୍ଡପ ସବୁ । କୋଲକାତା ଦୁର୍ଗାପୂଜାକୁ ଗତ ୨୦୨୧ ଡିସେମ୍ବର ମାସରୁ ୟୁନେସ୍କୋ ତରଫରୁ ହେରିଟେଜ ମାନ୍ୟତା ମିଳିସାରିଛି । ତେବେ କଟକ ଦଶହରାକୁ କାହିଁକି ଐତିହ୍ୟ ମାନ୍ୟତା ମିଳିବ ନାହିଁ ବୋଲି ଅନେକେ ପ୍ରଶ୍ନ କରିଛନ୍ତି । ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ କଟକ ଦଶହରାର ଇତିହାସ ବେଶ ସମୃଦ୍ଧ । କୁହାଯାଏ ଷୋଡଶ ଶତାବ୍ଦୀରୁ କଟକରେ ଦୁର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଆସିଛି । ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଶ୍ରୀଚୈତନ୍ୟ ଦେବ ଓଡ଼ିଶା ଆସିଥିଲେ । ଏହି ଅବସରରେ ଚୈତନ୍ୟ ଦେବଙ୍କ ପୌରୋହିତ୍ୟରେ ପ୍ରଥମଥର ପାଇଁ ଘଟ ସ୍ଥାପନ ସହ ଦେବୀ ଉପାସନା କରାଯାଇଥିଲା । ଏବେ କଟକରେ ପ୍ରାୟ ୧୬୦ରୁ ଅଧିକ ମଣ୍ଡପରେ ଜଗତଜନନୀଙ୍କୁ ପୂଜା କରାଯାଉଛି । ଅନ୍ୟପକ୍ଷରେ ୫୦ ବର୍ଷରୁ ଅଧିକ ବର୍ଷ ତଳେ କଟକରେ ଚାନ୍ଦିମେଢ଼ ପରମ୍ପରା ଆରମ୍ଭ ହୋଇଥିଲା । ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ କଟକ ଦଶହରା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଐତିହାସିକ ଗୁରୁତ୍ୱ ଓ ଲୋକପ୍ରିୟତା କାରଣରୁ କଟକ ଦୁର୍ଗାପୂଜାକୁ ଐତିହ୍ୟ ମାନ୍ୟତା ଦେବାରେ କିଛି ଅସୁବିଧା ହେବନାହିଁ ବୋଲି ମତ ପ୍ରକାଶ ପାଇଛି । କିନ୍ତୁ ପ୍ରଶାସନିକ ତଥା ସରକାରୀ ସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ । ଦଶହରା ଐତିହ୍ୟର ପ୍ରମାଣ କରିବା ଭଳି ଦସ୍ତାବିଜ ଉପସ୍ଥାପନା କରି ଆବେଦନ କରିବା ଜରୁରୀ ।

- ଶୁଭସ୍ମିତା ସାମଲ, ଚଣ୍ଡୀଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ବିଶ୍ୱକର୍ମା ପୂଜା ପାଇଁ ସଜେଇ ହୋଇଥିବା ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋନଗରରେ ବିଭିନ୍ନ ପୂଜା କମିଟି ପକ୍ଷରୁ କରାଯାଇଥିବା ସୁସଜ୍ଜିତ ମଣ୍ଡପ ଓ ତୋରଣ।

## ଆରାଧନାମୁହାଁ ଆଲୁମିନିୟମନଗରୀ

- ଆଜି ଧରାବତରଣ କରିବେ ଦେବଶିଳ୍ପୀ
- ୨ ବର୍ଷ ପରେ ଉତ୍ସବମୁଖର ନାଲ୍‌କୋନଗର
- ୧୮ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା



**ବଅଁରପାଳ, ୧୬।୯ (ଉପେନ୍ଦ୍ର ରାଉତ)**

ରଙ୍ଗିନ ଆଲୋକମାଳାରେ ଝଲସୁଛି ଅନୁଗୋଳର ନାଲ୍‌କୋନଗର। ଚାରିଆଡ଼େ ଉତ୍ସାହ ଉଦ୍ଦୀପନା। ୨ ବର୍ଷ ପରେ ଶନିବାର ଧୁମ୍‌ଧାମରେ ଦେବଶିଳ୍ପୀଙ୍କ ପୂଜା ପାଳନ କରାଯିବାକୁ ଥିବାରୁ ଆରାଧନା ପାଇଁ ପ୍ରସ୍ତୁତ ହୋଇଯାଇଛି ଆଲୁମିନିୟମନଗରୀ। ପୂର୍ବରୁ ଏଠାରେ ୨୩ ମଣ୍ଡପରେ ପୂଜା ହେଉଥିବା ବେଳେ ଚଳିତବର୍ଷ ମଣ୍ଡପ ସଂଖ୍ୟା ୧୮କୁ ହ୍ରାସ ପାଇଛି। ହେଲେ ପୂଜା କମିଟିଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ମନୋଭାବ କମ୍ ହୋଇନାହିଁ। ଆକର୍ଷଣୀୟ ମଣ୍ଡପ ଓ ସାଜସଜ୍ଜା କରାଯାଇଥିବା ବେଳେ ୨୩ ତାରିଖ ଭସାଣି ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଚଳିତବର୍ଷ ନାଲ୍‌କୋନଗରର ପଟ୍‌ଲଇନ, କାଷ୍ଟ ହାଉସ ଏ, କାଷ୍ଟ ହାଉସ ବି, ରୋଡିଂଶପ୍-୨, ସିପିପି ଅପରେଶନ, ଷ୍ଟୋର ପରଜେସ, ସିଭିଲ୍, ଠିକାଦାର ସଂଘ, ମୋବାଇଲ ଶପ୍, ଆର୍‌ପିୟୁ, ସିପିପି ମେକାନିକାଲ, ଇଲେକ୍ଟ୍ରିକାଲ, ଟାଉନଶିପ୍ ଇଲେକ୍ଟ୍ରିକାଲ, ପମ୍ପ ହାଉସ ଆଦି ପୂଜା କମିଟି ପକ୍ଷରୁ ପୂଜା ପାଳନ କରାଯିବ। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରୁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଛି। ମଣ୍ଡପଗୁଡ଼ିକରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ ଓ ଆଲୋକ ସାଜସଜ୍ଜା ସମାପନ ହୋଇଛି। ଏପରି କି ରାତିରେ ଆଲୋକମାଳାରେ ନାଲକୋନଗର ଝଲସି ଉଠୁଛି। ବିଶେଷକରି ନାଲ୍‌କୋ କମ୍ୟୁନିଟି ସେଣ୍ଟର ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାରେ ଲାଇଟ୍ ତୋରଣମାନ ଲାଗିଛି। ମହାମାରୀ କରୋନା ପାଇଁ ଗତ ୨ ବର୍ଷ ହେଲା ପୂଜା ହୋଇ ନ ଥିବାରୁ ଏଥର ଅତି ଆଡ଼ମ୍ବରରେ ପୂଜା ପାଳନ କରାଯିବାକୁ ଥିବାରୁ ଅଞ୍ଚଳବାସୀ ଆନନ୍ଦର ସହ ଏହାକୁ ଅପେକ୍ଷା କରିଛନ୍ତି। ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବାର ଯୋଜନା ରହିଛି। ସେହିପରି ମିନାବଜାର, ଦୋଳି ଆଦି ପାଇଁ ଅନୁମତି ଦିଆଯାଇ ନ ଥିବାରୁ ଏହା ଗିରାଙ୍ଗ ଛକଠାରେ ପଡ଼ିଥିବା ଦେଖିବାକୁ ମିଳିଛି।

**ସମସ୍ତ ମଣ୍ଡପ ପ୍ରସ୍ତୁତ**



ନାଲ୍‌କୋନଗରରେ ୧୮ ମଣ୍ଡପରେ ଏଥର ପୂଜା ହେଉଥିବା ବେଳେ ଏହାକୁ ଆକର୍ଷଣୀୟ କରିବାକୁ ସମସ୍ତ ବ୍ୟବସ୍ଥା ହୋଇଛି। ମଣ୍ଡପଗୁଡ଼ିକରେ ସାଜସଜ୍ଜା ଶେଷ ହୋଇଛି। ଏହା ଦର୍ଶକମାନଙ୍କୁ ଆକର୍ଷିତ କରିବ।

-ସୁନୀଲ ମହାପାତ୍ର, ଡିଜିଏମ୍, ନାଲ୍‌କୋ

**ଆଡ଼ମ୍ବରରେ ପାଳନ କରାଯିବ**



ବିଶ୍ୱକର୍ମା ପୂଜା ପାଇଁ ନାଲ୍‌କୋନଗର ନବବଧୂ ଭଳି ସଜେଇ ହୋଇଛି। ଜଳାଶୟରୁ ଶୋଭାଯାତ୍ରାରେ ପାଣି ଅଣାଯିବା ପରେ ଘଟ ସ୍ଥାପନ କରାଯିବ। ଏହାପରେ ଆଡ଼ମ୍ବରରେ ପୂଜା ପାଳନ କରାଯିବ।

-ସୁଜିତ ସେଠ, କାର୍ଯ୍ୟକାରୀ ସଭାପତି, ଏନ୍‌ଏସ୍‌ସିୟୁ

**ମଜା ନେବାକୁ ଚାହିଁ ରହିଛନ୍ତି**



ମହାମାରୀ କରୋନା ଯୋଗୁ ଗତ ୨ ବର୍ଷ ହେଲା ନାଲ୍‌କୋନଗରରେ ମୂର୍ତ୍ତି ପୂଜା ହୋଇପାରି ନ ଥିଲା। ହେଲେ ଚଳିତବର୍ଷ ଧୁମ୍‌ଧାମରେ ପୂଜା ହେଉଥିବାରୁ ଏହାର ମଜା ନେବାକୁ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି।

-ମୀନାକ୍ଷୀ ଜେନା, ନାଲ୍‌କୋନଗରବାସୀ

## ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



**ବଅଁରପାଳ, ୧୬।୯ (ଡି.ଏନ୍.ଏ.):** ଅନୁଗୋଳ ଜିଲା ନାଲ୍‌କୋନଗରରେ ବିଶ୍ୱକର୍ମା ପୂଜା ଶନିବାରଠାରୁ ଧୁମ୍‌ଧାମରେ ଆରମ୍ଭ ହେବାକୁ ଯାଉଛି। ଏହା ୨୩ ତାରିଖ ଭସାଣି ସହ ଶେଷ ହେବ। ତେବେ କରୋନା ପାଇଁ ଗତ ୨ ବର୍ଷ ହେଲା ମୂର୍ତ୍ତି ପୂଜା ଏଠାରେ ହୋଇ ନ ଥିବାରୁ ପୂଜା ଦେଖିବାରୁ ଦର୍ଶକ ବଞ୍ଚିତ ରହିଥିଲେ। ତେବେ ଚଳିତବର୍ଷ ମହା ଆଡ଼ମ୍ବରରେ ପୂଜା ପାଳନ ହେବାକୁ ଯାଉଥିବାର ପ୍ରବଳ ଜନସମାଗମ ହେବ। ତେଣୁ ଏହାକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୧୪ ସବ୍‌ଇନ୍ସପେକ୍ଟର, ୧୫ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କ ସମେତ ୩୧୪ କନଷ୍ଟେବଲ ଓ ହାବିଲଦାର ସୁରକ୍ଷା ଦାୟିତ୍ୱରେ ଥିବା ସୂଚନା ମିଳିଛି।

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ସାମଲ ଗ୍ରୁପ୍ ଅଫ୍ କମ୍ପାନିଜ୍ ତରଫରୁ ଅଭିନନ୍ଦନ।
ଗଙ୍ଗାଧର ସାମଲ
ମ୍ୟାନେଜିଂ ଡାଇରେକ୍ଟର, ସାମଲ ଗ୍ରୁପ୍ ଅଫ୍ କମ୍ପାନିଜ୍

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଆଖଣ୍ଡଳମଣି ଆଇଟିଆଇ ତରଫରୁ ଅଭିନନ୍ଦନ।
ଆଖଣ୍ଡଳମଣି ଆଇଟିଆଇ
ବଅଁରପାଳ

ବିଶ୍ୱକର୍ମା ପୂଜା ଉପଲକ୍ଷେ ଗଜପତିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ରବିନ୍ଦ୍ର କୁମାର ପାତ୍ର
ଗୁରାଣ୍ଡି ଥାନା ଅଧିକାରୀ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ବ୍ଲକବାସୀଙ୍କୁ ଅଭିନନ୍ଦନ।
ଏଲିଜା ମିଶ୍ର
ବିଡିଓ
ବିଜୟ ନାଥ
ବ୍ଲକ ଅଧ୍ୟକ୍ଷ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ, ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ।
ରତ୍ନାକର ପରିଡ଼ା
ସାଧାରଣ ସମ୍ପାଦକ, ଏନ୍‌ଏନ୍‌ଇୟୁ

ବିଶ୍ୱକର୍ମା ପୂଜା ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
NIET
ନାରାୟଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜୀ
ଅରାହାଟ, ବଅଁରପାଳ, ଅନୁଗୋଳ
ବ୍ରାଞ୍ଚ: ମେକାନିକାଲ ଇଞ୍ଜିନିୟରିଂ, ସିଭିଲ୍ ଇଞ୍ଜିନିୟରିଂ, ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂ, ମାଇନିଂ ଇଞ୍ଜିନିୟରିଂ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ ଇଞ୍ଜିନିୟରିଂ
ପ୍ରଥମ ଥର ଅନୁଗୋଳରେ
ମେକାନିକାଲ ଇଞ୍ଜିନିୟରିଂ (ପାର୍ଟ ଟାଇମ୍)
ମାଇନିଂ ଇଞ୍ଜିନିୟରିଂ (ସେକେଣ୍ଡ ସିଫ୍ଟ)
Ph. No.: 06764-211288
Mob.: 7894465716 | 9937063437 | 9439881137 | 9437193437 | 9938414079

ବିଶ୍ୱକର୍ମା ପୂଜା ଅବସରରେ ସମସ୍ତ ଉପଭୋକ୍ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା।
ୱାଟ୍‌କୋ
ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା

ବିଶ୍ୱକର୍ମା ପୂଜା ଅବସରରେ ନେପୁ ତରଫରୁ ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା କାମନା କରୁଛୁ।
ବ୍ରଜ କିଶୋର ପ୍ରଧାନ, ସଭାପତି (ନେପୁ)
ମାଗିଲାଲ ସାମଲ, କାର୍ଯ୍ୟକାରୀ ସଭାପତି (ନେପୁ)
ବୈରାଗି ସେଠ, ସାଧାରଣ ସମ୍ପାଦକ (ନେପୁ)

ସୃଷ୍ଟିର ସ୍ରଷ୍ଟା ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ଟ୍ରକ ମାଲିକ ସଂଘର ସମସ୍ତ ସଭ୍ୟ ଓ ନାଲ୍‌କୋର ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଟ୍ରକ ମାଲିକ ସଂଘ କୁଲାଡ଼ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ବନ୍ଦେ ମାତରମ୍
SRI SRI VISWAKARMA JAYANTI
NATIONAL LABOUR DAY
ରାଷ୍ଟ୍ରୀୟ ଶ୍ରମିକ ଦିବସ
୧୭ ସେପ୍ଟେମ୍ବର ୨୦୨୨
ସୃଷ୍ଟିର ସ୍ରଷ୍ଟା ପବିତ୍ର ବିଶ୍ୱକର୍ମା ଜୟନ୍ତୀ ଓ ରାଷ୍ଟ୍ରୀୟ ଶ୍ରମିକ ଦିବସ ଉପଲକ୍ଷେ ନାଲ୍‌କୋର ସମସ୍ତ କର୍ମଚାରୀ ଭାଇଭଉଣୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ମନୋଜ ଅମାନ୍ତ, ସାଧାରଣ ସମ୍ପାଦକ (NVMS)
ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ, ସିପିପି

नालको NALCO
AN INDUSTRIAL TEMPLE
नालको की लाडली
EDUCATE & EMPOWER
ଗ୍ରାମାଞ୍ଚଳରେ ଦୈନିକ ସ୍ୱାସ୍ଥ୍ୟ ସେବା
ନାଲ୍‌କୋ : ଓଡ଼ିଶାର ସ୍ୱାଭିମାନର ପ୍ରତୀକ
A lot of things make ODISHA proud
NALCO is one of them

## ପୂଜା ଅବସରରେ ଶୌଚାଳୟ ଉଦ୍‌ଘାଟିତ

**ବଅଁରପାଳ, ୧୬।୯ (ଡି.ଏନ.ଏ.)**

ନାଲ୍‌କୋଠାରେ ବିଶ୍ୱକର୍ମା ପୂଜା ଅବସରରେ ଏକ ନୂତନ ସାର୍ବଜନୀନ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ଜିଜିଏମ୍ ଏସ୍.ଏନ୍. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂଜାକୁ ଆସୁଥିବା ଲୋକମାନେ ଏଠାରେ ଶୌଚ ସହ ସ୍ନାନ ସୁବିଧା ପାଇପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଜିଏମ୍ ସ୍ମେଲଟର ଏସ୍.ଏମ୍. ଅଲ୍ଲୀ, ସିପିପି ଜିଜିଏମ୍ ସୁଧୀର ପଟ୍ଟନାୟକ, ଡିଜିଏମ୍ ରାଜରାମ ମିଶ୍ର, ସମୀର ମାଝି, ମନୋଜ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ବିଧାତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅବସରରେ ନାଲ୍‌କୋରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ନାଲ୍‌କୋ ସିପିପି

NSCU
INTUC
ବିଶ୍ୱ ବିଧାତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅବସରରେ ନାଲକୋରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।

See Career Appointment on every Wednesday & Saturday

**ହଷ୍ଟେଲରୁ ମିଳିଲା ଆଇଆଇଟି ଛାତ୍ରଙ୍କ ମୃତଦେହ**

ଚେନ୍ନାଇ,୧୬।୯: ଆଇଆଇଟି ମାଡ୍ରାସର ଚତୁର୍ଥ ବର୍ଷ ଏରୋନଟିକାଲ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ତାଙ୍କ ହଷ୍ଟେଲ ପ୍ରକୋଷ୍ଠରୁ ମିଳିଛି। ଶୁଭ୍ରାଂଶୁ ସର୍କାର ନାମକ ଏହି ଛାତ୍ରଙ୍କ ଘର ଓଡ଼ିଶାରେ। ସେ କିଛିଦିନ ହେଲା ଅବସାଦରେ ଥିଲେ ବୋଲି ତାଙ୍କ ସହପାଠୀ କହିଛନ୍ତି। ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଶୁଭ୍ରାଂଶୁଙ୍କ ରୁମ୍‌ର କବାଟ ବନ୍ଦ ଥିଲା। ସାଙ୍ଗମାନେ ଡାକିବା ସତ୍ତ୍ୱେ ସେ ନ ଖୋଲିବାରୁ କବାଟ ଭଙ୍ଗାଯାଇଥିଲା। ରୁମ୍‌ରେ ଶୁଭ୍ରାଂଶୁଙ୍କ ମୃତଦେହ ମିଳିଥିଲା। କୋଟୁରପୁରମ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

# କୋଭିଡ୍ ଟିକାକରଣ: ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଐତିହାସିକ ଘଟଣା



ଆଦାର ପୁନାୱାଲା

କରୋନା ମହାମାରୀର ବିଗତ ଅଢ଼େଇ ବର୍ଷ ଯାହା ଏକ ଗୁରୁତର ଅସ୍ୱାଭାବିକତାର ବାତାବରଣ ସୃଷ୍ଟି କରିଥିଲା, ସେଥିରେ ଲୋକେ ସତେଯେପରି ଏକ ବିଜ୍ଞାନ ଉପନ୍ୟାସର କାହାଣୀ ଭିତରେ ବଞ୍ଚିଥିଲେ। ଏହି ଜଟିଳ ସମୟରେ ଆମେ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱରେ ମିଳିତଭାବେ ମହାମାରୀର ମୁକାବିଲା କରିବାରେ ସଫଳ ହୋଇଥିଲୁ। ଏହି ଦୁଃସମୟରୁ ଆମେ ଅନେକ କଥା ଶିଖିଲୁ ଏବଂ ଶତାବ୍ଦୀରେ ଥରେ ଆସିଥିବା ଏଭଳି ଏକ ମହାମାରୀରୁ ଯେଉଁ ଅଭିଜ୍ଞତା ଲାଭ କଲୁ ତାହା ଆମକୁ ଜୀବନବ୍ୟାପୀ ସାହାଯ୍ୟ କରିବ। ଭବିଷ୍ୟତରେ ଏଭଳି ପରିସ୍ଥିତି ଉପୁଜିଲେ, ତାହାର ମୁକାବିଲା ପାଇଁ ଉତ୍କୃଷ୍ଟ ପଦକ୍ଷେପ ନେବାରେ ଏହି ଅଭିଜ୍ଞତା ଆମକୁ ସାହାଯ୍ୟ କରିବ। ଏକ ମହାସଙ୍କଟ କାଳରେ ଆମେ ଧୈର୍ଯ୍ୟ ଓ ସ୍ଥିତିସ୍ଥାପକତା ପ୍ରଦର୍ଶନ କରି ଦୃଢ଼ ସଂକଳ୍ପ ଏବଂ ସାମର୍ଥ୍ୟ ବଳରେ ପରିସ୍ଥିତି ଉପରେ ନିୟନ୍ତ୍ରଣ ରଖିବାକୁ ସମର୍ଥ ହୋଇଥିଲୁ। ଏହା ଆମକୁ ବିଶ୍ୱ ଦରବାରରେ ସମ୍ମାନ ପ୍ରଦାନ କରିଥିଲା ଓ ଆମ ସଫଳତାକୁ ସମସ୍ତେ ପ୍ରଶଂସା କରିଥିଲେ।

ଆମ କରୋନା ବିରୋଧୀ ଲଢ଼େଇରେ ଟିକାର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ କରୋନା ମହାମାରୀ ବା କୋଭିଡ-୧୯ ଥିଲା ସମ୍ପୂର୍ଣ୍ଣଭାବେ ଏକ ନୂଆ ଭୂତାଣୁଜନିତ ବ୍ୟାଧି। ଏହାର ଉପଚାର ନ ଥିଲା। ଔଷଧ ଓ ଟିକା ବିନା ଏହି ମହାମାରୀ ବିରୋଧରେ ଲଢ଼େଇ ଆରମ୍ଭ ହୋଇଥିଲା। ତେବେ ଏହା ବିରୋଧରେ ଟିକା ବାହାର କରିବାକୁ ବୈଜ୍ଞାନିକ ପ୍ରସ୍ତୁତି, ଗବେଷଣା ଓ ଉନ୍ନୟନ, ଟିକା ଉତ୍ପାଦନ, ଏଥିପାଇଁ ସରକାରୀ ପ୍ରୋତ୍ସାହନ ଓ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି, ଏ କ୍ଷେତ୍ରରେ ସରକାରୀ–ବେସରକାରୀ ସହଭାଗିତା, ଟିକାକରଣ କାର୍ଯ୍ୟକ୍ରମର ଡିଜିଟାଇଜେଶନ, ମହାମାରୀ ବିରୋଧୀ ଲଢ଼େଇରେ ସରକାରଙ୍କ ସବୁ ବିଭାଗ ଏକାଠି ହୋଇ ମିଶନ ମୋଡ୍‌ରେ କାମ କରିବା ଆଦି ସବୁ ପ୍ରୟାସ ପଛରେ ଥିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରେରଣାଦାୟୀ ନେତୃତ୍ୱ ଏବଂ ଦିଗ୍‌ଦର୍ଶନ। ଟିକା ବାହାରିବା ପରେ ତାହାକୁ ଲୋକଙ୍କ ପାଖରେ ବିନା ମୂଲ୍ୟରେ ପହଞ୍ଚାଇବା, ଟିକା ନେଇ ଜୀବନକୁ ସୁରକ୍ଷିତ କରିବାକୁ ଜନସାଧାରଣଙ୍କୁ ଉତ୍ସାହିତ କରିବା, ନୂଆ ବୈଜ୍ଞାନିକ ଉପଲବ୍ଧି, ନୂତନ ଟିକା ଓ ଔଷଧ ପ୍ରତି ରହିଥିବା ପାରମ୍ପରିକ ସାମାଜିକ କୁଣ୍ଠାକୁ ଦୂର କରିବାରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ତାଙ୍କର ବାସ୍ତବବାଦୀ ପଦକ୍ଷେପ, ଦୂରଦୃଷ୍ଟି ଓ ପ୍ରେରଣାଦାୟୀ ନେତୃତ୍ୱ ଫଳରେ ଆଜି ଭାରତରେ ଶହ ଶହ କୋଟି ଡୋଜ୍ କରୋନା ଟିକା ପ୍ରୟୋଗ ସଫଳ ହୋଇଛି ଏବଂ ଏହା ଆମକୁ ଏହି ମହାମାରୀର ପ୍ରଭାବରୁ ଏକପ୍ରକାର ସୁରକ୍ଷିତ କରିପାରିଛି। କେବଳ ସେତିକି ନୁହେଁ ଆମେ ଟିକା ମୈତ୍ରୀ ନୀତିରେ ପଡ଼ୋଶୀ ବା ଅନ୍ୟାନ୍ୟ ବନ୍ଧୁ ରାଷ୍ଟ୍ରଙ୍କୁ କରୋନା ଟିକା ଯୋଗାଇ ପାରିଛୁ। ବିଦେଶକୁ ଟିକା ପଠାଇବା ବେଳେ ଦେଶରେ ଯେପରି କେହି ଏଥିରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ମଧ୍ୟ ସୁନିଶ୍ଚିତ କରିଛୁ।

ସାର୍ସକୋଭ୍–୨ ଭଳି ମାରାତ୍ମକ ଭୂତାଣୁ ଯାହା କରୋନା ମହାମାରୀର ବାହକ ଥିଲା ତା' ବିରୋଧରେ ଏକ ବର୍ଷରୁ କମ୍ ସମୟରେ ନିରାପଦ ଓ ସଫଳ ଟିକା ବାହାର କରିବା ଆଧୁନିକ ବିଜ୍ଞାନ ଇତିହାସର ସବୁଠୁ ବଡ଼ ଉଲ୍ଲେଖନୀୟ ଘଟଣା। ଏହି ଟିକା ପ୍ରସ୍ତୁତିରେ ଭାରତର ଉଦ୍ୟମ ଓ ବ୍ୟବସ୍ଥା ନିର୍ମାଣ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏ କ୍ଷେତ୍ରରେ ବିଭିନ୍ନ ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟା ସେତେବେଳେ ଥିଲା। ଦୁର୍ଘଟଣା ସହିତ ଟିକା ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ସଂଗ୍ରହ କରିବାରେ ସେରମ୍ ପ୍ରତିଷ୍ଠାନ (ଏସ୍‌ଆଇଆଇ)କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କଞ୍ଚାମାଲର ଉତ୍କଟ ଅଭାବ ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ ଟିକା ନିର୍ମାଣକାରୀ ସଂସ୍ଥା ଏସ୍‌ଆଇଆଇ ସବୁ ପ୍ରତିବନ୍ଧକକୁ ଏଡ଼ାଇ ଏଥିରେ ସଫଳ ହୋଇଥିଲା। ଏହି ଅନୁଷ୍ଠାନ ସମେତ ଆଉ କେତେକ ଭାରତୀୟ ଟିକା ନିର୍ମାଣକାରୀ ଖୁବ୍ କମ୍ ସମୟରେ ୨୦୦କୋଟି ଡୋଜ୍‌ରୁ ଅଧିକ ଟିକା ଉତ୍ପାଦନ କରିପାରିଥିଲେ। ଏହା ଆମ ଦେଶର ଲୋକଙ୍କ ଟିକା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଥିଲା। ଆମେ ଏହି ସ୍ୱଳ୍ପ ସମୟରେ ବିଶ୍ୱର ସମୁଦାୟ ଜନସଂଖ୍ୟାର ଏକ ତୃତୀୟାଂଶ ଲୋକଙ୍କ ଜୀବନକୁ ସୁରକ୍ଷିତ କରିବାକୁ ସମର୍ଥ ହୋଇଥିଲୁ।

ଭାରତରେ ଯେଉଁ ପରିମାଣର କରୋନା ଟିକା ଉତ୍ପାଦିତ ହୋଇଥିଲା ଏବଂ ଏବେ ହେଉଛି, ସେଥିରୁ ଦେଶର ସାମର୍ଥ୍ୟ ପ୍ରତିପାଦିତ ହୁଏ। ତେଣୁ ଏହି ସାମର୍ଥ୍ୟ ବଳରେ ଆମେ ବିଶ୍ୱର ଟିକା ନିର୍ମାତା ହେବାର ଗୌରବ ଲାଭ କରିଛୁ। କେବଳ କରୋନା ନୁହେଁ, ବିଭିନ୍ନ ପ୍ରକାର ରୋଗର ଟିକା ପ୍ରସ୍ତୁତି ଓ ଉତ୍ପାଦନରେ ଭାରତ ବିଶ୍ୱରେ ଅଗ୍ରଣୀ। ସବୁ ବୟସ ବର୍ଗର ଲୋକଙ୍କ ଟିକା ଆବଶ୍ୟକତା ପୂରଣ କରିବାରେ ଆମେ ମଧ୍ୟ ସମର୍ଥ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଟେକ୍‌ନୋଲୋଜି ପ୍ରୟୋଗ କରି ଭାରତ ମଧ୍ୟ ନୂଆ ସଫଳତା ଅର୍ଜନ କରିଛି। କୋ–ଉଇନର ବ୍ୟବହାର ଥିଲା ଶୃଙ୍ଖଳିତ ଟିକାକରଣର ମେରୁଦଣ୍ଡ। ଅତି କମ୍ ସମୟରେ ଭାରତ 'ଇ-ଭିନ୍' ପ୍ରୟୋଗ କରି ଟିକା ଯୋଗାଣ ବ୍ୟବସ୍ଥାକୁ ସ୍ମାର୍ଟ ଓ ସୁସଂହତ କରିପାରିଥିଲା। ଏହା ଫଳରେ ଟିକା ଯୋଗାଣ, ସଂରକ୍ଷଣ, ଟିକାଦାନ ବ୍ୟବସ୍ଥା ସବୁ ଶୃଙ୍ଖଳିତ ଏବଂ ଟେକ୍‌ନୋଲୋଜି ଆଧାରିତ ହୋଇ ଟିକାକରଣ ଅଭିଯାନକୁ ତ୍ରୁଟିଶୂନ୍ୟ ଓ ସହଜ କରିଥିଲା। ଭାରତର ଟିକାକରଣ କାର୍ଯ୍ୟକ୍ରମର ଇତିହାସ ଓ ସଫଳତା ଭଲ। ଏ କ୍ଷେତ୍ରରେ ଭାରତର ଯଥେଷ୍ଟ ଅଭିଜ୍ଞତା ରହିଛି। କୋଭିଡ ପୂର୍ବରୁ ଭାରତ ସରକାର ବିଭିନ୍ନ ଯୋଜନାରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ପ୍ରକାର ଟିକା ନିୟମିତ ଭାବେ ଯୋଗାଇ ଆସୁଥିଲେ। ଅତଏବ ଏହାର ପରିଚାଳନାରେ 'କୋ–ଉଇନର'ର ଯେଉଁ ଉଦାହରଣୀୟ ଭୂମିକା ଥିଲା କୋଭିଡ ଟିକାକରଣ କାଳରେ ସେ ଅଭିଜ୍ଞତାକୁ ଦୋହରାଯାଇଥିଲା। କରୋନା ଟିକାକରଣରେ କୋ–ଉଇନର ଭୂମିକା ଅନସ୍ୱୀକାର୍ଯ୍ୟ। କେଉଁ ବର୍ଗର ଲୋକେ କେବେ କେଉଁ ଡୋଜ୍ ନେବେ, ସେମାନଙ୍କ ପଞ୍ଜୀକରଣ, ଟିକା ପ୍ରଦାନରେ ତଥ୍ୟ ସଂଗ୍ରହ ଏବଂ ସର୍ବୋପରି ଟିକା ଦେଇଥିବା ପ୍ରମାଣପତ୍ର ପ୍ରଦାନରେ କୋ–ଉଇନର ଭୂମିକାକୁ ଭୁଲିବାର ନୁହେଁ। ଟିକାକରଣ ଆରମ୍ଭରୁ ଭାରତ ଟିକା ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡିଜିଟାଲ ବ୍ୟବସ୍ଥାରେ ସାର୍ଟିଫିକେଟ ପ୍ରଦାନ କରିବାକୁ ସଫଳ ହୋଇଛି। ଅପରପକ୍ଷରେ ଅନ୍ୟାନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡିଜିଟାଲ ସାର୍ଟିଫିକେଟ ପ୍ରଦାନରେ କୃତକାର୍ଯ୍ୟ ହୋଇନାହାନ୍ତି। କୋଭିଡ ଟିକାଦାନ ବ୍ୟବସ୍ଥାରେ ଡିଜିଟାଲ ସାର୍ଟିଫିକେଟର ଗୁରୁତ୍ୱ ଅଧିକ; କାରଣ ଏଥିରେ କାହାକୁ କେଉଁ ଟିକା କେତେ ଡୋଜ୍, କେତେ ଦିନ ଅନ୍ତରରେ ଦିଆଯାଉଛି, ସେସବୁ ଡିଜିଟାଲ ମାଧ୍ୟମରେ ଉଲ୍ଲେଖ ଅଛି। ଏଥିରେ ଟିକା ନେଇଥିବା ଓ ନେଇ ନ ଥିବା ଲୋକଙ୍କୁ ସହଜରେ ବାଛି ହେଉଛି। ଏହି କୋ–ଉଇନ୍ ବ୍ୟବସ୍ଥା ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଆଗକୁ ବିଶେଷ ସହାୟକ ହୋଇପାରିବ।

ତିନିଟି ପ୍ରମୁଖ କ୍ଷେତ୍ର ଭାରତକୁ କରୋନା ବିରୋଧୀ ଟିକା ବାହାର କରିବାରେ ବିଶେଷ ସହାୟକ ହୋଇଥିଲା। ସେଗୁଡ଼ିକ ହେଲା– ଟିକା ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା, ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥା ଓ ସରକାରଙ୍କର ଏ କ୍ଷେତ୍ରରେ ଗଭୀର ସମ୍ପୃକ୍ତି। ସରକାର ଏ କ୍ଷେତ୍ରରେ ସରକାରୀ–ଘରୋଇ ସହଭାଗିତାକୁ ଅଗ୍ରାଧିକାର ଦେଇ ନିଜର ସବୁ ବିଭାଗକୁ ଟିକା ପ୍ରସ୍ତୁତି ଓ କରୋନା ବିରୋଧୀ ଲଢ଼େଇରେ ନିୟୋଜିତ କରିଥିଲେ। ଏକ ଅଜଣା ମହାମାରୀ ସମୟରେ ଏହି ବ୍ୟାଧିର ଟିକା ବାହାର କରିବା ସହଜ କାମ ନୁହେଁ, ତଥାପି ସରକାର ଉପଯୁକ୍ତ ରଣନୀତି ପ୍ରସ୍ତୁତ କରି ଏ କ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଥିଲେ।

ଏହି ଉଦ୍ୟମ ବିଶେଷ ନିର୍ଣ୍ଣାୟକ ଥିଲା। ବିଭିନ୍ନ ସଂସ୍ଥା ଓ ପକ୍ଷଙ୍କୁ ଟିକା ପ୍ରସ୍ତୁତି ପାଇଁ ଅନୁମତି ଦିଆଗଲା। କେଉଁ ସଂସ୍ଥା ଆଗ ଟିକା ପ୍ରସ୍ତୁତ କରିପାରିବ ଏବଂ ତାହା ଜରୁରିକାଳୀନ ବ୍ୟବହାର ନିମନ୍ତେ କେତେ ନିରାପଦ ରହିବ ସେ କଥା କାହାକୁ ଜଣା ନ ଥିଲା। ସବୁଠୁ ବଡ଼ କଥା ଥିଲା କେତେ ଶୀଘ୍ର ଏହାର ସଫଳ ବ୍ୟବହାର କରାଯାଇପାରିବ। ଟିକା ତିଆରି ଓ ଏହାର ଉତ୍ପାଦନ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଅତଏବ ଏହି ଜଟିଳ ବୈଜ୍ଞାନିକ ପ୍ରକ୍ରିୟାରେ ପ୍ରଥମ ପ୍ରସ୍ତୁତି ଟିକା ଯେ ସର୍ବଶ୍ରେଷ୍ଠ ହେବ ସେ କଥା କୁହାଯାଇ ନ ପାରେ। ଅତଏବ ବିଭିନ୍ନ ପ୍ରକାର ଟିକା ପ୍ରସ୍ତୁତି ପାଇଁ ପ୍ରୟାସ ଜାରି ରଖିବା ଏବଂ ଗୋଟିଏ ପରେ ଗୋଟିଏ ଉତ୍କୃଷ୍ଟ ଗୁଣମାନର ଟିକା ବାହାର କରି ତାହାକୁ ଉତ୍ପାଦନ କରିବାକୁ ସରକାର ଅନୁମତି ଦେଇ ଏକ ଯଥାର୍ଥ ପରିବେଶ ସୃଷ୍ଟି କରିଥିଲେ। ଟେକ୍‌ନୋଲୋଜି ଦୃଷ୍ଟିରୁ ଏସବୁ ଟିକା ପ୍ରସ୍ତୁତି ବିବିଧ ହୋଇଥିଲେ ମଧ୍ୟ ଗୁଣ ଓ ମାନରେ କେହି ଯେପରି କମ୍ ନ ହୁଏ ତା' ଉପରେ ସରକାରଙ୍କ ଅଗ୍ରାଧିକାର ଥିଲା। ଏ କ୍ଷେତ୍ରରେ ଆମ ବୈଜ୍ଞାନିକ, ଗବେଷକ, ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା, ନୀତି ନିର୍ଦ୍ଧାରକ, ଟିକା ଉତ୍ପାଦନକାରୀ ସଂସ୍ଥାଙ୍କ ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା। ସେମାନେ ସମସ୍ତେ ସମୟର ଆହ୍ୱାନର ମୁକାବିଲା କରିବାରେ ସଫଳ ହୋଇଥିଲେ।

ଆମ ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅନେକେ ମନ୍ଥର ବୋଲି କହିଥାନ୍ତି। ତେବେ କରୋନା ଟିକାର ଜରୁରୀ ବ୍ୟବହାରକୁ ଏହା ଯେପରି ଅନୁମୋଦନ ଦେଲା ତାହା ଥିଲା ଉଲ୍ଲେଖନୀୟ। ଟିକାର ପରୀକ୍ଷା ନିରୀକ୍ଷା ପରେ ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷ ତୁରନ୍ତ କରୋନା ଟିକାର ଜରୁରିକାଳୀନ ପ୍ରୟୋଗକୁ ଅନୁମତି ଦେଇଥିଲେ। ଏ କ୍ଷେତ୍ରରେ କୌଣସି ବିଳମ୍ବର ଅବକାଶ ନ ଥିଲା। ଏହି ଅନୁମତି ପ୍ରଦାନ ବେଳେ କର୍ତ୍ତୃପକ୍ଷ ରୋଗୀଙ୍କ ନିରାପତ୍ତା ଓ ସୁରକ୍ଷାକୁ ଅଗ୍ରାଧିକାର ଦେଇଥିଲେ। ଏହା ସହିତ ଭାରତୀୟ ଟିକା ବିଦେଶୀ ଓ ଆନ୍ତର୍ଜାତିକ ଭେଷଜ ନିୟନ୍ତ୍ରକଙ୍କ ଅନୁମୋଦନ ଅବିଳମ୍ବେ ହାସଲ କରି ବିଶ୍ୱ ବଜାରରେ ସହଜରେ ପ୍ରବେଶ କରିପାରିଲା। ଭେଷଜ ନିୟାମକଙ୍କ ଦାୟିତ୍ୱ ବହୁ ଅଧିକ। କରୋନା ଭଳି ଦେଶରେ ଆହୁରି କେତେକ ଭୟଙ୍କର ବ୍ୟାଧି ରହିଛି, ଯାହାର ମୁକାବିଲା ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ଆବଶ୍ୟକ। ତେଣୁ ସେ ସବୁ ରୋଗର ଟିକାକୁ ଜରୁରିକାଳୀନ ପ୍ରୟୋଗ ପାଇଁ କର୍ତ୍ତୃପକ୍ଷ ଶୀଘ୍ର ଅନୁମୋଦନ ଦେବା ଆବଶ୍ୟକ। ସର୍ବୋପରି ଆମକୁ ଆହୁରି ଦଳଗତ ଓ ବ୍ୟବସ୍ଥାଗତ ଉଦ୍ୟମରେ କୋଭିଡର ଦୃଢ଼ ମୁକାବିଲା କରିବାକୁ ପଡ଼ିବ।

ମହାମାରୀ ମୁକାବିଲାରେ ସରକାରଙ୍କ ସାମଗ୍ରିକ ଉଦ୍ୟମ ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସମଗ୍ର ସରକାର ଏକ ହୋଇଥିଲେ ଏବଂ ସବୁ ମନ୍ତ୍ରଣାଳୟ, ବିଭାଗ ଏକାଠି ହୋଇ ସମର୍ପିତ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ କାମ କରିଥିଲେ। ଏକାଧିକ ଆନ୍ତଃ ବିଭାଗୀୟ, ଆନ୍ତଃବିଷୟକ କ୍ଷମତାସମ୍ପନ୍ନ ଗୋଷ୍ଠୀ ଏ କ୍ଷେତ୍ରରେ କାମ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲା। ପୂର୍ବରୁ ସରକାରୀ କାମରେ ସମନ୍ୱୟର ଅଭାବ ଓ ବିଭାଗ–ବିଭାଗ ମଧ୍ୟରେ ଥିବା ଦୂରତ୍ୱ ସଂସ୍କୃତିର ଅବସାନ ଘଟାଇ ଏକ ନୂଆ କର୍ମସଂସ୍କୃତି ପ୍ରସ୍ତୁତ କରାଯାଇଥିଲା। ସମଗ୍ର ସରକାରର ଆଭିମୁଖ୍ୟ ବା ହୋଲ୍ ଅଫ୍ ଗଭର୍ନମେଣ୍ଟ ଆପ୍ରୋଚ ଯୋଗୁ ତୁରନ୍ତ ନିଷ୍ପତ୍ତି ଗ୍ରହଣ ସମ୍ଭବ ହୋଇଥିଲା। କରୋନା ବିରୋଧୀ ଲଢ଼େଇର ପ୍ରକ୍ରିୟାରେ ଉଦ୍ୟୋଗଜଗତ ଓ ଜନସାଧାରଣଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଏହି ଲଢ଼େଇରୁ ଆମେ ଯେଉଁ ଶିକ୍ଷା ପାଇଲୁ ଭବିଷ୍ୟତରେ ଏଭଳି କୌଣସି ସମ୍ଭାବ୍ୟ ସ୍ଥିତିର ମୁକାବିଲାରେ ଏହା ଆମକୁ ନିଶ୍ଚିତ ସାହାଯ୍ୟ କରିବ।

ସର୍ବୋପରି ଏହି ମହାମାରୀରୁ ଆମେ ଯେଉଁ ଏକ ମୌଳିକ ତଥା ଗୁରୁତ୍ୱପୂର୍ଣ୍ଣ କଥା ଶିଖିଲୁ ତାହା ହେଲା ଜନତା ଓ ସମୁଦାୟଙ୍କ ସହିତ ରୋଗ ସମ୍ବନ୍ଧୀୟ ବ୍ୟାପାରରେ ସ୍ପଷ୍ଟ ଭାବେ ଯୋଗାଯୋଗ ସ୍ଥାପନ। ଏହି ବାର୍ତ୍ତା ପ୍ରଦାନରେ ଭାଷା ଅତ୍ୟନ୍ତ ଭାବେ ସରଳ, ପ୍ରାଞ୍ଜଳ ଓ ବୋଧଗମ୍ୟ ହେବା ଉଚିତ, ଯାହାଦ୍ୱାରା ସାଧାରଣ ଲୋକ ବିଜ୍ଞାନର ତଥ୍ୟ ଓ ଗୁରୁତ୍ୱକୁ ବୁଝିପାରିବେ ଓ ଏହା ଉପରେ ଆସ୍ଥା ଏବଂ ବିଶ୍ୱାସ ପ୍ରକଟ କରିବେ। ଲୋକେ ବୁଝୁଥିବା ଭାଷାରେ ତାଙ୍କୁ ରୋଗ ବ୍ୟାଧି, ସଂକ୍ରମଣ ଓ ଔଷଧ, ଚିକିତ୍ସା, ଟିକା, ସେବା ଓ ଯତ୍ନ ଆଦି କଥା କହିବା ସବୁଠୁ ମୂଲ୍ୟବାନ ଏବଂ ଗୁରୁତ୍ୱପୂର୍ଣ୍ଣ। ମହାମାରୀ ସମୟରେ ଡ୍ରୋନ୍ ଭଳି ଆଧୁନିକ ଟେକ୍‌ନୋଲୋଜି ପ୍ରୟୋଗ କରାଯିବା ସହିତ ପାରମ୍ପରିକ ଚିକିତ୍ସା ଉପରେ ଭରସା ରଖିବାକୁ ମଧ୍ୟ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଟିକାଦାନ ଅଭିଯାନକୁ ସଫଳ କରିବାକୁ ସରକାର ଯଥାସମ୍ଭବ ସବୁ ଉପାୟ ଓ ସାଧନ ଅବଲମ୍ବନ କରିଥିଲେ।

ବିଶ୍ୱର ଅନେକ ଉନ୍ନତ ଦେଶ ସେମାନଙ୍କର ଟିକାଦାନ କାର୍ଯ୍ୟକ୍ରମରେ ବିଶେଷ ଅଗ୍ରଗତି କରିପାରୁ ନ ଥିବାବେଳେ ଭାରତ ଏ କ୍ଷେତ୍ରରେ ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି। ଭାରତରେ ବିଜ୍ଞାନ ଚେତନାର ଉନ୍ମେଷ ଘଟି ଟିକା ନ ନେବା ଓ ଏହାକୁ ବିରୋଧ କରିବା ମନୋଭାବକୁ ଦୂର କରାଯାଇପାରିଛି। ଟିକାକୁ ଦେଶରେ ପ୍ରାୟ ବିରୋଧ ନାହିଁ। ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ ଭାରତରେ ଟିକା ନେବାକୁ ଯୋଗ୍ୟ ଲୋକଙ୍କ ମଧ୍ୟରୁ ୯୬.୭%ଙ୍କୁ ପ୍ରଥମ ଡୋଜ୍ ଓ ୮୯.୨%ଙ୍କୁ ଉଭୟ ଡୋଜ୍ କରୋନା ଟିକା ପ୍ରଦାନ କରାଯାଇଛି। ଏହାଛଡ଼ା ୧୮.୭ କୋଟି ବୁଷ୍ଟର ଡୋଜ୍ ଲୋକଙ୍କୁ ଦିଆଯାଇଛି। ଠିକ୍ ସମୟରେ ଓ ସୁବିଧାରେ ଟିକା ନେବାକୁ ଦେଶରେ ସ୍ୱତନ୍ତ୍ର ଅଭିଯାନ ଚାଲିଛି।

ମାନବସମ୍ବଳ ବିକାଶ ରିପୋର୍ଟ ୨୦୨୨ ଅନୁସାରେ ଟିକାଦାନ କାର୍ଯ୍ୟକ୍ରମ ଫଳରେ କେବଳ ୨୦୨୧ରେ ବିଶ୍ୱରେ ୨୦ ନିୟୁତ କରୋନା ମୃତ୍ୟୁକୁ ଏଡାଇ ଦିଆଯାଇଥିଲା। ବିଭିନ୍ନ ଆହ୍ୱାନ ସତ୍ତ୍ୱେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କରୋନା ମହାମାରୀ ମୁକାବିଲାକୁ ବାସ୍ତବରେ ଏକ ଜନ ଆନ୍ଦୋଳନରେ ପରିଣତ କରାଯାଇପାରିଛି। ଏଥିରେ ରହିଛି 'ସମଗ୍ର ସରକାର' ଆଭିମୁଖ୍ୟ ଓ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ସାମିଲ କରିବାର ପ୍ରୟାସ।

**(ଲେଖକ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)**

# ସୋମବାରରୁ ଏମ୍‌ସରେ ଆରମ୍ଭ ହେବ

## ଡିଏମ୍‌ଡି ରୋଗର ଚିକିତ୍ସା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କେନ୍ଦ୍ର ଓ ରାଜ୍ୟ ସରକାର ବହନ କରିବେ ଖର୍ଚ୍ଚ

**କଟକ ଅଫିସ,୧୬।୯**

ଆସନ୍ତା ସୋମବାରଠାରୁ ଭୁବନେଶ୍ୱର ଏମ୍‌ସରେ ବିରଳ ବଂଶଗତ ରୋଗ ଡୁଚେନ ମସ୍କୁଲାର ଡାଇଷ୍ଟ୍ରୋଫି (ଡିଏମ୍‌ଡି)ରେ ଆକ୍ରାନ୍ତ ୧୫ ଶିଶୁଙ୍କ ଚିକିତ୍ସା ଆରମ୍ଭ ପାଇଁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଚିକିତ୍ସା ଖର୍ଚ୍ଚ ବହନ କରିବା ଲାଗି ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଲାଗି ଅକ୍ଟୋବର ୧୧ରେ ଭୁବନେଶ୍ୱର ଏମ୍‌ସ ପକ୍ଷରୁ ଚିକିତ୍ସା ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ଗତ ଅଗଷ୍ଟ ୨ ତାରିଖରେ ହାଇକୋର୍ଟରେ ଏହି ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାର ଜବାବ ରଖିବା ନିମନ୍ତେ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଥିଲା। ତଦନୁସାରେ କେନ୍ଦ୍ର ସରକାର ଓ ଭୁବନେଶ୍ୱର ଏମ୍‌ସ ପକ୍ଷରୁ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପି.କେ. ପାଢ଼ୀ ସତ୍ୟପାଠ ମାଧ୍ୟମରେ ଜବାବ ରଖି ଡିଏମ୍‌ଡି ରୋଗର ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ଆଣ୍ଟିସେନ୍ସ ଓଲିଗୋ ନିଉକ୍ଲିଓଟାଇଡ୍ (ଏଓଏନ୍) ଅତ୍ୟନ୍ତ ବ୍ୟୟବହୁଳ ଏବଂ ଏହା ସାରାଜୀବନ ଆବଶ୍ୟକ ପଡ଼ିଥାଏ, ଏଣୁ ଏପରି ବିରଳ ରୋଗର ଚିକିତ୍ସା ପାଇଁ ରହିଥିବା ଜାତୀୟ ପଲିସି–୨୦୨୧କୁ ପ୍ରୟୋଗ କରାଯିବ ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ଡିଜିଟାଲ ପୋର୍ଟାଲ ଜରିଆରେ ଜନସାଧାରଣଙ୍କଠାରୁ ସ୍ୱେଚ୍ଛାକୃତ ଆକାରରେ ଦାନ ଗ୍ରହଣ କରାଯାଇପାରିବ ବୋଲି ସେ କହିଥିଲେ। ଅଦାଲତ ତାଙ୍କ ନିର୍ଦ୍ଦେଶରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ଖର୍ଚ୍ଚ ବହନ କରିବାକୁ କହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶକ ବିଶେଷଜ୍ଞଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମାମଲାରେ ଲିଖିତ ଥିବା ରାଜ୍ୟର ୧୫ ଶିଶୁଙ୍କ ଚିକିତ୍ସା ସୂଚୀ ପ୍ରସ୍ତୁତ କରିବାକୁ ଅଦାଲତ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ଡିଏମ୍‌ଡି ଏକ ବିରଳ ବଂଶଗତ ରୋଗ। ୨ରୁ ୧୮ ବର୍ଷର ବ୍ୟକ୍ତିମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ଚିକିତ୍ସା ବ୍ୟୟବହୁଳ ଓ ଚିହ୍ନଟ ପାଇଁ ରାଜ୍ୟରେ ଆବଶ୍ୟକ ପରୀକ୍ଷା ବ୍ୟବସ୍ଥା ନାହିଁ କି ଚିକିତ୍ସା ଲାଗି କୌଣସି ଡାକ୍ତରଖାନାରେ ସୁବିଧା ନାହିଁ। ସାରା ରାଜ୍ୟରେ ଏଭଳି ବିରଳ ରୋଗରେ ଆକ୍ରାନ୍ତ ୧୫ ଜଣ ଶିଶୁଙ୍କ ମା' ବାପା ଜଣ ପିଛା ପ୍ରାୟ ୧୫ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଏବେ ସେମାନଙ୍କ ପାଖରେ ପିଲାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ଏପରି ରୋଗୀଙ୍କ ଚିକିତ୍ସା ପାଇଁ କିଛି ବ୍ୟବସ୍ଥା ନାହିଁ। ଯଦି ଡିଏମ୍‌ଡିରେ ଆକ୍ରାନ୍ତ ଏହି ଶିଶୁଙ୍କୁ ଏଓଏନ ଥେରାପି ଚିକିତ୍ସା ତୁରନ୍ତ ପ୍ରଦାନ କରା ନ ଯାଏ ତେବେ ସେମାନଙ୍କ ବଞ୍ଚିବା କଷ୍ଟ ହୋଇପଡ଼ିବ। ଏ ନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ପରେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ୨୦୨୨ ମାର୍ଚ୍ଚ ୪ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ୨୦୨୨ ଜୁନ୍ ୨୧ ତାରିଖରେ ଏହି ମାମଲାକୁ ନେଇ ପ୍ରଥମଥର ପାଇଁ ଆବେଦନକାରୀ ଅଂଶୁମାନ ରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡି.ପି. ଧଳଙ୍କ ଜରିଆରେ ହାଇକୋର୍ଟରେ ପିଟିଶନ ଦାଏର କରାଯାଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା–ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

# ଦେଓମାଳି ଓଡ଼ିଶାର ସର୍ବୋଚ୍ଚ ଗିରିଶୃଙ୍ଗ

## ସୂଚନା ଅଧିକାର ଆଇନ ଯୋଗେ ମିଳିଲା ତଥ୍ୟ

**ବଲାଙ୍ଗୀର ଅଫିସ, ୧୬।୯**

ବିଧାନସଭାର ଗତ ମୌସୁମୀ ଅଧିବେଶନରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦେଓମାଳି ଓଡିଶାର ରାଜସ୍ୱ, ଜଙ୍ଗଲ ଓ ପର୍ଯ୍ୟଟନ ବିଭାଗର ଖାତାରେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବାଚସ୍ପତି ଏହି ଘଟଣାରେ ରୁଲିଂ ପ୍ରଦାନ କରି ତିନି ବିଭାଗର ସମନ୍ୱୟ ବୈଠକ କରି ପଦକ୍ଷେପ ନେବାକୁ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ତଥ୍ୟ ମାଗିଥିଲେ। ଦେଶର ସମସ୍ତ ରାଜ୍ୟର ସର୍ବୋଚ୍ଚ ଗିରିଶୃଙ୍ଗ ଓ ଦେଶର ଉଚ୍ଚତମ ଗିରିଶୃଙ୍ଗଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ। ସୂଚନା ଅଧିକାର ଆଇନର ୬(୩) ଧାରା ଅନୁଯାୟୀ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଉତ୍ତରାଖଣ୍ଡର ଆଲମୋରାସ୍ଥିତ ଗୋବିନ୍ଦ ବଲ୍ଲଭ ପନ୍ଥ ରାଷ୍ଟ୍ରୀୟ ହିମାଳୟୀ ପର୍ଯ୍ୟାବରଣ ସଂସ୍ଥାନ (ଏନଆଇଏଚଇ)କୁ ତଥ୍ୟ ପ୍ରଦାନ କରିବା ପାଇଁ ପଣ୍ଡାଙ୍କ ଆବେଦନକୁ ହସ୍ତାନ୍ତର କରିଥିଲେ।



ଏନ୍‌ଆଇଏଚ୍‌ଇ ପଣ୍ଡାଙ୍କୁ ପ୍ରଦାନ କରିଥିବା ତଥ୍ୟରେ ଓଡିଶାର ସର୍ବୋଚ୍ଚ ପର୍ବତ ଭାବେ ପୂର୍ବାଞ୍ଚଳ ଘାଟର ଦେଓମାଳିର ନାମ ରହିଛି। ପଡୋଶୀ ଆନ୍ଧ୍ରପ୍ରଦେଶର ସର୍ବୋଚ୍ଚ ପର୍ବତର ନାମ ଆର୍ମା କୋଣ୍ଡା ରହିଛି।

ସୂଚନା ଅଧିକାର କର୍ମୀ ପଣ୍ଡାଙ୍କୁ ମିଳିଥିବା ରାଜ୍ୟୱାରି ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ଗିରିଶୃଙ୍ଗ ତାଲିକାରେ ସିକ୍କିମରେ ଅବସ୍ଥିତ ୮୫୯୮ ମିଟର ଉଚ୍ଚତା ବିଶିଷ୍ଟ ପୂର୍ବାଞ୍ଚଳ ହିମାଳୟର କାଞ୍ଚନଜଂଘା ସର୍ବୋଚ୍ଚ ସ୍ଥାନରେ ଥିବା ବେଳେ ବିହାରର ଦକ୍ଷିଣ ଚମ୍ପାରନ ଜିଲାର ୮୮୦ ମିଟର ଉଚ୍ଚତା ବିଶିଷ୍ଟ ଶିବାଳିକ ହିଲ୍ସ ସର୍ବନିମ୍ନ ସ୍ଥାନରେ ରହିଛି। ଓଡିଶାର ଦେଓମାଳିପର୍ବତର ଉଚ୍ଚତା ୧୬୭୨ ମିଟର ରହିଥିବାବେଳେ ୨୮ଟି ରାଜ୍ୟ ମଧ୍ୟରେ ୧୬ ନମ୍ବରରେ ରହିଛି। ଆନ୍ଧ୍ରର ପୂର୍ବାଞ୍ଚଳ ଘାଟ ଅନ୍ତର୍ଗତ ୧୬୮୦ ମିଟର ଉଚ୍ଚତା ବିଶିଷ୍ଟ ଆର୍ମାକୋଣ୍ଡା ପର୍ବତ କ୍ରମିକ ଭାବେ ୧୫ ନମ୍ବରରେ ରହିଛି। ତଥ୍ୟରେ ପ୍ରଦାନ କରାଯାଇଥିବା ଦେଶର ସର୍ବୋଚ୍ଚ ୪୯ଟି ଗିରିଶୃଙ୍ଗ ମଧ୍ୟରେ ଦେଓମାଳି ନାହିଁ। ବିଧାନସଭାରେ ମନ୍ତ୍ରୀମାନେ ଉତ୍ତର ଦେବାବେଳେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ଉତ୍ତର ଦେବା ଆବଶ୍ୟକତା ରହିଛି। ସୀମା ବିବାଦ ଚାଲିଥିବା ବେଳେ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ସହିତ ସମ୍ପୃକ୍ତ ବିଷୟବସ୍ତୁ ଉପରେ ସମସ୍ତ ତଥ୍ୟ ଓଡିଶା ସରକାର ସଂଗ୍ରହ କରିବା ଆବଶ୍ୟକତା ରହିଛି। ମନ୍ତ୍ରୀ ସବୁଠାରୁ ସହଜ କଥା ଦେଓମାଳି ରେକର୍ଡ ଓଡିଶାରେ ନାହିଁ ବୋଲି ବିଧାନସଭାରେ କହିବା ଦ୍ୱାରା ରାଜ୍ୟର ସୀମା ପ୍ରସଙ୍ଗକୁ ଗୁରୁତ୍ୱହୀନ କରିଛନ୍ତି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ରାଜ୍ୟର ଭୌଗୋଳିକ ସ୍ଥିତି ବିଷୟରେ ଯଦି ମନ୍ତ୍ରୀମାନେ ଠିକ ଉତ୍ତର ରଖିବେ ନାହିଁ ତାହେଲେ ସଚେତନ ନାଗରିକମାନେ ବ୍ୟଥିତ ହେବା ସ୍ୱାଭାବିକ ବୋଲି ପଣ୍ଡା କହିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଏହି ତଥ୍ୟ ଆଧାରରେ ଓଡିଶା ସରକାର ଜଙ୍ଗଲ ବିଭାଗ ଦେଓମାଳିକୁ ଖାତାରେ ଉଲ୍ଲେଖ କରିବା ପାଇଁ ଅସୁବିଧା ନାହିଁ ବୋଲି ପଣ୍ଡା କହିଛନ୍ତି।



ଶିଳ୍ପାଞ୍ଚଳରେ ନିଯୁକ୍ତି ଦାବି ନେଇ ୟୁଥ୍ ଫର ଆକ୍ସନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ଘେରାଉ ବେଳେ ପୋଲିସ ସହ ଧସ୍ତାଧସ୍ତି।

# ଅକ୍ଟୋବରରୁ ଗାଡ଼ି ପଛରେ ରିଫ୍ଲେକ୍ଟିଭ ଟେପ୍ ବାଧ୍ୟତାମୂଳକ

## ରାଜ୍ୟ ସଡ଼କ ନିରାପତ୍ତା ପରିଷଦର ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଡ଼କ ନିରାପତ୍ତା ପରିଷଦର ଉଚ୍ଚସ୍ତରୀୟ ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମନ୍ତ୍ରୀ କହିଛନ୍ତି ଯେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଆମ ଦେଶର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଓଡ଼ିଶାରେ ମଧ୍ୟ ଏହି ସ୍ଥିତି ଚିନ୍ତାଜନକ। ଏଥିପାଇଁ ବ୍ୟାପକ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା, ଟ୍ରାଫିକ୍ ନିୟନ୍ତ୍ରଣ, ରାସ୍ତା ମରାମତି ଇତ୍ୟାଦିର ଆବଶ୍ୟକତା ରହିଛି।

ବୈଠକରେ ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ସଂଶ୍ଳିଷ୍ଟ କରି ସଡ଼କ ସୁରକ୍ଷା ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁଇଚକିଆ ଯାନଚାଳକଙ୍କ ନିମନ୍ତେ ହେଲ୍‌ମେଟ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ସହ ସହର ମଧ୍ୟକୁ ଭାରିଯାନ ଚଳାଚଳ ଉପରେ କଟକଣା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜାତୀୟ ରାଜପଥ ନିର୍ମାଣ ଏବଂ ମରାମତି, ମଙ୍ଗୁଳି ଛକଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରିତ କରିବା, ନିଶାଦ୍ରବ୍ୟ ସେବନ କରି ଗାଡ଼ିଚାଳନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ରାସ୍ତା ନିର୍ମାଣ ଓ ମରାମତି ସମ୍ପର୍କିତ ଗୁଣବତ୍ତା ଉପରେ ଗୁରୁତ୍ୱ, ଆସନ୍ତା ଅକ୍ଟୋବରରୁ ଗାଡ଼ି ପଛରେ ରିଫ୍ଲେକ୍ଟିଭ୍ ଟେପ୍‌କୁ ବାଧ୍ୟତାମୂଳକ କରିବା, ଜାତୀୟ ରାଜପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ଭୁବନେଶ୍ୱର–କଟକ ରାସ୍ତାରେ ଲେନ୍ ଡ୍ରାଇଭିଂ ବ୍ୟବସ୍ଥାର ପ୍ରଚଳନ ଆଦି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ସଡ଼କ ପରିବହନ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ, ଟ୍ରକ୍ ଓ ବସ୍ ମାଲିକ ସଂଘର କର୍ମକର୍ତ୍ତା ଏବଂ ପରିବହନ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲଜ୍‌ରୁ ୫୮ ଲକ୍ଷ ଟଙ୍କା ଜବତ, ୭ ଗିରଫ

**ବଲାଙ୍ଗୀର ଅଫିସ, ୧୬।୯**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଅନ୍ନପୂର୍ଣ୍ଣା ଲଜ୍‌ରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୫୮ ଲକ୍ଷ ୫୬ ହଜାର ଟଙ୍କା ଜବତ କରିବା ସହ ବାହାର ରାଜ୍ୟର ୭ ଜଣଙ୍କୁ ଗିରଫ କରିଛି। ଘଟଣା ସମ୍ପର୍କରେ ଶୁକ୍ରବାର କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷିକେଶ ମେହେର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଗୁରୁବାର ରାତିରେ ଏହି ଲଜ୍‌ରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୋଲିସ ଟିମ୍ ରାତିଅଧିଆ ଉକ୍ତ ଲଜ୍‌ରେ ଚଢ଼ାଉ କରିଥିଲା। ସେଠାରୁ ତେଲଙ୍ଗାନା ପ୍ରଦେଶରୁ ଆସି ଜୁଆ ଖେଳୁଥିବା ୭ ଜଣଙ୍କୁ ଅଟକ ରଖିଥିଲା। ତାଙ୍କଠାରୁ ୪ ପ୍ୟାକେଟ୍ ତାସ, ୭ଟି ମୋବାଇଲ ଫୋନ୍ ଏବଂ ୫୮ ଲକ୍ଷ ୫୬ ହଜାର ଟଙ୍କା ଜବତ କରାଯାଇଛି। ପୋଲିସ ଜୁଆଖେଳ ଦର୍ଶାଇ ଯେଉଁମାନଙ୍କୁ ଅଟକ ରଖିଛି ପ୍ରକୃତରେ ସେମାନେ ରାଜ୍ୟ ବାହାରର ଦାଦନ ସର୍ଦ୍ଦାର ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ମିଳିଥିବା ସୂଚନା ମୁତାବକ କଣ୍ଟାବାଞ୍ଜି ତହସିଲଦାର ଥାନାକୁ ଯାଇ ଏ ସଂକ୍ରାନ୍ତରେ ପଚରାଉଚରା କରିଛନ୍ତି।

DHARITRI

ଭୁବନେଶ୍ୱର, ଶନିବାର, ୧୭ ସେପ୍ଟେମ୍ବର, ୨୦୨୨

## ପଳାତକ ଘୋଷିତ ଜଗା ଭୁବନେଶ୍ୱରରୁ ଗିରଫ

ଧରାକୋଟ,୧୬।୯ (ଡି.ଏନ୍.ଏ.)/ ଭୁବନେଶ୍ୱର (ବ୍ୟୁରୋ): ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମର ଅଭିଯୁକ୍ତ ଜଗନ୍ନାଥ ପାତ୍ର ଓରଫ ଜଗାଙ୍କୁ ପୋଲିସ ଶୁକ୍ରବାର ଭୋରରେ ଭୁବନେଶ୍ୱର ଖଣ୍ଡଗିରି ନିକଟରୁ ଗିରଫ କରିଛି। ଧରାକୋଟ ଓ ଆସିକା ଥାନା ଇଲାକାରେ ଜଗା ଭୟର ବାତାବରଣ ସୃଷ୍ଟି କରିବା ସହ ତାଙ୍କ ନାଁରେ ଡକାୟତି, ଚୋରି, ଜାତିଆଣ ଆକ୍ଷେପ, ଗାଳିଗୁଲଜ, ଧମକ, ହତ୍ୟା ଓ ହତ୍ୟା ଉଦ୍ୟମ ଭଳି ୧୯ଟି ମାମଲା ରହିଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଜଗାଙ୍କ ନାଁରେ ପଳାତକ ନୋଟିସ ଜାରି ହୋଇଥିଲା।



### ସଂକ୍ଷେପରେ

## ଗୀତି ସାହିତ୍ୟ ପାଇଁ ବସନ୍ତ, ଶଶିଭୂଷଣ ସମ୍ମାନିତ

### କାଳିନ୍ଦୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ନାଟ୍ୟକାର, କବି ଏବଂ ଓଡ଼ିଶୀ ନୃତ୍ୟ ସଙ୍ଗୀତର ଗବେଷକ କବିଚନ୍ଦ୍ର କାଳିନ୍ଦୀଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। କଳା ସୌରଭ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ପଟ୍ଟନାୟକଙ୍କର ଏହି ସଭାକୁ ଗୀତିକବି ଗୌର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏକ ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥିଲା। ଏହାକୁ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଲେଖକ ଡ. ରବିନାରାୟଣ ସେନାପତି ଯୋଗଦେଇ କବିଚନ୍ଦ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବସନ୍ତ କୁମାର ଦାସ ଏବଂ ଶଶିଭୂଷଣ ବେହେରାଙ୍କୁ ଗୀତି ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ମାନିତ କରାଯାଇଥିଲା। ଦେବାଶିଷ ମହାପାତ୍ର, ସିଦ୍ଧାର୍ଥ ମିଶ୍ର, ସୁବାସ ରାମ, ସୁସ୍ମିତା ଦାସ, ବନ୍ଦିତା ରାୟ, ଛନ୍ଦା ମିଶ୍ର, ଚନ୍ଦ୍ରିକା ଦାସ ପ୍ରମୁଖଙ୍କ ସଙ୍ଗୀତରେ ଉପସ୍ଥିତ ଦର୍ଶକ ମୁଗ୍ଧ ହୋଇଥିଲେ। ଡ. ଲିଙ୍ଗରାଜ ରଥ ଧନ୍ୟବାଦ ଦେଇଥିଲେ।

## ୫ ଛାତ୍ରୀଛାତ୍ରଙ୍କୁ ବିଜୟିନୀ ସମ୍ମାନ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଶୁକ୍ରବାର ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ନବମ ବିଜୟିନୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର୍ ପ୍ରଫେସର ଅପରାଜିତା ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଡ. କେଶବ ଚନ୍ଦ୍ର ଶତପଥି, ଡ. ପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଡ. ଗୌରହରି ଦାସ କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ। ୫ଜଣ କୃତୀ ଛାତ୍ରୀଛାତ୍ର ଧରିତ୍ରୀ ଖଣ୍ଡୁଆଳ, ବିକାଶ ଚନ୍ଦ୍ର ସାହୁ, ତ୍ରିଶାଜ୍ୟୋତି ମହାପାତ୍ର, ସାଗରିକା ମହାରଣା ଓ ଆଦ୍ୟାଶା ମହାନ୍ତିଙ୍କୁ 'ବିଜୟିନୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ପ୍ରେରଣା ବିଶ୍ୱାଳ ଅତିଥି ପରିଚୟ, ବିଜୟିନୀ ସ୍ମୃତି ଟ୍ରଷ୍ଟର ଚେୟାରମ୍ୟାନ ଡ. ଇନ୍ଦ୍ରମଣି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା 'ବିଜୟିନୀ-୨୦୨୨' ମାଗାଜିନ ଲୋକାର୍ପିତ ହୋଇଥିଲା।

## ସଫେଇ କର୍ମଚାରୀ ନିଯୁକ୍ତିରେ ଠକେଇ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୧୬।୯(ଡିଏନ.ଏ.): କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀ ନିଯୁକ୍ତି ଓ ଏ ବାବଦ ୫୦ ପ୍ରତିଶତ ଟଙ୍କା ନିଯୁକ୍ତି ସଂସ୍ଥା ଠକେଇ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ସେଲ୍ ଡିଏସ୍‌ପିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ହସ୍ପିଟାଲ ସ୍ୱଚ୍ଛ ରଖିବା ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ ୩ବର୍ଷିଆ ଚୁକ୍ତିରେ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିଲା। ଏକ ସଂସ୍ଥା କାର୍ଯ୍ୟ ପରିଚାଳନାରେ ବ୍ୟତିକ୍ରମ କରୁଥିବା ନେଇ ଅଭିଯୋଗ ହୋଇଥିଲା। ହସ୍ପିଟାଲରେ ୨୪୪ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ସର୍ତ୍ତ ରହିଥିଲା। ହେଲେ ଉକ୍ତ ସଂସ୍ଥା ୫୦ ପ୍ରତିଶତ ସଫେଇ କର୍ମଚାରୀଙ୍କୁ ନେଇ ଗତ ୨୦ମାସ ମଧ୍ୟରେ ୪କୋଟି ୬୪ଲକ୍ଷ ୩୮ହଜାର ୮୦ଟଙ୍କା ନେଇଛି। ଘଟଣାର ଅନୁସନ୍ଧାନ କରାଯାଇ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ଅଧ୍ୟକ୍ଷ ଭାଷ୍ମ ନାରାୟଣ ନାୟକ ଦାବି କରିଛନ୍ତି। ସରୋଜ ମିଶ୍ର, ସୌମ୍ୟରଞ୍ଜନ ପଣ୍ଡା, ଲତା ପଟ୍ଟନାୟକ, ରାଜେଶ ମିଶ୍ର, ନିରଞ୍ଜନ ରାଉତ, ବିଜୟ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ପୁଅ ସମେତ ୧୫ ଗିରଫ

### ନିଶା ରୋକିବାକୁ କମିଶନରେଟ ପୋଲିସର ଚଢ଼ାଉ ଜୋର୍‌ଦାର

- ୧୪୭ ଗ୍ରାମ ବ୍ରାଉନସୁଗାର, ୨୬ କେଜି ଗଞ୍ଜେଇ ଜବତ
- ୩ଦିନରେ ଗିରଫ ହେଲେଣି ୩୫ରୁ ଊର୍ଦ୍ଧ୍ୱ ନିଶା ବେପାରୀ

ଭୁବନେଶ୍ୱର ୧୬।୯ (ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ବ୍ରାଉନସୁଗାର, ଗଞ୍ଜେଇ ଆଦି ନିଶା କାରବାର ବଢ଼ି ଚାଲିଛି। ନିଶା କବଳରେ ପଡି ସହରର ଯୁବପିଢି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଛନ୍ତି। ତେଣୁ ନିଶା କାରବାର ରୋକିବା ପାଇଁ କମିଶନରେଟ ପୋଲିସ ଟିମ୍ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ବୁଧବାର ଓ ଗୁରୁବାର ବିଭିନ୍ନ ଥାନା ଅଞ୍ଚଳରୁ ମୋଟ ୨୦ରୁ ଅଧିକ ନିଶାବେପାରୀଙ୍କୁ ଗିରଫ କରାଯାଇଥିବାବେଳେ ଶୁକ୍ରବାର ୧୦ ଥାନା ପକ୍ଷରୁ ମା'ପୁଅଙ୍କ ସହ ଆଉ ୧୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମୋଟ ୧୪୭ ଗ୍ରାମ ବ୍ରାଉନସୁଗାର, ୪ ହଜାର ୩୦୦ ଟଙ୍କା ଓ ୨୬.୪୪୮ କେଜି ଗଞ୍ଜେଇ ଜବତ କରାଯାଇଛି ।
ଏୟାରପୋର୍ଟ ଥାନା ପୋଲିସ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ପୁରୀ ଜିଲାର ଦୀପକ ମହାପାତ୍ରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୨.୩୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେହିପରି କ୍ୟାପିଟାଲ ଥାନା ପୋଲିସ ୟୁନିଟ୍-୬ କାଳିମନ୍ଦିର ବସ୍ତିରେ ରହୁଥିବା ନୟାଗଡର ମହାଦେବ ନାୟକଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେହିଭଳି ନନ୍ଦନକାନନ ଥାନା ପୋଲିସ ରଘୁନାଥପୁର ଗ୍ରାମର ପଞ୍ଚାନନ ରାଉତ ଓ ଦୀପକ ଜେନାଙ୍କଠାରୁ ୨୨ ଗ୍ରାମ ବ୍ରାଉନସୁଗାର ଓ ୫୦୦ ଟଙ୍କା ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଥାନା ପୋଲିସ ହଳଦିପଡିଆ ବସ୍ତିର ପ୍ରମୋଦ କୁମାର ମହାନ୍ତିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଭରତପୁର ପୋଲିସ କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର ବନମାଳୀ ସାହୁ ଓ ଖୋର୍ଦ୍ଧା ଜିଲାର ସୁକାନ୍ତ ବେହେରାଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୧୨ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଇନ୍‌ଫୋସିଟି ଥାନା ପୋଲିସ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ପ୍ରୀତିରଞ୍ଜନ ବିଶ୍ୱାଳ, ଖୋର୍ଦ୍ଧା ଜିଲାର ସେକ୍ ଆଶିକୁଲଙ୍କୁ ଗିରଫ କରିବା ସହ ୧୮ ଗ୍ରାମ ବ୍ରାଉନସୁଗାର ଓ ନଗଦ ୭୯୦ ଟଙ୍କା ଜବତ କରିଛି। ତମାଣ୍ଡୋ ଥାନା ପୋଲିସ ୨୧.୧୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଖୋର୍ଦ୍ଧା ଜିଲାର ଲକ୍ଷ୍ମୀଧର ସେଠୀଙ୍କୁ ଗିରଫ କରିଛି। ସେହିଭଳି ଏୟାରଫିଲ୍ଡ ଥାନା ପୋଲିସ ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳର ବଳରାମ ସାହୁ ନାମକ ଜଣେ ବୃଦ୍ଧଙ୍କୁ ଗିରଫ କରିବା ସହ ୧୧.୯୫ ଗ୍ରାମ ବ୍ରାଉନସୁଗାର ଓ ନଗଦ ୩ ହଜାର ୧୦ ଟଙ୍କା ଜବତ କରିଛି। ଅନ୍ୟପଟେ ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ମା' ଓ ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ବାଜପେୟୀ ନଗରର ଚନ୍ଦୁରୀ ନାୟକ ଓ ସିଲୁ ନାୟକ। ସେମାନଙ୍କଠାରୁ ୨୧.୬୨୫ କେଜି ଗଞ୍ଜେଇ ଜବତ କରାଯାଇଥିବାବେଳେ ଚନ୍ଦକା ଥାନା ପୋଲିସ ୪ କେଜି ୮୨୩ ଗ୍ରାମ ଗଞ୍ଜେଇ ଓ ଗୋଟିଏ ସ୍କୁଟି ଜବତ କରିଥିବାବେଳେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅଞ୍ଚଳର ପ୍ରତାପ ନାୟକ ଓ ଅଭିମନ୍ୟୁ ବଡଜେନା।

### ସାଇବର ଠକେଇ

## ଗେମିଂ ଆପ୍‌ରେ ଫସିଲେ ଶିକ୍ଷକ

### ଆକାଉଣ୍ଟରୁ କଟିଗଲା ୧.୮୦ ଲକ୍ଷ

ଭୁବନେଶ୍ୱର ୧୬।୯ (ବ୍ୟୁରୋ)

ଗେମିଂ ଆପ୍‌ରେ ରିୱାର୍ଡ ପାଇବା ଆଶାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଜଣେ ଶିକ୍ଷକ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଶିକ୍ଷକଙ୍କ ପୁଅ ଶକ୍ତି ସ୍ୱରୂପ ପତି ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।
ଅଭିଯୋଗ ଅନୁଯାୟୀ, ଶିକ୍ଷକ ଜଣକ ତାଙ୍କ ମୋବାଇଲରେ କେପିପି ମଲ୍ ଡଟ୍ କମ୍ ନାମକ ଏକ ଗେମିଂ ଆପ୍ ଡାଉନ୍‌ଲୋଡ କରି ଗେମ୍ ଖେଳୁଥିଲେ। ଉକ୍ତ ଆପ୍‌ରେ ପଇସା ଆକାରରେ ପଏଣ୍ଟ ମିଳିଥାଏ। ପଏଣ୍ଟ ଜିତିବା ପରେ ଏହାକୁ ଟଙ୍କାରେ ପରିବର୍ତ୍ତନ କରାଯିବ ବୋଲି ଆପ୍ ଗାଇଡ୍‌ଲାଇନ୍‌ରେ ରହିଥିଲା। ଗେମ୍ ଖେଳିବା ସମୟରେ ଉକ୍ତ ଆପ୍‌ରେ ୩ ଲକ୍ଷ ଜିତିଥିବା ଶିକ୍ଷକଙ୍କୁ ସଂସ୍ଥା ପକ୍ଷରୁ ସୂଚନା ଦିଆଯିବା ସହ ଏଥିପାଇଁ ୮୦ ହଜାର ଟଙ୍କା ଟ୍ୟାକ୍ସ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏଥିସହ ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ଏକ ଲିଙ୍କ୍ ପଠାଯାଇ ଉକ୍ତ ଟ୍ୟାକ୍ସକୁ ସେଥିରେ ଭରିବାକୁ ପରାମର୍ଶ ଦିଆଯାଇଥିଲା। ସେହି ଅନୁଯାୟୀ, ଉକ୍ତ ଲିଙ୍କକୁ ଶିକ୍ଷକ କ୍ଲିକ୍ କରିବା ପରେ ତାଙ୍କ ମୋବାଇଲରେ ଆନିଡେସ୍କ ନାମକ ଏକ ଆପ୍ ଡାଉନ୍‌ଲୋଡ ହୋଇଥିଲା। ଉକ୍ତ ଆପ୍‌ରେ ସେ ମୋବାଇଲ ନମ୍ବର ସହ ଓଟିପି ଦେବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୮୦ ହଜାର ଟଙ୍କା କଟିଯାଇଥିଲା।

## ବୁଲାକୁକୁରକୁ ଚିକିତ୍ସା କରିବାକୁ ଯାଇ ୫ ହଜାର ହରାଇଲେ ଛାତ୍ରୀ

ଭୁବନେଶ୍ୱର ୧୬।୯ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାରରେ ରହୁଥିବା ଜଣେ ବି.ଟେକ୍ ଛାତ୍ରୀ ଆଶାବତୀ ଜେନା ଦୁର୍ଘଟଣାରେ ଆହତ ହୋଇଥିବା ବୁଲାକୁକୁରକୁ ଚିକିତ୍ସା କରିବାକୁ ଯାଇ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କଠାରୁ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗୁରୁବାର ଏକ ବୁଲା କୁକୁରକୁ ଆହତ ଅବସ୍ଥାରେ ଦେଖି ଚିକିତ୍ସା କରିବାକୁ ଚାହିଁଥିଲେ। ତେଣୁ ସେ ଇଣ୍ଟର୍‌ନେଟ୍‌ରେ ଆନିମଲ୍ କେୟାର ହେଲ୍ପ ଲାଇନ ନମ୍ବର ସର୍ଚ୍ଚ କରିଥିଲେ। ଏହା ପରେ ଏକ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନମ୍ବର (୮୨୪୯୪୦୯୫୦୭) ଆସିଥିଲା। ଉକ୍ତ ନମ୍ବରକୁ ସେ କଲ୍ କରିବାରୁ ତାଙ୍କୁ ଏକ ଲିଙ୍କ୍ ପଠାଯାଇଥିଲା। ଏଥିସହ ସାଇବର ଠକଙ୍କ କହିବାନୁସାରେ ସେ ଉକ୍ତ ଲିଙ୍କ୍‌କୁ କ୍ଲିକ କରିବା ପରେ ଏକ ଆପ୍ ଡାଉନ୍‌ଲୋଡ ହୋଇଥିଲା। ସେଥିରେ ପଞ୍ଜୀକୃତ କରି ୫ ଟଙ୍କା ପଠାଇ ଥିଲେ ଯୁବତୀ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା କଟିଯାଇଥିଲା।

### ନିର୍ଦ୍ଦେଶ ଅବମାନନାର ଜବାବ ଦେଲା ବିଏମ୍‌ସି

# ଭଙ୍ଗାହେଲା ମଟନ ହୋଟେଲ



ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ନିୟମ ଉଲ୍ଲଂଘନ କରି ବ୍ୟବସାୟ କରିବା ଓ ପରେ ବିଏମ୍‌ସି ନିର୍ଦ୍ଦେଶକୁ ଅବମାନନା କରିବା ଶେଷରେ ମହଙ୍ଗା ପଡିଛି। ଦୂରଦର୍ଶନ କେନ୍ଦ୍ର ନିକଟରେ ଥିବା ଭୁବନେଶ୍ୱରର ପ୍ରସିଦ୍ଧ କିଶୋର ଭାଇନା ହୋଟେଲକୁ ବିଏମ୍‌ସି ଓ ବିଡିଏ ପକ୍ଷରୁ ବୁଲ୍‌ଡୋଜର ଚଲାଇ ଭାଙ୍ଗି ଦିଆଯାଇଛି।
ବିଏମ୍‌ସି ପକ୍ଷରୁ ଛୋଟ ବଡ଼ ହୋଟେଲ ଓ ଦୋକାନ ଉପରେ ଚଢାଉ କରି ସ୍ୱଚ୍ଛତା ସହ ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ବୁଧବାର ବିଏମ୍‌ସିର ଖାଦ୍ୟ ନିରାପତ୍ତା ଟିମ୍ କିଶୋର ଭାଇନା ହୋଟେଲରେ ଯାଞ୍ଚ ସମୟରେ ସେଠାରୁ ବାସି କଙ୍କଡ଼ା, ଏକ୍ସପାରୀ ସସ୍, ଫୁଡ୍ କଲର ଜବତ କରିଥିଲ। ସେହିପରି ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ଦେଖି ରେଜିଷ୍ଟ୍ରେଶନ୍ ରଦ୍ଦ ସହ ସିଲ୍ କରାଯାଇ ଥିଲା। ମାତ୍ର ବିଏମ୍‌ସିର ନାଲି ଆଖିକୁ ଖାତିର୍ ନ କରି ଗୁରୁବାର ସ୍ୱାଭାବିକ ଭାବେ ହୋଟେଲ ଖୋଲାଯାଇଥିଲା। ହୋଟେଲ୍ ସିଲ୍ ପରେ ବିନା ଅନୁମତିରେ କିପରି ବ୍ୟବସାୟ ଚାଲିଲା, ଏନେଇ ବିଏମ୍‌ସିର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିଥିଲା। ଶୁକ୍ରବାର ଏହାର ଜବାବ ଦେଇଥିଲା ବିଏମ୍‌ସି। ସରକାରୀ ଜମି ଉପରେ ସମ୍ପୃକ୍ତ ହୋଟେଲ ରହିଥିବା ଜାଣିବା ପରେ ବିଏମ୍‌ସି ଓ ବିଡିଏର ମିଳିତ ଟିମ୍ ସଙ୍ଗେ ସଙ୍ଗେ ବୁଲ୍‌ଡୋଜର ବୁଲାଇ ହୋଟେଲ୍‌କୁ ଭଙ୍ଗା ଯାଇଥିଲା। ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, କାହାକୁ ଟାର୍ଗେଟ କରାଯାଉନାହିଁ। ସ୍ୱଚ୍ଛତା, ପରିମଳ, ଟ୍ରାଫିକ୍ ସମସ୍ୟା, ଜବରଦଖଲ, ଫୁଡ୍ ଲାଇସେନ୍ସ କିମ୍ବା ଟ୍ରେଡ୍ ଲାଇସେନ୍ସ ନ ଥିବା ସଂସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଦୂରଦର୍ଶନ ଅଫିସ୍ ନିକଟ ରାସ୍ତା କଡ଼ରେ ଥିବା ଏହି ହୋଟେଲ ଜବରଦଖଲ ସହିତ ପରିବେଶ ନଷ୍ଟ ନେଇ ଅଞ୍ଚଳବାସୀଙ୍କଠାରୁ ବହୁ ପୂର୍ବରୁ ଅଭିଯୋଗ ଆସୁଥିଲା। ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ନୋଟିସ୍ ଦିଆଯାଇଥିଲେ ବି ସେ ଏହାର ଖିଲାପ କରିଥିଲେ। ଯେ କେହି ନିୟମ ଖିଲାପ କରିବେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ।

**ହୋଟେଲ୍ ଭାଙ୍ଗିବା ସାର୍‌ଙ୍କ ହାତର କଥା...**

କିଶୋର ଭାଇନା କହିଛନ୍ତି, ବିଏମ୍‌ସି ମୋ ହୋଟେଲ୍ ସିଲ୍ କରି ନ ଥିଲେ। କିଛି ଚିଠି ଦେଇ ନାହାନ୍ତି କି ନୋଟିସ୍ ମାରି ନାହାନ୍ତି। ହୋଟେଲ୍ ଭାଙ୍ଗିବା ସାର୍‌ଙ୍କ ହାତର କଥା। ୨୦ ବର୍ଷ ତଳେ ମୁଁ ଲାଇସେନ୍ସ କରିଥିଲି। ସେତେବେଳେ ଠେଲା ଗାଡ଼ିରେ ଦିନକୁ ୨ରୁ ୩ କିଲୋ ଚାଉଳ ବେପାର ହେଉଥିଲା। ଏହାପରେ ଆଉ ଲାଇସେନ୍ସ କରି ନ ଥିଲି। ସେଥିରେ ବେପାର ଚାଲିଥିଲା। ଆଉଥରେ ଲାଇସେନ୍ସ କରିବାକୁ ହେବ ବୋଲି ଜାଣି ନ ଥିଲି। ସାର୍ ବି କେହି କିଛି କହି ନ ଥିଲେ।

## ଭେଗି ହଗ ରେଷ୍ଟୁରାଣ୍ଟ ଉଚ୍ଛେଦ, ୱାର୍ଡ ଅଫିସ୍ ନିର୍ମାଣ ହେବ




ଭେଗି ହଗ ରେଷ୍ଟୁରାଣ୍ଟ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ୱାର୍ଡ ନଂ. ୩୭ ଅନ୍ତର୍ଗତ ନୟାପଲ୍ଲୀରେ ୱାର୍ଡ ଅଫିସ ପାଇଁ ଭେଗି ହଗ ରେଷ୍ଟୁରାଣ୍ଟକୁ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନରୁ ପ୍ଲଟ ନଂ. ୮୯୨(ପି)/ ୪୩୫୯(ପି)/୪୩୬୦(ପି)/୪୩୬୧(ପି)କୁ ବିନୟକୃଷ୍ଣ ଦାସ ନାମକ ବିଲ୍ଡର ଜବରଦଖଲ କରି ଭଡ଼ାରେ ଲଗାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୂର୍ବରୁ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ମାତ୍ର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଧରି ସେ ଦୀର୍ଘଦିନ ହେବ ଏହି ଜମିକୁ ଜବରଦଖଲ କରି ରଖିଥିଲେ। ଶୁକ୍ରବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଏନଫୋର୍ସମେଣ୍ଟ ଟିମ ନୟାପଲ୍ଲୀ ଠାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ବିଲ୍ଡର ଜଣକ ୦.୨୪୩ ଡିସିମିଲର ସରକାରୀ ଜମି ମାଡ଼ି ବସି ଏକ ହୋଟେଲକୁ ଭଡ଼ା ଦେଇଥିବାବେଳେ ଏକ ବଡ଼ ଅଞ୍ଚଳକୁ ପାର୍କିଂସ୍ଥଳ ଭାବେ ବ୍ୟବହାର କରୁଥିଲେ। ଫଳରେ ବିଡିଏ ପକ୍ଷରୁ ସମ୍ପୃକ୍ତ ସ୍ଥାନକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦରେ ୧୨୦୦ ବର୍ଗଫୁଟର ହୋଟେଲ, ଗୋଟିଏ ଶୌଚାଳୟ ସହିତ ପ୍ରାୟ ୦.୨୪୩ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଶନିବାର ଏଠାରେ ସରକାରୀ ଫଳକ ଲଗାଯିବ। ଏହା ସହିତ ସେହି ଜମିରେ ୱାର୍ଡ ଅଫିସ ନିର୍ମାଣ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଇଗିଣିଆ ମୌଜାର ପ୍ଲଟ ନମ୍ବର-୧୩୭ରେ ହୋଇଥିବା ଦ୍ୱିତୀୟ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ୨ଟି ଆଜବେଷ୍ଟସ ଘରକୁ ଭଙ୍ଗା ଯାଇଛି।

## ଷ୍ଟାର୍ଟଅପ୍ ମାଧ୍ୟମରେ ଇଞ୍ଜିନିୟର ବେକାରୀ ଦୂରୀକରଣ ସମ୍ଭବ




ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ଓଡ଼ିଶା ବିଜ୍ଞାନ ମଣ୍ଡଳ ଏବଂ ସିଆଇଏମ୍‌ଇ କଲେଜର ମିଳିତ ସହଯୋଗରେ କଲେଜ ପ୍ରେକ୍ଷାଳୟରେ ଇଞ୍ଜିନିୟରର୍ସ ଡେ' ପାଳିତ ହୋଇଯାଇଛି। ଓଡ଼ିଶା ବିଜ୍ଞାନ ମଣ୍ଡଳ ସଭାପତି ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରି ଇଞ୍ଜିନିୟରିଂ ସିଟ୍ ଖାଲି ପଡୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିସହ ଷ୍ଟାର୍ଟଅପ୍ ମାଧ୍ୟମରେ ଇଞ୍ଜିନିୟର ବେକାରୀ ସମସ୍ୟାର ଦୂରୀକରଣ ସମ୍ଭବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍‌ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ତ୍ୱ ବାସୁ ଯୋଗଦେଇ ସରକାରୀ ଚାକିରି ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିଶ୍ୱରେ ଭାରତର ଅବସ୍ଥିତି ବିଷୟରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ମଣ୍ଡଳର ସଂଗଠନ ସମ୍ପାଦକ ଓ ନାଲକୋର ଗବେଷଣା ବିଭାଗ ଦାୟିତ୍ୱରେ ଥିବା ଉପମହାପ୍ରବନ୍ଧକ ଇଂ ଅରୁଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭାରତୀୟ ସ୍ୱଦେଶୀ ବିଜ୍ଞାନ ସମ୍ପର୍କିତ ଅନେକ ତଥ୍ୟ ଉପସ୍ଥାପନା କରିବା ସହ ସ୍ୱାଧୀନତା ସମୟରେ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ରଘୁନାଥ ସାହୁ, ଇଂ ବିଶେଶ୍ୱରାୟଙ୍କ ଜୀବନ ଦର୍ଶନ ଛାତ୍ର ସମାଜଙ୍କୁ କର୍ତ୍ତବ୍ୟ ପଥରେ ଆଗେଇନେବାକୁ ସଚେତନ କରିବାରେ ସହାୟ ହେବ ବୋଲି କହିଥିଲେ। ମଣ୍ଡଳ ସଂପାଦକ ବୈଜ୍ଞାନିକ ଡ. ବିକାଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୭୩୦ ବୁଣାକାର ନେବେ ପର୍ଯ୍ୟଟନ ପରିଚାଳନା ତାଲିମ

### ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଲେ ୮୦



ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଓଡ଼ିଶାର ୭୩ଟି ହସ୍ତତନ୍ତ କ୍ଲଷ୍ଟରର ୭୩୦ଜଣ ମାଷ୍ଟର ବୁଣାକାର, ପୁରସ୍କାରପ୍ରାପ୍ତ ବୁଣାକାର, ଉଦ୍ୟୋଗୀ ବୁଣାକାର, କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନାକୁ ନେଇ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ କଟକ ହସ୍ତତନ୍ତ ଅଞ୍ଚଳର (ଜୋନ) ବୁଣାକାରଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଗତ ୧୫ ଓ ୧୬ ତାରିଖରେ ବୟନଶିଳ୍ପ ଉପନିର୍ଦ୍ଦେଶକ କଟକ ଦ୍ୱାରା ଆୟୋଜିତ ହୋଇଯାଇଛି। ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନ(ସାଡ଼ାକ୍) ପକ୍ଷରୁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର ୮୦ ଜଣ ବୁଣାକାରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ବୟନଶିଳ୍ପ ଉପନିର୍ଦ୍ଦେଶକ ଅଶୁତୋଷ ମହାନ୍ତି, ସାଡ଼ାକ୍ ସିଇଓ ଦିଲୀପ ବାଗ, ସହକାରୀ ପ୍ରଫେସର ଡ. ବି.ସ୍ୱଜନ, ଭାବତୋଷ ଦେହୁରୀ, ଦେବ ଘଡାଇ ଓ ପ୍ରକାଶ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ୍ ସୂଚନା ଆଦାନପ୍ରଦାନ କରିବାରେ ସହାୟକ ହେବା ସହିତ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଓ ସଶକ୍ତ କରିବ। ହସ୍ତତନ୍ତ ପୁଞ୍ଜିର ପର୍ଯ୍ୟଟନ ବିକାଶ, ଏହି ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଦକ୍ଷତା ବିକାଶ ତାଲିମ ବୁଣାକାରଙ୍କ ପାଇଁ ବିକାଶ ଓ ସଫଳତା ଆଣିଦେବ। ବିଶେଷକରି ଗ୍ରାମାଞ୍ଚଳର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସହିତ ହସ୍ତତନ୍ତ ପରମ୍ପରାକୁ ଏକୀକୃତ କରିବା ହେଉଛି ଏହି ତାଲିମ୍‌ର ଅନ୍ୟତମ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସେମାନଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ ବୋଲି କୁହାଯାଇଛି।

# ଅଭିଯୋଗକାରୀଙ୍କ ପ୍ରତି ବନ୍ଧୁତ୍ୱ ଆଚରଣ କର: ଡିଜିପି

### ମହିଳା, ଶିଶୁ ହେଲ୍ପ ଡେସ୍କ ସଂକ୍ରାନ୍ତୀୟ ୨ ଦିନିଆ କର୍ମଶାଳା



ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୬୦୮ ମହିଳା ଓ ଶିଶୁ ଡେସ୍କଗୁଡିକ କିପରି ସୁବ୍ୟବସ୍ଥିତ ହୋଇପାରିବ ସେ ନେଇ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନ ପରିସରରେ ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ଡିଜିପି ସୁନୀଲ କୁମାର ବଂଶଲ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ସେମାନଙ୍କ ପ୍ରତି ଦୟା ଭାବ ଜାଗ୍ରତ କରିବା ଉପରେ ଡିଜିପି ପରାମର୍ଶ ଦେଇଛନ୍ତି। ପୋଲିସ କର୍ମଚାରୀମାନେ ଅଭିଯୋଗକାରୀଙ୍କ ମାନସିକ ସ୍ଥିତିକୁ ବୁଝି ସେମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ କରିବା ଉଚିତ ବୋଲି ବଂଶଲ କହିଛନ୍ତି। ଯାହାଫଳରେ ଅଭିଯୋଗକାରୀ ଏବଂ ପୋଲିସ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।
ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଅଧିକାରୀଙ୍କ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ମାମଲାଗୁଡିକର ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ସମସ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଜାଣିବା ଉଚିତ ବୋଲି କହିଛନ୍ତି । ଏହାସହ ଅଭିଯୋଗର ତଦନ୍ତ ଏବଂ ଅଗ୍ରଗତି ସମ୍ପର୍କରେ ଅଭିଯୋଗକାରୀଙ୍କୁ ସୂଚାଇଦେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଏଡିଜିପି (ସିଆଇଡି ସିବି) ଅରୁଣ କୁମାର ବୋଥ୍ରା ଯୋଗଦେଇ ସମସ୍ତ ପୋଲିସ ଅଧିକାରୀ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହେଉଥିବା ଅପରାଧକୁ ଗମ୍ଭୀରତାର ସହ ନେବା ଉଚିତ ଏବଂ ସେମାନଙ୍କୁ ସୁରକ୍ଷା ତଥା ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଡିଜିପି (ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା) ରେଖା ଲୋହାନୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଇଲ୍ଡ ଇଣ୍ଡିଆ ଫାଉଣ୍ଡେସନର ମୁଖ୍ୟ ଅନୁରାଧା, ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଡିଏସପି ଇମନ କଲ୍ୟାଣ ନାୟକ, ବିଭିନ୍ନ ଜିଲାର ପୋଲିସ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଡିଜିପି ବଂଶଲ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କର୍ମଶାଳା ୮ଟି ବ୍ୟାଚରେ ଭୁବନେଶ୍ୱର ବାଲେଶ୍ୱର, ରାଉରକେଲା, ସମ୍ବଲପୁରରେ ଅନୁଷ୍ଠିତ ହେବ।

**ଆଜି ପୁରୀ ବେଳାଭୂମିରେ ଏୟାର ଶୋ'**

**ପୁରୀ ଅଫିସ:** ପୁରୀ ବେଳାଭୂମିରେ ଶନିବାର ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ ଏୟାର ଶୋ' ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୨୦ରୁ ୧୧ଟା ମଧ୍ୟରେ ରାଜଭବନ ସମ୍ମୁଖ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଏହି ଶୋ'ର ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯିବ। ତେବେ ଯଦି ପାଣିପାଗ ଠିକ ରହେ ତାହାହେଲେ ପୂର୍ବ ନିର୍ଦ୍ଧାରିତ ୧୮ ତାରିଖରେ ମଧ୍ୟ ବେଳାଭୂମିରେ ଏୟାର ଶୋ ହେବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ୧୮ ତାରିଖରେ ପାଗ ଖରାପ ହେବା ଆଶଙ୍କା ରହିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।



## ସଂକ୍ଷେପରେ

### ଦାଦାବଟି ମାଗି ୩ ଯୁବକ ଜେଲ ଗଲେ

ଭୁବନେଶ୍ୱର ୧୬।୯ (ବ୍ୟୁରୋ) ଜଣେ ଛେନା ଦୋକାନୀଙ୍କୁ ୧୦ ହଜାର ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର ସାଗର ଭୋଇ ଓରଫ ରଘୁଆ, ଧଉଳି ଥାନା ଶିଶୁପାଳଗଡର ଅକ୍ଷୟ କୁମାର ଚମ୍ପତି ଓ ସାଗର ସ୍ୱାଇଁ । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୨୨ଗ୍ରାମ ବ୍ରାଉନସୁଗାର ଜବତ

ବାରଙ୍ଗ,୧୬।୯(ଡି.ଏନ୍.ଏ.) ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ପଞ୍ଚାନନ ରାଉତ ଓ ଦୀପକ ଜେନା। ସେମାନଙ୍କଠାରୁ ୨୨ଗ୍ରାମ ବ୍ରାଉନସୁଗାର ସହ ନଗଦ ୫ସହ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଅଞ୍ଚଳରେ ବ୍ରାଉନସୁଗାର କାରବାର ଅଧିକ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଥାନା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ବିଶେଷ ସୂତ୍ରରୁ ନନ୍ଦନକାନନ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଚା ଦୋକାନରେ ବ୍ରାଉନସୁଗାର ବିକ୍ରି ହେଉଥିବା ପୋଲିସ ଖବର ପାଇଥିଲେ। ଫଳରେ ଉକ୍ତ ଟିମ୍ ବୁଧବାର ସେଠାରେ ଚଢ଼ାଉ କରି ପଞ୍ଚାନନ ଓ ଦୀପକଙ୍କୁ ଧରିଥିଲେ। ଚଢଉ ସମୟରେ ପୋଲିସ ସେମାନଙ୍କଠାରୁ ୨୨ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରି ପଚରାଉଚରା କରି ଗିରଫ କରିଥିଲେ।

# ବାୟୁସେନାର ସାହସିକତା ଦେଖିଲା ରାଜଧାନୀ



### 'ସୂର୍ଯ୍ୟକିରଣ' ଏୟାର ଶୋ' ଦେଖିଲେ ରାଜ୍ୟପାଳ



ଭୁବନେଶ୍ୱର/ବାରଙ୍ଗ,୧୬।୯(ବ୍ୟୁରୋ/ଡି.ଏନ.ଏ.) - ପୂର୍ବାହ୍ନ ୧୦ଟା। ଯେଉଁ ସମୟକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ରାଜଧାନୀବାସୀ। ବାୟୁସେନାର 'ସୂର୍ଯ୍ୟକିରଣ' ଏୟାର ଶୋ' ପାଇଁ ଭୁବନେଶ୍ୱର କୁଆଖାଇ ନଦୀପଠାର ବାଲିଯାତ୍ରା ପଡ଼ିଆରେ ହୋଇଥିଲା ସ୍ୱତନ୍ତ୍ର ଆୟୋଜନ। ଶୋ' ଦେଖିବା ପାଇଁ ସକାଳୁ ସେଠାକୁ ଲୋକଙ୍କ ସୁଅ ଛୁଟିଥିଲା। ପଡ଼ିଆ ସମେତ ନଦୀର ଦୁଇ ପାର୍ଶ୍ୱ ପଠା ବି ଲୋକାରଣ୍ୟ ହୋଇଉଠିଥିଲା। ଠିକ୍ ସମୟରେ ସହର ଉପରେ ପଇଁତରା ମାରି ଘୂରି ବୁଲିଥିଲା ବାୟୁସେନାର ହେଲିକପ୍ଟର। ପରେ ୯ ହକ୍ ବିମାନ ଆକାଶରେ ତା'ର କଳା କୌଶଳ ଦେଖାଇଥିଲା। ପୂର୍ବରୁ ଶୋ' ପାଇଁ ଅଭ୍ୟାସ ଓ ପ୍ରଚାର ହୋଇଥିବାରୁ ଲୋକେ ବିମାନ ଶବ୍ଦ ଶୁଣିବା ମାତ୍ରେ ଘରୁ ବାହାରକୁ ଚାଲି ଆସିଥିଲେ। ଘର ଛାତ ଓ ବାଲ୍‌କୋନିରେ ଲୋକେ ଠିଆ ହୋଇ ବାୟୁସେନାର ସାହସିକତା ଦେଖିଥିଲେ। ମନ, ଦେହରେ ଶିହରି ଉଠିଥିଲା ଦେଶଭକ୍ତି, ବାୟୁସେନାର ଶକ୍ତିର କଥା। ହାତ ଆପଣାଛାଏଁ ଉପରକୁ ଉଠିଯାଇଥିଲା। କିଏ ହାତ ହଲାଇ ସ୍ୱାଗତ କରୁଥିଲା, ତ ଆଉ କିଏ ସଲାମ୍ ଜଣାଉଥିଲେ।

### ସହଯୋଗ କଲେ ବସ୍ତିମିତ୍ର

କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ପାଇଁ ବ୍ୟାପକ କର୍ମଚାରୀ ମୁତୟନ କରାଯାଇଥିଲା। ସମସ୍ତେ ଭିଡ଼ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ତେବେ କମିଶନରେଟ ପୋଲିସ ସହ ବସ୍ତିମିତ୍ରମାନଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ସେମାନେ ପୋଲିସ ସହ ମିଶି ଅନେକ ସହଯୋଗ କରିଥିଲେ। ବସ୍ତି ମିତ୍ରଙ୍କ ଏପରି ସାହାଯ୍ୟ ପାଇ ସାଧାରଣ ଲୋକ ସେମାନଙ୍କୁ ପ୍ରଶଂସା କରିଥିଲେ।

### ଯବାନଙ୍କ ସହ ସେଲ୍‌ଫି କ୍ରେଜ୍

ସୂର୍ଯ୍ୟକିରଣ ଶୋ' ସରିବା ପରେ ଯବାନମାନେ ପଡ଼ିଆକୁ ଆସିଥିଲେ। ହେଲେ ଏହାପୂର୍ବରୁ ଯବାନଙ୍କ ସହ ସେଲ୍‌ଫି ନେବା ପାଇଁ ଅନେକ ଯୁବକ, ଯୁବତୀ ମୋବାଇଲ ଧରି ଅପେକ୍ଷା କରିଥିଲେ। ଜଣଙ୍କ ପରେ ଜଣେ ଯବାନ ସେଠାରେ ଥିବା ଲୋକଙ୍କ ସହ କଥା ହୋଇଥିଲେ। ବାୟୁସେନର ପରାକ୍ରମ ବିଷୟରେ ସେମାନଙ୍କୁ କହିଥିଲେ। ଏଥିସହ କିଛି ସମୟ ସେମାନଙ୍କ ସହ ରହି ସେଲ୍ଫି ଉଠାଇଥିଲେ। ଘଟଣାସ୍ଥଳରେ ସେଲ୍‌ଫି କ୍ରେଜ୍ ଦେଖିବାକୁ ମିଳିଥିଲା।

### ଯିବାଠୁ ବଳିଗଲା ଫେରିବାର ଭିଡ଼

ସୂର୍ଯ୍ୟକିରଣ ଶୋ ଦେଖିବାକୁ ସମସ୍ତେ ଉତ୍ସାହର ସହ ଚାହିଁ ରହିଥିଲେ। ପୂର୍ବାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ଶୋ ଆରମ୍ଭ ହେବା ସମୟ ସ୍ଥିର ହୋଇଥିଲେ। ହେଲେ ସକାଳ ପ୍ରାୟ ୭ଟାରୁ ନଦୀପଠା ବାଲିଯାତ୍ରା ପଡ଼ିଆକୁ ଲୋକଙ୍କ ସୁଅ ଛୁଟିଥିଲା। ସମୟ ବଢ଼ିବା ପରେ ଧୀରେ ଧୀରେ ଟ୍ରାଫିକ୍ ଜାମ ହୋଇଥିଲା। ହେଲେ ଫେରିବା ବେଳେ ଭିଡ଼ ଅସମ୍ଭାଳ ହୋଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ପର୍ଯ୍ୟନ୍ତ ନଦୀବନ୍ଧରେ ଗାଡ଼ି ଓ ବାଇକ୍‌ଗୁଡ଼ିକ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ରାସ୍ତାରେ ରହିଯାଇଥିଲା।

### ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ ଭରିଲେ ଯବାନ

ବହୁ ପ୍ରତୀକ୍ଷିତ ସୂର୍ଯ୍ୟକିରଣ ଶୋ'କୁ ଦେଖିବାକୁ ବିଶେଷ କରି ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ ରହିଥିଲା। ତେଣୁ ରାଜଧାନୀର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ସହ ବାଲିଯାତ୍ରା ପଡ଼ିଆକୁ ଆସି ସୂର୍ଯ୍ୟକିରଣ ଶୋ'ର ମଜା ଉଠାଇଥିଲେ। ଶୋ ସରିବା ପରେ ବିମାନରେ ରହି ଆକାଶମାର୍ଗରେ ଉଡୁଥିବା ବାୟୁସେନାର ଯବାନ୍‌ମାନେ ଛାତ୍ରୀଛାତ୍ରଙ୍କ ଗହଣରେ କିଛି ସମୟ କଟାଇଥିଲେ। ସେମାନଙ୍କ ସହ କଥା ହୋଇ ଉତ୍ସାହ ଭରିଥିଲେ। ଯବାନମାନେ 'ହାଓ ଇଜ୍ ଦ ଜୋସ୍' କହିବା ପରେ ଛାତ୍ରୀଛାତ୍ରମାନେ ଉଚ୍ଚସ୍ୱରରେ 'ୟେସ୍ ସାର୍' ବୋଲି ଉଚ୍ଚ ସ୍ୱରରେ କହିଥିଲେ। ଏହାପରେ ଯବାନମାନେ ଛାତ୍ରୀଛାତ୍ରଙ୍କୁ ଭାରତୀୟ ବାୟୁସେନାରେ ଯୋଗ ଦେବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ଯବାନଙ୍କ ପ୍ରଶ୍ନରେ ସମସ୍ତେ ବାୟୁସେନାରେ ଯୋଗଦେବେ ବୋଲି କହିଥିଲେ।





### ଏମାନଙ୍କ ମୁହଁରୁ......



ପରିବାର ଏବଂ ସମ୍ପର୍କୀୟଙ୍କୁ ନେଇ ଏୟାର ଶୋ' ଦେଖିବାକୁ ଆସିଥିଲି। ପ୍ରଥମଥର ବାୟୁସେନାର ଏପରି କୌଶଳ ଦେଖି ବହୁତ ଖୁସି ଲାଗିଲା। ଏହି ଶୋ ଅଧିକ ସମୟ ହୋଇଥିଲେ ଆଉ ଟିକେ ଭଲ ଲାଗିଥାନ୍ତା। ତଥାପି ଯାହା ହୋଇଛି ବହୁତ ଭଲ ହୋଇଛି।

**–ସୁକାନ୍ତି ବେହେରା, ଗୃହିଣୀ (ଭିଏସ୍ଏସ୍ ନଗର)**



ମୋ ଘର ଯାଜପୁର ହୋଇଥିବା ବେଳେ ମୁଁ ଭୁବନେଶ୍ୱରରେ ରହୁଛି। ପରିବାର ସହ ଏୟାର ଶୋ ଦେଖିଲି। ୯ଟି ଯାକ ବିମାନ ଗୋଟିଏ ଲାଇନ୍‌ରେ ରହିଥିଲେ ଭଲ ଦିଶୁଥାନ୍ତା। ଏଥିସହ ସବୁ ହକ୍ ବିମାନ ନଦୀପଠା ମଧ୍ୟରେ ଏକାସାଙ୍ଗରେ ବୁଲିବା ସହ ଉପରକୁ ଖସିଥିଲେ ଆଉ ଅଧିକ ଭଲ ଲାଗିଥାନ୍ତା।

**–ଜନାର୍ଦ୍ଦନ ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ(ଯାଜପୁର)**



ଗଣମାଧ୍ୟମରୁ ଏୟାର ଶୋ ହେବାର ଖବର ଜାଣିବା ପରେ ମନରେ ବହୁତ ଉତ୍ସାହ ରହିଥିଲା। ସକାଳୁ ସେଥିପାଇଁ ସାଙ୍ଗସାଥୀ ସବୁ ମିଶି ଏଠାକୁ ଆସିଥିଲୁ। ପୂର୍ବରୁ ଥରେ ଏୟାର ଶୋ ଦେଖିଥିଲି। ତାହା ଏହାଠୁ ଅଧିକ ସମୟ ହୋଇଥିଲା। କିନ୍ତୁ ଆଜି ବହୁତ ଭଲ ଲାଗିଲା। ଏବେ ନିଜକୁ ଗର୍ବ ଅନୁଭବ କରୁଛି।

**–ବିରାଜିନୀ ବେହେରା, ଛାତ୍ରୀ (ନୟାପଲ୍ଲୀ)**

# ଆକର୍ଷଣ ସାଜିବ ରୁଷିଆର ଷ୍ଟେଟ୍ ହରମିଟେଜ୍ ସଂଗ୍ରହାଳୟ

ଭୁବନେଶ୍ୱର,୧୬।୯(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଝାରପଡ଼ା ଦୁର୍ଗାପୂଜା ସମିତି କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଧରାବତରଣ କରିବେ ଜଗଜ୍ଜନନୀ ମା' ଦୁର୍ଗା। ହାତରେ ଆଉ ମାତ୍ର କେଇଟା ଦିନ। ମା'ଙ୍କୁ ସାଦରରେ ଆବାହନ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଅନ୍ୟମାନଙ୍କଠାରୁ କିଛି ନିଆରା କରି ଦେଖାଇବା ପାଇଁ ସମସ୍ତ ପୂଜା କମିଟି ସଦସ୍ୟ ଲାଗିପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରପଡ଼ା ଦୁର୍ଗାପୂଜା ସମିତି ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଭିନ୍ନ ଆକୃତିର ତୋରଣ ନିର୍ମାଣରେ ଲାଗିଛନ୍ତି। ପ୍ରତିବର୍ଷ ଏହି ପୂଜା ମଣ୍ଡପର ସାଜସଜ୍ଜା ରାଜଧାନୀବାସୀଙ୍କୁ ବେଶ୍ ଆକର୍ଷିତ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କ ନିକଟରେ ଆଦୃତ ହୋଇଆସୁଛି। ତେବେ ଚଳିତବର୍ଷ ସମିତି ପକ୍ଷରୁ ଦୁର୍ଗାପୂଜା ଦ୍ୱାଦଶ ବର୍ଷରେ ପଦାର୍ପଣ କରିଛି। ପୂଜା ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କା ବଜେଟ ରହିଛି। ଏଥର ଶ୍ରଦ୍ଧାଳୁଙ୍କ ପାଇଁ ଏକ ଭିନ୍ନ ଧରଣର ତୋରଣ ପ୍ରସ୍ତୁତ କରୁଛି ସମିତି। ରୁଷିଆର ସେଣ୍ଟ ପିଟସବର୍ଗ ସହରର ଷ୍ଟେଟ୍ ହର୍ମିଟେଜ୍ ସଂଗ୍ରହାଳୟରେ ଆବିର୍ଭୂତା ହେବେ ମା' ଦଶଭୁଜା। ବାଉଁଶ, କାଠବିଟ୍, ପ୍ଲାଏ, ଫାଇବର, ସନପ୍ୟାକ୍, ଥର୍ମୋକଲ୍, ରଙ୍ଗିନ କାଚ ଆଦିର ବ୍ୟବହାର କରି ତୋରଣ ନିର୍ମାଣ କରାଯିବ। ଏହାର ଉଚ୍ଚତା ପ୍ରାୟ ୮୫ ଫୁଟ୍ ଓ ଚଉଡା ୧୫୦ ଫୁଟ ରହିବ। ପଶ୍ଚିମବଙ୍ଗର କାରିଗର ପ୍ରତାପ ଚନ୍ଦ୍ର ଗିରିଙ୍କ ସହ ୫୦ଜଣ ସହଯୋଗୀ କାରିଗର ଏହାର ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ଗୋଟିଏ ପ୍ରବେଶ ପଥ ଥିବାବେଳେ ଭିତର ପଟେ ୪ଟି ପ୍ରସ୍ଥାନ ପଥ ରହିବ। ତୋରଣ ଭିତରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଥିବା ସମିତି ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୨ଫୁଟ ରହିବ। କଟକ ଗୋଡ଼ିସାହିର କାରିଗର ମାନସ ରଞ୍ଜନ ବେହେରା। ମୂର୍ତ୍ତି ନିର୍ମାଣ କରିବାକୁ ଥିବାବେଳେ କଟକ କାରିଗର ବିଶ୍ୱଜିତ୍ ଦାସଙ୍କ ଦ୍ୱାରା ୨୦ଫୁଟ ଉଚ୍ଚତାର ବୁଲେନ୍ ଓ ସୁନେଲି ମେଢ ତିଆରି କରାଯିବ। ମା' ଦୁର୍ଗାଙ୍କୁ ରୁପା ମୁକୁଟ ସହ ପାର୍ଶ୍ୱ ଦେବଦେବୀମାନଙ୍କୁ ମଧ୍ୟ ରୁପା ଅଳଙ୍କାରରେ ସଜାଯିବ। ସେହିପରି ଦଶମୀ ସନ୍ଧ୍ୟାରେ ୪୦ ଫୁଟ ଉଚ୍ଚତାର ରାବଣ ପୋଡି ସାଙ୍ଗକୁ ବିଭିନ୍ନ ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଷଷ୍ଠୀରେ ଭଜନ ସନ୍ଧ୍ୟା, ସପ୍ତମୀ, ଅଷ୍ଟମୀ, ନବମୀ ଏବଂ ଦଶମୀ ୪ଦିନ ଧରି ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ କରାଯିବ। ଏଥିସହ ମୀନା ବଜାର ଏବଂ ବିଭିନ୍ନ ଦୋଳିର ବ୍ୟବସ୍ଥା କରାଯିବ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ସହାୟତାରେ ପୂଜା କମିଟିର ୩ଶହ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ୨୦ଟି ସିସିଟିଭି କ୍ୟାମେରା ଲାଗିବା ସହ ମଣ୍ଡପର ସମସ୍ତ ଦୃଶ୍ୟକୁ ୩ଟି ଭିଡିଓ କ୍ୟାମେରା ଓ ଜିମି କ୍ୟାମେରା ମାଧ୍ୟମରେ ପ୍ଲାଜ୍ମା ଓ ୨ଟି ଏଲ୍ଇଡି ପ୍ୟାନେଲ୍ ଦ୍ୱାରା ପ୍ରସାରିତ କରାଯିବ। ଅନ୍ୟୁନ ୨୦ଟି ୱାକିଟକି ମାଧ୍ୟମରେ ଯୋଗାଯୋଗ ରକ୍ଷା ସହ ଟ୍ରାଫିକ୍ ବ୍ୟବସ୍ଥାରେ ସ୍ୱେଚ୍ଛାସେବୀ ସହାୟତା କରିବେ। ସେହିଭଳି ବିଭିନ୍ନ ସ୍ଥାନରେ ୪ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ମଣ୍ଡପ ପୂର୍ବରୁ ୪ ଚକିଆ ଓ ୨ଚକିଆ ଯାନଗୁଡିକ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ କରାଯିବ ବୋଲି ସୂଚନା ଦିଆଯାଇଛି।




### ବଙ୍ଗୀୟ ନୀତିରେ ମା'ଙ୍କର ଆବାହନ

"ମା'ଙ୍କୁ ବଙ୍ଗୀୟ ପୂଜାନୀତିରେ ଆବାହନ କରାଯିବ। ସପ୍ତମୀ, ନବମୀ ଓ ଦଶମୀରେ ଭକ୍ତମାନଙ୍କ ପାଇଁ ଖେଚୁଡ଼ି ଭୋଗ ଏବଂ ଅଷ୍ଟମୀରେ ହାଲୁଆ ଭୋଗର ବ୍ୟବସ୍ଥା କରାଯିବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭିନ୍ନ ଭିନ୍ନ ପାରମ୍ପରିକ ତଥା ଆଧୁନିକ ବାଦ୍ୟଯନ୍ତ୍ର ଓ ଦୁଲ୍‌ଦୁଲି ବାଜା, ସମ୍ବଲପୁରୀ, ପଞ୍ଜାବୀ ବାଜା ଶୋଭାଯାତ୍ରାରେ ମା'ଙ୍କୁ ମେଲାଣି ଦିଆଯିବ।

**-ଶିଖର ଚନ୍ଦ୍ର ଜେନା, ସଭାପତି**

### ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

"ସମିତି ପକ୍ଷରୁ ଆଶୁ ଚିକିତ୍ସା ଓ କୌଣସି ତଥ୍ୟ ପାଇବା ପାଇଁ ସୂଚନା କେନ୍ଦ୍ରର ବ୍ୟବସ୍ଥା ରହିବ। ଏଥିସହ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସୁରକ୍ଷିତ ଦର୍ଶନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସ୍ୱେଚ୍ଛାସେବୀମାନେ କମିଟି ପକ୍ଷରୁ ଯୋଗାଇ ଦିଆଯାଇଥିବା ହୁଇଲ୍ ଚେୟାର ମାଧ୍ୟମରେ ସେମାନଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବେ।

**-ଧରଣୀଧର ଜେନା, ସମ୍ପାଦକ**

# 'ଚନ୍ଦ୍ରଶେଖର ଓ ସାମ୍ପ୍ରତିକ କଳା ଆନ୍ଦୋଳନ' ଶୀର୍ଷକ ବକ୍ତୃତା

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଦିବଂଗତ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ରାଓଙ୍କ ୮୩ତମ ଜନ୍ମବାର୍ଷିକୀ ଉପଲକ୍ଷେ ଉତ୍ସ ଫାଉଣ୍ଡେଶନ ଫର୍ କଣ୍ଟେମ୍ପରାରି ଆର୍ଟ ପକ୍ଷରୁ ଦ୍ୱିତୀୟ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଶୁକ୍ରବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ଇତିହାସ ବିଭାଗର ପ୍ରଫେସର ତଥା କଳା ଐତିହାସିକ ପ୍ରଦୋଷ ମିଶ୍ର କାର୍ଯ୍ୟକ୍ରମ ଆରମ୍ଭରେ ଚିତ୍ରଶିଳ୍ପୀ ରାଓଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଚନ୍ଦ୍ରଶେଖର ରାଓ ସ୍ମୃତି ବକ୍ତୃତାକୁ ଚିତ୍ରକର ରାମହରି ଜେନା ଉପସ୍ଥାପନ କରିଥିଲେ। ଏହି ବକ୍ତୃତାର ଶୀର୍ଷକ 'ଚନ୍ଦ୍ରଶେଖର ଓ ସାମ୍ପ୍ରତିକ କଳା ଆନ୍ଦୋଳନ' ରହିଥିଲା। ଏହି ଅବସରରେ ଚନ୍ଦ୍ରଶେଖର ରାଓଙ୍କ ଉପରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ପ୍ରକାଶିତ ଓ ଡ. ରମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ଏକ ମୋନୋଗ୍ରାଫ୍ ଏକାଡେମୀର ସଚିବ ପଞ୍ଚାନନ ସାମଲଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିଲା। ସୁମିତ୍ରା ପାଢ଼ୀ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ।

# ଯକୃତ ପ୍ରତିରୋପଣ ପାଇଁ ଏମ୍‌ଓୟୁ

## ତାଲିମ, ଅସ୍ତ୍ରୋପଚାରରେ ସହଯୋଗ କରିବ ଏଆଇଜି ହସ୍ପିଟାଲ



ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ରାଜ୍ୟରେ ଯକୃତ ରୋଗୀଙ୍କ ସଂଖ୍ୟା ବଢୁଛି। ଏହାର ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ସାଧାରଣ ରୋଗୀଙ୍କ ପକ୍ଷେ ବହନ କରିବା କଷ୍ଟକର ହୋଇପଡୁଛି। ତେଣୁ ରାଜ୍ୟ ସରକାର ଲୋକମାନଙ୍କୁ ବିନାମୂଲ୍ୟରେ ଉନ୍ନତ ଯକୃତ ରୋଗର ଚିକିତ୍ସା ସେବା ଯୋଗାଇଦେବାକୁ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ହସ୍ପିଟାଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ (ଏମ୍‌ଓୟୁ) ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଏବଂ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ସାହୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ପୂର୍ବରୁ ଏସ୍‌ସିବି ମେଡିକାଲ କଲେଜରେ ବିନା ଖର୍ଚ୍ଚରେ ଯକୃତ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଏକ ଯକୃତ ପ୍ରତିରୋପଣ ୟୁନିଟ୍ ରହିଛି। ଏଥିପାଇଁ ମଡ୍ୟୁଲାର ଓଟି ଓ ଆଇସିୟୁର ବ୍ୟବସ୍ଥା ଥିବାବେଳେ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରାଯିବା ସହିତ ଡାକ୍ତର, ନର୍ସ ଓ ପାରାମେଡିକ୍ସ ନିଯୁକ୍ତି କରାଯାଇଛି। ଏବେ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲ ପକ୍ଷରୁ ଏହି ଡାକ୍ତର, ନର୍ସ ଓ ପାରାମେଡିକ୍ସଙ୍କୁ ତାଲିମ ଦେବା ସହିତ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ମଧ୍ୟ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ଶିଶୁ ରୋଗୀଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣ ପାଇଁ ସରକାର ବେଙ୍ଗାଲୁରୁର ଆଷ୍ଟର ସିଏମ୍ଆଇ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।




ଗୀତଗୋବିନ୍ଦ ସଦନରେ ଦିବଂଗତ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ରାଓଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଏକ ମନୋଗ୍ରାଫ୍‌କୁ ଉନ୍ମୋଚନ କରୁଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱକର୍ମା ଦେବଙ୍କ ପୂଜା, ମାତୃଶକ୍ତି ଇଲେକ୍ଟ୍ରିକାଲ, ଝାରପଡ଼ା ମହାଦେବ ନଗର, ସକାଳ ୬ଟା।
- ପଟ୍ଟଚିତ୍ର କେନ୍ଦ୍ର ସ୍ୱନ୍ଦିତାର ଗ୍ରାଣ୍ଡ ଓପନିଂ, ପ୍ଲଟ୍ ନଂ. ୭୧, କାଳୀ ମନ୍ଦିର ରୋଡ, ସତ୍ୟନଗର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମୋ ପରିବାର ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ-ସାଇକେଲ ପ୍ରଦାନ, ତୃପ୍ତି ପେଟ୍ରୋଲ ପମ୍ପ, ଶହୀଦ ନଗର, ପୂର୍ବାହ୍ନ ୧୦ଟା ୩୦।
- ଉତ୍ର ପକ୍ଷରୁ ମାଗଣା ଚକ୍ଷୁ ଓ ସ୍ୱାସ୍ଥ୍ୟ ଶିବିର, ନୀଳକଣ୍ଠେଶ୍ୱର ରୋଡ, ବରମୁଣ୍ଡା, ପୂର୍ବାହ୍ନ ୧୦ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଚାରି ହଜାର କଣ୍ଢେଇ ପ୍ରଦର୍ଶନୀ, ପ୍ରଥମ ମହଲା, ସମ୍ମିଳନୀ କକ୍ଷ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ମଧ୍ୟାହ୍ନ ୧୨ଟା।
- ବିଶ୍ୱକର୍ମାଙ୍କ ପୂଜା, ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨ଟା।
- ବଳରାମ ପୂଜାରୀଙ୍କ କବିତା ବହି ଶ୍ୱେତପତ୍ର ଉନ୍ମୋଚନ ଉତ୍ସବ, ପେନ୍ ଇନ୍ ବୁକ୍ କାର୍ଯ୍ୟାଳୟ, ଆଚାର୍ଯ୍ୟ ବିହାର, ଅପରାହ୍ନ ୩ଟା।
- ବିଶ୍ୱକର୍ମା ସମିତି ପକ୍ଷରୁ ବିଶ୍ୱକର୍ମା ଦେବଙ୍କ ପୂଜା ଉତ୍ସବ, ନୟାପଲ୍ଲୀ, ବିଜେପୀଠ, ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀର ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

ବଡ଼ମ୍ବା

- ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର, ବାଙ୍ଗେରିସିଙ୍ଗା ପ୍ରାଥମିକ ବିଦ୍ୟାଳୟ, ସକାଳ ୮ଟା।
- ମା'ଭଟ୍ଟାରିକାଙ୍କ ଷୋଡ଼ଶ ଉପଚାର ପୂଜା, ସୁନାବେଶ, ଭଟ୍ଟାରିକା ପୀଠ, ଅପରାହ୍ନ ୫ଟା।

କଟକ

- ୩୦ ଜିଲାରେ ପେପରଲେସ କୋର୍ଟର ଉଦ୍‌ଘାଟନୀ, ଜୁଡିସିଆଲ ଏକାଡେମୀ, ପୂର୍ବାହ୍ନ ୯ଟା ୩୦।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପକ୍ଷରୁ ଆଲୋଚନାଚକ୍ର, ଆନେକ୍ସ-୧, ସେଭେନ ପିଲାର୍ସ ଅଫ୍ ଉଇଜଡମ୍, ପୂର୍ବାହ୍ନ ୧୦ଟା ୨୦।
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ସମାରୋହ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ପ୍ରଖ୍ୟାତ ଆଇନଜ୍ଞ ମାଧବାନନ୍ଦ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ, ଶାରଳା ଭବନ, ସନ୍ଧ୍ୟା ୬ଟା।

## ଆଜି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**କଟକ ଅଫିସ,୧୬।୯:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆମ୍ଫିଥିଏଟରଠାରେ ଶନିବାର ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ୟୁ. ୟୁ. ଲଳିତ, ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୁପ୍ରିମକୋର୍ଟ ବିଚାରପତି ଏମ୍. ଆର୍. ଶାହା ଅଧକ୍ଷତା କରିବେ। ବିଶ୍ୱବିଦ୍ୟାଳୟର କୁଳପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉପସ୍ଥିତ ରହି ୨୨୧ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ସୂର୍ଯ୍ୟମନ୍ଦିର ସ୍ଥିତି ଅନୁଧ୍ୟାନ କଲେ ଆମିକସ୍‌କ୍ୟୁରି

କୋଣାର୍କ,୧୬।୯(ଡି.ଏନ୍.ଏ.)



ଆମିକସ୍‌କ୍ୟୁରି ଆଇନଜୀବୀ ନଗେନ୍ଦ୍ର କୁମାର ମହାନ୍ତି ସୂର୍ଯ୍ୟମନ୍ଦିର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ଏଏସ୍‌ଆଇ ବାଲି ନିଷ୍କାସନ ପାଇଁ ପ୍ରସ୍ତୁତି ଜାରି ରଖିଛି
- ବିଶେଷଜ୍ଞ କମିଟିର ଅଗୋଚରରେ ଆରମ୍ଭ ହୋଇଛି କାମ

ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ଦୀର୍ଘ ବର୍ଷ ଧରି ଭର୍ତ୍ତି ହୋଇଥିବା ବାଲିକୁ ବାହାର କରିବା ପାଇଁ ନିକଟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ(ଏଏସ୍‌ଆଇ)ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ବେଳେ ଏହାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି(କୋର୍ଟ ମିତ୍ର) ଆଇନଜୀବୀ ନଗେନ୍ଦ୍ର କୁମାର ମହାନ୍ତି ଶୁକ୍ରବାର ଅପରାହ୍ନରେ ସୂର୍ଯ୍ୟମନ୍ଦିର ଉପଦେଷ୍ଟା ବିଶେଷଜ୍ଞ କମିଟିର ସଦସ୍ୟ ଡ. ନାରାୟଣ ଚନ୍ଦ୍ର ପାଲଙ୍କ ସହିତ ଆସି କାର୍ଯ୍ୟ ପରଖିଛନ୍ତି। ଏହି ଅବସରରେ ଏଏସ୍‌ଆଇର ଭୁବନେଶ୍ୱର ସର୍କଲ ଅଧୀକ୍ଷକ ଅରୁଣ ମଲ୍ଲିକ ଓ ଉପ ଅଧୀକ୍ଷକ ଚିତ୍ତରଞ୍ଜନ ଦାସ ଉପସ୍ଥିତ ରହି ଆମିକସ୍‌କ୍ୟୁରି ମହାନ୍ତିଙ୍କୁ ବାଲି ନିଷ୍କାସନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ। ଆମିକସକ୍ୟୁରି ଓ ବିଶେଷଜ୍ଞ କମିଟି ସଦସ୍ୟ ସୂର୍ଯ୍ୟମନ୍ଦିର ପରିସର ବୁଲି ଦେଖିବା ସହ ଚାଲିଥିବା ବିଭିନ୍ନ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ତଦାରଖ କରିଥିଲେ। କାର୍ଯ୍ୟ ଦେଖିବା ପରେ ଆମିକସ୍‌କ୍ୟୁରି ମହାନ୍ତି କହିଛନ୍ତି, ଏବେ ଏଏସ୍‌ଆଇ ବାଲି ନିଷ୍କାସନ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତି ଚଳାଇଛି। ବର୍ଷକ ପରେ ବାଲି ନିଷ୍କାସନ ପ୍ରକ୍ରିୟା ସମ୍ପର୍କିତ ଚିତ୍ର ସ୍ପଷ୍ଟ ହେବ। ସୂର୍ଯ୍ୟମନ୍ଦିର ସଂରକ୍ଷଣ ସମସ୍ୟାକୁ ନେଇ ୨୦୨୦ ଫେବୃୟାରୀ ୨୮ ଓ ୨୯ ରେ ହୋଇଥିବା ଜାତୀୟ ସେମିନାରରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରି ଅଢେଇ ବର୍ଷ ଧରି ଏଏସ୍‌ଆଇ ନୀରବତା ଅବଲମ୍ବନ କରିଥିଲା। ଏବେ ବାଲି ନିଷ୍କାସନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବାଲି ନିଷ୍କାସନ ଦ୍ୱାରା ଗର୍ଭଗୃହର କୌଣସି କ୍ଷତି ହେବ ନାହିଁ ବୋଲି ଏଏସ୍‌ଆଇ ପ୍ରତିଶ୍ରୁତି ଦେଇଛି। ଆମେ ଆଶା କରିବା ଏଏସ୍‌ଆଇ ଏଥିରେ ସଫଳ ହେଉ। ଦୀର୍ଘ ୪ଦଶନ୍ଧି ଧରି ସୂର୍ଯ୍ୟମନ୍ଦିର ବିଶେଷଜ୍ଞ କମିଟିର ସଦସ୍ୟ ରହି ଆସିଥିବା ଇଞ୍ଜିନିୟର ଡ. ନାରାୟଣ ଚନ୍ଦ୍ର ପାଲ କହିଛନ୍ତି, ଆମିକସକ୍ୟୁରି ମହାନ୍ତିଙ୍କ ଡାକିବା ଅନୁସାରେ ମୁଁ ତାଙ୍କ ସାଙ୍ଗରେ ଆସିଛି। ବାଲି ନିଷ୍କାସନ କରିବା ପାଇଁ ୨୦୧୦ ମସିହାରୁ ଆମେ ଏଏସ୍‌ଆଇକୁ ପରାମର୍ଶ ଦେଇଆସିଛୁ। ତେବେ ଦୀର୍ଘଦିନର ନୀରବତା ପରେ ଏବେ ଯେଉଁ କାମ ଆରମ୍ଭ ହୋଇଛି, ସେ ସମ୍ପର୍କରେ ବିଶେଷଜ୍ଞ କମିଟି ଅବଗତ ନାହିଁ। ଏ ଦିଗରେ ନିଷ୍ପତ୍ତି ନେବା ପାଇଁ ବିଶେଷଜ୍ଞ କମିଟିର କୌଣସି ବୈଠକ ଡକାଯାଇନାହିଁ। ହେଲେ ଏଏସ୍‌ଆଇ ଅଧୀକ୍ଷକ ଅରୁଣ ମଲ୍ଲିକ ଆଜିର ଘଟଣା ଉପରେ କୌଣସି ମତାମତ ଦେବା ପାଇଁ ମନା କରି ଦେଇଥିଲେ।

# ଓଡ଼ିଶାରୁ ପୁରସ୍କୃତ ହେଲେ ଦୁଇ ଛାତ୍ରୀଛାତ୍ର





ଜାତୀୟ ବିଜ୍ଞାନ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତାରେ କୃତୀ ଛାତ୍ରୀ କଲ୍ୟାଣୀ ସାହୁ ଓ ଛାତ୍ର ଶ୍ରେୟାନ୍ସ ବିକାଶ ମିଶ୍ରଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

**ଜାତୀୟ ବିଜ୍ଞାନ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା**

ନୂଆଦିଲ୍ଲୀର ଆଇଟିପିଓଠାରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଅନୁଷ୍ଠିତ ୯ମ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା(ଏନ୍‌ଏଲ୍‌ଇପିସି)ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶାରୁ ଦୁଇ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ର ଶ୍ରେୟାନ୍ସ ବିକାଶ ମିଶ୍ର ଓ ବରଗଡ଼ ଜିଲା ମୁରାପଲ୍ଲୀସ୍ଥିତ ଦେଓଳି ନୋଡାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ କଲ୍ୟାଣୀ ସାହୁ। କଲ୍ୟାଣୀ ହସ୍ପିଟାଲରେ ଚିକିତ୍ସିତ ରୋଗୀ ଓ ବୟସ୍କ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକ ଅତ୍ୟାଧୁନିକ ବେଡ୍ ପ୍ରସ୍ତୁତ କରି ପୁରସ୍କୃତ ହୋଇଛନ୍ତି। କଲ୍ୟାଣୀଙ୍କ ଏହି ବେଡ୍‌କୁ ଅତି ସହଜରେ ଉପର ଓ ତଳକୁ କରିହେବା ସହ ଏଥିରେ ଅଟୋମେଟିକ ବେସିନ୍‌ର ସୁବିଧା ମଧ୍ୟ ରହିଛି। ବିଦ୍ୟୁତ ସଂଯୋଗ ନ ଥିଲେ ଏହା ଏଲ୍‌ଡିଆର ସେନ୍ସର ଦ୍ୱାରା ପରିଚାଳିତ ହୋଇପାରିବ। ଫଳରେ ଚାଲି ପାରୁ ନ ଥିବା ରୋଗୀ ଓ ବୟସ୍କ ବ୍ୟକ୍ତିମାନେ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ। ଆଗାମୀ ଦିନରେ ସାଧାରଣ ଲୋକଙ୍କ ହିତରେ ଆସିବା ଭଳି ପ୍ରକଳ୍ପ ଉଦ୍ଭାବନ କରି ଓଡ଼ିଶାର ନାଁକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି କଲ୍ୟାଣୀ କହିଛନ୍ତି। ସେହିପରି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ଶ୍ରେୟାନ୍ସ ବିକାଶ ମିଶ୍ର ନିଜର ବଳିଷ୍ଠ ଉଦ୍ଭାବନକୁ ପ୍ରଦର୍ଶିତ କରି ଶ୍ରେଷ୍ଠ ୬୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ବେକ ତଥା ମେରୁଦଣ୍ଡ ସମସ୍ୟାର ସହଜ ଓ ସରଳ ସମାଧାନ ପାଇଁ ଶ୍ରେୟାନ୍ସ ନୋଭେଲ୍ ଏର୍ଗୋନୋମିକ୍ସ ନାମକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଡିଭାଇସ୍ ବେକ ଓ ମେରୁଦଣ୍ଡର ମାଂସପେଶୀ ସ୍ପାମ୍ ଓ ଯନ୍ତ୍ରଣାକୁ ଉନ୍ନତ ସହାୟତା ଯୋଗାଇ ଷ୍ଟ୍ରେନ୍, ଥକ୍କା ଏବଂ ଆଘାତକୁ ହ୍ରାସ କରିବ। ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଏହା ବିଶେଷ ସହାୟକ ହେବ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଓଡ଼ିଶାର ଏହି ଦୁଇ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ସଫଳତାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଶ୍ରେୟାନ୍ସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନାସା ରୋଭର ପ୍ରୋଜେକ୍ଟ ଏକ ମାଇଲଖୁଣ୍ଟ ଓ ତାଙ୍କର ଏହି ସଫଳତା ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛି ବୋଲି ସେ ପ୍ରକାଶ କରିଥିଲେ।

# ଘର ବିକ୍ରି ନାଁରେ ୮୭ ଲକ୍ଷ ଠକେଇ

## ସମ୍ପର୍କୀୟ ଭଣଜା ଗିରଫ

ଭୁବନେଶ୍ୱର ୧୬।୯ (ବ୍ୟୁରୋ)

ଘର ବିକ୍ରି କରିବାକୁ କହି ଜନୈକ ବ୍ୟକ୍ତିଙ୍କ ଠାରୁ ୮୭ ଲକ୍ଷ ୨୫ ହଜାର ଟଙ୍କା ଠକେଇ ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଧର୍ମବିହାର ଅଞ୍ଚଳରେ ରହୁଥିବା ଜଗତସିଂହପୁର ଜିଲା ଗୋବିନ୍ଦପୁର ଥାନା ଶାସନପଡା ଗ୍ରାମର ପ୍ରତାପ କୁମାର ସ୍ୱାଇଁ। ପ୍ରକାଶ ଯେ, ୨୦୨୦ ଜୁନ ମାସରେ ଭରତପୁର ଥାନା ଅନ୍ତର୍ଗତ ଜଗନାଥ ବିହାର ଅଞ୍ଚଳର ପ୍ରମୋଦ କୁମାର ସ୍ୱାଇଁ ଏକ ଘର କିଣିବାକୁ ଆଶା ରଖିଥିଲେ। ତେଣୁ ତାଙ୍କର ସମ୍ପର୍କୀୟ ଭଣଜା ପ୍ରତାପଙ୍କୁ ଏ ବାବଦରେ କହିଥିଲେ। ଆଇଗିଣିଆ ଅଞ୍ଚଳରେ ଘର ବିକ୍ରି ହେବାକୁ ଅଛି ବୋଲି ପ୍ରମୋଦଙ୍କୁ କହିଥିଲେ ପ୍ରତାପ । ଏଥିପାଇଁ ୯୦ ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ । ଭଣଜା ପ୍ରତାପଙ୍କ କଥାରେ ବିଶ୍ୱାସ ରଖି ପ୍ରମୋଦ ୧୧ ଟି ଚେକରେ ୮୭ ଲକ୍ଷ ୨୫ ହଜାର ଟଙ୍କା ଦେଇଥିଲେ। ବାକି ଟଙ୍କା ରେଜିଷ୍ଟ୍ରେସନ ପରେ ଦେବାକୁ କହିଥିଲେ। ହେଲେ ୨୦୨୧ ପର୍ଯ୍ୟନ୍ତ ଘର ନ ପାଇବାରୁ ପ୍ରମୋଦ ଠକେଇର ଶିକାର ହୋଇଥିବା ଜାଣି ପ୍ରତାପଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଶୁକ୍ରବାର ପ୍ରତାପଙ୍କୁ ଗିରଫ କରିଥିଲା ।

# ଜେଲରେ ପୀଡିତାଙ୍କୁ ବିବାହ କଲେ ଅଭିଯୁକ୍ତ କଏଦୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଝାରପଡ଼ା ଜେଲରେ ଶୁକ୍ରବାର ଜଣେ ବିଚାରାଧିନ କଏଦୀ ଓ ପୀଡିତାଙ୍କ ମଧ୍ୟରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଛି। ଅଭିଯୁକ୍ତ ହେଲେ ଜଟଣୀ ଥାନା ଅନ୍ତର୍ଗତ ବଚରା ଗ୍ରାମର ଅଭିଯୁକ୍ତ ଆକାଶ ନାୟକ ଓରଫ ବଣ୍ଟି। ଜେଲ ପରିସରରେ ଆୟୋଜିତ ବିବାହ କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କ ସମେତ ଉଭୟ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଅଭିଯୁକ୍ତ ବଣ୍ଟି ସମ୍ପୃକ୍ତ ପୀଡିତା ନାବାଳିକା ଥିବାବେଳେ ପ୍ରେମ କରୁଥିଲେ। ପରବର୍ତ୍ତୀ ସମୟରେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ହେଲେ ପରେ ପ୍ରତାରଣା କରିବାରୁ ପୀଡିତାଙ୍କ ପରିବାର ଲୋକେ ୨୦୨୦ ଏପ୍ରିଲରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୩୫୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଅଭିଯକ୍ତ ବଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ସମ୍ପୃକ୍ତ ନାବାଳିକାଙ୍କୁ ୧୮ ବର୍ଷ ହୋଇଯିବାରୁ



ଉଭୟ ପରିବାର ବିବାହ କରିବାକୁ ସ୍ଥିର କରିଥିଲେ। ଏପରିକି ବଣ୍ଟି ମଧ୍ୟ ପୀଡ଼ିତାଙ୍କୁ ବିବାହ କରିବାକୁ ରାଜି ହୋଇଥିଲେ। ତେଣୁ ଉଭୟ ପରିବାର ପକ୍ଷରୁ ଏନେଇ କୋର୍ଟଙ୍କ ନିକଟରେ ଆବେଦନ କରିବା ପରେ ଅନୁମତି ମିଳିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋନି



@ ଯୋଗେଶ



@ ପ୍ରିୟବ୍ରତ



@ ବିଜୟ



@ ସ୍ନେହାଶିଷ

# ମହାପ୍ରଭୁଙ୍କ ଦର୍ଶନ କଲେ ସୁପ୍ରିମକୋର୍ଟ ବିଚାରପତି

ପୁରୀ ଅଫିସ,୧୬।୯

ସୁପ୍ରିମକୋର୍ଟର ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର ରାତିରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ବିଚାରପତି ଚନ୍ଦ୍ରଚୂଡ଼ କଡ଼ା ସୁରକ୍ଷାବଳୟ ମଧ୍ୟରେ ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସିଂହଦ୍ୱାର ନିକଟରେ ସ୍ୱାଗତ କରାଯାଇଥିଲା। ବିଚାରପତି ଚନ୍ଦ୍ରଚୂଡ଼ ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଭିତରକାଠ ନିକଟରେ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ସାନ୍ନିଧ ଲାଭ କରିଥିଲେ। ଏହାପରେ ଭିତରବେଢ଼ାରେ ଅନ୍ୟ ଦେବଦେବୀମାନଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ରାତ୍ର ପହୁଡ଼ ଦର୍ଶନ କରିବା ପରେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଜଗତର ମଙ୍ଗଳ କାମନା କରିବା ନିମିତ୍ତ ମହାପ୍ରଭୁଙ୍କଠାରୁ ଆଶୀର୍ବାଦ ଲୋଡ଼ିଥିଲେ।



ବିଶ୍ୱକର୍ମା ପୂଜା ପାଇଁ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୧ ହାଟରେ ବିକ୍ରି ପାଇଁ ରହିଥିବା ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ଶୁକ୍ରବାର ଉଦ୍‌ଯାପନ ଅବସରରେ ଲାବଣ୍ୟ ଥିଏଟରର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ହାଏରେ ସତିଆ'ର ଏକ ଦୃଶ୍ୟ।



ସୁପ୍ରିମକୋର୍ଟର ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର ରାତିରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

**ଲଣ୍ଡନରେ ୨ ପୋଲିସ ଅଫିସରଙ୍କୁ ଛୁରାମାଡ଼**

**ଲଣ୍ଡନ:** କେନ୍ଦ୍ରୀୟ ଲଣ୍ଡନର ଲିସେଷ୍ଟର ସ୍କୋୟାର ଅଞ୍ଚଳରେ ଶୁକ୍ରବାର ଦୁଇ ପୋଲିସ ଅଫିସରଙ୍କୁ ଛୁରାମାଡ଼ ହୋଇଛି। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ସହ ମହାରାଣୀଙ୍କ ମୃତ୍ୟୁ କିମ୍ବା ଆତଙ୍କବାଦୀ କାର୍ଯ୍ୟର କୌଣସି ସମ୍ପୃକ୍ତ ନ ଥିବା ପୋଲିସ କହିଛି। ଆକ୍ରମଣରେ ସମ୍ପୃକ୍ତ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। ଜଣେ ପୋଲିସ ଅଧିକାରୀଙ୍କ ବେକରେ ୩ ଥର ଏବଂ ଛାତିରେ ଥରେ ଛୁରି ଭୁସାଯାଇଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ସଂକ୍ଷେପରେ

### ୟୁପି: ପ୍ରବଳ ବର୍ଷାରେ ୨୨ ମୃତ

**ଲକ୍ଷ୍ନୌ,୧୬।୯:** ଉତ୍ତରପ୍ରଦେଶରେ ଗୁରୁବାର ରାତିଠାରୁ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ସ୍ଥାନରେ କାନ୍ଥ ପଡ଼ି ମୋଟ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଲକ୍ଷ୍ନୌର ଦିଲକୁଶ ଅଞ୍ଚଳରେ ଏକ ନିର୍ମାଣାଧୀନ ପାଚେରି ଶୁକ୍ରବାର ସକାଳେ ଭୁଶୁଡ଼ି ପଡ଼ିବାରୁ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ମୃତକମାନଙ୍କ ଘର ଝାନ୍ସି ଜିଲାରେ। ସେମାନେ ନିର୍ମାଣାଧୀନ ପାଚେରି ନିକଟରେ ଝୁମ୍ପୁଡ଼ି ନିର୍ମାଣ କରି ରହିଥିଲେ। ଏହା ବ୍ୟତୀତ ଉନ୍ନାଓରେ ୫, ଫତେପୁରରେ ୩, ପ୍ରୟାଗରାଜରେ ୨, ସୀତାପୁର, ରାଇବରେଲି ଏବଂ ଝାନ୍ସୀରେ ଜଣେ ଲେଖାଏ ପ୍ରାଣ ହରାଛନ୍ତି।

### ଦିଲ୍ଲୀରେ ମଙ୍କିପକ୍ସ ରୋଗୀ ଚିହ୍ନଟ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଦିଲ୍ଲୀରେ ରହୁଥିବା ଜଣେ ୩୦ ବର୍ଷୀୟ ନାଇଜେରୀୟ ମହିଳାଙ୍କଠାରେ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଛି। ତାଙ୍କୁ ମିଶାଇ ଦିଲ୍ଲୀରେ ମଙ୍କିପକ୍ସ ମାମଲା ୮ରେ ପହଞ୍ଚିଥିବାବେଳେ ସାରା ଦେଶରେ ଏହା ୧୩କୁ ବୃଦ୍ଧି ପାଇଛି। ମହିଳାଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ମଙ୍କିପକ୍ସ ସନ୍ଦିଗ୍ଧ ନାଇଜେରୀୟଙ୍କୁ ମଧ ଉକ୍ତ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

### ନରେନ୍ଦ୍ର ଗିରିଙ୍କ କୋଠରୀରୁ ମିଳିଲା ୩ କୋଟି ଟଙ୍କା, ୫୦ କିଲୋ ସୁନା

**ପ୍ରୟାଗରାଜ,୧୬।୯:** ଅଖିଳ ଭାରତୀୟ ଆଖଡ଼ା ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ମହନ୍ତ ନରେନ୍ଦ୍ର ଗିରିଙ୍କ ବନ୍ଦ ଥିବା ପ୍ରକୋଷ୍ଠରୁ ନଗଦ ୩ କୋଟି ଟଙ୍କା, ୫୦ କିଲୋଗ୍ରାମ ସୁନା, ଜମିଜମା କାଗଜପତ୍ର ମିଳିଛି। ଗତବର୍ଷ ସେପ୍ଟେମ୍ବର ୨୦ରେ ମହନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତାଙ୍କ ଆତ୍ମହତ୍ୟା ପାଇଁ ଶିଷ୍ୟ ଆନନ୍ଦ ଗିରି, ମନ୍ଦିର ପୂଜକ ଆଦ୍ୟ ପ୍ରସାଦ ତିୱାରୀ ଏବଂ ତାଙ୍କ ପୁଅଙ୍କୁ ଦାୟୀ କରାଯାଇଥିଲା। ସିବିଆଇ ଉକ୍ତ ମାମଲାର ତଦନ୍ତ କରୁଥିବାବେଳେ ମନ୍ଦିର ପ୍ରକୋଷ୍ଠକୁ ବର୍ଷେ ହେଲା ବନ୍ଦ ରଖାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଅଧିକାରୀଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସ ପହଞ୍ଚି ମନ୍ଦିର ଖୋଲିଥିଲେ। ମହନ୍ତଙ୍କର କୋଟି କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଥିବା ବିଶ୍ୱାସ କରାଯାଉଛି।

### ଏଏପି ବିଧାୟକ ଅମନତୁଲ୍ଲା ଗିରଫ

**ନୂଆଦିଲ୍ଲୀ,୧୬।୯:** ଦିଲ୍ଲୀର ଏଏପି ବିଧାୟକ ଅମନତୁଲ୍ଲା ଖାନ୍‌ଙ୍କୁ ପୋଲିସ ଗିରଫ କରିଛି। ଦିଲ୍ଲୀ ପୋଲିସର ଦୁର୍ନୀତି ନିବାରଣ ଶାଖା (ଏସିବି) ପକ୍ଷରୁ ଶୁକ୍ରବାର ବିଧାୟକ ଓ ତାଙ୍କ ବ୍ୟବସାୟ ସହଯୋଗୀ ହମିଦ ଅଲି ଖାନ୍ ମାସୁଦ୍ ଉସ୍ମାନଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୨୪ ଲକ୍ଷ ଟଙ୍କା ଏବଂ ବନ୍ଧୁକ ଓ ଗୁଳି ଜବତ ହୋଇଥିଲା। ଦୁଇବର୍ଷ ତଳର ଦିଲ୍ଲୀ ୱାକଫ୍ ବୋର୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ବିଧାୟକ ଖାନ୍‌ଙ୍କୁ ଶୁକ୍ରବାର ଜେରା କରାଯାଇଥିଲା। ଏସିବି ଦିଲ୍ଲୀ ୱାକଫ୍ ବୋର୍ଡ ନିଯୁକ୍ତି ଅନିୟମିତତା ମାମଲାର ତଦନ୍ତ କରୁଛି।



ସମରକନ୍ଦ ଏସ୍‌ସିଓ ସମ୍ମିଳନୀରେ ବାମରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ତୋକାୟେଭ୍, କିର୍ଗିଜସ୍ତାନ ରାଷ୍ଟ୍ରପତି ସାଦିର୍ ଜାପାରୋଭ୍, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ତାଜିକିସ୍ତାନ ରାଷ୍ଟ୍ରପତି ଏମୋମାଲି ରଖମୋନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍।

# ଏସ୍‌ସିଓ ନୂଆ କ୍ଷମତାକେନ୍ଦ୍ର

**ସମରକନ୍ଦ,୧୬।୯**

## ଗୋଟିଏ ମଞ୍ଚରେ ଆମେରିକା ବିରୋଧୀ



ସୋଭିଏଟ୍ ସଂଘର ପୂର୍ବତନ ସଦସ୍ୟ ଉଜ୍‌ବେକିସ୍ତାନରେ ଚାଲିଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ଏହାକୁ ନୂଆ କ୍ଷମତାକେନ୍ଦ୍ର କହି ପ୍ରଶଂସା କରିଛନ୍ତି। ଫେବୃଆରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ଆମେରିକାର ପରମ ଶତ୍ରୁ ପାଲଟିଥିବା ରୁଷିଆ ଏସ୍‌ସିଓ ସମିଟ୍‌କୁ ଏକ ୱାଶିଂଟନ ବିରୋଧୀ ମଞ୍ଚ ରୂପେ ଗଢ଼ି ତୋଳିବାକୁ ଉଦ୍ୟମ କରିଛି। ଏଥିରେ ସାମିଲ ଥିବା ଚାଇନା, ଇରାନ, ତୁର୍କୀ, ବେଲାରୁଷ ଓ ପାକିସ୍ତାନ ମଧ ଆମେରିକା ବିରୋଧୀ ହୋଇଥିବାରୁ ପରୋକ୍ଷରେ ପୁଟିନ୍ ଏଥିରୁ ଫାଇଦା ଉଠାଇବାକୁ ଯଥାସମ୍ଭବ ପ୍ରୟାସ ଚଳାଇଛନ୍ତି। ପୁଟିନ୍ କହିଛନ୍ତି, ନୂଆ କ୍ଷମତାକେନ୍ଦ୍ରର ପ୍ରଭାବ ବୃଦ୍ଧି ଦିନକୁ ଦିନ ଅଧିକ ସ୍ପଷ୍ଟ ହେବାରେ ଲାଗିଛି।

ଏସ୍‌ସିଓ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ୍ ଏର୍ଡୋଗାନ୍, ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କ ସହ ପୁଟିନ୍ ଆଲୋଚନା କରିଛନ୍ତି। ଏମାନେ ସମସ୍ତେ ହେଲେ ଆମେରିକା ବିରୋଧୀ। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆ ଉପରେ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ଅନେକ କଠୋର କଟକଣା ଜାରି କରାଯାଇଛି। ପାଶ୍ଚାତ୍ୟର ଏହି ଉଦ୍ୟମ ସତ୍ତ୍ୱେ ରୁଷିଆ ସମ୍ପୂର୍ଣ୍ଣ ଭାବେ ଏକଘରିକିଆ ହୋଇନାହିଁ ବୋଲି ପୁଟିନ୍ ଏସ୍‌ସିଓ ସମ୍ମିଳନୀରେ ଦର୍ଶାଇବାକୁ ଭରପୂର ଉଦ୍ୟମ କରିଛନ୍ତି। ସେପଟେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ପଦ ବଜାୟ ରଖି ତାଇୱାନ୍ ଦଖଲ ପାଇଁ ସ୍ୱପ୍ନ ଦେଖୁଥିବା ଜିନ୍‌ପିଙ୍ଗ୍ ମଧ ପରୋକ୍ଷରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ସମର୍ଥନ କରି ଆମେରିକାକୁ ନ୍ୟୂନ ଦେଖାଇବାକୁ ଚାହିଁଛନ୍ତି। ସମରକନ୍ଦ ସମ୍ମିଳନୀରେ ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ଜିନ୍‌ପିଙ୍ଗ୍ କହିଥିଲେ, ରୁଷିଆ ଓ ଚାଇନାର ପାରସ୍ପରିକ ସ୍ୱାର୍ଥ ସାଧନ ନିମନ୍ତେ ମସ୍କୋ ସହ ମହାଶକ୍ତି ଭୂମିକାରେ ଅବତୀର୍ଣ୍ଣ ହେବାକୁ ବେଜିଂ ଆଗ୍ରହୀ। ଏହାର ଉତ୍ତରରେ ପୁଟିନ୍ କହିଥିଲେ, ୱାନ୍ ଚାଇନା ପଲିସିକୁ ଆମେ ଗ୍ରହଣ କରିବା ସହ ତାଇୱାନ୍ ପ୍ରସଙ୍ଗରେ ଆମେରିକାର ହସ୍ତକ୍ଷେପକୁ ନିନ୍ଦା କରୁଛୁ। ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ପୁଟିନ୍‌ଙ୍କୁ କହିଥିଲେ, ଆମେରିକାର କଟକଣା ଆମ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜଭୁତ କରିବ। ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପଛରେ ରହି କଟକଣା ଭୋଗୁଥିବା ବେଲାରୁଷ ଷ୍ଟ୍ରଙ୍ଗମ୍ୟାନ୍ ଲୁକାଶେଙ୍କୋ ପାଶ୍ଚାତ୍ୟ ନେତାମାନଙ୍କୁ ନିନ୍ଦା କରିବା ସହ ପୁଟିନ୍ ଓ ଜିନ୍‌ପିଙ୍ଗ୍‌ଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏସବୁ ଭିତରେ ଆମେରିକା ଏହି ସମ୍ମିଳନୀ ଉପରେ କଡ଼ା ନଜର ରଖିଛି।

### ୨୦୨୩ରେ ଅଧକ୍ଷତା କରିବ ଭାରତ

ଚଳିତବର୍ଷର ଏସ୍‌ସିଓ ସମ୍ମିଳନୀ ଉଜ୍‌ବେକିସ୍ତାନ ଅଧ୍ୟକ୍ଷତାରେ ଚାଲିଥିବାବେଳେ ୨୦୨୩ରେ ଏଥିରେ ଭାରତ ଅଧ୍ୟକ୍ଷତା କରିବ। ଏଥିପାଇଁ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍ ଶୁକ୍ରବାର ଭାରତକୁ ୮ ସଦସ୍ୟ ବିଶିଷ୍ଟ ଏସ୍‌ସିଓର ଅଧ୍ୟକ୍ଷତା ହସ୍ତାନ୍ତର କରିଛନ୍ତି। ଆମ ରଣନୈତିକ ସହଯୋଗୀ ଭାରତକୁ ଏହି ଦାୟିତ୍ୱପୂର୍ଣ୍ଣ ମିଶନରେ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ଉଜ୍‌ବେକ୍ ବହିର୍ବ୍ୟାପାର ମନ୍ତ୍ରୀ ଭ୍ଲାଡିମିର ନୋରୋଭ୍ ଟୁଇଟ୍ କରିଛନ୍ତି। ସମରକନ୍ଦ ସମ୍ମିଳନୀରେ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ମଧ ସାମିଲ ଥିଲେ। ଏହି ଅବସରରେ ଜିନ୍‌ପିଙ୍ଗ୍ କହିଥିଲେ, ପରବର୍ତ୍ତୀ ବର୍ଷ ଭାରତ ଏସ୍‌ସିଓ ସମ୍ମିଳନୀ ଆୟୋଜନ କରିବ। ଏଥିପାଇଁ ଚାଇନା ସମର୍ଥନ କରିବ। ଭାରତକୁ ଅଭିନନ୍ଦନ।

### ଏସ୍‌ସିଓ: ଇତିହାସ, ଭୂଗୋଳ

➡ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ହେଉଛି ଏକ ୟୁରୋସୀୟ (ୟୁରୋପୀୟ ଓ ଏସୀୟ) ରାଜନୈତିକ, ଅର୍ଥନୈତିକ ଏବଂ ସୁରକ୍ଷା ସଙ୍ଗଠନ।

➡ଭୌଗୋଳିକ ପରିସର ଓ ଜନସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱର ସର୍ବବୃହତ୍ ଆଞ୍ଚଳିକ ସଙ୍ଗଠନ। ଏହା ମଧ୍ୟରେ ୟୁରେସିଆର ୬୦% ଅଞ୍ଚଳ ଓ ୩୦% ଜନସଂଖ୍ୟା ଆସୁଛି। ବିଶ୍ୱର ୩୦%ରୁ ଊର୍ଦ୍ଧ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି) କେବଳ ଏସ୍‌ସିଓରୁ ଆସିଥାଏ।

➡୧୯୯୬ରେ ଚାଇନା, କାଜାଖସ୍ତାନ, କିର୍ଗିଜସ୍ତାନ, ରୁଷିଆ ଓ ତାଜିକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ପାରସ୍ପରିକ ସୁରକ୍ଷା ଚୁକ୍ତି ବଳରେ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା।

➡୨୦୦୧ ଜୁନ୍ ୧ରେ ଏହି ୫ ରାଷ୍ଟ୍ର ସହ ଉଜ୍‌ବେକିସ୍ତାନର ନେତାମାନେ ସାଂଘାଇରେ ଏକାଠି ହୋଇ ରାଜନୈତିକ ଓ ଅର୍ଥନୈତିକ ସହଯୋଗ ବୃଦ୍ଧି ନିମନ୍ତେ ଏକ ନୂଆ ସଙ୍ଗଠନ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ।

➡୨୦୦୨ ଜୁଲାଇ ୭ରେ ଏସ୍‌ସିଓ ଚାର୍ଟର ସ୍ୱାକ୍ଷରିତ ହୋଇଥିଲା, ଯାହାକି ୨୦୦୩ ସେପ୍ଟେମ୍ବର ୧୯ରୁ କାର୍ଯ୍ୟକାରୀ ହେଲା।

➡ଏସ୍‌ସିଓର ସଦସ୍ୟତା ୯ଟି ଦେଶକୁ ବିସ୍ତାର ଲାଭ କରିଥିବାବେଳେ ୨୦୧୭ ଜୁନ୍ ୯ରେ ଭାରତ ଓ ପାକିସ୍ତାନ ଏଥିରେ ସାମିଲ ହୋଇଥିଲେ। ଅନେକ ଦେଶ ଏଥିରେ ପର୍ଯ୍ୟବେକ୍ଷକ କିମ୍ବା ଆଲୋଚନା ସହଭାଗୀ ରୂପେ ଯୋଗଦେଇଛନ୍ତି। ଅବ୍‌ଜର୍ଭର ରାଷ୍ଟ୍ର ରୂପେ ଇରାନ, ମଙ୍ଗୋଲିଆ, ଆଫଗାନିସ୍ତାନ ସାମିଲ ହୋଇଥିବାବେଳେ ଡାଇଲଗ୍ ପାର୍ଟନର ହେଉଛନ୍ତି ବେଲାରୁଷ, ଶ୍ରୀଲଙ୍କା, ତୁର୍କୀ, କାମ୍ବୋଡିଆ, ଆଜରବୈଜାନ, ନେପାଳ, ଆର୍ମେନିଆ, ଇଜିପ୍ଟ ଓ କାତାର।

➡ଏସ୍‌ସିଓ ଏହାର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ହେଡ୍ସ ଅଫ୍ ଷ୍ଟେଟ୍ କାଉନ୍‌ସିଲ (ଏଚ୍‌ଏସ୍‌ସି) ଦ୍ୱାରା ପରିଚାଳିତ। ଏହାର ବୈଠକ ବର୍ଷକୁ ଥରେ ବସିଥାଏ।

➡ସାଧାରଣତଃ ଏସ୍‌ସିଓ ସମ୍ମିଳନୀର ଦୁଇଟି ଅଧିବେଶନ ହୋଇଥାଏ। ସୀମିତ ଅଧିବେଶନରେ କେବଳ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାଗନେଇଥାଆନ୍ତି। ପରିବର୍ଦ୍ଧିତ ଅଧିବେଶନରେ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରାଷ୍ଟ୍ର ସାମିଲ ହୋଇଥାଆନ୍ତି।

## ‘ଭାରତ ହେବ ନିର୍ମାଣ ହବ୍’

କୋଭିଡ୍-୧୯ ମହାମାରୀ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବୈଶ୍ୱିକ ଯୋଗାଣଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତକୁ ଏକ ମାନୁଫାକ୍ଟରିଂ ହବ୍‌ରେ ପରିଣତ କରାଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଜ୍‌ବେକିସ୍ତାନର ସମରକନ୍ଦରେ ଆୟୋଜିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେଇ କହିଛନ୍ତି। ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକର କାଉନ୍‌ସିଲ ଅଫ୍ ହେଡ୍ସ (ଏସ୍‌ସିଓ-ସିଓଏଚ୍‌ଏସ୍)ର ପରିବର୍ଦ୍ଧିତ ଫର୍ମାଟ୍‌କୁ ସମ୍ବୋଧିତ କରି ମୋଦି କହିଛନ୍ତି, ଆମର ଜନକୈନ୍ଦ୍ରିକ ନମୁନାରେ କାରିଗରିର ଉପଯୁକ୍ତ ବ୍ୟବହାର ଉପରେ ଅନେକ ଗୁରୁତ୍ୱ ଦିଆଯାଉଛି। ଭାରତକୁ ଏକ ନିର୍ମାଣର ହବ୍‌ରେ ପରିଣତ କରିବା ଦିଗରେ ଆମେ ଆଗେଇ ଚାଲିଛୁ। ଦେଶରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଓ ଶତାଧିକ ୟୁନିକର୍ନ ରହିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନବଉନ୍ମେଷକୁ ସମର୍ଥନ କରାଯାଉଛି। ଏହା ଭାରତର ଆର୍ଥିକ ସ୍ଥିରତାକୁ ଦର୍ଶାଉଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତିରେ ୭.୫% ଅଭିବୃଦ୍ଧି ଘଟିବା ଆଶା କରାଯାଉଛି, ଯାହାକି ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକଠାରୁ ସର୍ବାଧିକ। ଯୋଗାଣଶୃଙ୍ଖଳରେ ପ୍ରତିକୂଳ ସ୍ଥିତିର ମୁକାବିଲା ଦକ୍ଷତା ବୃଦ୍ଧି, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଏବଂ ପାରସ୍ପରିକ ଟ୍ରାଞ୍ଜିଟ୍ ଅଧିକାର ଗୁରୁତ୍ୱପୂର୍ଣ୍ଣ ହେବ। ଏସ୍‌ସିଓ ଆମ ଅଞ୍ଚଳରେ ଏକ ରେଜିଲିଆଣ୍ଟ ସପ୍ଲାଏ ଚେନ୍ ପ୍ରତିଷ୍ଠା ଲାଗି ଉଦ୍ୟମ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମତ ରଖିଛନ୍ତି। ଆଫଗାନିସ୍ତାନକୁ ପାକିସ୍ତାନ ଦେଇ ପଠାଯାଇଥିବା ସାମଗ୍ରୀ ପହଞ୍ଚିବାରେ ଅନେକ ମାସ ଲାଗିଯାଇଥିଲା। ଏଭଳି ବିଳମ୍ବକୁ ଏଡ଼ାଇବା ଲାଗି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଖାଦ୍ୟ ଯୋଗାଣର ଏକ ‘ଟ୍ରାଞ୍ଜିଟ୍ ରାଇଟ୍ସ’ କରାଯିବା ପ୍ରସଙ୍ଗ ମୋଦି ଉଠାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍ ୨୨ତମ ଏସ୍‌ସିଓ ସମିଟ୍‌ର କଂଗ୍ରେସ ସେଣ୍ଟରକୁ ସ୍ୱାଗତ କରିଥିଲେ। ଉଜ୍‌ବେକିସ୍ତାନର ଅଧ୍ୟକ୍ଷତାରେ ସଫଳତା ପାଇଁ ଭାରତ ସମ୍ପୂର୍ଣ୍ଣ ସହଯୋଗ କରୁଛି।

## ଏହା ଯୁଦ୍ଧର ଯୁଗ ନୁହେଁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଲ୍କ ରୋଡ୍‌ସିଟି ସମରକନ୍ଦରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ମୋଦି ପୁଟିନ୍‌ଙ୍କୁ କହିଛନ୍ତି, ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରିପ୍ରେକ୍ଷୀରେ ଉପୁଜିଥିବା ବୈଶ୍ୱିକ ଖାଦ୍ୟ ଓ ଶକ୍ତି ସଙ୍କଟର ସମାଧାନ ପାଇଁ ଉପାୟ ବାହାର କରାଯିବା ଆବଶ୍ୟକ। ପୁଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ମୋଦି ଗଣତନ୍ତ୍ର, ଆଲୋଚନା ଓ କୂଟନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ସାରା ବିଶ୍ୱ ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ ଆଗରେ ଖାଦ୍ୟ ନିରାପତ୍ତା, ଇନ୍ଧନ ନିରାପତ୍ତା ଓ ସାର ଯୋଗାଣ ସବୁଠୁ ବଡ଼ ଚିନ୍ତାର ବିଷୟ ପାଲଟିଛି।

**ପୁଟିନ୍‌ଙ୍କୁ ମୋଦି କହିଲେ**

ଆମକୁ ଏହି ସମସ୍ୟାର ସମାଧାନ ବାହାର କରିବାକୁ ପଡ଼ିବ। ଆପଣଙ୍କୁ ମଧ ଏହା ଉପରେ ବିଚାର କରିବାକୁ ପଡ଼ିବ। ପୁଟିନ୍ ନିଜ ବକ୍ତବ୍ୟ ରଖି କହିଥିଲେ, ୟୁକ୍ରେନ୍ ସଂଘର୍ଷକୁ ନେଇ ଭାରତର ଚିନ୍ତା ଉପରେ ସେ ସଚେତନ ଅଛନ୍ତି। ରୁଷିଆ ଏହାର ଅନ୍ତ ଘଟାଇବା ପାଇଁ ଯଥାଶୀଘ୍ର ସମ୍ଭବ ସବୁକିଛି କରିବ। ୟୁକ୍ରେନ୍ ଆଲୋଚନାରୁ ମୁହଁ ଫେରାଇ ନେଇଛି ଏବଂ ଯୁଦ୍ଧଭୂମିରେ ସାମରିକ ଉପାୟରେ ନିଜ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ସେଠାରେ ଯାହାକିଛି ଚାଲିଛି, ସେସବୁ ଉପରେ ଆମେ ଆପଣଙ୍କୁ ଅବଗତ କରାଇବୁ ବୋଲି ପୁଟିନ୍ ମୋଦିଙ୍କୁ କହିଥିଲେ।

## ‘ଆମ୍ବେଡ୍‌କର ଆଣ୍ଡ୍ ମୋଦି: ରିଫର୍ମର୍ସ ଆଇଡିଆଜ୍ ପର୍ଫର୍ମର୍ସ ଇମ୍ପ୍ଲିମେଣ୍ଟେଶନ’ ପୁସ୍ତକ ଉନ୍ମୋଚିତ

**ନୂଆଦିଲ୍ଲୀ,୧୬।୯**



ପୁସ୍ତକ ଉନ୍ମୋଚନ କରୁଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପାଖରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ପୂର୍ବତନ ସିଜେଆଇ କେ.ଜି. ବାଲକ୍ରିଷ୍ଣନ ଏବଂ ବ୍ଲୁକାର୍ଟ ଡିଜିଟାଲ ଫାଉଣ୍ଡେଶନର ନିର୍ଦ୍ଦେଶକ ହିତେଶ ଜୈନ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ନୂଆଦିଲ୍ଲୀରେ ‘ଆମ୍ବେଡ୍‌କର ଆଣ୍ଡ୍ ମୋଦି: ରିଫର୍ମର୍ସ ଆଇଡିଆଜ୍, ପର୍ଫର୍ମର୍ସ ଇମ୍ପ୍ଲିମେଣ୍ଟେଶନ’ପୁସ୍ତକ ଉନ୍ମୋଚନ କରିଛନ୍ତି। ପୁସ୍ତକ ଉନ୍ମୋଚନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ପୂର୍ବତନ ସିଜେଆଇ କେ.ଜି. ବାଲକ୍ରିଷ୍ଣନ, କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ ଏବଂ ବ୍ଲୁକାର୍ଟ ଡିଜିଟାଲ ଫାଉଣ୍ଡେଶନର ନିର୍ଦ୍ଦେଶକ ହିତେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ କେବଳ ମହାନ୍ ସଂସ୍କାରକ ବାବା ସାହେବ ଡ. ଭୀମରାଓ ଆମ୍ବେଡ୍‌କରଙ୍କର ମହାନ ନୀତି ଆଦର୍ଶ ଓ ଦୂରଦୃଷ୍ଟିର ସଂକଳନ ନୁହେଁ, ସେଗୁଡ଼ିକ କିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଛି, ତାହାର ଏକ ସଂକଳନ। ଆମ୍ବେଡ୍‌କରଙ୍କ ଦୂରଦୃଷ୍ଟିକୁ ହୃଦୟଙ୍ଗମ କରିବା ଲାଗି ଏହା ମହାନ ପ୍ରୟାସର ଏକ ପ୍ରଲେଖନ ବୋଲି ଅନୁରାଗ କହିଛନ୍ତି। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି କୋବିନ୍ଦ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଆମ୍ବେଡକରଙ୍କୁ ଦୂରଦୃଷ୍ଟିକୁ ବାସ୍ତବରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଥିବା ମୋଦିଙ୍କୁ ସେ ସମାଜ ସଂସ୍କାରକଙ୍କ ପ୍ରକୃତ ଅନୁଗାମୀ ବୋଲି ଅଭିହିତ କରିଥିଲେ। ସେହିପରି ପୂର୍ବତନ ସିଜେଆଇ ଜଷ୍ଟିସ ବାଲକ୍ରିଷ୍ଣନ୍ ତାଙ୍କ ଉଦ୍‌ବୋଧନରେ ଆମ୍ବେଡ୍‌କରଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ତାଙ୍କୁ ଭାରତର ମହାନ ଚିନ୍ତାନାୟକ ବୋଲି କହିଥିଲେ।

**ଚାଇନା ଲୋନ୍ ଆପ୍ ମାମଲା**

## ୪୬ କୋଟି ଜବତ

**ନୂଆଦିଲ୍ଲୀ,୧୬।୯**

ଚାଇନାର ବେଆଇନ ଲୋନ୍ ଏବଂ ବେଟିଂ ଆପ୍ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିଲ୍ଲୀ, ଗାଜିଆବାଦ, ମୁମ୍ବାଇ, ଲକ୍ଷ୍ନୌ ଏବଂ ଗୟାର ବ୍ୟବସାୟିକ ଓ ଆବାସିକ ସ୍ଥାନରେ ଚଢ଼ାଉ କରିଛି। ଏଚ୍‌ପିଜେଡ୍ ଓ ଏହା ସହ ସମ୍ପୃକ୍ତ କମ୍ପାନୀ ଉପରେ ଚଢ଼ାଉ କରାଯାଇଥିଲା। ଏଚ୍‌ପିଜେଡ୍ ଟୋକନ୍ ମାମଲା ସହ ସମ୍ପୃକ୍ତ ପେଟିଏମ୍, ରାଜୋରପେ, କ୍ୟାଶଫ୍ରି ଏବଂ ଏଜ୍‌ବୁଜ୍ ପ୍ରାଇଭେଟ ଲିମିଟେଡ୍‌ର ୪୬ କୋଟି ଟଙ୍କା ଇଡି ଜବତ କରିଛି। ଏହା ବ୍ୟତୀତ ଦିଲ୍ଲୀ, ଗୁରୁଗ୍ରାମ, ମୁମ୍ବାଇ, ପୁଣେ, ଚେନ୍ନାଇ, ହାଇଦ୍ରାବାଦ, ଜୟପୁର, ଯୋଧପୁର ଏବଂ ବେଙ୍ଗାଲୁରୁରେ ଥିବା ବିଭିନ୍ନ ବ୍ୟାଙ୍କ ଏବଂ ପେମେଣ୍ଟ ଗେଟ୍‌ୱେ ଶାଖା ଓ କାର୍ଯ୍ୟାଳୟ ଉପରେ ମଧ ଇଡି ଚଢ଼ାଉ କରିଥିଲା।

## ଜିଗ୍ନେଶ ମେଭାନିଙ୍କୁ ୬ ମାସ ଜେଲ

**ନୂଆଦିଲ୍ଲୀ,୧୬।୯**



**ଦଙ୍ଗା ସୃଷ୍ଟି ଓ ବେଆଇନ ସମାବେଶ ମାମଲା**

୨୦୧୬ରେ ଦଙ୍ଗା ସୃଷ୍ଟି ଏବଂ ବେଆଇନ ଭାବେ ଏକତ୍ର ହେବା ମାମଲାରେ ଅହମଦାବାଦର ଏକ ଅଦାଲତ ଶୁକ୍ରବାର ଗୁଜରାଟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଜିଗ୍ନେଶ ମେଭାନି ଏବଂ ଅନ୍ୟ ୧୮ ଜଣଙ୍କୁ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଗୁଜରାଟ ବିଶ୍ୱବିଦ୍ୟାଳୟର ଏକ ନିର୍ମାଣାଧୀନ ବିଲ୍ଡିଂକୁ ବି.ଆର୍. ଆମ୍ବେଡ୍‌କରଙ୍କ ନାମରେ ନାମିତ କରିବା ଦାବିରେ ୨୦୧୬ରେ ମେଭାନିଙ୍କ ସହ ରାଷ୍ଟ୍ରୀୟ ଦଳିତ ଅଧିକାର ମଞ୍ଚର ସଦସ୍ୟମାନେ ବିକ୍ଷୋଭ କରିଥିଲେ। ଏହି ଘଟଣାରେ ମୋଟ ୨୦ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଦଙ୍ଗା ସୃଷ୍ଟି କରିବା ଏବଂ ବେଆଇନ ଭାବେ ଏକତ୍ର ହେବା ନେଇ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୯ ଜଣଙ୍କୁ ୬ ମାସ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହିତ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ପି.ଏନ୍. ଗୋସ୍ୱାମୀ ଅଭିଯୁକ୍ତମାନଙ୍କ ଉପରେ ଜରିମାନା ଲଗାଇଛନ୍ତି। ଅକ୍ଟୋବର ୧୭ ମଧ୍ୟରେ ସେମାନେ ଦଣ୍ଡାଦେଶ ବିରୋଧରେ ଉପର କୋର୍ଟରେ ଆବେଦନ କରିପାରିବେ।

ଦଳିତ ନେତା ମେଭାନି ୨୦୧୭ ବିଧାନସଭା ନିର୍ବାଚନରେ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ପରେ ତାଙ୍କୁ କଂଗ୍ରେସ ଗୁଜରାଟ ଶାଖାର କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ମେଭାନିଙ୍କୁ ଜେଲଦଣ୍ଡ ଦଳ ପାଇଁ ବଡ଼ ଝଟ୍‌କା ହୋଇଛି। ୨୦୧୭ରେ ବିନା ଅନୁମତିରେ ରାଲି ବାହାର କରିବା ମାମଲାରେ ଗତ ମେ’ ମାସରେ ମେଭାନିଙ୍କୁ ୩ ମାସ ଜେଲଦଣ୍ଡ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିବା ଏବଂ ଅନ୍ୟ ଏକ ମାମଲାରେ ଗତ ଏପ୍ରିଲରେ ମେଭାନିଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ଉଭୟ ମାମଲାରେ ତାଙ୍କୁ ଜାମିନ ମିଳିଥିଲା।

# ଜୀବନ୍ତ ଅକ୍ଷାଂଶ

**ଗଳ୍ପ**

**ମହାଶ୍ୱେତା ସାହୁ**



ସେ ସ୍ୱପ୍ନରେ ଥିଲା ଯେମିତି। ଅସମାହିତ ଅନେକ ପ୍ରଶ୍ନକୁ ନେଇ, ମୋହ ଆସକ୍ତ ଆକର୍ଷଣରେ ଭୂମିରୁ ଜଳକୁ ଫିଙ୍ଗିଲା ଗୋଟେ ଗୋଡ଼ି, ଜଳ ତରଙ୍ଗ ଖେଳେଇ ଦେଇଗଲା ଅସରନ୍ତି କୁନିକୁନି ଢେଉମାନଙ୍କୁ।

- ସତରେ ଭଲପାଅ ମୋତେ ?
- ବହୁତ।
- ବିଶ୍ୱାସ କର ମତେ ?
- ନା।
- କ'ଣ ପାଇଁ? ବାରବାର ବିଶ୍ୱାସ ହରାଇଥିବା ମଣିଷ, ବାରବାର ବିଶ୍ୱାସରେ ବିଷ ପାଇଥିବା ମଣିଷ କେବେ ସହଜରେ ବିଶ୍ୱାସ କରେ ନାହିଁ।
- ତୁମେ ଗୋଟେ ଅବିଶ୍ୱାସୀ ପ୍ରାଣୀ, ଯିଏ କାହାରିକୁ ବିଶ୍ୱାସ କରିପାର ନାହିଁ। କାରଣ ତୁମେ ନିଜକୁ ଭଲପାଇ ପାରି ନାହଁ। ପ୍ରକୃତପକ୍ଷେ ତୁମ ବିଶ୍ୱାସକୁ ଏଥର ଭଙ୍ଗାଯାଇଛି ଯେ, ତୁମେ କାହାକୁ ବିଶ୍ୱାସ କରିବାକୁ ଚାହୁଁନ।

ବର୍ଷବର୍ଷ ଧରି ଅକ୍ଷତ ସାଇତା ମନ... ଫୁଟିବାର ପ୍ରୟାସରେ ଉଦ୍‌ବିଗ୍ନ ଗୋଟେ ନାଲି ଗୋଲାପର କଢ଼। ଯେ ମହମହ ବାସ୍ନାରେ ବିକଶିତ। ସମୁଦ୍ରର ଗଭୀରତାକୁ ମାପୁଥିଲା ସେ। ଡଙ୍ଗାର ଗୋଟେ କୋଣକୁ ବସିଥିଲା ସେ। ପାଣିର କଳକଳ ନାଦ ଭିତରେ ଏକ ଶାନ୍ତ ସାମୁଦ୍ରିକ ସଙ୍ଗୀତର ଉଲ୍ଲାସରେ ବିଭୋର... ଆତ୍ମହରା ସେ।

ସମୁଦ୍ରର ଜଳ କାଟି ଏ ବିରାଟ ଯନ୍ତ୍ରଚାଳିତ ଡଙ୍ଗା ତୀର ବେଗରେ ଆଗେଇଯାଉଛି। ସମସ୍ତ ପ୍ରତିକୂଳ ପରିବେଶ ଓ ପବନର ସ୍ରୋତକୁ କାଟି ଆଗେଇଯାଉଛି। ଗୋଟେ ସ୍ରୋତ ଜୀବନର ଯାତ୍ରା ପରି ତୀବ୍ର ଆବେଗରେ ଧାଉଁଛି...। ପ୍ରଜାପତିଙ୍କ ଡେଣାରେ ପ୍ରେମ ହୁଏ। ପ୍ରଜାପତିଙ୍କ ଆଖିରେ ଜୀବନ୍ତ ଅକ୍ଷାଂଶ ପ୍ରସ୍ତୁତ ହୁଏ। ବୋଧହୁଏ ତାହା ହିଁ ପ୍ରେମ।

ଆଜି ଦ୍ୱିପ୍ରହରେ ତୁମେ ଖୁବ୍ ମନେପଡ଼ିଛ...। ତୁମକୁ ଢେର୍ ଖୋଜିଛି... ଉଣ୍ଡାଳିଛି ତୁମକୁ। ତୁମ ପୁରୁଣା ଡାଏରୀ ଭିତରେ, ପୁରୁଣା ମୋର ରଫ୍‌ଖାତା ଭିତରେ, ତୁମର ପୁରୁଣା ମାଗାଜିନ୍ ଭିତରେ, ଗତ କୋଡ଼ିଏ ବର୍ଷ ତଳୁ ତୁମେ ଏବେ ବି ବନ୍ଧାପଡ଼ିଛ ମୋ' ଭିତରେ। ଆଉ ଗୋଟେ ଅପରାହ୍ଣର ଅପେକ୍ଷାରେ।

ତୁମେ ପୁଣିଥରେ ଭେଟ ହୁଅନ୍ତ ଅଳସ ଅପରାହ୍ଣରେ। ସେଇ କୃଷ୍ଣଚୂଡ଼ା ମୂଳେ, ପଥର ଉପରେ ଦୁହେଁ ଦୁହିଁଙ୍କୁ ଲାଜଲାଜ ସଂଭ୍ରମତାରେ ଆଉଥରେ ଅପଲକ ନୟନରେ ଚାହିଁରହନ୍ତେ। ଧାରଧାର ତତଲା ଲୁହ ଲହୁ ହୋଇ ଝରିଆସନ୍ତା। ଦୂର ସମୁଦ୍ରରୁ ଉଛୁଳି ଆସିଥିବା ଜୁଆର ପରି ମନର ମରୁଭୂମିକୁ ସମ୍ପୂର୍ଣ୍ଣ ଓଦା କରି ଦିଅନ୍ତା।

ଜମା ପଚାରନ୍ତା ନାହିଁ କେମିତି ଅଛୁ ବୋଲି। ବରଂ କହନ୍ତା ଭଲ ତ ଦିଶୁଛୁ ତୁ... ଠିକ୍ ସେଦିନ ପରି। କିଛି ବଦଳିନି... ଖାଲି ଯା ସମୟ ବଦଳିଯାଇଛି...! ତାରିଖ ଓ ମସିହା ବଦଳି ଯାଇଛି...।

ତୁମକୁ ଉଣ୍ଡାଳିଛି ବହୁତ, ଖୋଜିଛି ବହୁତ... ପୁରୁଣା ଚିଠିରେ, ଅସଂଖ୍ୟ ପ୍ରେମର ସ୍ୱପ୍ନରେ। ତୁମକୁ ଖୋଜିଛି ହଜିଯାଇଥିବା ଅପହଞ୍ଚ ଦୂରଭାଷ ନମ୍ବରରେ, ବାରବାର... ବହୁବାର...।

ଅପେକ୍ଷାର ଯେମିତି ଅନ୍ତ ନ ଥିଲା। କୁନୁ ଦେଖିଛ ସେ ଆକାଶ ? ଦେଖିଛ ସେ ଇନ୍ଦ୍ରଧନୁ ? ସେ ପାହାଡ଼, ସେ ରଙ୍ଗିନ ଫୁଲ, ଗଛପତ୍ର, ସବୁ ତୁମ ପାଖରେ ଶବ୍ଦହୀନ ପରି ସନ୍ନ୍ୟାସ ନେଇଛନ୍ତି ତୁମ ଭିତରେ।

ତୁମେ ପ୍ରତିଶୋଧପରାୟଣ ହୋଇଥିଲେ ବୋଧହୁଏ ମୁଁ ଆଜି ଯନ୍ତ୍ରଣା ପାଉ ନ ଥାନ୍ତି, ବରଂ ଆଜି ତୁମ ନୀରବତା, ନିର୍ବାସନ ମୋତେ ଧ୍ୱଂସ କରିପକାଉଛି। ବଞ୍ଚିବାର ଆଗ୍ରହଟେ ତୁମେ, ମୋ' ବଞ୍ଚିବାର ନାଁଟେ ତୁମେ। ଭଉଁରି ଉଠୁ ନ ଥିବା ଗାଲରେ, ସେଇ କଳାଜାଇ ଥିବା ଝିଅଟା ଶିଖିଯାଇଛି ଦୁଃଖ ଲୁଚାଇବାର ସୂକ୍ଷ୍ମତମ କଳା।

ତୁମେ ଗୋଟେ କସ୍ତୁରୀର ମହମହ ବାସ୍ନାରେ ବିଭୋର ନାମ। ତୁମେ କହୁଥିଲ ଜାଣ, ସବୁ ସ୍ତ୍ରୀଲୋକ ଗୋଟେ ଗୋଟେ ମମ୍‌ତାଜ୍। ଯିଏ ସେଇ ଶାହାନାଜ୍‌ଙ୍କୁ ଅପେକ୍ଷା ରଖେ, ଯେ ତାକୁ ଚିହ୍ନିପାରିବ। ତା' ପାଇଁ ତାଜମହଲ ବନେଇବ। ତାଜମହଲ କଥାରେ ବନେନି। ପ୍ରେମରେ ବନେ। ସ୍ତ୍ରୀଲୋକଟେ ଲୋଡ଼େ କ'ଣ ? ଟିକେ ସମ୍ମାନ ଓ ପ୍ରଚୁର ଭଲପାଇବା ଛଡ଼ା !

- ତାଜମହଲ ବନେଇବା ପାଇଁ ସେ ଶାହାଜାହାନ୍ ମିଳିବା ଦରକାର ମମ୍‌ତାଜ୍‌କୁ, ମାତ୍ର...

ବିଭୋର ବାସ୍ନା ସହ ତୁମେ ଥିଲ ଓ ରହିବ। ଏ ଜନ୍ମରୁ ଜନ୍ମାନ୍ତରଯାଏ ପ୍ରେମର ତାଜମହଲ ଆଗରେ ମୁଁ ଗଢ଼ିବି ଶବ୍ଦରେ। ତୂଳୀରେ...। ଉଜାଡ଼ି ଦେବି ନିଜକୁ ସର୍ବସ୍ୱାନ୍ତ କରି। ଯାହା ବାନ୍ଧିହୁଏନି, ବାଣ୍ଟିହୁଏନି, ତୁମେ ସେଇ କଷ୍ଟ, ସେଇ ଅନୁଭବ, ଯାହା ବର୍ଣ୍ଣିବା, ତାହା ମଧ୍ୟ ଯନ୍ତ୍ରଣା।

ତୁମ ନୀରବତା ମୋ' ସାଧନା। ଏ ଲୁହ ମୋର, ଏ ସ୍ୱପ୍ନ ମୋର, ଏ କୋହ ମଧ୍ୟ ମୋର। ଏସବୁ ଯାତନା ଓ ଯନ୍ତ୍ରଣା, ଚୂନାଚୂନା ଭାଙ୍ଗୁଥିବା ହୃଦୟର ଆକ୍ରାମାକ୍ରା ଆବେଗ ମଧ୍ୟ କେବଳ ମୋର। ଯାହା ତୁମେ ନୁହେଁ ମୁଁ ନେଇଥିଲି ପ୍ରାପ୍ତି ସୂତ୍ରରେ। ତୁମେ ମିଛର କାହାଣୀ। ମୁଁ ସତ ଶବ୍ଦର ଯାଦୁଗର।

ତୁମେ ଶବ୍ଦରେ ପ୍ରେମର ଫଗୁ ଖେଳ। ମୁଁ ଶବ୍ଦରେ କୋଣାର୍କ ଗଢ଼େ। ଯୋଜନଗନ୍ଧାର ମହମହ ବାସ୍ନା ବିଭୋର କରେ ମୋ' ପ୍ରତିଟି ବର୍ଷାର ଏଇ ସନ୍ଧ୍ୟାକୁ। ମୋ' ଆବେଗକୁ...।

ମୋ: ୮୩୨୭୭୫୭୬୧୯

## କବିତା

### ଅଭିମାନ

**ସତ୍ୟବ୍ରତ ସାହୁ**

ତମ ଅଭିମାନକୁ ସମ୍ମାନ ଦିଏ ବୋଲି ତ
ତମକୁ ଦେଇପାରେନା ଗାଳି କି
ରାଗିପାରେନା ତମ ଉପରେ।

କେମିତି ରାଗିବି ଯେ !
ମୁଁ ତ ଥୁଣ୍ଟା ବରଗଛଟେ ଥିଲି
ତମେ ମୋତେ ପଲ୍ଲବିତ କଲ
ମୁଁ ତ ଏକୁଟିଆ ଥିଲି
ତମେ ମୋତେ ପ୍ରେମ ଶିଖାଇଲ,
ମାୟା ଲଗାଇଲ
ତମ ଆତ୍ମୀୟତାରେ
ଏମିତି ଛନ୍ଦି ଦେଲ ଯେ
ମୁକୁଳିବାକୁ ଇଚ୍ଛା କରିନି କେବେ।
କାହିଁକି ମୁକୁଳିବି ଯେ !
ଯେଉଁଠି ପ୍ରେମ ଅଛି, ଆତ୍ମୀୟତା ଅଛି,
ଅଭିମାନ ଅଛି
ସେଠୁ ମୁକୁଳିବା କ'ଣ
ନିହାତି ଲୋଡ଼ା କି ସଖୀ ?

ତମ ଅଭିମାନକୁ ବୁଝୁବୁଝୁ
ତମ ଅଭିମାନକୁ ବୁଝାଉ ବୁଝାଉ
ମୁଁ କେତେବେଳେ ଭାବୁକରୁ
କବି ହୋଇଗଲି
ଜାଣିପାରିଲି ନାହିଁ।
ପ୍ରିୟ ସଖୀ !
ମିଛରେ ହେଉ ବା ସତରେ...
ତମେ ଅଭିମାନ କର...
ତମ ମାନଭଞ୍ଜନ ପାଇଁ
ମୁଁ ତ ମନେପକାଇ ପାରିବି
ସେହି ଆତ୍ମୀୟତାର କଥା...
ଦେହି ପଦପଲ୍ଲବ ମୁଦାରଂ...
ତମ ପ୍ରେମ ଓ ଆତ୍ମୀୟତାକୁ ନେଇ
ଯଦି ସାରା ଜୀବନ
ଶାନ୍ତିରେ ବଞ୍ଚି ହେବ...
ତେବେ ତମେ କୁହତ ସଖୀ...
ଆଉ କ'ଣ ଲୋଡ଼ା ଯେ ମୋର !

ତମ ଅଭିମାନକୁ ସମ୍ମାନ ଦେଉ ଦେଉ
କବିତାରୁ ଉଠାଇ ଆଣି
ମୋ' ହୃଦୟ ସିଂହାସନରେ
ଦେବୀ କରି ବସାଇ ଦେବାପାଇଁ
ଆଉ କେତେ ସମୟ ଲୋଡ଼ା କି ସଖୀ !
ମୁହୂର୍ତ୍ତିଏ ତ...।

ମୋ: ୯୩୩୮୧୬୫୬୧୯

### କବିତା ଆଉ କ'ଣ କି

**କିଶୋର ମିଶ୍ର**

କବିତା ଆଉ କ'ଣ କି ?
ଗୋଟାଏ ନିକାଞ୍ଚନ ଜହ୍ନରାତି
କାଶତଣ୍ଡୀର ସୁନ୍ଦର ନଈପଠା
ବଉଳଭର୍ତ୍ତି ଗୋଟାଏ ଆମ୍ବଗଛ
ନଈରୁ ଗରାଧରି
ଫେରୁଥିବା ଯୁବତୀର
ଗୋଟାଏ ବାଙ୍କଚାହାଣି।

କବିତା ଆଉ କ'ଣ କି ?
ବଂଶୀର ଗୋଟାଏ କରୁଣ ରାଗ
ନିର୍ଦ୍ଦିଷ୍ଟ ଠିକଣାରୁ ଫେରିଯାଉଥିବା ଚିଠି
କଢ଼ଭର୍ତ୍ତି ଗୋଟିଏ କୁଆଁରୀ ଲଟା
ତରତରରେ ଧାଇଁଆସିଲା ପରେ ବି
ଗାଁକୁ ଛାଡ଼ି ଦେଇଥିବା
ରାତିର ଶେଷ ବସ୍।

କବିତା ଆଉ କ'ଣ କି ?
ନୂଆ ଶାଢ଼ି ପିନ୍ଧି ଶିଖୁଥିବା
ଯୁବତୀର ଗୋପନ ଲାଜ
ମୁଁ ସାଇତି ରଖିଥିବା
ତୁମ ହଳେ ପାଉଁଜି
ଶାଢ଼ି ଭାଙ୍ଗରେ ତୁମେ ସାଇତିଥିବା
ମୋର କିଛି ପ୍ରେମ ଚିଠି
ଜଳତରଙ୍ଗରେ ଚହଲୁଥିବା
ପାହାନ୍ତି ତାରାର ପ୍ରତିବିମ୍ବ।

ମୃତ୍ୟୁ ତ କବିତା ପରି ଦିନେ ଆସିବ
ଓ ଲେଖେଇ ନେବ
ମୋ' ପାଖରୁ ଶେଷ ଶବ୍ଦ
ସବୁରି ଅଜାଣତରେ।

ମୋ: ୯୪୩୭୩୨୭୫୦୨

**ଗୀତି-କବିତା**

### ସୂରୁଯମୁଖୀ ମୁଁ ସୂରୁଯଶିଖାରେ ଜଳି

**ଧନଞ୍ଜୟ ସ୍ୱାଇଁ**

ସୂରୁଯମୁଖୀ ମୁଁ ସୂରୁଯଶିଖାରେ ଜଳି
ବାଟ ତା'ର ଚାହିଁ ଅଶ୍ରୁ ଢାଳଇ
ଅବଗୁଣ୍ଠନ ଟେକି... ।। ୦ ।।

ମୋ' ତନୁ ତରଳେ ସୂରୁଯ ସପନେ
ମୁକୁଳିଯାଏ ମୁଁ ତା' ମିଠାଲପନେ
ମୁଁ ଯେ ଅଭିଆଡ଼ୀ ଲାଜକୁଳି
ଅବଗୁଣ୍ଠନ ଟେକି... ।। ୧ ।।

ମୁରୁକି ମୁରୁକି ହସେ ଯେବେ ଖରା
ରଙ୍ଗ ଚହଟାଇ ଦିଶେ ମୁହିଁ ତୋରା
ହଳଦୀ ଦେହେ ମୁଁ ବୋଲି
ଅବଗୁଣ୍ଠନ ଟେକି... ।। ୨ ।।

ଆଶା ବାନ୍ଧି ମନେ ଜୀବନ ଜିଇଛି
କାଳେ ସେ ଆସିବେ
ଲୁହ ଦେବେ ପୋଛି
(ତେଣୁ) ଚାହିଁଥାଏ
ଆଖି ମେଲି... ।। ୩ ।।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ସୂତ୍ର ଓ ଅନ୍ୟାନ୍ୟ ଗଳ୍ପ




**ଗାଳ୍ପିକ:** ବସନ୍ତ କୁମାର ବେହେରା
**ପ୍ରକାଶକ:** ଇଭେଣ୍ଟ୍‌ସ ପବ୍ଲିକେଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୨୦୦/-

ମୋଟ ୧୮ଟି ଗଳ୍ପକୁ ନେଇ ଆଲୋଚ୍ୟ ଗଳ୍ପ ଗ୍ରନ୍ଥଟି ପରିବେଷିତ। ଆରମ୍ଭରୁ ନିଜ ଗଳ୍ପର ସୃଜନ-ସୂତ୍ର ସମ୍ବନ୍ଧରେ ଗାଳ୍ପିକ କହିଛନ୍ତି: ''ଜୀବନକାଳ ଭିତରେ ଭେଟିଥିଲି ଅନେକ ସୂତ୍ରଧରଙ୍କୁ। ସବୁ ସେମାନଙ୍କ କଥା, ମୋର କିଛି ନୁହେଁ। xx ସେ ସୂତ୍ରଧରଙ୍କ ସଂସ୍ପର୍ଶରେ ଆସି ଦେଖିପାରିଛି ଜୀବନର ଅନେକ କିଛି ପରଦା ଫାଙ୍କରୁ ଅସ୍ପଷ୍ଟ।'' ଏଇ ଅସ୍ପଷ୍ଟତା ପ୍ରତ୍ୟେକ କଳାଦୃଷ୍ଟିର ଅସ୍ପଷ୍ଟତା, ଯାହାକୁ ନିଜର ରଚନାରେ ରୂପ ଦେଇଥାଏ କବି, କଳାକାର ଓ କଥାଶିଳ୍ପୀ। ବହିର ସବୁ ଗଳ୍ପରେ ଲେଖକ ସେଇ 'ମୁଁ'ଟିକୁ ଖୋଜି ଚାଲିଛନ୍ତି, ଯେଉଁ 'ମୁଁ' ହେଉଛି ସେଇ ସହସ୍ରଶୀର୍ଷ ପୁରୁଷର ପ୍ରତିନିଧି। ପ୍ରଚ୍ଛଦଲେଖରେ କୁହାଯାଇଛି: ''କଥାକାର ବସନ୍ତ ବେହେରା ତାଙ୍କର ପ୍ରତିଟି ଗଳ୍ପରେ ସେଇ ଅଦୃଶ୍ୟ ରାସ୍ତା (ଜୀବନର ସୂତ୍ର ଅନ୍ୱେଷଣ)ର କଥା କହିଛନ୍ତି। କିନ୍ତୁ ଗଳ୍ପ ଭିତରୁ ଯଦି କେହି ରାସ୍ତା ଖୋଜିବାର ପ୍ରୟାସ କରେ, ତେବେ ସେ ମଧ୍ୟ ନିରାଶ ହେବ। କାରଣ ସବୁ ଖୋଜିବା ଭିତରେ ରାସ୍ତା ନ ଥାଏ। ସବୁ ଖୋଜିବା ବନ୍ଦ ହୋଇଗଲେ ହିଁ ରାସ୍ତା ଦିଶେ।'' କଥାକାରଙ୍କ ମତରେ ସାହିତ୍ୟ ''ଅଙ୍ଗେନିଭା କଥାର ଏକ ଅଲୌକିକ ସ୍କେଚ୍। ଏ ସ୍କେଚ୍‌ରେ ରକ୍ତମାଂସ ଭରିବା ଦାୟିତ୍ୱ ପାଠକର।'' ବହିରେ ଥିବା 'ସେହି କାକୁଡ଼ି ବିକାଳି', 'ତାନ୍ତ୍ରିକ', 'ଭିକାରି', 'ମା', 'ଭାବ ବିନୋଦିଆ' ଓ 'ଚାଉଳିଆ ବୁଢ଼ା' ଆଦି ଗଳ୍ପଗୁଡ଼ିକର କଥକତା ଓ କଥ୍ୟରୀତି-ଉଭୟ ଅନନ୍ୟ। ଆଶା, ଏହା ପାଠକୀୟ ଆଦୃତି କେବଳ ଲାଭ କରିବ ନାହିଁ, ପାଠକଙ୍କୁ ସମାନ୍ତରାଳ ଭାବେ ସୃଜନପ୍ରବଣ କରିବ।

### ଜୟ ଜଗନ୍ନାଥ




**ଲେଖିକା:** ନମ୍ରତା ଚଢ଼ା
**ସମ୍ପାଦନା:** ପ୍ରକାଶ ଚନ୍ଦ୍ର ଦବେ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୮୦୦/-

ସୁଲେଖିକା, ବକ୍ତା ଓ ସମାଜସେବୀ ନମ୍ରତା ଚଢ଼ା କେବଳ ନମ୍ରତା ନାମରେ ନିଜର ଲେଖକୀୟ ପରିଚୟକୁ ବ୍ୟକ୍ତ କରିବାକୁ ଚାହିଁଛନ୍ତି ଆଲୋଚ୍ୟ ବହିଟିରେ। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି-ଆଧାରିତ ଏହି ଗ୍ରନ୍ଥର ମୂଳ ଉଦ୍ଦେଶ୍ୟ ହେଉଛି ହିନ୍ଦୀ ଭାଷାଭାଷୀ ଲୋକଙ୍କୁ ଶ୍ରୀଜଗନ୍ନାଥ କ୍ଷେତ୍ର ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେବା, ଯାହା ଭାଷାଗତ ଭିନ୍ନତା ହେତୁ ଅନ୍ୟ ଗ୍ରନ୍ଥଗୁଡ଼ିକରୁ ସହଜଲବ୍ଧ ହୋଇ ନ ଥାଏ। ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ପ୍ରକଟନଠାରୁ ପୁରୀରେ ମନ୍ଦିର ନିର୍ମାଣ, ଶ୍ରୀମନ୍ଦିରର ଦୈନନ୍ଦିନ ନୀତି, ମହାପ୍ରସାଦ, ଶ୍ରୀମନ୍ଦିର ଉପରେ ହୋଇଥିବା ଆକ୍ରମଣ, ଜଗନ୍ନାଥଙ୍କ ବିଭିନ୍ନ ସେବକ, ଭୂ-ସମ୍ପତ୍ତି, ପୁରୀର ଅନ୍ୟ ମଠ ଓ ମନ୍ଦିର, ଶଙ୍କରାଚାର୍ଯ୍ୟଙ୍କର୍ତ୍ତୃକ ଗୋବର୍ଦ୍ଧନ ମଠ ସ୍ଥାପନା, ରଥଯାତ୍ରା, ସ୍ନାନପୂର୍ଣ୍ଣିମା, ଚନ୍ଦନଯାତ୍ରା, ଅଣସର, ନବଯୌବନ ଦର୍ଶନ, ସୁନାବେଶ, ଅଧରପଣା, ବିଦେଶରେ ରଥଯାତ୍ରା, ନବକଳେବର ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ଭାବେ ଶ୍ରୀଜଗନ୍ନାଥଙ୍କ ବୈଶିଷ୍ଟ୍ୟ ଆଦିକୁ ସରଳ ତଥା ବୋଧଗମ୍ୟ ହିନ୍ଦୀରେ ରୂପ ଦିଆଯାଇଛି। ପରିଶିଷ୍ଟରେ ରହିଛି 'ଜଗନ୍ନାଥ-ଅଷ୍ଟକମ୍', ଶ୍ଳୋକ, ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦି। କ୍ଷେତ୍ର ଓ ମନ୍ଦିର ସମ୍ପର୍କିତ ନାନା ରଙ୍ଗିନ୍ ଫଟୋଚିତ୍ର ବହିଟିକୁ ଆକର୍ଷଣୀୟ କରିଛି। ଯେଉଁ ଉଦ୍ଦେଶ୍ୟରେ ନମ୍ରତା ଏହି ଗ୍ରନ୍ଥ ରଚନାର ସଦୁଦ୍ୟମ କରିଛନ୍ତି, ତାହା ଯେ ଚରିତାର୍ଥ ହେବ ଏଥିରେ ସନ୍ଦେହ ନାହିଁ।

## ଦରଦାମ୍ ଓ ଦୁମ୍‌ଦାମ୍

**ଡ. କୁଳାଙ୍ଗାର**

**ବ୍ୟଙ୍ଗ ଗଳ୍ପ**

**ଶାସକ ବନାମ ବିରୋଧୀ**

ବଜାର ମଝିରେ ଦୁଇଜଣ ପିଟାପିଟି ହେଉଥିବା ଦେଖି ଚାରିପାଖରେ ଦୋକାନୀ ଓ ଗ୍ରାହକମାନେ ଗଦା ହୋଇଗଲେ। ଦେଖାଗଲା ଜଣେ ଶାସକ ଦଳର ସମର୍ଥକ, ସିଏ କହୁଛି: ଦରଦାମ୍ ଆଦୌ ବଢ଼ିନି ବରଂ କିଛି କମିଛି।

ଆର ଜଣକ ବିରୋଧୀ ଦଳିଆ, ସିଏ କହୁଛି: ଦରଦାମ୍ ବହୁତ ବଢ଼ି ଯାଇଥିବାରୁ ବଞ୍ଚିବା କଷ୍ଟକର ହୋଇପଡ଼ିଛି! ସେଇ କଥାକୁ ନେଇ ଦିହେଁ ଦିହିଁଙ୍କ ପିଠିରେ ଦୁମ୍‌ଦାମ୍ ଥୋଉଛନ୍ତି ଓ ନିଜନିଜ ସପକ୍ଷରେ କହୁଛନ୍ତି।

ଏବେ କିଛି ଦୋକାନୀ ତାଙ୍କ ଭିତରେ ପଶି ଦି'ଚାରିଟା ଖାଇଲେ ଏବଂ କହିଲେ- ଆପଣମାନଙ୍କର ଏଇ କାଣ୍ଡ କାର୍ଖାନା ପାଇଁ ଆମର ବିକ୍ରି କମିଯାଇଛି ଏବଂ ନିରୀହ ଉପରେ ମାଡ଼ ବଢ଼ିଯାଇଛି।

**ପତି ଦର**

ସହରର ଆପାର୍ଟମେଣ୍ଟର ମହିଳାମାନେ ନିଜ ନିଜର ପତିମାନଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବ୍ୟସ୍ତଥିଲେ। ପ୍ରଥମ ମହିଳା କହିଲେ, ଭଲହେଲା ଖାଇବା ତେଲଦର ବଢ଼ିବାରୁ ଆମେ ଖାଇବାରେ ତେଲ କମ୍ ବ୍ୟବହାର କରୁଛୁ। ଫଳରେ ଆମ ଯାଙ୍କର ପେଟର ଗ୍ୟାସ୍ ସମସ୍ୟା ଆଉ ନାହିଁ।

ଦ୍ୱିତୀୟ ମହିଳା କହିଲେ, ସେଇ ଗ୍ୟାସ୍ ଆଉ ପେଟ୍ରୋଲ ଡିଜେଲ ଦର ବଢ଼ିବାରୁ ଆମର ଇଏ ବାହାରକୁ ନ ଯାଇ ମୋତେ ଗୋଡ଼େ ଗୋଡ଼େ ଜଗି ଗ୍ୟାସ୍ ଖର୍ଚ୍ଚର ଡାଟା ରଖୁଛନ୍ତି ସିନା ମୋ' ପାଖରେ କିନ୍ତୁ ଅଧିକ ସମୟ କାଟୁଛନ୍ତି।

ଏବେ ତୃତୀୟ ମହିଳା କହିଲେ, ସେଇ ଡାଟାର ଦର ବି ବଢ଼ିଯାଆନ୍ତା କି ଆମର ଇଏ ଯା ତା' ସାଥିରେ ଚାଟିଂଫାଟିଂ ଓ ଭିଡିଓ କଲ୍ କରିବା ବନ୍ଦ କରିଦିଅନ୍ତେ, ବିଚରା ଆଉ ଧରା ନ ପଡ଼ି ମୋ' ମାଡ଼ରୁ ମୁକ୍ତି ପାଆନ୍ତେ।

**ଭଲଦିନ**

ଦିନକୁ ଦିନ ଭୋଗର ପରିମାଣ କମାଇ ସିଏ ଅଳ୍ପ ସମୟରେ ଦୁମ୍‌ଦାମ୍ କରି ପୂଜା ସାରୁଥିବା ଦେଖି ଈଶ୍ୱର ତାକୁ ସ୍ୱପ୍ନରେ ପଚାରିଲେ- ମୋର ଭଲଦିନ କେବେ ଆସିବ ?

ସିଏ କହିଲା- ଦରଦାମ୍ ଯେବେ ହ୍ରାସ ପାଇବ !

ଈଶ୍ୱର ମୁହଁ ଫେରାଇ ଚାଲିଗଲେ। ସିଏ ପଛରୁ କ'ଣ ହେଲା ବୋଲି ପଚାରନ୍ତେ, ଯାଉଯାଉ କାନ୍ଦକାନ୍ଦ ହୋଇ କହିଲେ- ବସ୍, ଦୂରଦୂର ଯାଏଁ ତାହା ଦୃଶ୍ୟ ହେଉନାହିଁ!

ମୋ: ୮୮୯୫୮୨୫୮୬୩

## କାଳକାଳକୁ



**''ଆମ ସମସ୍ତଙ୍କର ଅଛି ଟାଇମ୍ ମେଶିନ୍। ଯାହା ଆମକୁ ପଛକୁ ନେଇଯାଏ, ତାହା ସ୍ମୃତି ଓ ଯାହା ଆଗକୁ ନିଏ, ତାହା ସ୍ୱପ୍ନ।''**

**- ଏଚ୍.ଜି. ୱେଲ୍‌ସ**

**ଏଚ୍.ଜି. ୱେଲ୍‌ସ**ଙ୍କ ଜନ୍ମ ୨୧ ସେପ୍ଟେମ୍ବର ୧୮୬୬ରେ, ଇଂଲଣ୍ଡର ବ୍ରୋମ୍‌ଲେରେ ଓ ପରଲୋକ ୧୩ ଅଗଷ୍ଟ ୧୯୪୬ରେ, ଲଣ୍ଡନରେ। ଲେଖକଙ୍କ ପୂରା ନାମ ହର୍‌ବର୍ଟ ଜର୍ଜ ୱେଲ୍‌ସ। ବହୁମୁଖୀ ରଚନାରେ ସିଦ୍ଧହସ୍ତ ୱେଲ୍‌ସ ତାଙ୍କ ଜୀବଦ୍ଦଶାରେ ୫୦ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ ଏକାଧିକ ଗଳ୍ପ ରଚନା କରିଛନ୍ତି। ଲୋକପ୍ରିୟ ବିଜ୍ଞାନ ରଚନା କ୍ଷେତ୍ରରେ ସେ ବିଶ୍ୱର ଅନ୍ୟତମ ଅଗ୍ରଗଣ୍ୟ ଲେଖକ ଓ 'ବିଜ୍ଞାନ କଳ୍ପ ସାହିତ୍ୟ'ର ଜନକ ଭାବେ ବିଦିତ। ତାଙ୍କର ଚର୍ଚ୍ଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ଦ ଟାଇମ୍ ମେଶିନ୍', 'ଦ ଇନ୍‌ଭିଜିବଲ୍ ମ୍ୟାନ୍', 'ଦ ଫାଷ୍ଟ ମ୍ୟାନ୍ ଇନ୍ ଦ ମୁନ୍' ଓ 'ଦ ୱାର୍ ଅଫ୍ ଦ ୱାର୍ଲଡ୍‌ସ' ପ୍ରମୁଖ। ୱେଲ୍‌ସ କହନ୍ତି: ''ବିଜ୍ଞାପନ ହେଉଛି ବୈଧିକୃତ ମିଥ୍ୟା'' ଓ କହନ୍ତି- ''ଯଦି ତମେ ଗତକାଲି ପଢ଼ିଯାଇଛ, ଆଜି ଉଠି ଠିଆ ହେବ।''

## ଚଉକି

**ପଦ୍ମାଳୟା ସାମଲ**

**ବିଶେଷ ଗଳ୍ପ**

ଶିଶୁକାଠରେ ତିଆରି ହୋଇଥିଲା ସେ ଚଉକି। କଳା ଓ ଧୂସରମିଶା ରଙ୍ଗର ଚଉକିଟି ଘରେ ପଡ଼ି ବାପାଙ୍କର ଉପସ୍ଥିତି ଜାହିର କରୁଥିଲା। ସେଇଟା ଏତେ ଓଜନ ଥିଲା ଯେ, ଜଣେ ଲୋକ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେବା କଷ୍ଟକର ବ୍ୟାପାର ଥିଲା। ଖୁବ୍ ମଜଭୁତ ସେ ଚଉକି। ବାପାଙ୍କର ଅତି ପ୍ରିୟଜିନିଷ। ଆମ ପିଲା ଦୁହିଁଙ୍କୁ ସେ ଯେତେ ଭଲପାଉଥିଲେ, ଚଉକିଟାକୁ ବି ସେତିକି ଭଲପାଉଥିଲେ। ପ୍ରାୟ ସମୟରେ ସେ ଚଉକି ଉପରେ ହିଁ ବସୁଥିଲେ। ଚଉକି ଉପରେ ବସିବା ଠାଣି ତାଙ୍କୁ ବେଶ୍ ମାନୁଥିଲା। ଚାକିରି କରିଥିବା ବେଳେ ବାପା ଯୋଉ ସ୍ଥାନକୁ ବଦଳି ହୋଇଗଲେ ଚଉକିଟି କେମିତି ଯତ୍ନର ସହ ଯିବ ସେ ଚିନ୍ତା ଆଗ ଥିଲା ତାଙ୍କର। ସୋଲ ଓ କପଡ଼ାରେ ଏମିତି ବାନ୍ଧିଦିଅନ୍ତି ଯେ ଧକଡ଼ ଚକଡ଼ରେ ବି ଭାଙ୍ଗିରୁଜି ଯିବାର ଭୟ ନ ଥାଏ। ଶେଷରେ ରିଟାୟାର୍ଡ଼ ପରେ ବି ଅତି ସନ୍ତର୍ପଣରେ ସେ ଗାଁକୁ ନେଇଥିଲେ ଚଉକିଟି।

ସେଦିନ ବୋଉ କହିଥିଲା, ''ପୁରୁଣାକାଳିଆ ଚଉକିଟାରୁ କି ମହୁ ଝରୁଛିଯେ, ବିକି ନ ଦେଇ ପୁଣି ଗାଁକୁ ବୁହାହୋଇ ନିଆହେଉଛି।'' ବୋଉ ପାଟିରୁ ଏତକ ନ ସରୁଣୁ ବାପାଙ୍କ ରାଗ ଦେଖେ କିଏ। ପାଟି କରି ଘର କମ୍ପେଇଦେଲେ। ଚଉକି ପାଇଁ ବାପା ବୋଉଙ୍କ ଭିତରେ ଅନେକ ଥର ଏମିତି ଲାଗିଛି ଝଗଡ଼ା। ସେଥିପାଇଁ କେତେ ମନାନ୍ତର, ମତାନ୍ତର। ବୋଉ ଘରଦ୍ୱାର ଝାଡୁପୋଛା କରିବାବେଳେ ଚଉକିଟି ଟେକିପାରେନି, ଘୋଷାରିକି ନିଏ। ବାପା ଏ ଦୃଶ୍ୟ ଦେଖି ବିରକ୍ତ ହୁଅନ୍ତି। ନିଜେ ନେଇ ବାରଣ୍ଡାରେ ଥୋଇଦିଅନ୍ତି। ବୋଉ ଅନେକ ଥର ସେ ଚଉକି ଝୁଣ୍ଟିଛି। କେବେକେବେ ତା' କାଣି ଆଙ୍ଗୁଠିରୁ ରକ୍ତ ବି ବାହାରିଛି। ଦିନେ ସାନ ଭଉଣୀ ଇତି ମୋ' ପିଠି ଉପରେ ଘୋଡ଼ା ହୋଇ ଚଉକି ଉପରେ ଚଢ଼ିବା ବେଳକୁ ଗଳିପଡ଼ିଥିଲା ତଳକୁ ଯେ, ତା' ନାକ ଛେଚି ହୋଇ ରକ୍ତ ଝରିଥିଲା। ବୋଉ କେତେବେଳଯାଏ ରବେଇଖବେଇ ହେଲା। ସେଦିନ ବାପାଙ୍କ ଉଦ୍ଦେଶ୍ୟରେ କହିଥିଲା, ''ଏ ଚଉକି ଖଣ୍ଡକ କେତେବେଳେ ଜୀବନ ନେଇଯିବ ମୋ' ପିଲାଙ୍କର।''

ଚଉକିଟି ଥିଲା ଜେଜେଙ୍କ ଅମଳର। ଜମିଦାରି ଥିବା ସମୟରେ ଶିଶୁକାଠ କିଣି ବଢ଼େଇକୁ ଲଗାଇ ବନେଇଥିଲେ ସେ ଚଉକି। ବାପା କୁହନ୍ତି, ''ଚଉକିରେ ବସି ଜେଜେ ଯେତେବେଳେ ଲମ୍ବା ନିଶକୁ ମୋଡ଼ି ବଡ଼ ପାଟିରେ ଡାକ ଦିଅନ୍ତି, ଖଣ୍ଡେ ଦୂରରେ ଯାଉଥିବା ବାଟୋଇ ବି କୁଆଡ଼େ ଘଡ଼ିଏ ଅଟକି ଯାଆନ୍ତି।'' ଜମିଦାରି ଠାଣିରେ ଚଉକି ଉପରେ ବସି ସେ ଗାଁର ଭଲମନ୍ଦ କଥା ବୁଝୁଥିଲେ, ନ୍ୟାୟ ନିଶାପ କରୁଥିଲେ। ବଡ଼ ପରିବାରର ମୁଖିଆ ଭାବରେ ସେ ଚଉକି ଉପରେ ବସି ଗୁମାସ୍ତାକୁ ହୁକୁମ ଦେଉଥିଲେ। ବିଲବାଡ଼ି, ନଡ଼ିଆବାରି, ମାଛ ପୋଖରୀର ହିସାବ ଜେଜେ ଏଇ ଚଉକିରେ ବସି କରୁଥିଲେ। ତାଙ୍କ ପରେ ବାପା ଉତ୍ତରାଧିକାରୀ ହୋଇଛନ୍ତି ଚଉକିର।

ଆମେ ଭାଇ ଭଉଣୀ ଦୁଇଜଣ ସେ ଚଉକିରେ କଦାଚିତ ବସୁ। ସେ ଚଉକି ଉପରେ ବସିଲେ ଲାଗେ ଆମେ ଯେମିତି ବାପାଙ୍କୁ ଅମାନ୍ୟ କରୁଛୁ। ଦିନକର କଥା। ଭାବିଲି, ବାପାଙ୍କ ଚଉକିଟି ପୁରୁଣା ହୋଇ କଳା ଦିଶୁଛି। କୌତୂହଳବଶତଃ ଚଉକିର ହାତକୁ ବ୍ଲେଡ୍‌ରେ ରାମ୍ପି ଚାଲିଲି, କିନ୍ତୁ ଯୋଉ କଳାକୁ ସେଇ କଳା। ବୋଉ ଆସି ମୋ' ହାତରୁ ବ୍ଲେଡ୍ ଛଡ଼େଇ ବହେ ଗାଳିକରି କହିଲା, ''ବାପା ଆସିବା ପର୍ଯ୍ୟନ୍ତ ଖାଲି ଅପେକ୍ଷା କର।'' ବାପା ଚଉକିର ସେ ଅବସ୍ଥା ଦେଖି ବୋଉ ଉପରେ ବର୍ଷିଗଲେ। ବାପାଙ୍କର ସେ ନାଲି ଆଖି ଦେଖି ମୁଁ ଭୟରେ ଗୋଟାପଣେ ଥରିଲି। ବୋଉ ମତେ ତା' ଆଡ଼କୁ ଜାକି ନେଇ କହିଲା, ''ପିଲାଟା ନ ଜାଣି ଭୁଲ କରିଦେଇଛି।'' କଥା ଆଗକୁ ନ ବଢ଼େଇ ବାପାଙ୍କର କୌଣସି କଥାର ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହିଥିଲା ବୋଉ। ବାପାଙ୍କ କୋଳରେ ବସି ଗେହ୍ଲା ହେବା ସମୟରେ ଦିନେ ସାନ ଭଉଣୀ ଇତି ପଚାରିଲା, ''ବାପା ମତେ ତମ ଚଉକିଟା ଯୌତୁକରେ ଦେଇଦେବ।'' ଇତି ପାଟିରୁ ଏ କଥା ଶୁଣି ବାପା କହିଲେ, ''ଆଉ ଯାହା ନବା କଥା କହ ଦେଇଦେବି, କିନ୍ତୁ ଏ ଚଉକି ଦେଇ ହେବନି।'' ଇତି ନାକ ଫୁଲେଇ କହିଲା, ''ତା'ହେଲେ ତମେ ମତେ ଜମା ଭଲପାଅନା।'' ବେଳେବେଳେ ଇତି ଚଉକିଟା ଦେଖାଇ ବେଶ୍ ମଜା କରେ। କହେ- ''ଏ ଚଉକିଟା ମୋ' ଜେଜୀମା' ବୁଢ଼ୀ ଆଣିଥିଲା ଯୌତୁକ। ଜେଜେ ବୁଢ଼ା ଯା'ରି ଉପରେ ବସି ରାଜ୍ ଚଳାଇଥିଲା। ଏବେ ତାଙ୍କ ପୁଅ ଚଳାଇଛନ୍ତି ହିଟ୍‌ଲରି ଶାସନ। ଲାଗୁଛି ଏ ଚଉକିଟା ଆଗକୁ ରାଜ୍ୟ ସଂଗ୍ରହାଳୟରେ ଶୋଭାପାଇବ। ଲୋକମାନେ ଟିକେଟ୍ କରି ଯାକୁ ଦେଖିବେ।'' ଇତି କଥା ଶୁଣି ମୁଁ ହସି ହସି ଗଡ଼େ। ଏପରିକି ତା'ର କେହି ସାଙ୍ଗସାଥୀ ଘରକୁ ଆସିଲେ ଚଉକିଟା ଦେଖାଇ ସେ ଏମିତି ବକ୍ତୃତା ଆରମ୍ଭ କରେ।



ଆଜି ବାପା ନାହାନ୍ତି, ତାଙ୍କ ଫଟୋ ଶୋଭାପାଉଛି ଚଉକି ଉପରେ। ଶୁଭୁଛି ପୁରୋହିତ ଆସିଲେଣି। କାନ୍ଥରୁ ଫଟୋଟି ଆଣି ଚଉକି ଉପରେ ରଖିବାକୁ କ'ଣ ଏତେ ସମୟ ଲାଗୁଛି ? ଯାଅ ଗାଧୋଇପଡ଼ ଶ୍ରାଦ୍ଧ କର୍ମ ଆରମ୍ଭ ହେବ ପରା। ପତ୍ନୀ ଶୋଭାଙ୍କ ଡାକରେ ସୁବ୍ରତ ବସିବା ଜାଗାରୁ ଉଠିଲା। ଏତେବେଳେଯାଏ ବସି ବସି ସେ ବାପାଙ୍କୁ ଝୁରି ହେଉଥିଲା।

ମୋ: ୭୦୦୮୩୪୮୧୭୨

**ବୃଦ୍ଧି ପାଉଛି ଡିଜିଟାଲ ଅର୍ଥ ସ୍ଥାନାନ୍ତର**

ନୂଆଦିଲ୍ଲୀ: ଗତ କିଛି ବର୍ଷ ମଧ୍ୟରେ ଭାରତୀୟମାନଙ୍କର ଆର୍ଥିକ କାରବାର ସମ୍ପର୍କିତ ବ୍ୟବହାରରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏପରିକି ଡିଜିଟାଲ ମାଧ୍ୟମରେ ସେମାନେ ଅଧିକ ଅର୍ଥ ସ୍ଥାନାନ୍ତର କରୁଛନ୍ତି। ବିଶେଷକରି ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଏଥିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଭାରତର ପ୍ରାୟ ୪୦ କୋଟି ଲୋକ ଡିଜିଟାଲ ପ୍ରଯୁକ୍ତି ଜରିଆରେ ଅର୍ଥ ସ୍ଥାନାନ୍ତର କରୁଛନ୍ତି ବୋଲି ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ତଥା ୟୁଆଇଡିଏଆଇର ପ୍ରତିଷ୍ଠାତା ଅଧ୍ୟକ୍ଷ ନନ୍ଦନ ନିଲେକାନି ମତବ୍ୟକ୍ତ କରିଛନ୍ତି।

# ଆଗାମୀ ୪୦ ବର୍ଷ ଲାଗି ଯୋଜନା କରିଛନ୍ତି ରାମଦେବ

■ ୫ ବର୍ଷରେ ୫ ଗୋଲ ପୂରଣ
■ ପତଞ୍ଜଳିର ଭିଜନ-୨୦୨୭




ମୁମ୍ବାଇ,୧୬।୯

ଦେଶର ପ୍ରମୁଖ ଅନୁଷ୍ଠାନ ପତଞ୍ଜଳି ଆଗାମୀ ୪୦ ବର୍ଷ ଲାଗି ଯୋଜାନା ପ୍ରସ୍ତୁତ କରିଛନ୍ତି। ସେହିପରି ଯୋଗଗୁରୁ ରାମଦେବ ପତଞ୍ଜଳି ଗ୍ରୁପ୍‌ର ୪କମ୍ପାନୀଙ୍କ ଆଇପିଓ ଆଣିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଏହାଛଡା ୨୦୨୭ ପାଇଁ ପତଞ୍ଜଳି ବ୍ୟାପକ ଯୋଜନା ସହ ୫ ବର୍ଷରେ ୫ ବୃହତ୍ ଗୋଲ ମଧ୍ୟ ପୂରଣ କରିବ ବୋଲି ବାବା ରାମଦେବ ମତବ୍ୟକ୍ତ କରିଛନ୍ତି। ସେ ପୂର୍ବରୁ ଲିଷ୍ଟେଡ କମ୍ପାନୀ ପତଞ୍ଜଳି ଫୁଡସ୍ ଲିମିଟେଡ୍ ନେଇ ତାଙ୍କର ଆଗାମୀ ଯୋଜନାର ସୂଚନା ମଧ୍ୟ ଦେଇଛନ୍ତି। ବିଶେଷକରି ପାମ୍ ଅଏଲ ମାମଲାରେ କମ୍ପାନୀକୁ ଆତ୍ମନିର୍ଭର କରିବା ପାଇଁ ପତଞ୍ଜଳି ସମୂହ ୧୫ ଲକ୍ଷ ଏକରରୁ ଅଧିକ ଜମିରେ ପାମ୍ ଗଛ ଲଗାଇବ ବୋଲି ବାବା ରାମଦେବ ଘୋଷଣା କରିଛନ୍ତି। ଏହି ବୃକ୍ଷ ୧୧ ରାଜ୍ୟଙ୍କ ୫୫ ଜିଲାରେ ଲଗାଯିବା ସହ ପତଞ୍ଜଳିର ଦାବି କୌଣସି ଘରୋଇ କମ୍ପାନୀର ଭାରତରେ ଏହା ସବୁଠୁ ବଡ଼ ପାମ୍ ଚାଷ ହେବ। ଏଥିରୁ ୫ରୁ ୭ ବର୍ଷରେ ବାର୍ଷିକ ୨ ହାଜର କୋଟି ଟଙ୍କାର ରିଟର୍ନ ମିଳିବ ବୋଲି ରାମଦେବ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହିଭଳି ଥରେ ପାମ୍ ଗଛ ଲଗାଗଲେ ୪୦ ବର୍ଷ ପର୍ଯ୍ୟନ୍ତ ଆୟ ହେବ ବୋଲି ରାମଦେବ କହିଛନ୍ତି। ବୟାନରେ କମ୍ପାନୀ କହିଛି , ପାମ୍ ଅଏଲ ଭଳି ଖାଦ୍ୟ ତୈଳରେ କେବଳ କମ୍ପାନୀ ନୁହେଁ ଭାରତ ମଧ୍ୟ ଆତ୍ମନିର୍ଭର ହୋଇପାରିବ। ପାମୋଲିନ ଆମଦାନୀ ଲାଗି ବୈଦେଶିକ ମୁଦ୍ରାଭଣ୍ଡାରରୁ ହେଉଥିବା ୩ ଲକ୍ଷ କୋଟି ଟଙ୍କାର ବ୍ୟୟ ଅଟକିଯିବ। ଫଳରେ ଟଙ୍କାର ମୂଲ୍ୟ ମଧ୍ୟ ବଢ଼ିବ। ଉଲ୍ଲେଖଯୋଗ୍ୟ,ଦେଶର ଖାଉଟି ବଜାରରେ ଖାଦ୍ୟ ତୈଳର ଦୁଇ କମ୍ପାନୀ ଆଦାନୀ ୱିଲମର ଓ ରାମଦେବଙ୍କ ପତଞ୍ଜଳି ଫୁଡସ୍ ମଧ୍ୟରେ ମୁହାଁମୁହିଁ ମୁକାବିଲା ହେଉଛି। କେମିତି ବି କେଉଁ ରାସ୍ତାରେ ଏହି ଦୁଇ କମ୍ପାନୀ ଲୋକଙ୍କ ରୋଷେଇଶାଳରେ ପହଞ୍ଚି ଯାଉଛନ୍ତି। ଉଭୟ କମ୍ପାନୀ ମଧ୍ୟ ଶେୟାର ମାର୍କେଟରେ ପଞ୍ଜୀକୃତ ହୋଇଛନ୍ତି।

## ୨ ସିମେଣ୍ଟ କମ୍ପାନୀ କିଣିଲେ ଆଦାନୀ

ମୁମ୍ବାଇ,୧୬।୯: ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ନିକଟରେ ୨ଟି ସିମେଣ୍ଟ କମ୍ପାନୀ ଆଦାନୀ ଅମ୍ବୁଜା ସହ ଏସିସି ସିମେଣ୍ଟକୁ ମଧ୍ୟ କିଣିଥିଲେ। ହେଲେ କିଛି ସରକାରୀ ନିୟମାବଳୀ ଓ କାଗଜପତ୍ର କାମ ପାଇଁ ବିଧିବଦ୍ଧ ଭାବେ ତାହା ଘୋଷଣା କରାଯାଇ ନ ଥିଲା। ଶୁକ୍ରବାର ଉଭୟ କମ୍ପାନୀର ଅଧିଗ୍ରହଣ ସହ ବିଧିବଦ୍ଧ ଭାବେ ଉଭୟ ଏସିସି ଏବଂ ଅମ୍ବୁଜା ବର୍ତ୍ତମାନ ଆଦାନୀ ଗ୍ରୁପ୍ ଦ୍ୱାରା ପରିଚାଳିତ ହେବ ବୋଲି ଜଣାପଡ଼ିଛି। ବିଶେଷକରି ଆଦାନୀ ଗ୍ରୁପ୍ ପ୍ରାୟ ୧୦.୫ ବିଲିୟନ ଡଲାର ବିନିଯୋଗରେ ଉପରୋକ୍ତ ଦୁଇଟି ବୃହତ୍ ସିମେଣ୍ଟ କମ୍ପାନୀର ମାଲିକାନା ହାସଲ କରିଛି। ଅପରପକ୍ଷରେ ଚଳିତ ବର୍ଷ ଅଗଷ୍ଟରେ ସିସିଆଇ ଆଦାନୀ ଗ୍ରୁପ୍‌ର ଅମ୍ବୁଜା ସିମେଣ୍ଟ ଏବଂ ଏସିସି ସିମେଣ୍ଟର ଅଧିଗ୍ରହଣକୁ ଅନୁମୋଦନ କରିଥିଲା। ଏପରିକି ଚଳିତ ବର୍ଷ ମେ ମାସରେ ଆଦାନୀ ଗ୍ରୁପ୍ ଉଭୟ ସିମେଣ୍ଟ ବ୍ରାଣ୍ଡକୁ ହୋଲସୀମ କମ୍ପାନୀଠାରୁ ୧୦.୫ ବିଲିୟନ ଡଲାର (ପ୍ରାୟ ୮୧,୩୩୯ କୋଟି ଟଙ୍କା) ରେ ରାଜିନାମା ହୋଇଥିବା ସୂଚନା ମିଳିଛି।

## ବିଓଆଇ ପକ୍ଷରୁ ହିନ୍ଦୀ ଦିବସ ପାଳିତ



ଭୁବନେଶ୍ୱର,୧୬।୯:

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳର ପୁରୀ ଶାଖାଠାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସମାଚାର ପଠନ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। ବିଶେଷକରି ପୁରୀସ୍ଥିତ ନୂଆସନ୍ତ, ପିପିଲି, ଚନ୍ଦନପୁର, ନବକଳେବର ରୋଡ୍, ଲୋକନାଥ ଟେମ୍ପୁଲ ରୋଡ୍ ଏବଂ ନିମାପଡ଼ା ଆଦି ଶାଖାର କର୍ମଚାରୀମାନେ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୋଟ୍ ୧୪ଜଣ କର୍ମଚାରୀ ଭାଗ ନେଇଥିବା ବେଳେ ୫ ଜଣ କର୍ମଚାରୀ (ପ୍ରତିଯୋଗୀ) ଙ୍କୁ ବିଜେତାର ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ପୁରୀ ଶାଖାର ଶାଖା ପ୍ରବନ୍ଧକ ପ୍ରଦୀପ୍ତ କୁମାର କହିଥିଲେ, ହିନ୍ଦୀ ହେଉଛି ଆମର ରାଜଭାଷା ଏବଂ ଅଧିକରୁ ଅଧିକ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗ କରାଯିବା ଉଚିତ। ବରିଷ୍ଠ ରାଜଭାଷା ପ୍ରବନ୍ଧକ ସୋନିଆ ସାୱନ୍ତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ପ୍ରଶାସନ ବିଭାଗର ଅଧିକାରୀ ବିକାଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## କିଛି ସମୟ ପାଇଁ ଆଦାନୀ ବିଶ୍ୱର ଦ୍ୱିତୀୟ ଧନୀ



ନୂଆଦିଲ୍ଲୀ,୧୬।୯

ଭାରତର ବିଶିଷ୍ଟ ବ୍ୟବସାୟୀ ଗୌତମ ଆଦାନୀ ଶୁକ୍ରବାର ଜେଫ୍ ବେଜୋସ ଏବଂ ଫ୍ରାନ୍ସର ଲକ୍‌ଜୁରି ରିଟେଲ ମୁଖ୍ୟ ବର୍ନାର୍ଡ ଆର୍ନଲ୍ଟଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିରେ ପରିଣତ ହୋଇଥିବା ଫୋର୍ବସ ରିଅଲ୍-ଟାଇମ୍ ବିଲିଅନେୟାର ତାଲିକାରେ ପ୍ରକାଶ ପାଇଥିଲା। ତେବେ ମଦଲାଲ ଷ୍ଟ୍ରିଟ୍‌ରେ ମାର୍କେଟ କ୍ରାସ୍ କରିବା ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ଆଦାନୀ ଏହି ମାନ୍ୟତା ହରାଇ ପୁଣିଥରେ ତୃତୀୟ ସ୍ଥାନକୁ ଖସିଆସିଥିଲେ। ଶୁକ୍ରବାର ଆଦାନୀଙ୍କ ସମ୍ପତ୍ତି ପରିମାଣ ୧୫୫.୭ ବିଲିୟନ ଡଲାରରେ ପହଞ୍ଚିବା ଫଳରେ ତାଙ୍କୁ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିର ମାନ୍ୟତା ମିଳିଥିଲା। କିନ୍ତୁ ତାଙ୍କ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଖସିବା ଫଳରେ ସମ୍ପତ୍ତି ପରିମାଣ ୧୫୨.୬ ବିଲିୟନ ଡଲାରକୁ ହ୍ରାସ ପାଇଥିଲା। ୨୭୩. ୫ ବିଲିୟନ ଡଲାର ସମ୍ପତ୍ତି ସହ ଏଲନ ମସ୍କ ବିଶ୍ୱର ଶ୍ରେଷ୍ଠ ଧନୀ ବ୍ୟକ୍ତି ରହିଥିବାବେଳେ ୧୫୩.୧ ବିଲିୟନ ଡଲାର ସମ୍ପତ୍ତି ସହ ଲକ୍‌ଜୁରି ସାମଗ୍ରୀ କମ୍ପାନୀ ଏଲ୍‌ଭିଏମ୍‌ଏଚ୍‌ର ମୁଖ୍ୟ ବର୍ନାର୍ଡ ଆର୍ନଲ୍ଟ ଦ୍ୱିତୀୟ ଧନୀ ମାନ୍ୟତା ପୁଣିଥରେ ବଜାୟ ରଖିଛନ୍ତି।



ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)ର ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟମାନେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଭେଟି ବନ୍ୟା ପୀଡ଼ିତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬ ଲକ୍ଷ ୨୦୨ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ ଏଚ୍‌ଆର୍‌ଏଓର ଚେୟାରମ୍ୟାନ ଜେ.କେ. ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଲେଭିସ୍‌ର ନୂତନ କଲେକ୍ସନର ଶୁଭାରମ୍ଭ

ନୂଆଦିଲ୍ଲୀ,୧୬।୯

ଦେଶର ପ୍ରମୁଖ ପ୍ରିମିୟମ ପୋଷାକ ପ୍ରଦର୍ଶନକାରୀ ଲେଭିସ୍ ପକ୍ଷରୁ ପାର୍ବଣରତୁ ଉପଲକ୍ଷେ ନୂତନ କଲେକ୍ସନ ସହ ସିଜନ-୩ର ମଧ୍ୟ ଶୁଭାରମ୍ଭ କରାଯାଇଛି। ବିଶେଷକରି ଉକ୍ତ ସିଜନରେ ଦୀପିକା ପାଦୁକୋନ୍ ଏକ ଷ୍ଟ୍ରିଟ୍‌ୱେର ଅନୁପ୍ରାଣିତ କଲେକ୍ସନ ରିଲାକ୍ସଡ୍, କମ୍ଫର୍ଟେବୁଲ ପରିଧାନର ବଜାର ପ୍ରବେଶ ଏବଂ ବ୍ୟାଗିୟର ସିଲ୍‌ହୌଟେ ଫେରିଥିବା ଦ୍ୱାରା ଡେନିମ୍‌ରୁ ଆଗକୁ ଯାଇଛି ଓ ଉନ୍ନତ ଫ୍ୟାଶନର ପ୍ରତିଶ୍ରୁତି ଦେଉଛି। ସେହିଭଳି ରିଲାକ୍ସଡ୍, ଓଭର୍‌ସାଇଜ୍‌ଡ ପିସ୍‌ଗୁଡିକୁ ବାଧାହୀନ ଭାବେ ଷ୍ଟାଇଲିଶ ଦେଖାଇବାରେ ଦୀପିକା ପାଦୁକୋନଙ୍କ ସହଜତା ଦ୍ୱାରା ଅନୁପ୍ରାଣିତ ଏହି ସହଭାଗିତା ମଜା କରିବା, ରିଲାକ୍ସ ରହିବା ଏବଂ ଡାଉନ୍ ଟୁ-ଆର୍ଥ କଲର ସହ ପପ୍ ଟିଂଟ୍‌ର ମିଶ୍ରଣ ଥିବା ଏକ କଲେକ୍ସନ ସହ ନିଜ ୱାର୍ଡରୋବ୍‌କୁ ପରୀକ୍ଷଣ କରିବାର ସିଜନ ପାଇଁ ଟୋନ୍ ସେଟ୍ କରିଛି। ଏ ସମ୍ପର୍କରେ ଲେଭିସ୍‌ର ବରିଷ୍ଠ ଅଧିକାରୀ ଅମିଷା ଜୈନ୍ କହିଛନ୍ତି, ଦୀପିକାଙ୍କ ସହ ଦୁଇଟି ସଫଳ ସିଜନ ପରେ ୩ୟ ସିଜନର କଲେକ୍ସନ ତଥା ଦୀପିକାଙ୍କ ସ୍ୱତନ୍ତ୍ର ଷ୍ଟାଇଲ୍ ଓ ଫ୍ୟାଶନ ପରିଚୟକୁ ଉତ୍ତମ ଭାବେ ଜାରି ରଖିଛି, ଯାହାକି ବାସ୍ତବିକ ରହିଛି। ଏହି କଲେକ୍ସନ ହେଉଛି ପ୍ରାମାଣିକ ଭାବେ ଲେଭିସ୍ ଏକ ସୃଜନଶୀଳ ପରିକଳ୍ପନା, ଯାହା ଏକାଧିକ ପ୍ରିଣ୍ଟ, ଟେକ୍ସଚର, ପାଟର୍ନ ଓ ଫିଟ୍‌ରେ ଆଧୁନିକ ଯୁଗର ଷ୍ଟ୍ରିଟ୍‌ୱେର ସହ ୯୦ ଦଶକର ଅତିରିକ୍ତ ଅଂଶକୁ ସାମିଲ କରୁଛି। ଏକ୍ସଏଲ୍ ଫ୍ଲଡ୍, ୯୪ ବ୍ୟାଗ୍ କାର୍‌ପେଣ୍ଟର ଓ ହାଇ-ଲୁଜ୍ ସହିତ ଏହି ସିଜନରେ ଜିନ୍ସ ବିଶ୍ୱବ୍ୟାପୀ ଲୋକପ୍ରିୟ ହୋଇଥିବା ଉକ୍ତ ଆରାମଦାୟକ, ଲୁଜ୍ ଟ୍ରେଣ୍ଡ୍‌କୁ ପରିପ୍ରକାଶ କରୁଛି। ଲେଭିସ୍ ଦୀପିକା ପାଦୁକୋନର ୩ୟ ସିଜନ୍ ଲେଭିସ୍ ଷ୍ଟୋର୍, ଲେଭି ଡଟ୍ ଇନ୍ ଓ ସିଲେକ୍ଟ ପାର୍ଟନର ଇକମର୍ସ ପ୍ଲାଟ୍‌ଫର୍ମଗୁଡ଼ିକରେ ଉପଲବ୍ଧ।

## ଟ୍ରେଣ୍ଡ୍‌ସ ପକ୍ଷରୁ ପୁରସ୍କୃତ ହେଲେ ୯ କୃତୀ ପ୍ରତିଯୋଗୀ



ଭୁବନେଶ୍ୱର,୧୬।୯: ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ବ୍ରାଣ୍ଡ ଟ୍ରେଣ୍ଡ୍‌ସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଟ୍ରେଣ୍ଡସ୍ ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା-୨୦୨୨'ର ବିଜେତା ଘୋଷଣା ସହ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଶହୀଦନଗରସ୍ଥିତ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମରେ ଉପରୋକ୍ତ ପ୍ରତିଯୋଗିତାର ସମସ୍ତ ୯ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେଲ୍‌ଫି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା ଯାଜପୁରର ସୌଭାଗ୍ୟ ଚନ୍ଦ୍ର ସାହୁ, କଟକର ଅନନ୍ୟା ପ୍ରଧାନ ଓ ସାଲେପୁରର ଅନନ୍ୟା ମିଶ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଚିତ୍ରାଙ୍କନ ପ୍ରତିଯୋଗିତା (୫-୧୦ ବର୍ଷ ବୟସ ବର୍ଗ)ରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା କଟକର ରୂପ୍‌ସା ନାୟକ,ନିମାପଡ଼ାର ସିଦ୍ଧି ବୈଷ୍ଣବୀ ଓ ଭୁବନେଶ୍ୱରର ଆଦ୍ୟାଶା ବିଶ୍ୱାଳ ପୁରସ୍କୃତ ହୋଇଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତା ଅନ୍ ଏକ ଗ୍ରୁପ୍ (୧୧ବର୍ଷ ଓ ତା'ଠାରୁ ଅଧିକ ବୟସ ବର୍ଗ) ରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା କଟକର ସାଗରିକା ସାମଲ, ପାରାଦୀପର ସ୍ନେହା ଚମ୍ପତି ଓ ଅନଗୋଳର ପ୍ରିୟା ନାୟକଙ୍କୁ ଷ୍ଟୋର ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏପରିକି ସମସ୍ତ ପ୍ରଥମ ପୁରସ୍କାର ବିଜେତା ପ୍ରତ୍ୟେକ ୩୧,୦୦୦ ଟଙ୍କାର ଜିତିଥିବା ବେଳେ ଦ୍ୱିତୀୟ ବିଜେତାମାନେ ପ୍ରତ୍ୟେକ ୨୧,୦୦୦ ଟଙ୍କା ମୂଲ୍ୟର ଏବଂ ତୃତୀୟ ବିଜେତାମାନେ ପ୍ରତ୍ୟେକ ୧୧,୦୦୦ ଟଙ୍କା ମୂଲ୍ୟର ପୁରସ୍କାର ଜିତିଛନ୍ତି।

## ରଞ୍ଜୀବ ଜୀ ସାର୍ଥକର ଲକ୍ଷପତି ବିଜେତା

ଭୁବନେଶ୍ୱର,୧୬।୯




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୀ ସାର୍ଥକର ଶ୍ରେଷ୍ଠ ଦର୍ଶକ ଭଦ୍ରକ ଜିଲାର ରଞ୍ଜୀବ ବିଶ୍ୱାଳଙ୍କୁ ଚ୍ୟାନେଲ ପକ୍ଷରୁ ଲକ୍ଷପତି ବିଜେତା ଘୋଷଣା ସହ ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ଦର୍ଶକ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଜୀ ସାର୍ଥକ ପକ୍ଷରୁ ଚଳିତ ବର୍ଷ ଏପ୍ରିଲ ୯ରୁ ମେ ୨୮ତାରିଖ ପର୍ଯ୍ୟନ୍ତ 'ହାତରେ ରିମୋଟ୍ ଧରିଲେ ଗୃହଲକ୍ଷ୍ମୀ, ଦେଖିଲେ ଜୀ ସାର୍ଥକ ଆସିବେ ଲକ୍ଷ୍ମୀ' ନାମକ ଏକ ଅଭିନବ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏପରିକି ଜୀ ସାର୍ଥକରେ ପ୍ରତିଦିନ ସନ୍ଧ୍ୟା ୭.୩୦ ରୁ ରାତି ୧୦ଟା ମଧ୍ୟରେ ପ୍ରସାରିତ ହେଉଥିବା ବିଭିନ୍ନ ଧାରାବାହିକ ମଧ୍ୟରୁ କିଛି ସରଳ ପ୍ରଶ୍ନ ପ୍ରତିଯୋଗୀମାନଙ୍କ ପାଇଁ କରାଯାଉଥିଲା। ଯେଉଁମାନେ ପ୍ରତିଦିନ ଜୀ ସାର୍ଥକକୁ ଭଲ ପାଉଛନ୍ତି ଏବଂ ବିଭିନ୍ନ ଧାରାବାହିକ ଦେଖୁଛନ୍ତି ସେମାନଙ୍କୁ ଏହିସବୁ ପ୍ରଶ୍ନର ଉତ୍ତର ଦେବାକୁ କୁହାଯାଉଥିଲା। ସେହିଭଳି ପ୍ରତିଦିନ ଠିକ୍ ଉତ୍ତର ଦେଉଥିବା ୧୦ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମଧ୍ୟ ୧୦୦୦ ଟଙ୍କାର ଗିଫ୍ଟ ଭାଉଚର ମିଳୁଥିଲା। ତେବେ ଏପ୍ରିଲ ୯ରୁ ମେ ୨୮ ତାରିଖ ପର୍ଯ୍ୟନ୍ତ ପୂରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ଦିଆଯିବ ବୋଲି ଚ୍ୟାନେଲ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ପ୍ରତୀକ ସିଲ୍ କହିଛନ୍ତି, ଜୀ ସାର୍ଥକରେ ପ୍ରତିଦିନ ପ୍ରସାରିତ ହେଉଥିବା ଧାରାବାହିକଗୁଡ଼ିକୁ ରଞ୍ଜୀବ ଦେଖୁଥିଲେ ଏବଂ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ଠିକ୍ ଭାବେ ଦେଇଥିଲେ। ଜୀ ସାର୍ଥକର ସେ ଜଣେ ଶ୍ରେଷ୍ଠ ଦର୍ଶକ ଭାବେ ଏହି ମେଗା ୱିନରର ବିଜେତା ହୋଇପାରିଛନ୍ତି। ଏପରିକି ରଞ୍ଜୀବଙ୍କୁ ଜୀ ସାର୍ଥକ ଅଫିସରେ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ନଗଦ ଦିଆଯିବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି।

## ଶିଶୁଗୃହକୁ ସହାୟତା ଦେଲା ଇକୋରୋ

ଭୁବନେଶ୍ୱର,୧୬।୯

ରାଜ୍ୟର ପ୍ରମୁଖ ସାମାଜିକ ଅନୁଷ୍ଠାନ ଭାବେ ଜଣାଶୁଣା ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ (ଇକୋରୋ) ପକ୍ଷରୁ ଦରିଦ୍ର ପିଲାମାନଙ୍କ ଆଶ୍ରୟସ୍ଥଳ 'ଆଦୃତ'ର ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏପରିକି ଇକୋରୋର ସଭାପତି ଅନୁପମା ଶ୍ରୀବାସ୍ତବ ଶୁକ୍ରବାର ସ୍ଥାନୀୟ କଣ୍ଟାବାଡ଼ଠାରେ ଥିବା 'ଆଦୃତ' ପରିଦର୍ଶନରେ ଯାଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଆଶ୍ରିତ ପିଲାମାନଙ୍କ ଲାଗି ଉଦ୍ଦିଷ୍ଟ ଶିଶୁଗୃହ ପରିଦର୍ଶନକରି ଅନ୍ତେବାସୀଙ୍କ ସହ ସମୟ ଅତିବାହିତ ସାଙ୍ଗକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଇକୋରୋ ପକ୍ଷରୁ ଏକ ଆରେଞ୍ଜର କି-ବୋର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କି-ବୋର୍ଡ ଅନ୍ତେବାସୀମାନଙ୍କୁ ସେମାନଙ୍କର ସଙ୍ଗୀତ ଅଭ୍ୟାସ ଏବଂ ପ୍ରଦର୍ଶନ ପାଇଁ ବେଶ୍ ସହାୟକ ହେବ ବୋଲି ଜଣାପଡିଛି। ଆଦୃତରେ ପ୍ରାୟ ୬୦ଜଣ ଅନ୍ତେବାସୀ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ତେବାସୀଙ୍କ ସଂଗୀତ କ୍ଷେତ୍ରରେ ଅନ୍ତର୍ନିହିତ ଗୁଣ ରହିଛି। ଏହି ଅବସରରେ ରେଳପଥ ମହିଳା କଲ୍ୟାଣ ସଙ୍ଗଠନର ସମ୍ପାଦିକା ମନମିତା ମଣ୍ଡଳ ଏବଂ କୋଷାଧ୍ୟକ୍ଷ ଭାରତୀ ନିନାୱେଙ୍କ ସହ ସଙ୍ଗଠନର ଅନ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ମଧ୍ୟ ପରିଦର୍ଶନରେ ଯାଇଥିଲେ।



## ଆଜିଓ ଅଲ୍‌ଷ୍ଟାର୍ ସେଲ୍‌ର ଶୁଭାରମ୍ଭ

ମୁମ୍ବାଇ,୧୬।୯




ଦେଶର ପ୍ରମୁଖ ଅନ୍‌ଲାଇନ ଫ୍ୟାଶନ ଇ-ରିଟେଲର ଆଜିଓ ଅଲ୍ ଷ୍ଟାର୍ ସେଲ୍‌ର ଶୁଭାରମ୍ଭ ସମ୍ପର୍କରେ ଶୁକ୍ରବାର ଘୋଷଣା କରାଯାଇଛି। ଏହା ଅନେକ ତାରକା ଖଚିତ ଅଫରକୁ ନେଇ ଆସିଛି। ଏପରିକି ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଷ୍ଟାର ବ୍ରାଣ୍ଡ ସମୂହ ସାମିଲ ସହ ଏଥିରେ ଥିବା କଲେକ୍ସନ ଓ ଅତୁଳନୀୟ ଡିଲ୍ ବେଶ୍ ଆକର୍ଷଣୀୟ ରହିଛି। ଚଳିତ ବର୍ଷ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ। ଏଠାରେ ୩୫୦୦ରୁ ଅଧିକ ଅଗ୍ରଣୀ ଭାରତୀୟ ଓ ଆନ୍ତର୍ଜାତିକ ଫ୍ୟାଶନ ବ୍ରାଣ୍ଡରେ ୧ନିୟୁତରୁ ଅଧିକ ଷ୍ଟାଇଲ ସାମିଲ ସାଙ୍ଗକୁ ୫୦-୯୦% ଡିସ୍‌କାଉଣ୍ଟ ଉପଲବ୍ଧ ରହିଛି। ଏହାର ଗ୍ରାହକମାନେ ପ୍ରଥମ ଥର ଆପ୍‌ରେ ସାଇନିଂ ଅପ୍ କରିବା ପରେ ତୁରନ୍ତ ୫୦୦ ଟଙ୍କାର ରିହାତି ପାଇପାରିବେ। ଏଠାରେ ୱେଷ୍ଟର୍ନ ୱେର, ଡେନିମ୍ସ, ସ୍ନିକର, ଆଥଲେଜର, ଏଥ୍‌ନିକ୍ ୱେର ସାଙ୍ଗକୁ ଆହୁରି ଅନେକ କିଛି ଉପଲବ୍ଧ ରହିଛି। ଏଠାରେ ଷ୍ଟାର-ଷ୍ଟଡେଡ୍ ବ୍ରାଣ୍ଡ ଯଥା ଆଡିଡାସ୍, ନାଇକ୍, ସୁପରଡ୍ରାଏ, ଷ୍ଟିଭ୍ ମାଡେନ୍, ଲିଭାଇସ୍, ମାର୍କସ୍ ଆଣ୍ଡ ସ୍ପେନ୍ସର, ଅର୍ମାନି ଏକ୍ସଚେଞ୍ଜ, ମାଭି, ରିତୁ କୁମାର, ଡବ୍ଲ୍ୟୁ, ମାସବା, ମୁଜି ଓ ଆହୁରି ଅନେକ କିଛି ରହିଛି। ସେହିପରି ବଲିଉଡ୍‌ର ଅଗ୍ରଣୀ ଷ୍ଟାରମାନେ ଅନନ୍ୟ ଷ୍ଟାଇଲରେ ସୁସଜ୍ଜିତ ହୋଇ ଆଜିଓ ଅଲ୍‌ଷ୍ଟାର ସେଲ୍‌କୁ ସଭିଙ୍କ ପାଇଁ 'ହିଟ୍'କୁ ଆଣିଛନ୍ତି। ବିଶେଷକରି ଶ୍ରଦ୍ଧା କପୁର, ବାଣୀ କପୁର, ଜିମ୍ ସର୍ଭ ଓ ବାଦଶାହା ଆଜିଓ କ୍ୟାମ୍ପେନର ଷ୍ଟାରକାଷ୍ଟ ଭାବେ ଟିଭି ଓ ଡିଜିଟାଲ ମିଡିଆରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଭିନ୍ନ ପ୍ରକାର ବ୍ରାଣ୍ଡ ସହ ଜଣେ ବ୍ୟକ୍ତି ଅଲ୍‌ଷ୍ଟାର ସେଲ୍ ସମୟରେ ଆଜିଓ ଆପ୍‌ରେ ଅନେକ ଆକର୍ଷଣୀୟ ଡିଲ୍ ପାଇପାରିବେ। ଗ୍ରାହକମାନେ ମଧ୍ୟ ଅତିରିକ୍ତ ସୁବିଧା ଯଥା ସୁପରଫାଷ୍ଟ ଡେଲିଭରି, ଡୋରଷ୍ଟେପ୍ ରିଫଣ୍ଡ ଓ ସହଜିଆ ଏକ୍ସଚେଞ୍ଜ ସୁବିଧା ପାଇପାରିବେ। ଏହାଦ୍ୱାର ଆଜିଓର ଅଫରିଂ ଆହୁରି ଅଧିକ ଆକର୍ଷଣୀୟ ହୋଇପାରିଛି। ଭାରତରେ ଉତ୍ସବ ସେଲ୍ ଋତୁ ଆରମ୍ଭ ହୋଇଥିବା ବେଳେ ଆଜିଓ ଅଲ୍‌ଷ୍ଟାର୍ସ ସେଲ୍ ଗ୍ରାହକଙ୍କ ସମସ୍ତ ଫ୍ୟାଶନ ଶପିଂ ଆବଶ୍ୟକତାକୁ ପୂରଣ କରୁଛି। ପ୍ଲେ ଷ୍ଟୋର ବା ଆପ୍ ଷ୍ଟୋରରୁ ଆଜିଓ ଆପ୍‌କୁ ମୋବାଇଲରେ ଡାଉନ୍‌ଲୋଡ୍ କରି ଗ୍ରାହକମାନେ ସମସ୍ତ ପ୍ରକାର ଫ୍ୟାଶନର ଆନନ୍ଦ ଉଠାଇପାରିବେ।

## ରପ୍ତାନି କ୍ଷେତ୍ରକୁ ୧୦୦୦ କୋଟିର ପାଣ୍ଠି ଯୋଗାଇବ ଏସ୍‌ବିଆଇ

ଭୁବନେଶ୍ୱର,୧୬।୯



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ସରକାର ସହ ସୁସମ୍ପର୍କକୁ ଅଗ୍ରାଧିକାର ଦେଇ ଆସୁଛି। ବିଶେଷକରି 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମଧ୍ୟ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ନିକଟରେ ମୁମ୍ବାଇରେ ଶେଷ ହୋଇଥିବା ଓଡ଼ିଶା ଇନ୍‌ଭେଷ୍ଟର ମିଟ୍-୨୦୨୨ରେ ଏସ୍‌ବିଆଇର ଚେୟାରମେନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିଭଳି ଷ୍ଟେଟ ବ୍ୟାଙ୍କ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଋଣ ଯୋଜନା ଯଥା ପିଏମ୍‌ଇଜିପି, ମୁଦ୍ରା ଇତ୍ୟାଦିରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାର ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ରପ୍ତାନି କ୍ଷେତ୍ରର ବିକାଶ ପାଇଁ ଷ୍ଟେଟ ବ୍ୟାଙ୍କ ବଡ ଯୋଜନା ପ୍ରସ୍ତୁତ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ ରେ ରପ୍ତାନି କ୍ଷେତ୍ରକୁ ୧୦୦୦ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିବା ପାଇଁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ରପ୍ତାନି କ୍ଷେତ୍ରକୁ ବ୍ୟାଙ୍କ ଦେଇଥିବା ପାଣ୍ଠି ପରିମାଣ ୩୦୦ କୋଟି ଟଙ୍କା ରହିଛି। ଚଳିତ ବର୍ଷ ସେଥିରେ ୩୦୦% ବୃଦ୍ଧି ଆଣିବାକୁ ବ୍ୟାଙ୍କର ଲକ୍ଷ୍ୟ। ସେହିପରି ରପ୍ତାନିରେ ଚିଙ୍ଗୁଡ଼ି, ସି ଫୁଡ୍ ଓ କୃଷିଜାତ ସାମଗ୍ରୀ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହା ପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା କହିଛନ୍ତି। ଏହା ବ୍ୟତୀତ, ଷ୍ଟାର୍ଟଅପ୍, ରିଅଲ ଏଷ୍ଟେଟ, ଏସ୍‌ଏମ୍‌ଇ, ଇଥାନଲ ପ୍ରକଳ୍ପ ଓ ଧାର୍ମିକ ସ୍ଥଳରେ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଉପରେ ମଧ୍ୟ ବ୍ୟାଙ୍କ ଧ୍ୟାନ ଦେଉଛି। ଷ୍ଟାର୍ଟଅପ୍‌ଗୁଡିକ ଲାଗି ଉତ୍ସର୍ଗୀକୃତ ଶାଖା ସ୍ଥାପନ କରିବା ପାଇଁ କ'ଣ ସମ୍ଭାବନା ରହିଛି, ତାହା ଜାଣିବାକୁ ବ୍ୟାଙ୍କ ରାଜ୍ୟରେ ବିଭିନ୍ନ ଶିଳ୍ପସଂଘ ସହ ମଧ୍ୟ ଆଲୋଚନା କରୁଛି। ରାଜ୍ୟରେ ସ୍ଥାପନ ହେଉଥିବା ୨ଟି ପ୍ରକଳ୍ପକୁ ବ୍ୟାଙ୍କ ପାଣ୍ଠି ପ୍ରଦାନ କରିଛି। ଆଉ ତିନୋଟି ପ୍ରତିଷ୍ଠାନ ସହ ଆଲୋଚନା ଜାରି ରହିଛି। ଅପରପକ୍ଷରେ ପୁରୀରେ ମଧ୍ୟ ତିନିଟି ହୋଟେଲ ସ୍ଥାପନ ପାଇଁ ବ୍ୟାଙ୍କ ପାଣ୍ଠି ପ୍ରଦାନ କରିଛି। ରିଅଲ ଇଷ୍ଟେଟ କ୍ଷେତ୍ରରେ ଷ୍ଟେଟ ବ୍ୟାଙ୍କ ୩-୪ ଟି ବଡ଼ ବିଲ୍ଡର ସଂସ୍ଥାକୁ ମଧ୍ୟ ପାଣ୍ଠି ପ୍ରଦାନ କରିଛି ବୋଲି ଶର୍ମା କହିଛନ୍ତି। ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ ରେ ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କ ୨୦୦୦କୋଟି ଟଙ୍କା ଓ ରିଅଲ ଇଷ୍ଟେଟ କ୍ଷେତ୍ରକୁ ୧୦୦୦ କୋଟି ଟଙ୍କା ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ ଅଗ୍ରିମରେ ୧୫,୦୦୦କୋଟି ଟଙ୍କା ଓ ଜମାରେ ୪୦-୫୦ ହଜାର କୋଟି ଟଙ୍କାର ବୃଦ୍ଧି ଆଣିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଥିବା ସେ ମତବ୍ୟକ୍ତ କରିଛନ୍ତି। ଚଳିତ ପାର୍ବଣରେ ବ୍ୟାଙ୍କ ବ୍ୟକ୍ତିଗତ ଋଣ ଏକ୍ସପ୍ରେସ୍ କ୍ରେଡିଟ୍‌ରେ ବୃଦ୍ଧି ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି। ଏଥିରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ରିହାତି ସୁବିଧା ରହିଛି। ସରକାରଙ୍କ ଯେତେସବୁ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ରହିଛି, ସେଥିରେ ଅଧିକରୁ ଅଧିକ ଲୋକଙ୍କୁ ଷ୍ଟେଟ ବ୍ୟାଙ୍କ ଯୋଡ଼ିବା ପାଇଁ ଉଦ୍ୟମ କରୁଛି। ଏହା ବ୍ୟତୀତ ଭୁବନେଶ୍ୱର-କଟକ ଜାତୀୟ ରାଜପଥରେ ବ୍ୟାଙ୍କ ୩ ଟି ନୂଆ ଶାଖା ସ୍ଥାପନ କରିବାକୁ ଯୋଜନା କରିଛି ବୋଲି ଶର୍ମା କହିଛନ୍ତି। ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ସଦା ଅଗ୍ରଣୀ ରହିଛି। ବିଶେଷକରି ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ କାମ କରୁଥିବା ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଜୁ ପଟ୍ଟନାୟକ ଆୱାର୍ଡ (ସାମାଜିକ ରିପୋର୍ଟିଂ), ଆର୍. କେ. ତଲୱାର ଆୱାର୍ଡ (ବିତ୍ତୀୟ ରିପୋର୍ଟିଂ), କଳିଙ୍ଗ ଆୱାର୍ଡ (କ୍ରୀଡ଼ା ଓ ଯୁବବ୍ୟାପାର ରିପୋର୍ଟିଂ) ଶର୍ମା ଆୱାର୍ଡ ଘୋଷଣା କରିଛନ୍ତି। ଏହି ଆୱାର୍ଡ ପ୍ରତି ବର୍ଷ ଜାନୁୟାରୀ ୨୬ରେ ଦିଆଯିବ।

## ସେମିରେ ହାରିଲା ଭାରତ

**କାଠମାଣ୍ଡୁ, ୧୬।୯ (ପି.ଟି.):** ଭାରତ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛି। ସ୍ଥାନୀୟ ଦଶରଥ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ପ୍ରତିଯୋଗିତାର ଏକ ସେମିଫାଇନାଲ ମ୍ୟାଚରେ ଦଳ ୦-୧ରେ ଆୟୋଜକ ନେପାଳଠାରୁ ହାରିଯାଇଛି। ଭାରତୀୟ ଫୁଟ୍‌ବଲ ଦଳ ପ୍ରଥମ ଥର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ନେପାଳ ପକ୍ଷରୁ ବିଜୟ ସୂଚକ ଗୋଲ୍‌ଟିକୁ ରଶ୍ମି କୁମାରୀ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ।

## ଇଂଲଣ୍ଡ ସିରିଜ ବିଜୟୀ

**ବ୍ରିଷ୍ଟଲ, ୧୬।୯ (ପି.ଟି.):** ଭାରତ ବ୍ୟାଟରମାନଙ୍କ ଖରାପ ପ୍ରଦର୍ଶନ ଯୋଗୁ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚକୁ ଇଂଲଣ୍ଡ ୭ ଉଇକେଟରେ ଜିତିନେଇଛି। ଏଥିସହିତ ଦଳ ୨-୧ରେ ସିରିଜ ବିଜୟୀ ହୋଇଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୮ ଉଇକେଟ ବିନିମୟରେ ମାତ୍ର ୧୨୨ ରନ କରିଥିଲା। ରିଚା ଘୋଷ ୨୨ ବଲ୍‌ରୁ ୩୩ରନ ଏବଂ ଅଲରାଉଣ୍ଡର ପୂଜା ବସ୍ତ୍ରାକର ୧୧ ବଲ୍‌ରୁ ୧୯ ରନ କରି ଅପରାଜିତ ରହିଥିଲେ। ଦୀପ୍ତି ଶର୍ମା ୨୪ ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଭାରତ ବ୍ୟାଟରମାନେ ଇଂଲଣ୍ଡ ସ୍ପିନର ସୋଫି ଏକ୍ଲେଷ୍ଟୋନ (୩/୨୫), ସାରା ଗ୍ଲେନ (୨/୧୧) ଓ ବୋନି ସ୍ମିଥ୍ (୧/୧୯)ଙ୍କ ବୋଲିଂର ଉଚିତ ମୁକାବିଲା କରିପାରି ନ ଥିଲେ। ଏହି ତିନି ବୋଲର ମିଳିତ ଭାବେ ୬ ଉଇକେଟ ଅକ୍ତିଆର କରିନେଇଥିଲେ। ଇଂଲଣ୍ଡ ୧୮.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ସୋଫିଆ ଡଙ୍କ୍ଲିଙ୍କ ୪୪ ବଲ୍‌ରେ ୪୯ ଏବଂ ୧୮ ବର୍ଷୀୟା କାପ୍‌ସିଙ୍କ ଅପରାଜିତ ୩୮ରନ ସହାୟତାରେ ଘରୋଇ ଦଳ ୧୮.୨ ଓଭରରେ ୩ ଉଇକେଟ ବିନିମୟରେ ୧୨୬ ରନ କରି ବିଜୟ ଲାଭ କରିଥିଲା। ଡଙ୍କ୍ଲି ଓ ଡାନି ୟାଟ୍ (୨୩ ବଲ୍‌ରୁ ୨୨) ପ୍ରଥମ ଉଇକେଟରେ ୭୦ରନ ଯୋଗ କରି ଦଳର ବିଜୟ ପଥ ସୁଗମ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ (୧/୧୪), ପୂଜା ବସ୍ତ୍ରାକର (୧/୧୬) ଓ ସ୍ନେହ ରାଣା (୧/୩୨) ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ୱାର୍ଲ୍ଡ ଜାଏଣ୍ଟ୍ସକୁ ହରାଇଲା ଇଣ୍ଡିଆ ମହାରାଜାସ



ଇଣ୍ଡିଆ ମହାରାଜାସ ଦଳ ସହ ବୀରେନ୍ଦ୍ର ସେହ୍ୱାଗ ଓ ହରଭଜନ ସିଂ ଖୁସି ମୁହୂର୍ତ୍ତରେ।

**କୋଲକାତା, ୧୬।୯ (ପି.ଟି.)**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପୂର୍ବରୁ ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଚ୍ୟାରିଟି ମ୍ୟାଚରେ ଇଣ୍ଡିଆ ମହାରାଜାସ ୬ ଉଇକେଟରେ ୱାର୍ଲ୍ଡ ଜାଏଣ୍ଟ୍ସକୁ ପରାସ୍ତ କରିଛି। ୱାର୍ଲ୍ଡ ଜାଏଣ୍ଟ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୭୦ ରନ କରିଥିବାବେଳେ ଇଣ୍ଡିଆ ମହାରାଜାସ ୧୮.୪ ଓଭରରେ ୪ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରି ନେଇଥିଲା। ଶନିବାରଠାରୁ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଆରମ୍ଭ ହେବ।

ଅର୍ଦ୍ଧଶତକ ହାସଲ ସହ ଅପରାଜିତ ରହି ଇଣ୍ଡିଆ ମହାରାଜାସ ବିଜୟକୁ ସହଜ କରିଥିଲେ ୟୁସୁଫ ପଠାନ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୧୫ ବଲ୍‌ରୁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିବା ୟୁସୁଫ ଏଠାରେ ସେହି ଫର୍ମରେ ନଜରକୁ ଆସିଥିଲେ। ସେ ୩୫ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୦ ରନକରି ଅପରାଜିତ ରହିଥିଲେ। ତାଙ୍କ ସହ ଇରଫାନ ପଠାନ ୯ ବଲ୍‌ରୁ ୨୦ (୩ ଛକା) ରନ କରି ଅପରାଜିତ ଥିଲେ। ଟପ୍ ଅର୍ଡରରେ ତନ୍ମୟ ଶ୍ରୀବାସ୍ତବ ସର୍ବାଧିକ ୫୪ (୩୯ ବଲ, ୮ ଚୌକା, ୧ ଛକା) ରନ କରିଥିଲେ। ୱାର୍ଲ୍ଡ ଜାଏଣ୍ଟ୍ସ ପକ୍ଷରୁ ଟିମ୍ ବ୍ରେସନାନ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ୱାର୍ଲ୍ଡ ଜାଏଣ୍ଟ୍ସ। ଓପନର କେଭିନ ଓ'ବ୍ରାଏନ (୫୨ ରନ, ୩୧ ବଲ, ୯ ଚୌକା, ୧ ଛକା)ଙ୍କ ଅର୍ଦ୍ଧଶତକ ଏବଂ ମିଡିଲ ଅର୍ଡରରେ ଦୀନେଶ ରାମଦିନଙ୍କ ଦ୍ରୁତ ୪୨ (୨୯ ବଲ, ୫ ଚୌକା, ୧ ଛକା) ରନ ବଳରେ ୱାର୍ଲ୍ଡ ଜାଏଣ୍ଟ୍ସ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ପଙ୍କଜ ସିଂ ୪ ଓଭରରେ ଗୋଟିଏ ମେଡେନ ନେଇ ୨୬ ରନ ବିନିମୟରେ ୫ ଉଇକେଟ ନେଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ହରଭଜନ ଇଣ୍ଡିଆ ମହାରାଜାସ ଓ ଜ୍ୟାକ୍ସ କାଲିସ ୱାର୍ଲ୍ଡ ଜାଏଣ୍ଟ୍ସ ଦଳର ନେତୃତ୍ୱ ନେଇଥିଲେ।

**ଜନ୍ମଦିନ ଶୁଭେଚ୍ଛା**

(ବୁବୁଲୁ)
**ଶୃତିଶ୍ରୀ ସିହ୍ନା**
ବୌଦ୍ଧ, ପୋଢ଼ାପୋଢ଼ା
ତୋର ୧୪ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭ କାମନା। ପ୍ରଭୁ ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ଅଜା, ଆଇ, ଗୁଗୁଲ, ଡୁଡୁଲୁ, ବନ୍ଧୁ ଓ ପରିବାର।
ଧ-୬୬୬୪୮

**୫ମ ଜନ୍ମବାର୍ଷିକ ଶୁଭେଚ୍ଛା**

HAPPY Birthday
**ଶ୍ରୀମାନ୍ ଧୃବ୍ କୁମାର**
ସମେଇଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ପିତା- ନିହାର, ମାତା- ଶୁଭଶ୍ରୀ, ଜେଜେ, ବଡ଼ିମାଆ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୦୯

## ଖୋର୍ଦ୍ଧା-ରେଲୱେ ଫାଇନାଲ

**ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି):** ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଏଓ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଇଷ୍ଟକୋଷ୍ଟ ରେଲୱେ ଓ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ୪-୦ ଗୋଲରେ ସେଲ୍‌କୁ ପରାସ୍ତ କରିଥିଲା। ଖୋର୍ଦ୍ଧା ପକ୍ଷରୁ ଡି. ପ୍ରସାଦ କୁଜୁର (ପେନାଲ୍ଟି ଷ୍ଟ୍ରୋକ୍), ଗ୍ରେଗୋରି ଖେସ୍, ରୋଶନ କୁଜୁର ଓ ଆକାଶ ସୋରେଙ୍ଗ (୩ଟି ଯାକ ଫିଲ୍ଡ ଗୋଲ) ଗୋଲ ଦେଇଥିଲେ। ସେହିପରି ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିରେ ରେଲୱେ ଦଳ ୪-୩ ଗୋଲରେ ସୁନ୍ଦରଗଡ଼କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ବିଜୟୀ ଦଳ ପକ୍ଷରୁ ଜେ.ଜେ. ମୁଣ୍ଡା, ଅଧିନାୟକ ଅର୍ବିନ ବାଲା, ରାଜିନ କଣ୍ଡୁଲନା ଓ ସୁମନ ବେକ୍ ଏବଂ ସୁନ୍ଦରଗଡ଼ର ମାଟିୟାସ ଡାଙ୍ଗ, ସୁଶାନ୍ତ ଟପ୍ପୋ ଓ ଅଦ୍ରୋହିତ ଏକ୍କା ଗୋଲ ସ୍କୋର କରିଥିଲେ।

## ସୁବିଧାଜନକ ସ୍ଥିତିରେ ଭାରତ ଏ'

**ବେଙ୍ଗାଲୁରୁ, ୧୬।୯ (ପି.ଟି.)**

ନ୍ୟୁଜିଲାଣ୍ଡ ଏ' ବିପକ୍ଷ ତୃତୀୟ ଅନ୍ ଅଫିସିଆଲ ଟେଷ୍ଟରେ ଭାରତ ଏ' ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରି ସୁବିଧାଜନକ ସ୍ଥିତିରେ ରହିଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳରେ ସ୍ପିନ ବୋଲର ସୌରଭ କୁମାର (୪/୪୮) ଓ ରାହୁଲ ଚହର (୩/୫୩)ଙ୍କ ଚମତ୍କାର ବୋଲିଂ ଯୋଗୁ ନ୍ୟୁଜିଲାଣ୍ଡ ଏ' ଏହାର ପ୍ରଥମ ଇନିଂସରେ ୭୧.୨ ଓଭର ଖେଳି ୨୩୭ ରନ କରିପାରିଥିଲା। ଫଳରେ ଏହି ୪ ଦିନିଆ ଗେମ୍‌ରେ ଭାରତ ଏ' ୫୬ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଷ୍ଟମ୍ପ ଅପସାରଣ ବେଳକୁ ୧୧ ଓଭରରେ ୧ ଉଇକେଟ ବିନିମୟରେ ୪୦ ରନ କରିଛି। ଦଳ ମୋଟ ଉପରେ ୯୬ରନ ଅଗ୍ରଣୀ ଲାଭ କରିସାରିଛି। ଦ୍ୱିତୀୟ ଇନିଂସରେ ଭାରତ ଏହାର ଜଣେ ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନ (୪)ଙ୍କୁ ହରାଇଛି। ସେ ସିନ୍ ସୋଲିଆଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଋତୁରାଜ ଗାଏକ୍ୱାଡ ୧୮ ଏବଂ ଅଧିନାୟକ ପ୍ରିୟଙ୍କ ପଞ୍ଚାଲ ୧୭ ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଭାରତ ଏ'ର ପ୍ରଥମ ଇନିଂସ ସ୍କୋର ୨୯୩ ଜବାବରେ ନ୍ୟୁଜିଲାଣ୍ଡ ଏ' ୧୦୦ରନ ଭିତରେ ଦଳର ଅଧା ବ୍ୟାଟ୍ସମ୍ୟାନଙ୍କୁ ହରାଇ ବସିଥିଲା। ତେବେ ମାର୍କ ଚାପମ୍ୟାନ (୯୨) ସିନ୍ ସୋଲିଆ (୫୪) ଷଷ୍ଠ ଉଇକେଟରେ ୧୧୪ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ଏ' ପ୍ରଥମ ଇନିଂସ: ୨୯୩
ନ୍ୟୁଜିଲାଣ୍ଡ ଏ' ପ୍ରଥମ ଇନିଂସ: ୨୩୭ (ମାର୍କ ଚାପମ୍ୟାନ-୯୨, ସିନ୍ ସୋଲିଆ-୫୪; ସୌରଭ କୁମାର-୪/୪୮, ରାହୁଲ ଚହର ୩/୫୩, ମୁକେଶ କୁମାର ୨/୪୮)। ଭାରତ ଦ୍ୱିତୀୟ ଇନିଂସ (ଅସମାପ୍ତ): ୪୦/୧।



ରାଜ୍ୟ ସିନିୟର ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଖୋର୍ଦ୍ଧା ଓ ସେଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଫୁର୍‌ସତ୍

# ଲା ନିନା: ୨୦୨୩ରେ ୧ ଟ୍ରିଲିୟନ ଡଲାର କ୍ଷତି ସହିବ ବିଶ୍ୱ



**ଲଣ୍ଡନ:** ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବଢ଼ିବାରେ ଲାଗିଛି। ବନ୍ୟାରେ ପାକିସ୍ତାନ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାବେଳେ ପଶ୍ଚିମ ଆମେରିକାରେ ଗ୍ରୀଷ୍ମ ପ୍ରବାହ ଏବଂ ବନାଗ୍ନି ମାତ୍ରା ବୃଦ୍ଧି ପାଇଛି। ସେହିପରି ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆରେ ଆବଶ୍ୟକତାଠାରୁ ଅଧିକ ବର୍ଷା ସାଙ୍ଗକୁ ବ୍ରାଜିଲ୍ ଓ ଆର୍ଜେଣ୍ଟିନାରେ ମରୁଡ଼ି ଲୋକଙ୍କୁ କଲବଲ କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ପାଣିପାଗ ଉପରେ ପଡ଼ିଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି। ୨୦୨୦ରୁ ବିଶ୍ୱରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ ଲା ନିନାକୁ ଦିଆଯାଇଛି। ଲା ନିନା ଯୋଗୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୩ ପର୍ଯ୍ୟନ୍ତ ବିଶ୍ୱବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିବ। ବନ୍ୟା, ଜଙ୍ଗଲପୋଡ଼ି, ମରୁଡ଼ି ଦ୍ୱାରା ବହୁ ଘର ସାଙ୍ଗକୁ ଫସଲ ନଷ୍ଟ ହେବ। ଏହାସହ ବହୁ ଧନ ଓ ଜୀବନ କ୍ଷତିଗ୍ରସ୍ତ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଲା ନିନା ଦ୍ୱାରା ଓସେନ୍ ସାଇକେଲ୍‌ରେ ମଧ୍ୟ ବିରାଟ ପରିବର୍ତ୍ତନ ଘଟିବା ସହ ପାଣିପାଗରେ ମଧ୍ୟ ଏହାର ପ୍ରଭାବ ଖୁବ୍ ଅଧିକ। ୧୯୯୮ରୁ ୨୦୦୧ ମଧ୍ୟରେ ଶେଷଥର ପାଇଁ ୩ଟି ଲା ନିନା ଅନୁଭୂତ ହୋଇଥିବାବେଳେ ଏହାପୂର୍ବରୁ ୧୯୭୩-୭୬ରେ ଲା ନିନା ପ୍ରଭାବ ଦେଖିବାକୁ ମିଳିଥିବା ଆମେରିକାର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବିପର୍ଯ୍ୟୟର ବେଗ ଅତି ପ୍ରଖର ହୋଇଥିବାବେଳେ ଏହାକୁ ହିସାବ କରିବା କଠିନ ବୋଲି ବିଶେଷଜ୍ଞ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୨୦୨୦ରେ ବିଶ୍ୱରେ ୨୬୮ ବିଲିୟନ୍ ଡଲାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ୨୦୨୧ରେ ଏହାର ପରିମାଣ ଥିଲା ୩୨୯ ବିଲିୟନ୍ ଡଲାର। ତେବେ ଏ ପ୍ରକାର ସ୍ଥିତି ବଜାୟ ରହିଲେ ୨୦୨୩ରେ ବିଶ୍ୱକୁ ୧ ଟ୍ରିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଲା ନିନା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଏହାର ପ୍ରମୁଖ କାରଣ ବୋଲି କୁହାଯାଇପାରିବ।

### ଲା ନିନା କ'ଣ

ଏହା ହେଉଛି ଏକ ପ୍ରତିସାଗରୀୟ ଧାରା। ଏହାର ଆବିର୍ଭାବ ପଶ୍ଚିମ ମହାସାରୀୟ କ୍ଷେତ୍ରରେ ସେତେବେଳେ ହୋଇଥିଲା ଯେତେବେଳେ ପୂର୍ବ ପ୍ରଶାନ୍ତ ସାଗର କ୍ଷେତ୍ରରେ ଏଲ୍ ନିନୋ ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଯାଇଥିଲା। ଏଲ୍ ନିନୋର ବିପରୀତ ଧର୍ମୀ ହେଉଛି ଲା ନିନା। ଏଲ୍ ନିନୋ ପଶ୍ଚିମ ମହାସାଗରୀୟ ଅଞ୍ଚଳରେ ସୁଖିଲା ଜଳବାୟୁ ଉତ୍ପନ୍ନ କରିଥିବାବେଳେ ଲା ନିନା ତାକୁ ଆର୍ଦ୍ର ଜଳାବାୟୁରେ ପରିଣତ କରିଦିଏ। ସ୍ପେନ୍ ଭାଷାରେ ଲା ନିନାର ଅର୍ଥ ଛୋଟ ଝିଅ।

## ୫୩ ବର୍ଷରେ ୫୩ ଜଣଙ୍କୁ ବିବାହ

**ରିୟାଧ:** ବୈବାହିକ ଜୀବନରେ ଶାନ୍ତି ଓ ସ୍ଥିରତା ଆଣିବା ପାଇଁ ସାଉଦିର ଜଣେ ୬୩ ବର୍ଷୀୟ ବୃଦ୍ଧ ୪୩ ବର୍ଷ ଭିତରେ ୫୩ ମହିଳାଙ୍କୁ ବିବାହ କରିଛନ୍ତି। ଅବୁ ଅବଦୁଲ୍ଲାହ ନାମକ ଏହି ବୃଦ୍ଧ ସ୍ଥାନୀୟ ଗଣମାଧ୍ୟମ ଏମ୍‌ବିସି ଚ୍ୟାନେଲରେ ସାକ୍ଷାତ୍‌କାର ଦେବା ସମୟରେ ଏକାଧିକ ବିବାହ ସମ୍ପର୍କରେ କହିଛନ୍ତି। ପ୍ରଥମ ବିବାହ ପରେ ସ୍ତ୍ରୀଙ୍କ ସହ ବେଶ୍ ଖୁସିରେ ଅବୁ ଦିନ କାଟୁଥିଲେ। ପ୍ରଥମ ସ୍ତ୍ରୀ ତରଫରୁ ତାଙ୍କର ସନ୍ତାନ ମଧ୍ୟ ଜାତ ହେଲେ। କିନ୍ତୁ କିଛିଦିନ ପରେ ପାରିବାରିକ କହଳ କାରଣରୁ ବିବାହ ତାଙ୍କୁ ଠିକ୍ ଲାଗି ନ ଥିଲା, ଯାହାପରେ ସେ ୨୩ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ। ବିବାହ ପଛର କାରଣ ଶାରୀରିକ ସମ୍ପର୍କ ନୁହେଁ ବରଂ ଶାନ୍ତି ପାଇବା ଆଶାରେ ସେ ଏକାଧିକ ମହିଳାଙ୍କୁ ବିବାହ କରିଥିବା କୁହନ୍ତି। କେବଳ ସାଉଦି ନୁହେଁ ବିଦେଶୀ ମହିଳାଙ୍କ ସହ ମଧ୍ୟ ଅବୁ ବିବାହ ରଚିଥିବା କହିଛନ୍ତି।

**ଶାନ୍ତି ସନ୍ଧାନରେ ବୃଦ୍ଧ**



CLASSIFIED DISPLAY
MORE SPACE • SAME PRICE

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ଟାଇଗର-୩'କୁ ଟକ୍କର ଦେବ 'ଡ୍ରିମ୍‌ଗର୍ଲ-୨'




**ମୁମ୍ବାଇ**

ନିର୍ମାଣ ହେବାକୁ ଯାଉଛି ଫିଲ୍ମ ଡ୍ରିମଗର୍ଲ-୨। ଶୁକ୍ରବାର ଅଭିନେତା ଆୟୁଷ୍ମାନ ଖୁରାନା ଏହାର ସୂଚନା ଦେଇଛନ୍ତି। ୨୦୧୯ରେ ରିଲିଜ ହୋଇଥିବା ଅଭିନେତାଙ୍କ ଫିଲ୍ମ ଡ୍ରିମଗର୍ଲର ଏହା ଦ୍ୱିତୀୟ ସଂସ୍କରଣ। ପ୍ରଥମେ ଟେଲି ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ଆୟୁଷ୍ମାନଙ୍କ ନାୟିକା ସାଜିବେ ବୋଲି କୁହାଯାଉଥିଲା। ହେଲେ ଏବେ ଫିଲ୍ମ ଲାଗି ଅନନ୍ୟାଙ୍କ ନାମକୁ ଫାଇନାଲ କରାଯାଇଛି । 'ଡ୍ରିମଗର୍ଲ-୨'ର ରିଲିଜକୁ ନେଇ ଘୋଷଣା କରି ଆୟୁଷ୍ମାନ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ଅନୁ କପୁର, ମନଜୋତ ସିଂହ, ବିଜୟ ରାଜ, ଅଭିଷେକ ବାନାର୍ଜୀଙ୍କ ବ୍ୟତୀତ ରାଜପାଲ ଯାଦବ, ସୀମା ପହବା ପ୍ରମୁଖ ନଜର ଆସିଛନ୍ତି। ୨୦୨୩ ଜୁନ ୨୯ରେ ଫିଲ୍ମଟି ପରଦାକୁ ଆସିବ। ଆସନ୍ତା ବର୍ଷ ସଲମାନ ଖାଁ ଏବଂ କଟ୍ରିନାଙ୍କ ଫିଲ୍ମ 'ଟାଇଗର-୩' ରିଲିଜ ହେବାକୁ ଯାଉଥିବାରୁ ଉଭୟ ଟିମ ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିବ ବୋଲି କୁହାଯାଉଛି।

# ମଡେଲଙ୍କ ପର୍ସନାଲ ଶପର୍ 'ପିଙ୍କି'



**ନୂଆଦିଲ୍ଲୀ:** ମନି ଲଣ୍ଡରିଂ ମାମଲାରେ ତିହାର ଜେଲରେ ଏବେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର। ସୁକେଶଙ୍କ ମାମଲାର ତଦନ୍ତରେ ବଲିଉଡ୍‌ର ବହୁ ଅଭିନେତ୍ରୀ ଓ ମଡେଲ୍‌ଙ୍କୁ ସାମିଲ କରାଯାଇଛି। ସୁକେଶଙ୍କୁ ବଲିଉଡ୍ ଆକ୍ଟ୍ରେସ୍‌ମାନଙ୍କ ନିକଟତର କରିବାରେ ବଡ଼ ମାଧ୍ୟମ ପାଲଟିଥିଲେ ପିଙ୍କି ଇରାନୀ। ଘଟଣାର ଯାଞ୍ଚ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପିଙ୍କିଙ୍କ ନାମ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଏ ନେଇ ବୁଧବାର ଓ ଗୁରୁବାର ଲଗାତର ଦୁଇଦିନ ଧରି ଇଡି ପିଙ୍କିଙ୍କୁ ଜେରା ମଧ୍ୟ କରିଛି। ୫୩ ବର୍ଷୀୟ ପିଙ୍କିଙ୍କୁ ଇଡି ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ସମେତ ଅନ୍ୟ ମଡେଲମାନଙ୍କ ପର୍ସନାଲ ଶପର୍ ବୋଲି କହିଛି। ପୂର୍ବରୁ ପିଙ୍କି ଇରାନୀ ଟିଭି ଶୋ'ରେ ଆଙ୍କରିଂ କରୁଥିଲେ। ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରି ପାଇଁ ସେ ବେଶ୍ ଜଣାଶୁଣା। ସୁକେଶଙ୍କ ପାଇଁ ବଲିଉଡ୍‌ରୁ ଅଭିନେତ୍ରୀ ଓ ମଡେଲଙ୍କ ସହ ସେ ଯୋଗାଯୋଗ କରୁଥିଲେ। ସୁକେଶଙ୍କ ସହ ଦେଖା କରିବା ଏବଂ ଫୋନ୍ ଯୋଗେ କଥା ହେବା ପାଇଁ ପିଙ୍କି ଅଭିନେତ୍ରୀମାନଙ୍କୁ କହୁଥିଲେ। ଏଥିସହ ସେମାନଙ୍କ ପାଇଁ ଦାମୀ ଗିଫ୍ଟ କିଣିବାରେ ସେ କନ୍‌ମ୍ୟାନ୍‌କୁ ସହଯୋଗ କରୁଥିଲେ। ଇନ୍‌ଷ୍ଟାଗ୍ରାମ ଜରିଆରେ ସୁକେଶ ଓ ପିଙ୍କି ୨୦୧୬-୧୭ ମଧ୍ୟରେ ପରିଚିତ ହୋଇଥିଲେ। ସୁକେଶ ତାଙ୍କ ସହିତ ଟ୍ୟାଲେଣ୍ଟ ଏଜେନ୍ସି ସର୍ଭିସ୍ ଷ୍ଟାର୍ଟ କରିବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି।

**ସୁକେଶଙ୍କୁ ଅଭିନେତ୍ରୀଙ୍କ ନିକଟତର କରାଉଥିଲେ**

**ମନେ ପଡ଼ନ୍ତି**

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ ଇଂ ଚିତ୍ତରଞ୍ଜନ ମହାଖୁଡ଼ (ଗୁନା)**
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।**
ଧ-୭୪୦୧୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ରୋହିତ କୁମାର ଜେନା**
ଠିକଣା- ଦଣ୍ଡୁଆସିପଡ଼ା, କନ୍ଦରପୁର, କଟକ
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୨୭।୦୯।୨୦୨୧
ଆରପାରିରେ ଯେଉଁଠାରେ ଥାଅ ଶାନ୍ତିରେ ରହିଥାଅ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ- ରେଣୁବାଳା ଜେନା (ପତ୍ନୀ), ରତିକାନ୍ତ ଜେନା (ପୁତ୍ର), ସୋନାଲି ଜେନା (ପୁତ୍ରବଧୂ) ।
ଧ-୧୪୫୮୬

## ସେମାନେ ଯାହା କୁହନ୍ତି...



"ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା କେଉଁ ଆବହମାନକାଳରୁ ହୋଇଆସୁଛି। ମା'ଙ୍କ ଖଣ୍ଡାବସା ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତ ପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉ ଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

**- ଅଶ୍ୱିନ କୁମାର ପଣ୍ଡା, ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ଼**



"ମା' ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ ଇତିହାସର କିମ୍ବଦନ୍ତୀ କହିଲେ ମଧ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ଲୋକମାନେ ମଧ ଘରକୁ ଆସିଥାନ୍ତି।

**- ଈଶ୍ୱର ପୂଜାରୀ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜୁନାଗଡ଼**



"ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ପୂରା ଜୁନାଗଡ଼ବାସୀ ଏହି ପର୍ବକୁ ଚାହିଁ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ତେବେ ୨ ବର୍ଷ ଧରି କୋଭିଡ୍ କଟକଣା ଯୋଗୁ ମା'ଙ୍କ ଦର୍ଶନ ମିଳି ନ ଥିବାବେଳେ ଏଥର କିନ୍ତୁ ମା'ଙ୍କ ଦର୍ଶନ ସିଧାସଳଖ ମିଳିବ। ସେଥିପାଇଁ ଆମେ ବେଶ୍ ଉତ୍ସାହୀ ଅଛୁ।

**- ମନୀଷା ସାହୁ, ଗୃହିଣୀ, ଜୁନାଗଡ଼**

# ଚାଉଳ ଉପରେ ଦେବୀଙ୍କ ଖଣ୍ଡା

**କଳାହାଣ୍ଡି ଜିଲାର ଐତିହାସିକ ସମ୍ପନ୍ନ ସହର ଜୁନାଗଡ଼। ଛଅକୋଡ଼ି ବନ୍ଧ ଓ ନଅକୋଡ଼ି ତୋଟା ପରିବେଷ୍ଟିତ ଏହି ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ବାରମାସରେ ମା'ଙ୍କର ତେରପର୍ବ ପାଳିତ ହୁଏ। ସେଥିମଧ୍ୟରୁ ବଡପର୍ବ ହେଉଛି ଖଣ୍ଡାବସା। ଶାରଦୀୟ ଦୁର୍ଗାପୂଜାର ଅବ୍ୟବହିତ ପୂର୍ବରୁ ପାଳିତ ହେଉଥିବା ଏହି ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜୁନାଗଡ଼ ସହର।**

**ରିର୍ପୋଟ:ଉତ୍ତମ କୁମାର ଦାଶ**

**ଖଣ୍ଡାବସାର ନାମକରଣ:** ଜୁନାଗଡ଼ ସହର ବଙ୍ଗଳା ଛକ ନିକଟରେ ରାଜଦେବୀ ଭାବେ ପୂଜା ପାଇ ଆସୁଛନ୍ତି ମା' ଲଙ୍କେଶ୍ୱରୀ। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ପ୍ରତିବର୍ଷ ମହାସମାରୋହରେ ପାଳନ କରିଆସୁଥିଲେ। ସେହି ପରମ୍ପରା ବର୍ତ୍ତମାନ ମଧ ଚାଲିଆସୁଛି। ନାଗ ବଂଶୀୟ ରାଜା ଆଶ୍ୱିନ ମାସ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାକୁ ଚାଉଳ ଉପରେ ବସାନ୍ତି। ସେଥିପାଇଁ ଏହି ପର୍ବକୁ ଖଣ୍ଡାବସା ପର୍ବ କୁହାଯାଏ। ପାପୀମାନଙ୍କ ସଂହାରର ପ୍ରତୀକ ଭାବେ କେଉଁ କାଳରୁ ଖଣ୍ଡା ଲଙ୍କେଶ୍ୱରୀ ଦେବୀଙ୍କ ନିକଟରେ ରହି ପୂଜା ପାଇଆସୁଛି। ବର୍ଷରେ ଥରେ ଅର୍ଥାତ୍ ଖଣ୍ଡାବସା ପର୍ବଦିନ ଏହି ଖଣ୍ଡାକୁ ମା'ଙ୍କ ନିକଟରୁ ବାହାରକୁ ମାର୍ଜନା ପାଇଁ ଅଣାଯାଇଥାଏ। ମାର୍ଜନା ପରେ ପୁଣି ନେଇ ମା'ଙ୍କ ନିକଟରେ ଚାଉଳ ଉପରେ ଖଣ୍ଡାକୁ ବସାଯାଏ। ତା ପରେ ଏହାକୁ ମାଙ୍କ ସିଂହାସନ ପାଖରେ ରଖାଯାଇଥାଏ।

**ଉତ୍ସବର ପୁରୋଧା:** କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବ ପାଳନର ପୂର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ପରିବାର ସହ ଉପସ୍ଥିତ ହୋଇଥାନ୍ତି। ତାଙ୍କ ଆଗମନରେ ବାଜିଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକ ବଙ୍ଗଳାକୁ। ସେହି ପରମ୍ପରା ଆଜି ବି ଚାଲିଛି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ଅସ୍ଥାୟୀ କୁଡ଼ିଆକୁ ପୂଜକ ଆଣଥାନ୍ତି। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜିତ କରନ୍ତି। ପରେ ମନ୍ଦିର ପୂଜାରୀ ଘୁମୁରା ନୃତ୍ୟର ତାଳେତାଳେ ଖଣ୍ଡାକୁ ଶୋଭାଯାତ୍ରାରେ ଡାକବଙ୍ଗଳାକୁ ଆଣନ୍ତି। ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୁଏ। ଖଣ୍ଡା ମନ୍ଦିରରେ ପ୍ରବେଶ କରିବା ପରେ ରାଜା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣ କରନ୍ତି। ଏହିବିଧି ପରେ ରାଜା ଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ବସାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରାଯାଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ଓ ତନ୍ତ୍ର ପୂଜା କରାଯାଏ। ପରେ ଅଖଣ୍ଡ ଓ ମହାଯୋଗ



ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରାଯାଏ। ସୁବର୍ଣ୍ଣ ବିମଣ୍ଡିତା, ଲୋହିତ ମନ୍ଦାରମାଳା ଓ ଲୋହିତ ପାଟବସ୍ତ୍ରରେ ସୁଶୋଭିତା ମା'ଲଙ୍କେଶ୍ୱରୀ ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ। ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀ ପୂଜାରୀ ପାଟଗଡ଼ରା ନାମକ ପଶୁ ଓ ମହାପଶୁ (ପୋଢ଼) ପ୍ରୋକ୍ଷଣ କଲେ, ବୋକ୍ (ପଶୁ ବଳି ଦେବା ଲୋକ)ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି। ଏହାପରେ ଜନସାଧାରଣ ଆଳିତ ଦର୍ଶନ କରି ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୋଇଥାଏ।

**ଉତ୍ସବର ପରିବେଶ:** ଖଣ୍ଡାବସା ରାତିରେ ଝଲସି ଉଠେ ଜୁନାଗଡ଼ ସହର। ଜିଲା ଓ ଜିଲା ବାହାରୁ ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ଭଳିକି ଭଳି ଦୋକାନର ପସରା ମେଲେ। ଶନିବାର ଖଣ୍ଡାବସା ପର୍ବ ପାଳନ ପାଇଁ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି।























































# ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ



ବିଧାୟକ ଦିବ୍ୟଶଙ୍କର ମିଶ୍ର ଅଭିଭାଷଣ ରଖୁଛନ୍ତି।

## ଫ୍ଲଡ୍‌ଲାଇଟ୍‌ରେ ଝଲସିବ ବିଜୁ ପଟ୍ଟନାୟକ ଷ୍ଟାଡିୟମ

ଜୁନାଗଡ,୧୬।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଜିଲାର ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡିହେବାକୁ ଯାଉଛି। ଏଥର ଫ୍ଲଡ୍‌ଲାଇଟରେ ଏହି ଅତ୍ୟାଧୁନିକ ପଡିଆ ଝଲସିବ। ଏହାକୁ ନେଇ ସ୍ଥାନୀୟ କ୍ରୀଡାବିତ୍‌ଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ଏହାର ଭୂମିପୂଜନ କରିଛନ୍ତି ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର। ଜିଲାର ଏହା ଏକମାତ୍ର ଅତ୍ୟାଧୁନିକ ପଡିଆ ହୋଇଥିବାବେଳେ ଆଗାମୀ ଦିନରେ ଏଠାରେ ରାଜ୍ୟ ତଥା ଜାତୀୟସ୍ତରର ମ୍ୟାଚ୍ ଆୟୋଜନ ଲକ୍ଷ୍ୟ ରଖାଯାଇଛି। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବିଧାୟକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯିଏ ଯେଉଁ ଦଳର ଥାଉ ନା କାହିଁକି ଜୁନାଗଡ ସହରର ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ବିଧାୟକ ମିଶ୍ର ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମା ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ନିର୍ବାହୀ ଅଧିକାରୀ ଈଶ୍ୱର ପୂଜାରୀ, ବରିଷ୍ଠ ଆଇନଜୀବୀ ଅଶୋକ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ସରୋଜ ପଣ୍ଡା ପରିଚାଳନା କରିଥିବା ବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବିଧାୟକ ମିଶ୍ରଙ୍କ ଦ୍ୱାରା ସେଠାରେ ଏକ ଶିଶୁ ଉଦ୍ୟାନର ମଧ୍ୟ ଭୂମି ପୂଜନ ହୋଇଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମା' ଲଙ୍କେଶ୍ୱରୀ ପୀଠ

ଜୁନାଗଡ,୧୬।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଉପଲକ୍ଷେ ଶନିବାର ସ୍ଥାନୀୟ ଖଣ୍ଡାବସା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଖଣ୍ଡାବସା ପର୍ବ ଅପରାହ୍ନରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ମା'ଙ୍କ ପୀଠ ନିକଟରେ ସଂସ୍କୃତି ମଞ୍ଚରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ତଥା ସ୍ଥାନୀୟ କଳାକାରଙ୍କ ମଧ୍ୟରେ ରେକର୍ଡ ଡ୍ୟାନ୍ସ

### ଖଣ୍ଡାବସା ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଅନୁଷ୍ଠିତ ହେବ। ସେହିପରି ରାତିରେ ଘୁମୁରାନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାପୂର୍ବରୁ ଗତ ୧୫ ତାରିଖ ଜୁନାଗଡ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ମହିଳାଙ୍କ ମଧ୍ୟରେ ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ଗତ ୨ ବର୍ଷ ହେଲା ଏହି ପର୍ବ ଫିକା ପଡିଥିବାବେଳେ ଏଥର ଜମିବ ବୋଲି ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି।



ଖଣ୍ଡାବସା ଉପଲକ୍ଷେ ଆୟୋଜିତ ଝୋଟି ପ୍ରତିଯୋଗିତା।







## ଖଣ୍ଡାବସା କବିତା



ମା' ଖଣ୍ଡାଧାରୀ ସଂଖୋଳି ରଖିଛି
ଆମର ସବୁ ସଂସ୍କୃତି....
କି ଘୁମୁରା ! କି ମହୁରି !
ବାଜେ ବାଜା ସିଏ ଯାଏ ଜେନାଖାଲ ଝୁଲି ଝୁଲି
ସିଏ ପରା ଆମର ଇଷ୍ଟଦେବୀ
ମା' ଲଙ୍କେଶ୍ୱରୀ....
ଆମର ମା' ଚତୁର୍ଭୁଜଧାରୀ
ଦୁଇ ହାତେ ଧରି ଶଙ୍ଖ ଚକ୍ର
ଆଉ ଦୁଇ ହାତେ
ହେଇଛେ ତାଙ୍କର ଆଶିଷ ଭରି
ଯିଏ ପଶେ ତାରି ଶରଣେ
ତାକୁ ଘୁଡେଇ ରଖେ ତା'ରି ପଣତକାନି
ଅଭୟ ବର ଦିଏ ମନ ଜାଣି
ସିଏ ପରା ଆମ ମନ୍ଦିର ମାଳିନୀ ସହର
ଜୁନାଗଡ଼ର ଆରାଧ୍ୟା ଦେବୀ ଲଙ୍କେଶ୍ୱରୀ
ତା'ର ଗୁଣ କିଏ ବା ନ ଜାଣେ
ସିଏ ପରା ଆମ ମା' ଲଙ୍କେଶ୍ୱରୀ
ସିଏ ପରା ଆମ ମା'ଲଙ୍କେଶ୍ୱରୀ......
ଯାହାର ଶରଣେ ଜୁନାଗଡ଼ବାସୀ
ସିଏ ଆମ ମା' ଲଙ୍କେଶ୍ୱରୀ
ଯାହାର ଶରଣେ ଜୁନାଗଡ଼ବାସୀ
ସିଏ ଆମ ମା' ଲଙ୍କେଶ୍ୱରୀ.....
ଆଶ୍ୱିନ ମାସର ମୂଳାଷ୍ଟମୀ ତିଥି
ମା' ମନ ଖୁସି ଭାରି
ଖଣ୍ଡାବସା ପରବ ଆସିଛି ତାହାର
ଖଡ଼ଗ ତ ପାଇବ ପୂଜା
ତାରି ପାଶେ ଭୈରବ
ସିଏ ପରା ଆମ ରକ୍ଷକ
ନାହିଁ ମହାମାରୀ, ମରୁଡ଼ି

**ପଲ୍ଲବୀ ଦାସ, ଜୁନାଗଡ଼, କଳାହାଣ୍ଡି**










































# ଭୁଇଙ୍କ ଶତକ: ଦକ୍ଷିଣାଞ୍ଚଳର ବୃହତ୍ ସ୍କୋର

**ସାଲେମ(ତାମିଲନାଡୁ), ୧୬।୯**

ରୋହନ କୁନ୍ନୁମ୍ମାଲ ଓ ଅଧିନାୟକ ହନୁମା ବିହାରୀଙ୍କ ପରେ ଉଇକେଟକିପର ରିକି ଭୁଇଙ୍କ ଶତକ ସହାୟତାରେ ଦକ୍ଷିଣାଞ୍ଚଳ ଏଠାରେ ଚାଲିଥିବା ଦୁଲୀପ ଟ୍ରଫି କ୍ରିକେଟ ସେମିଫାଇନାଲରେ ଏହାର ପ୍ରଥମ ଇନିଂସକୁ ୬୩୦/୮ରେ ଘୋଷଣା କରିଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଉତ୍ତରାଞ୍ଚଳ କୌଣସି ଉଇକେଟ ନ ହରାଇ ୨୪ ରନ ସଂଗ୍ରହ କରିଛି। ପ୍ରତିଭା ସମ୍ପନ୍ନ ୟାଶ୍ ଧୁଲ

**ଦୁଲୀପ ଟ୍ରଫି ସେମିଫାଇନାଲ**

୮ ଓ ମନନ ଭୋରା ୧୧ ରନରେ ଅପରାଜିତ ଅଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଉତ୍ତରାଞ୍ଚଳ ୬୦୬ ରନ ପଛରେ ରହିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୨୪/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଆଉ ୫୦ ରନ ଯୋଗ କରିବା ପରେ ହନୁମାଙ୍କ ଉଇକେଟ ହରାଇଥିଲା। ୨୫୫ ବଲ୍ ଖେଳିଥିବା ହନୁମା ୧୦ ଚୌକା ଓ ୨ ଛକା ସହାୟତାରେ ୧୩୪ ରନ କରିଥିଲେ। ଦ୍ୱିତୀୟ ଦିବସରେ ଆକର୍ଷଣର କେନ୍ଦ୍ରରେ ରହିଥିଲେ ଭୁଇ। ସେ ୧୭୦ଟି ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୧୦୩ ରନକରି ଅପରାଜିତ ରହିଥିଲେ। ବାବା ଇନ୍ଦ୍ରଜିତ ଅର୍ଦ୍ଧଶତକ ହାସଲ କରି ୬୫ ରନ କରିଥିଲେ। ଟେଲ୍-ଏଣ୍ଡର କ୍ରିଷ୍ଣାପ୍ପା ଗୋଥାମ ୪୮ ଓ ରବି ତେଜା ୪୨ ରନର ଉପଯୋଗୀ ଇନିଂସ ଖେଳିବାରୁ ଦକ୍ଷିଣାଞ୍ଚଳ ବୃହତ୍ ସ୍କୋରରେ ପହଞ୍ଚି ଯାଇଥିଲା। ପ୍ରଥମ ଦିବସରେ ଓପନର ରୋହନ କୁନ୍ନୁମ୍ମାଲ ୧୪୩ ରନର ଇନିଂସ ଖେଳିଥିଲେ। ଉତ୍ତରାଞ୍ଚଳ ବୋଲରଙ୍କ ମଧ୍ୟରେ ମୟଙ୍କ ଡାଗର ୩ଟି, ନିଶାନ୍ତ ସିନ୍ଧୁ ଓ ପୁଲକିତ ନାରଙ୍ଗ ୨ଟି ଲେଖାଏ ଏବଂ ନବଦୀପ ସଇନୀ ଗୋଟିଏ ଉଇକେଟ ନେଇଥିଲେ।

### ଦୃଢ଼ ସ୍ଥିତିରେ ପଶ୍ଚିମାଞ୍ଚଳ

କୋଏମ୍ବାଟୁରଠାରେ ଚାଲିଥିବା ଅନ୍ୟ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ପଶ୍ଚିମାଞ୍ଚଳ ନିଜର ସ୍ଥିତି ସୁଦୃଢ଼ କରିଛି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୫୨/୯ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ଆଉ ୫ ରନ ଯୋଗକରି ଅଲ୍‌ଆଉଟ ହୋଇ ଯାଇଥିଲା। କେନ୍ଦ୍ରାଞ୍ଚଳ କିନ୍ତୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ମାତ୍ର ୧୨୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅଧିନାୟକ କରନ ଶର୍ମା ସର୍ବାଧିକ ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ପଶ୍ଚିମାଞ୍ଚଳ ବୋଲରଙ୍କ ମଧ୍ୟରେ ଜୟଦେବ ଉନାଡକଟ ଓ ତନୁଶ କୋଟିଆନ ୩ଟି ଲେଖାଏ, ଅତୀତ ସେଠ୍ ୨ଟି ଏବଂ ଚିନ୍ତାନ ଗାଜା ଓ ଶାମ୍ସ ମୁଲାନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଛି। ଓପନର ପୃଥ୍ୱୀ ଶ' ଶତକ (୧୦୪ ରନ) ହାସଲ କରି ଅପରାଜିତ ରହିଛନ୍ତି। ଫଳରେ ୭ ଉଇକେଟ ସୁରକ୍ଷିତ ଥାଇ ପଶ୍ଚିମାଞ୍ଚଳ ମୋଟ ୨୫୯ ରନରେ ଅଗ୍ରଣୀ ହାସଲ କରିଛି। କେନ୍ଦ୍ରାଞ୍ଚଳର ଅଙ୍କିତ ରାଜପୁତ ୨ଟି ଓ ଅନିକେତ ଚୌଧାରୀ ଗୋଟିଏ ଉଇକେଟ ନେଇଛନ୍ତି।



ରିକି ଭୁଇ



ପୃଥ୍ୱୀ ଶ'

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୬୩୦/୮ (ଘୋଷଣା)। ଉତ୍ତରାଞ୍ଚଳ ପ୍ରଥମ ଇନିଂସ ୨୪/୦। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୫୭/ଅଲ୍‌ଆଉଟ। କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ: ୧୨୮/ଅଲ୍‌ଆଉଟ। ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୧୩୦/୩।

# ଦିଲେଶ୍ୱର, ନୁରୁଲ ସେମିଫାଇନାଲରେ

**ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି)**

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଜି. ଦିଲେଶ୍ୱର ରାଓ ଓ ନୁରୁଲ ହୋସେନ ଖାଁ। ସେହିପରି ଅମରେନ୍ଦ୍ର ବେହେରା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରି ଦେଶ ଓ ରାଜ୍ୟ ପାଇଁ ପଦକ

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ନିଶ୍ଚିତ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଦିଲେଶ୍ୱର ଆଇଭରି କୋଷ୍ଟର ଡିଡା ଜନ୍ ୟୁଭେସ୍ ୟାଓଙ୍କୁ ୨୧-୧୦, ୨୧-୧୩ରେ ପରାସ୍ତ କରିଛନ୍ତି। ଡବଲ୍ସରେ ଦିଲେଶ୍ୱର ଓ ନବୀନ ଶିବକୁମାର ଯୋଡ଼ି ଉଗାଣ୍ଡାର କାଜା ଏଡୱାର୍ଡ କାବୋଙ୍ଗେ ଓ ଜୁଲିଅସ ଓବୁରାଙ୍କୁ ୨୧-୨, ୨୧-୩ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ନୁରୁଲ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଉଗାଣ୍ଡାର ଅଲି ମୁକାସାଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରିଛନ୍ତି। ପୂର୍ବରୁ ସେ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ଅନ୍ୟପକ୍ଷରେ ଅମରେନ୍ଦ୍ର ଓ ଅଭିଜିତ ସାକୁଜା ଯୋଡ଼ି ଉଗାଣ୍ଡାର ଚାର୍ଲ୍ସ କାଲେଗା କିଜା ଓ ଜୁଲିଅସ ନାସେରେକାଙ୍କୁ ୨୧-୧୦, ୨୧-୧୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗଲ୍ସରେ ତାଙ୍କ ଅଭିଯାନ କିନ୍ତୁ କ୍ୱାର୍ଟର ଫାଇନାଲରେ ଶେଷ ହୋଇଯାଇଛି। ପ୍ରି-କ୍ୱାର୍ଟରରେ ଉଗାଣ୍ଡାର ଡେଭିଡ ମୁକିସାଙ୍କୁ ୨୧-୯, ୨୧-୧୨ରେ ହରାଇଥିବା ଅମରେନ୍ଦ୍ର କ୍ୱାର୍ଟର ଫାଇନାଲରେ ନିଜ ଦେଶର ଶାରାନାପ୍ପାଙ୍କଠାରୁ ୧୩-୨୧, ୬-୨୧ରେ ହାରି ବିଦାୟ ନେଇଛନ୍ତି।



ଜି. ଦିଲେଶ୍ୱର ରାଓ



ନୁରୁଲ ହୋସେନ ଖାଁ

# ଓଡ଼ିଶା ଏଫ୍‌ସିରେ ଗୋଲକିପର ଅମରିନ୍ଦର

**ଭୁବନେଶ୍ୱର, ୧୬।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି ଭାରତର ଅନ୍ତର୍ଜାତୀୟ ଖେଳାଳି ଅମରିନ୍ଦର ସିଂଙ୍କ ସହ ଚୁକ୍ତି କରିଛି। ପଞ୍ଜାବରେ ଜନ୍ମିତ ଏହି ଗୋଲକିପର ଆସନ୍ତା ସିଜନ ପାଇଁ ଜଣେ ଫ୍ରି ଏଜେଣ୍ଟ ଭାବେ ଯୋଗ ଦେଇଛନ୍ତି। ସେ ପୁଣେ ଏଫ୍‌ସି ୟୁଥ୍ ଟିମ୍‌ର ଅଂଶ ବିଶେଷ ଥିଲେ। ୨୦୧୫ରେ ହିରୋ ଆଇଏସ୍ଏଲ୍‌ରେ ଏଟିକେ ଏଫ୍‌ସିରେ ଯୋଗଦାନ ପୂର୍ବରୁ ସେ ସିନିୟର ଦଳ ତରଫରୁ ଖେଳିଥିଲେ। ସେ ପରେ ହିରୋ ଆଇ-ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ କିଛି ଦିନ ଖେଳିବା ପରେ ୨୦୧୬ ହିରୋ ଆଇଏସ୍ଏଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିରେ ଯୋଗଦାନ କରିଥିଲେ। ଦଳ ପକ୍ଷରୁ ସେ ଖେଳିଥିବା ୬ଟି ମ୍ୟାଚ ମଧ୍ୟରୁ ୫ଟିରେ ଗୋଲ ବରଣ କରି ନ ଥିଲେ। ଫଳରେ କ୍ଲବ ସହ ତାଙ୍କ ପଦାର୍ପଣ ସିଜନରେ ସେ ଗୋଲ୍ଡେନ ଗ୍ଲୋଭ ପୁରସ୍କାର ଲାଭ କରିଥିଲେ। ୨୦୧୭-୧୮ ଅଭିଯାନରେ ତାଙ୍କର ପ୍ରଦର୍ଶନ ଅପେକ୍ଷାକୃତ ଉନ୍ନତ ପରିଲକ୍ଷିତ ହୋଇଥିଲା। ଏହି ସିଜନରେ ସେ ସର୍ବାଧିକ ୫୯ ଗୋଲ୍ ସେଭ୍ କରିଥିଲେ। ୨୦୧୪ ଏସିଆନ ଗେମ୍ସରେ ଅମରିନ୍ଦର ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଭାରତର ୨୩ ବର୍ଷ ବର୍ଷରୁ କମ୍ ଦଳ ସହ ଆରମ୍ଭ କରିଥିଲେ। ସେ ଭାରତର ଉଭୟ ଗେମ୍‌ରେ ଗୋଲ୍‌କିପର ରହିଥିଲେ। ୨୦୧୬ରେ ବାଂଲାଦେଶରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ତାଙ୍କୁ ଭାରତର ଅଧିନାୟକ ଭାବେ ମନୋନୀତ କରାଯାଇଥିଲା। ସିଂ ୨୦୧୭ ଅଗଷ୍ଟ ୧୯ରେ ଭାରତ ସିନିୟର ଦଳ ସହ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ ମରିସସ୍ ବିପକ୍ଷ ମ୍ୟାଚରେ କରିଥିଲେ। ଏହି ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ପରେ ସେ ୨୦୧୮ରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ପାଇଁ ଡକରା ପାଇଥିଲେ। ସେ ୨୦୧୯ କିଙ୍ଗ୍ସ କପ୍ ପାଇଁ ମଧ୍ୟ ଦଳରେ ସ୍ଥାନ ପାଇଥିଲେ।



ଅମରିନ୍ଦର ସିଂ

# କୁମ୍ବଲେଙ୍କ ସ୍ଥାନରେ ବେଲିସ

**ମୋହାଲି, ୧୬।୯ (ପି.ଟି.)**

ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସ ଶୁକ୍ରବାର ଅନିଲ କୁମ୍ବଲେଙ୍କ ସ୍ଥାନରେ ଟ୍ରେଭର ବେଲିସଙ୍କୁ ଏହାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ଭାରତର ପୂର୍ବତନ କ୍ରିକେଟରଙ୍କ ତତ୍ତ୍ୱାବଧାନରେ ଦଳର ପ୍ରଦର୍ଶନ ଖରାପ ରହିବାରୁ ପଞ୍ଜାବ କିଙ୍ଗ୍ସ ତାଙ୍କ ସହିତ ହୋଇଥିବା ଚୁକ୍ତିର ନବୀକରଣ କରି ନ ଥିଲା। କୋଚ୍ ଭାବେ ବେଲିସଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ୨୦୧୯ରେ ଇଂଲଣ୍ଡ ସହିତ ସେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଜିତିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ୨୦୧୨ ଓ ୨୦୧୪ରେ ଦୁଇଟି ଆଇପିଏଲ ଟାଇଟଲ ବ୍ୟତୀତ ସିଡ୍‌ନୀ ସିକ୍ସର୍ସ ସହିତ ଏମବିବିଏଲ୍ ଟାଇଟଲ ହାସଲ କରିଛନ୍ତି। ବେଲିସ ଆହୁରି ମଧ୍ୟ ୨୦୨୦ ଓ ୨୦୨୧ରେ ସନରାଇଜର୍ସ ହାଇଦ୍ରାବାଦର ମୁଖ୍ୟ କୋଚ ରହିଥିଲେ।

# ପଡ଼ିଆ ଭିତରକୁ ଆସିଲା ଆମ୍ବୁଲାନ୍ସ

**କୋଇମ୍ବାଟୁର, ୧୬।୯ (ପି.ଟି.)**

ଦୁଲିପ ଟ୍ରଫି କ୍ରିକେଟ ସେମିଫାଇନାଲ ଅବସରରେ ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଆମ୍ବୁଲାନ୍ସକୁ ପଡ଼ିଆ ଭିତରକୁ ଆସିବାକୁ ପଡ଼ିଛି। ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଚାଲିଥିବା ମ୍ୟାଚ ଅବସରରେ ଶୁକ୍ରବାର ଏହି ଘଟଣା ଘଟିଥିଲା। ପଶ୍ଚିମାଞ୍ଚଳ ମିଡିୟମ ପେସର ଚିନ୍ତନ ଗାଜାଙ୍କ ଏକ ବିପଜ୍ଜନକ

**ଗାଜାଙ୍କ ବିପଜ୍ଜନକ ଥ୍ରୋରେ ଭେଙ୍କଟେଶ୍ ଆହତ**

ଥ୍ରୋରେ କେନ୍ଦ୍ରାଞ୍ଚଳର ଭେଙ୍କଟେଶ୍ ଆୟାର ଆହତ ହୋଇଥିଲେ। ଗାଜା ଫଲୋ ଥ୍ରୁ ଅବସରରେ ତରବରିଆଭାବେ କରିଥିବା ଥ୍ରୋ ଭେଙ୍କଟେଶ୍‌ଙ୍କ ମୁଣ୍ଡରେ ବାଜିଥିଲା। ଭାରତୀୟ ଦଳ ପକ୍ଷରୁ ଖେଳି ସାରିଥିବା ଭେଙ୍କଟେଶ ଏଠାରେ ଗାଜାଙ୍କ ବଲ୍‌ରେ ଏକ ଛକା ମାରି ନିଜ ଇନିଂସ ଆରମ୍ଭ କରିଥିଲେ। ପରବର୍ତ୍ତୀ ବଲ୍‌କୁ ସେ ଗାଜାଙ୍କ ଆଡ଼କୁ ମାରିଥିଲେ। ମାତ୍ର ଗାଜା ବଲ୍‌କୁ ଫିଲ୍ଡିଂ କରିନେଇ ଭେଙ୍କଟେଶଙ୍କ ଆଡ଼କୁ ଥ୍ରୋ କରିଥିଲେ। ମୁଣ୍ଡରେ ବଲ୍ ଆଘାତ ଦେବାବରେ ଭେଙ୍କଟେଶ୍ ଯନ୍ତ୍ରଣା ଅନୁଭବ କରି ପଡ଼ିଆରେ ପଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ପଡ଼ିଆ ମଝିକୁ ଆସିଥିଲା। ଷ୍ଟ୍ରେଚରରେ ମଧ୍ୟ ବାହାର କରାଯାଇଥିଲା। ମାତ୍ର ୨୭ ବର୍ଷୀୟ ଆୟାର ଚାଲିଚାଲି ପଡ଼ିଆ ବାହାରକୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ରାମ ନେବାପରେ ଭେଙ୍କଟେଶ୍ ଯଦିଓ ବ୍ୟାଟିଂ କରିବାକୁ ଆସିଥିଲେ ତେବେ ମାତ୍ର ୧୪ ରନକରି ଆଉଟ ହୋଇ ଯାଇଥିଲେ। ତେବେ ସେ ପରେ ଫିଲ୍ଡିଂ କରିବାକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ ଅଶୋକ ମିନାରିଆ ଫିଲ୍ଡିଂ କରିଥିଲେ।



ବଲ୍ ବାଜିବାପରେ ଭେଙ୍କଟେଶ ଆୟାର ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ପଡ଼ିଆ ମଧ୍ୟରେ ଆମ୍ବୁଲାନ୍ସ।




# ଭାରତ ଏ' ଦଳରେ ବାୱା

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

ଚେନ୍ନାଇରେ ସେପ୍ଟେମ୍ବର ୨୨ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନକିଆ ସିରିଜ ଲାଗି ଶୁକ୍ରବାର ଭାରତ ଏ' ଦଳ ଘୋଷଣା କରାଯାଇଛି। ସଞ୍ଜୁ ସାମସନଙ୍କ ନେତୃତ୍ୱାଧୀନ ଦଳରେ ଯୁବ ଅଲ୍‌ରାଉଣ୍ଡର ରାଜ ଅଙ୍ଗଦ ବାୱାଙ୍କୁ ସାମିଲ କରାଯାଇଛି। ଦ୍ୱିତୀୟ ଓ ତୃତୀୟ ମ୍ୟାଚ ସେପ୍ଟେମ୍ବର ୨୫ ଓ ୨୭ରେ ଖେଳାଯିବ। ଦୁଲିପ ଟ୍ରଫିରେ ଚମତ୍କାର ଫର୍ମରେ ରହିଥିବା ପୃଥ୍ୱୀ ଶ' ଦଳକୁ ଫେରିଛନ୍ତି। ଜିମ୍ବାୱେ ବିପକ୍ଷ ଅନ୍ତର୍ଜାତୀୟ ଦିନକିଆ ସିରିଜ ଖେଳିଥିବା ଦଳର ଅଧିକାଂଶଙ୍କୁ ଭାରତ ଏ'ରେ ସାମିଲ କରାଯାଇଛି। ଭାରତର ୧୯ ବର୍ଷରୁ କମ୍ ବିଶ୍ୱକପ୍ ଅଭିଯାନରେ ବାୱା ହିରୋ ରହିଥିଲେ। ସେ ଜଣେ ମିଡିୟମ ଫାଷ୍ଟ ବୋଲର ଓ ହାର୍ଡ ହିଟିଂ ମିଡିଲ ଅର୍ଡର ବ୍ୟାଟର। ସେ ମାତ୍ର ରଣଜୀ ଟ୍ରଫି ମ୍ୟାଚ ଚଣ୍ଡିଗଡ଼ ତରଫରୁ ଖେଳିଛନ୍ତି। ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାକ୍‌ଅପ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାୱାଙ୍କୁ ଦଳରେ ସ୍ଥାନ ଦେଇଥିବା ଏଥିରୁ ସୂଚିତ ହେଉଛି। ଭାରତର ଅନେକ ସ୍ପିନ ଅଲରାଉଣ୍ଡର ରହିଛନ୍ତି। ହେଲେ ସିମ୍ ବୋଲିଂ ଅଲରାଉଣ୍ଡରର ଅଭାବ ରହିଛି। ଚୟନକର୍ତ୍ତାମାନେ ସମ୍ଭବତଃ ବାୱାଙ୍କ ଅଲରାଉଣ୍ଡ ସାମର୍ଥ୍ୟ ପରୀକ୍ଷା କରିବାକୁ ଚାହୁଁଛନ୍ତି। ସୁଫଳ ମିଳିଲେ ବାୱାଙ୍କୁ ସିନିୟର ଦଳ ପାଇଁ ବିଚାର କରାଯାଇପାରେ।

ଭାରତ ଏ' ଦଳ: ପୃଥ୍ୱୀ ଶ, ଅଭିମନ୍ୟୁ ଈଶ୍ୱରନ, ଋତୁରାଜ ଗାଏକ୍ୱାଡ, ରାହୁଲ ତ୍ରିପାଠୀ, ରଜତ ପଟିଦାର, ସଞ୍ଜୁ ସାମସନ (ଅଧିନାୟକ), କେ.ଏସ୍. ଭରତ (ଉଇକେଟକିପର), କୁଲଦୀପ ଯାଦବ, ଶାହାବାଜ ଅହମଦ, ରାହୁଲ ଚହର, ତିଳକ ବର୍ମା, କୁଲଦୀପ ସେନ୍, ଶାର୍ଦ୍ଦୂଳ ଠାକୁର, ଉମ୍‌ରାନ ମଲିକ, ନବଦୀପ ସଇନି ଓ ରାଜ ଅଙ୍ଗଦ ବାୱା।

# ବାଉଚର ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍

**ମୁମ୍ବାଇ, ୧୬।୯ (ପି.ଟି.):** ଆସନ୍ତା ଆଇପିଏଲ୍ ସିଜନ ପାଇଁ ଦକ୍ଷିଣ ଆଫ୍ରିକାର ପୂର୍ବତନ ଉଇକେଟକିପର-ବ୍ୟାଟର ମାର୍କ ବାଉଚର ମୁମ୍ବାଇ ଇଣ୍ଡିଆନ୍ସ ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦିଆଯାଇଥିବା ଫ୍ରାଞ୍ଚାଇଜ୍ ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ ୪୫ ବର୍ଷୀୟ ବାଉଚରଙ୍କୁ ଏହି ନିଯୁକ୍ତି ମିଳିଛି। ବାଉଚର ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଅଛନ୍ତି। ଆସନ୍ତା ଟି୨୦ ବିଶ୍ୱକପ୍ ପରେ ସେ ଏହି ପଦବୀରୁ ଓହରିଯିବେ ବୋଲି ଚଳିତ ସପ୍ତାହ ପ୍ରାରମ୍ଭରେ ସୂଚନା ଦେଇଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଗେମିଂ ଆପ୍‌ରେ ଫସିଲେ ଶିକ୍ଷକ ଆକାଉଣ୍ଟରୁ କଟିଗଲା ୧.୮୦ ଲକ୍ଷ

**ଭୁବନେଶ୍ୱର ୧୬।୯ (ବ୍ୟୁରୋ):** ଗେମିଂ ଆପ୍‌ରେ ରିୱାର୍ଡ ପାଇବା ଆଶାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଜଣେ ଶିକ୍ଷକ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଶିକ୍ଷକଙ୍କ ପୁଅ ଶକ୍ତି ସ୍ୱରୂପ ପତି ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶିକ୍ଷକ ଜଣକ ତାଙ୍କ ମୋବାଇଲରେ କେପିପି ମଲ୍ ଡଟ୍ କମ୍ ନାମକ ଏକ ଗେମିଂ ଆପ୍ ଡାଉନ୍‌ଲୋଡ କରି ଗେମ୍ ଖେଳୁଥିଲେ। ଉକ୍ତ ଆପ୍‌ରେ ପଇସା ଆକାରରେ ପଏଣ୍ଟ ମିଳିଥାଏ। ପଏଣ୍ଟ ଜିତିବା ପରେ ଏହାକୁ ଟଙ୍କାରେ ପରିବର୍ତ୍ତନ କରାଯିବ ବୋଲି ଆପ୍ ଗାଇଡ୍‌ଲାଇନ୍‌ରେ ରହିଥିଲା। ଗେମ୍ ଖେଳିବା ସମୟରେ ଉକ୍ତ ଆପ୍‌ରେ ୩ ଲକ୍ଷ ଜିତିଥିବା ଶିକ୍ଷକଙ୍କୁ ସଂସ୍ଥା ପକ୍ଷରୁ ସୂଚନା ଦିଆଯିବା ସହ ଏଥିପାଇଁ ୮୦ ହଜାର ଟଙ୍କା ଟ୍ୟାକ୍ସ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏଥିସହ ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ଏକ ଲିଙ୍କ୍ ପଠାଯାଇ ଉକ୍ତ ଟ୍ୟାକ୍ସକୁ ସେଥିରେ ଭରିବାକୁ ପରାମର୍ଶ ଦିଆଯାଇଥିଲା। ସେହି ଅନୁଯାୟୀ, ଉକ୍ତ ଲିଙ୍କକୁ ଶିକ୍ଷକ କ୍ଲିକ୍ କରିବା ପରେ ତାଙ୍କ ମୋବାଇଲରେ ଆନିଡେସ୍କ ନାମକ ଏକ ଆପ୍ ଡାଉନ୍‌ଲୋଡ ହୋଇଥିଲା। ଉକ୍ତ ଆପ୍‌ରେ ସେ ମୋବାଇଲ ନମ୍ବର ସହ ଓଟିପି ଦେବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୮୦ ହଜାର ଟଙ୍କା କଟିଯାଇଥିଲା।

### ବଟି ମାଗି ୩ ଗିରଫ

ଭୁବନେଶ୍ୱର, ୧୬।୯(ବ୍ୟୁରୋ) ଜଣେ ଛେନା ଦୋକାନୀଙ୍କୁ ୧୦ ହଜାର ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର ସାଗର ଭୋଇ, ଧଉଳି ଥାନା ଶିଶୁପାଳଗଡର ଅକ୍ଷୟ କୁମାର ଚମ୍ପତି ଓ ସାଗର ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

### ସୁରଟ ଓଡ଼ିଆ ବିଦ୍ୟାଳୟରେ ନାଇଜର କୁଳସଚିବ

**ଜଟଣୀ,୧୬।୯(ଡି.ଏନ୍.ଏ.):** ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର) ଭୁବନେଶ୍ୱର କୁଳସଚିବ ଡ. ଅଭୟ କୁମାର ନାୟକ ସୁରଟ ଗସ୍ତ କରିଛନ୍ତି। ସୁରଟଠାରେ ରାଜଭାଷା ସମ୍ମିଳନୀରେ ନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଗୁରୁବାର ସୁରଟରେ ପରିଚାଳିତ ଓଡ଼ିଆ ବିଦ୍ୟାଳୟ କଳିଙ୍ଗ ସରସ୍ୱତୀ ଶିଶୁମନ୍ଦିର ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଉତ୍ସାହରେ ନାୟକ ବିମୋହିତ ହୋଇଥିଲେ।

# ଅଭିଯୁକ୍ତଙ୍କୁ ଖସାଇଦେବାକୁ ଉଦ୍ୟମ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୬।୯**

**ଯୌତୁକ ନିର୍ଯାତନା ଘଟଣା**
- ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ
- ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ
- ନ୍ୟାୟ ନ ମିଳିଲେ ଡିଜିଙ୍କ ଅଫିସ୍ ଆଗରେ ଆମରଣ ଅନଶନ ଚେତାବନୀ

ପୋଲିସ ସେବାରେ ସ୍ୱଚ୍ଛତା, ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ଉତ୍ତରଦାୟିତ୍ୱ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପୋଲିସ ପ୍ରଶାସନକୁ ୫-ଟି, ମୋ ସରକାରରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ଖୋର୍ଦ୍ଧା ପୋଲିସ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଭିନ୍ନ ଥାନାରେ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନାହିଁ। ଏକ ଯୌତୁକଜନିତ ମାମଲାର ତଦନ୍ତରେ ପକ୍ଷପାତିତା ଏବଂ ପ୍ରତିପକ୍ଷଙ୍କଠାରୁ ଲାଞ୍ଚ ନେଇ ଖସାଇଦେବାକୁ ଉଦ୍ୟମ କରୁଥିବା ନେଇ ଜଙ୍କିଆ ଥାନା ଅଧିକାରୀଙ୍କ ବିରୋଧରେ ଗତ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଛି। ଆରକ୍ଷୀ ଅଧୀକ୍ଷକଙ୍କ ମାଧ୍ୟମରେ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ଅଭିଯୋଗକାରୀ ମମତା ନାୟକ ଦାବି କରିଛନ୍ତି। ଉପଯୁକ୍ତ ନ୍ୟାୟ ନ ମିଳିଲେ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ଅଭିଯୋଗକାରିଣୀ ନାୟକ ଚେତାବନୀ ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ପୁରୀ ଜିଲା ଚନ୍ଦନପୁର ଥାନା ପ୍ରତାପ ପୁରୁଷୋତ୍ତମପୁର ଅଞ୍ଚଳର ମମତା ବୈଦିକ ରୀତିରେ ୨୦୧୬ ମାର୍ଚ୍ଚ ୧୧ରେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଲକ୍ଷ୍ମୀଧର ମହାପାତ୍ରଙ୍କୁ ବିବାହ କରିଥିଲେ। ବିବାହ ବେଳେ ବରପକ୍ଷ ଦାବି ମୁତାବକ ଲକ୍ଷାଧିକ ଟଙ୍କାର ସୁନାଗହଣା ସମେତ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହର କିଛିବର୍ଷ ପରେ ପୁଣି ଯୌତୁକ ବାବଦରେ ଲକ୍ଷ୍ମୀଧର ଓ ତାଙ୍କ ପରିବାର ଏକ ବାଇକ୍ ଆଣିବାକୁ ମମତାଙ୍କୁ ବାଧ୍ୟ କରିଥିଲେ। ଏହି ସମୟରେ ମମତାଙ୍କର ଏକ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲା। ଗତ ଅଗଷ୍ଟ ୧୨ରେ ସ୍ୱାମୀ ଲକ୍ଷ୍ମୀଧର ଏବଂ ପରିବାର ମାଡ଼ ମାରିବା ସହ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ତାଙ୍କୁ ଘରୁ ତଡ଼ିଦେଇଥିଲେ। ସେବେଠାରୁ ମମତା ବାପଘରେ ଆଶ୍ରୟ ନେଇଛନ୍ତି। ଅନ୍ୟପଟେ ଲକ୍ଷ୍ମୀଧର ଭରଣପୋଷଣ ଦେଉ ନ ଥିବା ବେଳେ ଛାଡ଼ପତ୍ର ନ ଦେଇ ଆନ୍ଧ୍ରପ୍ରଦେଶରେ ଅନ୍ୟତ୍ର ବିବାହ ପାଇଁ ମସୁଧା ଚଳାଇଥିବା ଜଣାପଡ଼ିଛି। ଥାନାରେ ହୋଇଥିବା ଅଭିଯୋଗ ମୁତାବକ ଯୌତୁକ ବାବଦ ସୁନା ଅଳଙ୍କାର, ଆସବାବପତ୍ର, ଟଙ୍କା ସମ୍ପୂର୍ଣ୍ଣ ଫେରାଇଲେ ନାହିଁ। ପୋଲିସ ଏଯାବତ୍ ସିଜ୍‌ର ଲିଷ୍ଟ ପ୍ରଦାନ କଲା ନାହିଁ। ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ୩୦୭ ଦଫା ଲାଗିଥିବା ସତ୍ତ୍ୱେ ପୋଲିସ ତାଙ୍କୁ ଗିରଫ କରୁନାହିଁ। ପୋଲିସ ସେମାନଙ୍କଠାରୁ ଲାଞ୍ଚ ନେଇ ସେମାନଙ୍କୁ ଖସାଇଦେବାକୁ ଉଦ୍ୟମ କରୁଛି। ମମତା ଓ ତାଙ୍କ ପୁଅକୁ ଜୀବନରେ ମାରିଦେବା ପାଇଁ ଶାଶୁଘର ଲୋକେ ଧମକ ଦେଉଛନ୍ତି। ପୋଲିସର ତଦନ୍ତରେ ପକ୍ଷପାତିତା ନେଇ ଏନେଇ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ସହଯୋଗ କରାଯାଉନାହିଁ। ଅଭିଯୁକ୍ତ ସ୍ୱାମୀଙ୍କୁ ତୁରନ୍ତ ଗିରଫ ଲାଗି ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନାଧିକାରୀ ଅନିତା ସାହୁ କହିଛନ୍ତି, ମମତାଙ୍କ ଭାଇ ପ୍ରଭାତ ନାୟକଙ୍କ ଅଭିଯୋଗକ୍ରମେ ଦଫା ୪୯୮(ଏ)/୩୦୭/୩୪ ଆଇପିସି/୪ ଡିପି ଆକ୍ଟରେ ଅଗଷ୍ଟ ୮ରେ ଏକ ମାମଲା(ନଂ.୨୮୩/୨୨) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।



**ଖୋର୍ଦ୍ଧା:** ଦଶମ ଶ୍ରେଣୀ ସମେଟିଭ୍ ପରୀକ୍ଷା ଫିସ୍ ଛାଡ ଦାବିରେ ଶୁକ୍ରବାର ଏଆଇଡିଏସ୍‌ଓ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।

# ମିଶନ ଶକ୍ତି କାଫେ ଶୁଭାରମ୍ଭ


ମିଶନ ଶକ୍ତି କାଫେ ଉଦ୍‌ଘାଟନ ଅବସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୬।୯**

ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିକାଶରେ ମହିଳାଙ୍କ ସହଭାଗିତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତ। ମିଶନ ଶକ୍ତି ଏବେ ଆତ୍ମନିର୍ଭର ଓ ସ୍ୱରୋଜଗାରର ମାଧ୍ୟମ ପାଲଟିଛି। ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ସରକାର ମିଶନ ଶକ୍ତିକୁ ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଶୁଭାରମ୍ଭ ହୋଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି ମହିଳାଙ୍କ ସ୍ୱରୋଜଗାର ସହ ସୁନାମ ଆଣିଛି ବୋଲି ବିଧାୟକ ମିତ୍ର କହିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକସ୍ତରୀୟ ମହାସଂଘ ଅନ୍ତର୍ଗତ ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏହି କାଫେ ପରିଚାଳିତ ହେବ। ଏଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ

**ମିଳିବ ପାରମ୍ପରିକ ଓଡ଼ିଆ ଖାଦ୍ୟ**

ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଚା' ଉପଲବ୍ଧ ହେବ। ଏଥିସହିତ ଆରିସା, ମିଠା, ଆଚାର, ପାମ୍ପଡ଼, ବଡ଼ି, ମାଣ୍ଡିଆ ଚୂନା, ମସଲା ଗୁଣ୍ଡ, ସେଓ ଗାଣ୍ଠିଆ, ମୁଢ଼ି, ଚୁଡ଼ାମୁଆଁ ଆଦି ଖାଦ୍ୟସାମଗ୍ରୀ ମଧ୍ୟ ମିଳିବ। ସ୍ୱଚ୍ଛ ପରିବେଶ ମଧ୍ୟରେ ସମସ୍ତ ଖାଦ୍ୟସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ସେହିଭଳି ଖୋର୍ଦ୍ଧା ବ୍ଲକ ପରିସରରେ ମଧ୍ୟ ଆଉ ଗୋଟିଏ ମିଶନ ଶକ୍ତି କାଫେ କାର୍ଯ୍ୟକ୍ଷମ ହୋଇଛି। ଅତିଥିମାନେ କାଫେ ପରିଦର୍ଶନ କରିବା ସହ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ଡିପିଏମ୍ ବିବେକ ରଞ୍ଜନ ବେହୁରିଆ, ଡିପିସି ପୃଥ୍ୱୀରାଜ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ବିପିସି ସ୍ୱପ୍ନା ପାତ୍ର, ସୁକାନ୍ତି ସାହୁ, ଅଞ୍ଜୁମାନ ଆରା, ସିଡିପିଓଙ୍କ ସମେତ ଏକାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

## ନିର୍ଦ୍ଧାରିତ ଦାମ୍‌ଠାରୁ ଅଧିକ ନେଉଛି ରିଲାଏନ୍ସ ସ୍ମାର୍ଟ ସୁପରଷ୍ଟୋର

### କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

**ଖୋର୍ଦ୍ଧା ଅଫିସ,୧୬।୯**

ନିର୍ଦ୍ଧାରିତ ଦାମ୍‌ଠାରୁ ବିଲ୍‌ରେ ଅଧିକ ଟଙ୍କା ନିଆଯାଉଥିବା ନେଇ ଖୋର୍ଦ୍ଧା ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସରେ ଥିବା ରିଲାଏନ୍ସ ସ୍ମାର୍ଟ ସୁପରଷ୍ଟୋର ବିରୋଧରେ ଅଭିଯୋଗ ହୋଇଛି। ଏଭଳିଭାବେ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ନେଇ ପଲ୍ଲାହାଟର ଗୌରୀଶଙ୍କର ମିଶ୍ର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ସେ ସୁପରଷ୍ଟୋର ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ମୁତାବକ, ଗତ ୧୦ ତାରିଖରେ ଗୌରୀଶଙ୍କର ଉକ୍ତ ରିଲାଏନ୍ସ ସ୍ମାର୍ଟ ସୁପରଷ୍ଟୋରରୁ କିଛି ସାମଗ୍ରୀ କିଣିଥିଲେ। ସାମଗ୍ରୀର ନିର୍ଦ୍ଧାରିତ ଦାମ୍‌ଠାରୁ ବିଲ୍‌ରେ ଅଧିକ ଟଙ୍କା ନିଆଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଭଳି ଭୁଲର ପୁନରାବୃତ୍ତି ହେବ ନାହିଁ ବୋଲି ସୁପରଷ୍ଟୋରର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରତିଶ୍ରୁତି ଦେଇଥିଲେ। ତେବେ ୧୩ ତାରିଖରେ ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିଥିଲା। ଏହାର ପ୍ରତିବାଦ ସତ୍ତ୍ୱେ ସେମାନେ ଏହା ଏକ ବୈଷୟିକ ତ୍ରୁଟି କହି ଘଟଣାକୁ ଏଡାଇ ଯାଇଥିଲେ। ତେବେ ଅନେକ ଗ୍ରାହକ ଏଭଳି ଶୋଷଣର ଶିକାର ହୋଇଥିବା ଗୌରୀଶଙ୍କର ଦାବି କରିଛନ୍ତି। ଏନେଇ ରିଲାଏନ୍ସ ସ୍ମାର୍ଟ ସୁପରବଜାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଏହା ଏକ ବୈଷୟିକ ତ୍ରୁଟି ବୋଲି କହିଥିଲେ। ଏଭଳି ଅଭିଯୋଗ ଆସିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।

# ଶିଶୁଙ୍କ ସ୍ୱାସ୍ଥ୍ୟ, ସ୍ୱଚ୍ଛତାକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୬।୯**

**ଜିଲାସ୍ତରୀୟ ପୋଷଣ ଅଭିଯାନ କ୍ରିୟାନୁଷ୍ଠାନ କମିଟି ବୈଠକ**

ଖୋର୍ଦ୍ଧା ଜିଲାସ୍ତରୀୟ ପୋଷଣ ଅଭିଯାନ କ୍ରିୟାନୁଷ୍ଠାନ କମିଟି ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। 'ମହିଳା ଓ ସ୍ୱାସ୍ଥ୍ୟ, ଶିଶୁ ଓ ଶିକ୍ଷା' ବିଷୟ ଉପରେ ଆଲୋଚନା ହୋଇଥିଲା। ନବଜାତ ଶିଶୁଙ୍କୁ କ୍ଷୀରଦାନ, ଉତ୍ତମ ଯତ୍ନ, ପରିବେଶ ପରିଷ୍କାର ଓ ପରିଚ୍ଛନ୍ନତା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଓଜନ ମାପ ସହ ପୁଷ୍ଟି ଉପରେ ନଜର ରଖିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଏ ଦିଗରେ ଅଧିକ ସଚେତନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିନିମନ୍ତେ ଅଙ୍ଗନୱାଡି ଏବଂ ଆଶାକର୍ମୀମାନେ ନିୟମିତ ଘର ଘର ବୁଲି ମହିଳା ଓ ଶିଶୁଙ୍କ ଯତ୍ନ ଏବଂ ପୋଷଣ ଉପରେ ଧ୍ୟାନ ଦେବେ। ବିଶୁଦ୍ଧ ପାନୀୟଜଳ, ବାହ୍ୟ ମଳମୂତ୍ର ତ୍ୟାଗ, ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏ ଦିଗରେ ଭଲ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ପୁରସ୍କୃତ କରାଯିବ। ଦାୟିତ୍ୱରେ ଅବହେଳା କରୁଥିବା କର୍ମୀଙ୍କୁ ତାଗିଦା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ. ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସମେତ ସିଡିପିଓ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

# ପାୱାର କ୍ଲବ ଫାଇନାଲରେ

**ଝାଁଲା,୧୬।୯(ଡି.ଏନ୍.ଏ.)**

**ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ**

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଶିବଶକ୍ତି ଭୁବନେଶ୍ୱର ଏବଂ ପାୱାର କ୍ଲବ କରଡ଼ାପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳର ଖେଳାଳି ଭଲ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପାୱାର କ୍ଲବ ୩-୨ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପାପା ଖାଁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମନୋରଞ୍ଜନ ଖୁଣ୍ଟିଆ, ଆନନ୍ଦ ନାୟକ, ନଜିବୁର ରେହେମାନ ଓ ଲଳିତ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ସ୍ୱଚ୍ଛତା ପକ୍ଷୱାଡା ଆରମ୍ଭ

**ଜଟଣୀ,୧୬।୯(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପକ୍ଷୱାଡ଼ା ଆରମ୍ଭ ହୋଇଛି। ୧୬ ସେପ୍ଟେମ୍ବରରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷୱାଡା ପାଳନ କରାଯିବ। ଏହି ସମୟରେ ରେଳ ଷ୍ଟେଶନ ପରିସର, ଟ୍ରେନ୍, ଅଫିସ୍, କ୍ୟାଣ୍ଟିନ, ଖାଦ୍ୟ ଷ୍ଟଲ୍ ଏବଂ ରେଲ୍‌ୱେ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦିଆଯିବ। ସ୍ୱଚ୍ଛତା ପକ୍ଷୱାଡା ସ୍ୱଚ୍ଛତା ଶପଥ ସହିତ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ସମସ୍ତ ଶାଖା ଅଧିକାରୀ ଏବଂ କର୍ମଚାରୀ ନିଜକୁ ସ୍ୱଚ୍ଛ ରଖିବା ପାଇଁ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ପ୍ରତି ଉତ୍ସାହିତ କରିବା ପାଇଁ ସ୍ୱଚ୍ଛତା ଶପଥ ପାଠ ଗ୍ରହଣ କରାଇଥିଲେ। ସ୍ୱଚ୍ଛତା କାର୍ଯ୍ୟ ପ୍ରତି ସପ୍ତାହରେ ଦୁଇ ଘଣ୍ଟା ଉତ୍ସର୍ଗ କରିବାକୁ ଏବଂ ସମସ୍ତଙ୍କୁ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତା ପ୍ରଚାର କରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନରେ ସ୍ୱଚ୍ଛତା ଉପରେ ବ୍ୟାନର, ପୋଷ୍ଟର, ଜିଙ୍ଗଲ୍ ଶ୍ରବଣ ଏବଂ କ୍ଷୁଦ୍ର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ସ୍ୱଚ୍ଛତା ପକ୍ଷୱାଡା ଅବସରରେ ସ୍ୱଚ୍ଛ ଷ୍ଟେଶନ ପରିସର, ସ୍ୱଚ୍ଛ ଆହାର ଆଦି ଯୋଜନା ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି।



ରେଲୱେ ଷ୍ଟେଶନରେ ସ୍ୱଚ୍ଛତା ପକ୍ଷୱାଡା ପାଳନ କରାଯାଉଛି।

# ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, କୃଷିକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୬।୯**

**ଖୋର୍ଦ୍ଧା ବିଧାନସଭା ମଣ୍ଡଳୀ ସମୀକ୍ଷା ବୈଠକ**

ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ପ୍ରାକ୍ ସୂଚନା ଦେଇଥିଲେ। ବୈଠକରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, କୃଷି, ଉଦ୍ୟାନ କୃଷି, ବୟନଶିଳ୍ପ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ଖାଦ୍ୟ ନିରାପତ୍ତା, କ୍ରୀଡ଼ା କମ୍ପ୍ଲେକ୍ସ ଅଗ୍ରଗତି, ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ନିମନ୍ତେ ଜମି ଯୋଗାଣ, ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଦ୍ଭିଦ, ପ୍ରାଣୀ ଓ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମ ଖୋଲିଥିବା ନେଇ ବିଧାୟକ କହିଥିଲେ। ଲୋକଙ୍କ ଶ୍ରଦ୍ଧାଭାଜନ ହୁଅ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ବିଧାୟକ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରାବାସ କାର୍ଯ୍ୟ ତୁରନ୍ତ ସାରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ପାଣ୍ଠିରୁ ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା ବ୍ଲକର ୧୪ ଓ ଟାଙ୍ଗୀ ବ୍ଲକର ୧୩ଟି ହାଇସ୍କୁଲକୁ ୫-ଟି ଜରିଆରେ ରୂପାନ୍ତରିତ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ବ୍ଲକରେ ୧୦ ଓ ୯ଟି ବିଦ୍ୟାଳୟ ରୂପାନ୍ତର ପ୍ରସ୍ତାବ ରହିଥିବା କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଯୋଜନା ବିଭାଗ ଉପନିର୍ଦ୍ଦେଶକ ଶଙ୍କର ବେହେରା, ସ୍ଥାନୀୟ ବିଡିଓ କ୍ଷୀରାବ୍ଧୀ ତନୟା ସାହୁ, ତହସିଲଦାର ଇପ୍‌ସିତ୍ ସାହୁ, ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କ ସମେତ ଉଭୟ ବ୍ଲକର ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

### ଆଲୋଚନା ହେଲାନି ଖୋର୍ଦ୍ଧା ସହରର ସମସ୍ୟା

ଖୋର୍ଦ୍ଧା ସହରର ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ବୈଠକରେ ଆଲୋଚନା ହୋଇ ନ ଥିଲା। ଡ୍ରେନେଜ୍ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉଠାଦୋକାନୀଙ୍କୁ ଥଇଥାନ, ସହରର ସୌନ୍ଦର୍ଯ୍ୟକରଣ ସହିତ ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ରହିଛି। ସେହିପରି ଉନ୍ନତମାନର ଷ୍ଟାଡିୟମ ନାହିଁ। ଲୋକଙ୍କ ପାଇଁ ଶୌଚାଳୟ ନାହିଁ। ବସ୍‌ଷ୍ଟାଣ୍ଡର କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି, ସହରର ଏକାଧିକ ଜାଗା ଜବରଦଖଲରେ ରହିଛି। ଐତିହ୍ୟ ଗଡ଼ଖୋର୍ଦ୍ଧାର ଅସ୍ତିତ୍ୱ ହଜିବାକୁ ବସିଛି। ରାସ୍ତା ଖାଲଖମା ସହ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଏହି ଐତିହ୍ୟ ନଗରୀର ବିକାଶ ଲାଗି ସେଭଳି କୌଣସି ସମୀକ୍ଷା କରାଯାଇ ନ ଥିବା ବେଳେ ନିର୍ମାଣାଧୀନ ପ୍ରକଳ୍ପ କେବେ ସରିବ, ସେ ସମ୍ପର୍କରେ ସୂଚନା ମଧ୍ୟ ଦିଆଯାଇନାହିଁ।

### ପୌରାଧ୍ୟକ୍ଷାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ଖୋର୍ଦ୍ଧା ପୌରାଞ୍ଚଳ, ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକକୁ ନେଇ ଗଠିତ। ବିଧାନସଭା ମଣ୍ଡଳୀ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବେଳେ ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ଯୋଜନା ସମ୍ପର୍କରେ କୌଣସି ଆଲୋଚନା କରାଯାଇ ନ ଥିବା ଏବଂ ପୌରାଧ୍ୟକ୍ଷାଙ୍କୁ ବୈଠକକୁ ଡକାଯାଇ ନ ଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଖୋର୍ଦ୍ଧା ପୌରାଞ୍ଚଳ ଏକ ଅଂଶ। ତେବେ କେଉଁ କାରଣ ଲାଗି ଡକାଯାଇନାହିଁ କହିପାରିବି ନାହିଁ। ବୈଠକରେ ଯଦି ଉପସ୍ଥିତ ଥା'ନ୍ତି ଖୋର୍ଦ୍ଧା ସହରର ବିକାଶ ଏବଂ ବିଭିନ୍ନ ସମସ୍ୟା ଉପରେ ସ୍ୱର ଉତ୍ତୋଳନ କରିଥାନ୍ତି।

### ଗଣମାଧ୍ୟମ, ଜନପ୍ରତିନିଧିଙ୍କୁ ନା

ବୈଠକରେ ବହୁ ଲୋକପ୍ରତିନିଧି ଅନୁପସ୍ଥିତ ରହିଥିବା ବେଳେ ଶାସକ ଦଳର ବହୁ ଦଳୀୟ ନେତାଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକରେ ବିଜେଡି ନେତାଙ୍କ କ'ଣ କାମ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ବିଧାନସଭା ମଣ୍ଡଳୀରେ କ'ଣ ବିକାଶ ଘଟିବ, ସେନେଇ ଶାସକ ଦଳ ନେତା ସ୍ଥିର କରୁଛନ୍ତି ବୋଲି ଆଲୋଚନା ହେଉଛି। ଏନେଇ ବିଧାୟକ ମିତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ସମୀକ୍ଷା ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଯାଉ ନ ଥିବା ବେଳେ ଦଳୀୟ ନେତାଙ୍କ ଉପସ୍ଥିତିକୁ ନେଇ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




୧୬।୯।୨୦୨୨

| | |
|---|---|
| ୪,୭୯,୧୭୪ ଟଙ୍କା | |
| ସୁନା | ୫.୨୦୦ ଗ୍ରାମ |
| ରୁପା | ୧୦୬ ଗ୍ରାମ |

## ସଂକ୍ଷେପରେ

### ଷୋଳପୂଜା ପାଇଁ ଆଜି ଶ୍ରୀନଅରରେ ବ୍ରାହ୍ମଣ ବରଣ

ପୁରୀ ଅଫିସ, ୧୬।୯: ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ଶନିବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ଶନିବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିସହ ଶ୍ରୀମନ୍ଦିର ଭିତରବେଢ଼ା ପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହେବ। ତେବେ ପୂଜା ଆରମ୍ଭ ହେବା ପୂର୍ବରୁ ଶନିବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯିବ। ଏହାପରେ ଶୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିବେ। ଷୋଳପୂଜା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିବ। ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତାଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ।

### ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବାକୁ ତାଲିମ

ପୁରୀ ଅଫିସ, ୧୬।୯: ସତ୍ୟବାଦୀସ୍ଥିତ ଶ୍ରୀରାମଚନ୍ଦ୍ରପୁରଠାରେ ସତ୍ୟବାଦୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କାର୍ଯ୍ୟାଳୟଠାରେ ମାର୍ସ ଓଡ଼ିଶା ଓ ନାବାର୍ଡ ସହାୟତାରେ ଜିଆର୍‌ଏଲ୍‌ପିପି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ପୁରୀ ଜିଲା ପରିଚାଳକ ଜୀବିକା ମିଶନର ବନଜାକାନ୍ତ ମାହାରି ଉଦ୍‌ଘାଟନ କରିଥିଲେ। ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଏଥିଲାଗି ସରକାରଙ୍କର କ'ଣ ସବୁ ଯୋଜନା ରହିଛି ସେନେଇ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ନାବାର୍ଡ ଜିଲା ପରିଚାଳକ ବିଶ୍ୱଭୂଷଣ ମହାନ୍ତି ଯୋଗଦେଇ ସରକାରଙ୍କ ଯୋଜନା ଓ ବ୍ୟାଙ୍କ ଦେଉଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଫ୍‌ଆଇସି ଏମ୍.କେ.ପାତ୍ର ଓ ସତ୍ୟବାଦୀ ବିପିଏମ୍ ଶାଶ୍ୱତୀ ଦାଶ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମାର୍ସ ଓଡ଼ିଶା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରକୁ ଚନ୍ଦ୍ରଶେଖର ବେହେରା ଓ ଆଲୋକ ପୂଜାରୀ ପରିଚାଳନା କରିଥିଲେ। ସନ୍ଧ୍ୟାରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସାକ୍ଷୀଗୋପାଳ ଡାକ୍ତରଖାନା ଛାତରୁ ଖସୁଛି କଂକ୍ରିଟ

ସାକ୍ଷୀଗୋପାଳ, ୧୬।୯(ସ୍ୱ.ପ୍ର./ଡି.ଏନ୍.ଏ.)



ସତ୍ୟବାଦୀ ବ୍ଲକରେ ଥିବା ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ଦେଢ଼ଲକ୍ଷ ଲୋକ ନିର୍ଭର କରିଥାନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ରଟି ରହିଥିବାରୁ ଏଠାକୁ ରାସ୍ତା ଦୁର୍ଘଟଣାରେ ଶିକାର ଅନେକ ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ସ୍ୱାସ୍ଥ୍ୟ ସେବା ପରିମଳ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆଇଏସ୍‌ଓ ମାନ୍ୟତା ସହ କାୟାକଳ୍ପ ପୁରସ୍କାର ପାଇଛି। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି।

ବହୁ ପୁରାତନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪।୬। ୨୦୦୬ରେ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ଅନୁଦାନରେ ନବୀକରଣ କରାଯାଇଥିଲା। ଏବେ କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ତଥା ପ୍ରଥମ ବିଲ୍‌ଡିଂର ଅନେକ ସ୍ଥାନରେ କଂକ୍ରିଟ ଖସିବା ସହ ବ୍ୟବହୃତ ହୋଇଥିବା ଲୁହାରଡ଼ରେ କଳଙ୍କି ଲାଗି ବାହାରକୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି କଂକ୍ରିଟ ଦୀର୍ଘଦିନ ତଳୁ ଖଣ୍ଡ ଖଣ୍ଡ ହୋଇ ଖସୁଥିଲେ ମଧ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି କି ମରାମତି ମଧ କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଶଯ୍ୟାରେ ଥିବା ରୋଗୀମାନେ ଭୟଭୀତ ଅବସ୍ଥାରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରାୟତଃ ପ୍ରସୂତି ଓ ମହିଳା କକ୍ଷ ଓ ପୁରୁଷ କକ୍ଷରୁ ଅଧିକ କଂକ୍ରିଟ ଖସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ତେବେ ଏଯାବତ କୌଣସି ରୋଗୀଙ୍କ ଉପରେ ଏହି କଂକ୍ରିଟ ପଡ଼ି ନ ଥିବାବେଳେ ଏଭଳି ବିପଦକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏ ନେଇ ଚିକିତ୍ସା ହେଉଥିବା ରୋଗୀଙ୍କ ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁହନ୍ତି, ଆମେ ଚିକିତ୍ସା ପାଇଁ ରୋଗୀଙ୍କୁ ହସ୍ପିଟାଲକୁ ଆଣିଛୁ କିନ୍ତୁ ଚିକିତ୍ସା ହେଉଥିବା ସମୟରେ କେତେବେଳେ ଛାତରୁ କଂକ୍ରିଟ ଖସିବ ଭୟ ଲାଗୁଛି । ସେହିଭଳି ଅନ୍ୟ ଏକ ରୋଗୀଙ୍କ ସମ୍ପର୍କୀୟ ଝୁନୁ ନାୟକ କୁହନ୍ତି, ଆମେ ସନ୍ତାନ ପ୍ରସବ ପାଇଁ ବୋହୂକୁ ନେଇ ଆସିଛୁ କିନ୍ତୁ ଏ କକ୍ଷରେ ସବୁ ଫ୍ୟାନ ବୁଲୁ ନ ଥିବାବେଳେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଲାଗିଥିବା ଏସି ଠିକ୍ ଭାବେ ଚାଲୁନାହିଁ ଓ ଛାତରୁ କଂକ୍ରିଟ ଖସୁଛି, ତେଣୁ ରହିବା ପାଇଁ ଭୟ ଲାଗୁଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ବିଶ୍ୱଜିତ ମିଶ୍ରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା।

# ତମାଖୁ ଦୋକାନରେ ଚଢ଼ାଉ



ପ୍ରଶାସନ ପକ୍ଷରୁ ଏକ ଦୋକାନରେ ଚଢାଉ କରାଯାଉଛି ।

ପୁରୀ ଅଫିସ, ୧୬।୯:

## ୨୨ ଦୋକାନୀଙ୍କଠାରୁ ଜରିମାନା ଆଦାୟ

ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ତମାଖୁ ଦୋକାନଗୁଡ଼ିକରେ ଶୁକ୍ରବାର ପ୍ରଶାସନ ତରଫରୁ ଚଢ଼ାଉ କରାଯାଇଛି। ୨୨ ଜଣ ଦୋକାନୀଙ୍କଠାରୁ ୨, ୪୫୦ ଟଙ୍କା ଜରିମାନା ଆଦାୟ କରାଯିବା ସହ ବିପୁଳ ପରିମାଣର ତମାଖୁ ଜବତ କରାଯାଇଛି।

ଭେଷଜ ନିରୀକ୍ଷକ ଅଞ୍ଜନ କୁମାର ସାହୁ, ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, କୁମ୍ଭାରପଡ଼ା ଥାନା ଅଧିକାରୀ ଧ୍ରୁବ ଚରଣ ଲେଙ୍କା, ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶ ଅଧିକାରୀ ଡା. ସୁଶାନ୍ତ କୁମାର ବିଶ୍ୱାଳ, ତମାଖୁ କାଉନସେଲର ମାନସ କୁମାର ପଣ୍ଡା, ଅବକାରୀ ଅଧିକାରୀ ସନ୍ତୋଷ କୁମାର ନାୟକ ଏବଂ ଜିଜ୍ଞାସୁ ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ। ଏଥିସହ ଅଧିକାରୀମାନେ ତମାଖୁ ବ୍ୟବହାରର ଭୟାବହତା ଓ ଏହାର ବିକ୍ରି ନେଇ ଥିବା ଆଇନ ସମ୍ପର୍କରେ ଦେକାନୀମାନଙ୍କୁ ସଚେତନ କରାଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରିରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଚାଉଳ ଚୋରି ଘଟଣା, ୨ ଗିରଫ

ଡେଲାଙ୍ଗ,୧୬।୯(ଡି.ଏନ୍.ଏ.)

## ୬ କୁଇଣ୍ଟାଲ ଚାଉଳ, ଛୁରି, ଓଜନ ଯନ୍ତ୍ର, ଟଙ୍କା ଜବତ

ଗତ ୧୩ ତାରିଖ ତାରିଖରେ ୨ ସ୍ଥାନରୁ ଚାଉଳ ଚୋରି ଘଟଣାରେ ଡେଲାଙ୍ଗ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରିଛି। ସେମାନେ ହେଲେ ସାନ ଆଙ୍କୁଲା ଗ୍ରାମର ସଞ୍ଜୟ ପ୍ରଧାନ ଓରଫ ବାବୁ (୨୬), ରାମଚନ୍ଦ୍ରପୁର ଗ୍ରାମର ସନ୍ତୋଷ ମଲ୍ଲିକ(୨୬)। ସେମାନଙ୍କଠାରୁ ୬ କୁଇଣ୍ଟାଲ ଚାଉଳ, ନଗଦ ୨୧ ଶହ ଟଙ୍କା, ୧ଟା ଫ୍ଲାନ୍, ଗୋଟିଏ ବାଇକ୍ (ଗାଡି ନମ୍ବର ଓଡି-୧୩ଏଲ-୩୯୭୨), ୧ ଓଜନ ମେସିନ, ୧ ମୋବାଇଲ ଫୋନ ପ୍ରଭୃତି ପୋଲିସ ଜବତ କରିଛି। ଘଟଣା ଅନୁଯାୟୀ ବଡଆଙ୍କୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ୧୩ ତାରିଖ ରାତିରେ କେହି ଦୁର୍ବୃତ୍ତ ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ଚାଉଳ ଓ ପଙ୍ଖା ଚୋରି କରିନେଇଥିବା ହାଟ ଡେଲାଙ୍ଗ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସେହିପରି କଲ୍ୟାଣପୁର ପଞ୍ଚାୟତ କାର୍ଯ୍ୟାଳୟର ଗୋଦାମ ଗୃହ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପିଡିଏସ୍ ଚାଉଳ ଚୋରି କରି ସନ୍ନିକଟ କଲେଜ ରାସ୍ତା କଡ ଏକ ବୁଦାମୂଳରେ ଲୁଚାଇଥିଲା। ସକାଳୁ ସ୍ଥାନୀୟ ଲୋକେ ଶୌଚ ହେବାକୁ ଯିବା ସମୟରେ ଚାଉଳ ଭର୍ତ୍ତି ୮ଟି ବସ୍ତା ଦେଖିଥିଲେ। ଖବରପାଇ ଘଟଣାସ୍ଥଳରେ ସରପଞ୍ଚ ଗୋବର୍ଦ୍ଧନ ସେଠୀ ଓ ଡିଲର ପହଞ୍ଚି ଡେଲାଙ୍ଗ ଥାନାକୁ ଅବଗତ କରାଇଥିଲେ। ଏସ୍‌ଆଇ ପ୍ରଭୂଦତ୍ତ ବିଶ୍ୱାଳ, ଏଏସଆଇ ଯୁଗଳକିଶୋର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସ୍‌ଆଇ ବିଶ୍ୱାଳ ଓ ଫାଣ୍ଡି ଅଧିକାରୀ ପିଙ୍ଗ୍ ବିଦ୍ୟାଳୟରୁ ଚୋରି ହୋଇଥିବା ଚାଉଳ ଡେଲାଙ୍ଗ ହାଟ ବଜାରରେ ଏକ ଦୋକାନରେ ବିକ୍ରୟ କରାଯାଇଥିବା କୌଣସି ସୂତ୍ରରୁ ଖବର ପାଇଥିଲେ। ସେଠାରେ ଚଢ଼ାଉ କରି ଦୋକାନୀଙ୍କୁ ପଚରଉଚରା ପରେ ୨ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।




ପୁରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

# ଧାର୍ଯ୍ୟ ଭଡ଼ାଠାରୁ ନିଆଯାଉଛି ଅଧିକ ଅର୍ଥ

ପୁରୀ ଅଫିସ, ୧୬।୯:

## ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କଲା ପ୍ରଶାସନ

ଅନେକ ବସ୍‌ରେ ଯାତ୍ରୀଙ୍କଠାରୁ ସରକାରୀ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଅର୍ଥ ନିଆଯାଉଥିବାରୁ ଯାତ୍ରୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଏହା କେବଳ ପୁରୀ ଜିଲା ନୁହେଁ, ବରଂ ସାରା ଓଡ଼ିଶାରେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏ ନେଇ ବସ୍‌ଯାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଶୁକ୍ରବାର ପୁରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି କୋଣାର୍କ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ସଦର ବିଡିଓ ସମ୍ବିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ପୁରୀ ବସ୍‌ଷ୍ଟାଣ୍ଡ ସମେତ ପୁରୀ-କୋଣାର୍କ ରାସ୍ତାରେ ଥିବା ପ୍ରମୁଖ ଛକଗୁଡ଼ିକରେ ଲୋକଙ୍କୁ ପ୍ରଚାର ମାଧ୍ୟମରେ ସଚେତନତା କରାଇବା ସହ ସ୍ଥାନୀୟ ଅଞ୍ଚଳରେ ଧାର୍ଯ୍ୟ ଦର ତାଲିକା ଲଗାଇଛନ୍ତି। ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ସାମ୍ନାରେ ଧାର୍ଯ୍ୟ ଦର ତାଲିକା ଲଗାଇ ସଚେତନତା କରାଇଛନ୍ତି। ଏଥିରେ ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟିଜ୍‌ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ଏସ୍‌ଏଚ୍‌ଜି ଗୃହ ନିର୍ମାଣକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୧୬।୯

ପୁରୀ ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଅଧୀନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହାସଂଘ ଗୃହ ନିର୍ମାଣକୁ ନେଇ ବିବାଦ ତେଜିବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଗୃହ ନିର୍ମାଣ ସପକ୍ଷରେ ଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ଦାୟର କରିଛନ୍ତି। ଅନ୍ୟପକ୍ଷେ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ମହସଂଘ ଗୃହ ନିର୍ମାଣ କରାଯାଉଛି ବୋଲି ସପକ୍ଷବାଦୀ କହିଛନ୍ତି। ତେବେ ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଜିଲାପାଳଙ୍କୁ ସତ୍ୟାପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ପୁରୀ ସଦର ବ୍ଲକ୍ ଅର୍ନ୍ତଗତ ଗୋପୀନାଥପୁର ଅଞ୍ଚଳରେ ପ୍ରାୟ ୭୦ଟି ମହିଳା ସ୍ୱୟଂ ସହାୟକ ସଂଘକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ବା ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଛି। ଯାହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ନିର୍ମାଣ ହେଉଥିବା ଜମିରେ ଜଳ ନିଷ୍କାସନ ହେବ ନାହିଁ ଏକ ବଡନାଳ ଅବରୋଧ କରାଯାଉଥିବା ନେଇ ବିପକ୍ଷବାଦୀ ଯୁକ୍ତି ବାଢିଥିବାବେଳେ ଏହି ବେଆଇନ ନିର୍ମାଣକୁ ନେଇ ହାଇକୋର୍ଟ ଓ ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍‌ର ଦୃଷ୍ଟି ଆକର୍ଷଣ କରଯାଇଛି। ଅନ୍ୟପଟେ ସେଠାରେ ଜଳ ନିଷ୍କାସନ ପାଇଁ କୌଣସି ନାଳ ନ ଥିଲା ଓ କୌଣସି ବେଆଇନ କାର୍ଯ୍ୟ କରାଯାଉନାହିଁ ବୋଲି ସପକ୍ଷବାଦୀ କହିଛନ୍ତି। ଏପରିକି ପ୍ରଶାସନର ନିର୍ଦ୍ଦେଶରେ ସମ୍ପୃକ୍ତ ଜମିରେ ମହସଂଘ ଗୃହ ନିର୍ମାଣ କରାଯାଉଥିବା ସପକ୍ଷବାଦୀଙ୍କ ପକ୍ଷରୁ କୁହାଯାଇଛି। କେତେଜଣ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଆଞ୍ଚ ଆସିବା ଆଶଙ୍କା କରି ଘଟଣାକୁ ବିବାଦୀୟ କରିବା ସହ ମିଥ୍ୟ ତଥ୍ୟ ଦେଇ ଆଇନର ଆଶ୍ରୟ ନେଇଥିବା ସପକ୍ଷବାଦୀ ଅଭିଯୋଗ କରିଛନ୍ତି। ଆଇନ ଉପରେ ସେମାନଙ୍କର ଭରସା ରହିଛି, ତଦନ୍ତ ପରେ ପ୍ରକୃତ ସତ୍ୟ ଉନ୍ମୋଚନ ହେବ ବୋଲି ଶୁକ୍ରବାର ସପକ୍ଷବାଦୀମାନେ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ କହିବା ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷେ ଏହି ବିବାଦକୁ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଓ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

# 'ସ୍ମୃତି ଖୋଜୁଛି ତାଳବଣିଆ'



ତାଳବଣିଆରେ ତାଳଗଛ ଚାରା ରୋପଣ କରାଯାଉଛି ।

ପୁରୀ ଅଫିସ, ୧୬।୯:

## ଲଗାଗଲା ୬ହଜାର ତାଳ ଗଛ ଚାରା

ତାଳବଣିଆର ଶ୍ରୀବୃଦ୍ଧି ପାଇଁ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଆୟୋଜିତ 'ସ୍ମୃତି ଖୋଜୁଛି ତାଳବଣିଆ' କାର୍ଯ୍ୟକ୍ରମକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରି ତାଳବଣିଆକୁ ବଞ୍ଚାଇ ରଖିବାକୁ ପ୍ରଶାସନ ସହଯୋଗ ଯୋଗାଇଦେବ ବୋଲି କହିଛନ୍ତି। ଏହି ଅବସରରେ ତାଳବଣିଆରେ ୬ହଜାର ତାଳଗଛ ଚାରା ରୋପଣ କରାଯାଇଛି।

କାର୍ଯ୍ୟକ୍ରମରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ଭାରତ ବିକାଶ ପରିଷଦର ପୂର୍ବ କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପରିବେଶବିତ୍ ବଦ୍ରି ମିଶ୍ର ଯୋଗଦେଇଥିଲେ। ପର୍ଯ୍ୟାବରଣ ଆବାହକ ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶରତ ଜୟସିଂହ, ସୁପ୍ରୀତି ରଥ, ମମତା ପାତ୍ର, ବୁଦ୍ଧଦେବ ମହାପାତ୍ର, ଲାଲା ଅନନ୍ତ ସିଂହ, କୃଷ୍ଣଚନ୍ଦ୍ର ସାହୁ, ମନୋଜ ସାମନ୍ତରାଏ, ନିମାଇଁ ଚରଣ ସାହୁ, ଓମ୍ ପ୍ରକାଶ ମହାନ୍ତି, ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା, ପୀତାମ୍ବର ମହାପାତ୍ର ଏବଂ ବାସୁଦେବ ସେନାପତି ପ୍ରମୁଖ ସାମିଲ ଥିଲେ। ପରିଷଦର ସଚିବ ସୌମେନ୍ଦ୍ର ଦାସ କହିଛନ୍ତି, ତାଳବଣିଆ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଏକ ଅଂଶ। ମହାପ୍ରଭୁଙ୍କ ଦାରୁବିଶ୍ରାମ ଗୃହ ହେଉ କି ଚାରମାଳ ସବୁଥିରେ ତାଳଗଛର ପ୍ରାଥମିକତା ରହିଛି। ତାଳପତ୍ର ଅଭାବରୁ ଭକ୍ତମାନେ ପଲିଥିନରେ ମହାପ୍ରସାଦ ନେଉଛନ୍ତି। ତାଳ ଗଛର ଅଭାବ ମଧ ଲୋକଙ୍କ ଜୀବିକା ଛଡ଼ାଇ ନେଇଛି। ଏସବୁକୁ ଦୃଷ୍ଟିରେ ରଖି ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ଏହି ଅଭିଯାନକୁ ଗୁରୁତ୍ୱର ସହ ନେଇଛି। ପ୍ରଥମ ପର୍ଯ୍ୟାୟରେ ତିନିବର୍ଷ ତଳେ ପରିଷଦ ପକ୍ଷରୁ ତାଳବଣିଆରେ ୩ ହଜାର ତାଳଗଛ ଚାରା ରୋପଣ କରାଯାଇଥିଲା। ଆଗାମୀ ଦିନରେ ଏକଲକ୍ଷ ତାଳମଞ୍ଜି ରୋପଣର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଜିଲା ପ୍ରଶାସନ ସମେତ ନେହେରୁ ଯୁବକେନ୍ଦ୍ର, ପୁରୀ ସେବା ସମିତି, ଉମିଦ ଫାଉଣ୍ଡେଶନ ପ୍ରଭୃତି ବହୁ ଅନୁଷ୍ଠାନ ସହଯୋଗର ହାତ ବଢାଇଛନ୍ତି।

# ମହିଳାଙ୍କୁ ଆର୍ଥିକ ସ୍ୱଚ୍ଛଳ କରାଇବା ସରକାରଙ୍କ ମୂଳମନ୍ତ୍ର

ନିମାପଡ଼ା,୧୬।୯(ଡି.ଏନ୍.ଏ.):




କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି ।

ସମଗ୍ର ଓଡ଼ିଶାରେ ଆର୍ଥିକ ଭାବେ ମହିଳାମାନଙ୍କୁ ସ୍ୱଚ୍ଛଳ କରାଇବା, ଅର୍ଥନୈତିକ ଭାବେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ସରକାରଙ୍କ ମୂଳମନ୍ତ୍ର। ନିମାପଡ଼ାଠାରେ ଶୁକ୍ରବାର ଆୟୋଜିତ ଏକ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ରାଜ୍ୟ ସରକାର ମହିଳାଙ୍କ ବିକାଶ ପାଇଁ ୫ ବର୍ଷରେ ୫ ହଜାର କୋଟି ଟଙ୍କା ବିନିଯୋଗ କରିଥିବା ଓ ରାଜ୍ୟରେ ୭୦ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପଦକ୍ଷେପ ନେଇଥିବା ନେଇ ମନ୍ତ୍ରୀ ଦାଶ ମତ ଦେଇଛନ୍ତି। ଓଡ଼ିଶା ଜୀବିକା ମିଶନ ଓ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭାକକ୍ଷରେ ଏକ ଟ୍ରାକ୍ଟର ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ବସନ୍ତ ମଲ୍ଲିକ, ସହକାରୀ କୃଷି ଅଧିକାରୀ ସୁବାସ ବାରିକ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର(ବିପିଏମ୍) ମଧୁଛନ୍ଦା ପ୍ରଧାନ, ବ୍ଲକ ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ମହିନ୍ଦ୍ରା କମ୍ପାନୀ ଏରିଆ ମ୍ୟାନେଜର ଯୋଗେଶ ପିମ୍ପାଲ ଗୋନକର, ଫେରିଫେରି ଇନ୍‌ଚାର୍ଜ ଆଶିଷ କୁମାରସାପ୍ରମୁଖ ଯୋଗଦେଇ କୃଷିକ୍ଷେତ୍ରରେ ମହିଳାମାନେ ସଶକ୍ତୀକରଣ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ସମାରୋହରେ ବ୍ଲକର ୧୮ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହିଳା ମହାସଂଘକୁ ଟ୍ରଲି ସହ ୧୮ ନୂତନ ଟ୍ରାକ୍ଟର ପ୍ରଦାନ କରାଯାଇଥିବାବେଳେ ବ୍ଲକର ଅବଶିଷ୍ଟ ୧୪ ପଞ୍ଚାୟତକୁ ପରବର୍ତ୍ତୀ ସମୟରେ ନୂତନ ଟ୍ରାକ୍ଟର ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଦାଶ କହିଥିଲେ। ଏଥିରେ ଜୀବିକା ସଂଯୋଜକ(ବିଏଲ୍‌ସି) କିରଣବାଳା ଜେନା, ଜୟସ୍ମିତା ପ୍ରଧାନ, ପ୍ରଦୋଷ ମହାନ୍ତି, ସବ୍ୟସାଚୀ ମହାରଣାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ମହିଳା ମହାସଂଘର କର୍ମକର୍ତ୍ତା ଏସ୍‌ଏଚ୍‌ଜି କର୍ମକର୍ତ୍ତା ଓ ମହିଳାମାନେ ଯୋଗଦେଇଥିଲେ।

# ଗହମ ଯୋଗାଣ ବନ୍ଦ, ଉପଭୋକ୍ତା ହଇରାଣ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିପିଆଇଏମ୍‌ର ବିକ୍ଷୋଭ

ପୁରୀ ଅଫିସ, ୧୬।୯:




ସିପିଆଇଏମ୍ ପୁରୀ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଉପଭୋକ୍ତାଙ୍କ ସମସ୍ୟା ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) (ସିପିଆଇଏମ୍) ପୁରୀ ଜିଲା କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗତ ଫେବୃୟାରୀ ମାସରୁ ପୁରୀ ଜିଲାରେ ଗହମ ଯୋଗାଣ ବନ୍ଦ ହୋଇଯାଇଛି। ଗହମ ପାଇଁ ମିଳୁଥିବା ଚାଉଳକୁ କାଟି ନିଆଯାଇଛି। କିରୋସିନ ଲିଟର ପ୍ରତି ୧୨୦ ଟଙ୍କା। ଏହି ଦର ପେଟ୍ରୋଲ, ଡିଜେଲ ଦରଠାରୁ ବଳିଗଲାଣି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ସେହିପରି ଖୋଲା ବଜାରରେ ଅଟା କିଲୋ ୩୩ ଟଙ୍କା ହୋଇଥିବାରୁ ଗରିବ ଓ ମଧ୍ୟବିତ୍ତ ଲୋକ ହନ୍ତସନ୍ତ ହେଉଛନ୍ତି। ଏହାସତ୍ତ୍ୱେ ଜିଲାର ଲୋକ ପ୍ରତିନିଧିମାନେ ଏ ବିଷୟରେ ନୀରବ ରହିଛନ୍ତି ଯାହା ଦୁର୍ଭାଗ୍ୟଜନକ। ସମସ୍ତ ବିଧାୟକ, ଏମ୍‌ପି, ନେତା ମନ୍ତ୍ରୀ ସମସ୍ତେ ଚୁପ। ପ୍ରଶାସନ ପରିବହନ ସମସ୍ୟା କଥା କହି ନିଜ ମୁଣ୍ଡରୁ ଦୋଷ ଖସାଉଛି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ବଢୁଛି। ଖାଉଟିଙ୍କୁ ତୁରନ୍ତ ଗହମ ପ୍ରଦାନ, କଣ୍ଟ୍ରୋଲରେ ମିଳୁଥିବା ଚାଉଳକୁ କାଟିବା ବନ୍ଦ, ନୂତନ ଆବେଦନକାରୀଙ୍କୁ ଖାଉଟି କାର୍ଡ ଯୋଗାଇବା ସହ କିରୋସିନ ଦର କମାଯିବାକୁ ଦଳ ଦାବି କରିଛି। ବିକ୍ଷୋଭରେ ଜିଲା ସଂଯୋଜକ ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ରଣଜିତ ନାୟକ, ଟୁନା ନାୟକ, ପବିତ୍ର ମୋହନ ଦଳାଇ, ପ୍ରତିମା ଦେଓ, ବନମାଳି ବରାଳ, ମୁନା ପ୍ରଧାନ, ଦେବବ୍ରତ ସାହୁ ଓ କୃପାସିନ୍ଧୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଶାରଦୀୟ ପୂଜା ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୧୬।୯(ଡି.ଏନ୍.ଏ.)- ଖୁଣ୍ଟୁଣୀ-ରମ୍ଭେଇର ଆରାଧ୍ୟ ଗ୍ରାମଦେବତୀ ମା' କନକ ଦୁର୍ଗାଙ୍କ ଶାରଦୀୟ ତ୍ରିଦିନାତ୍ମକ ପୂଜା ପାଇଁ ଦୁର୍ଗା ବଜାରସ୍ଥିତ ମା'ଙ୍କ ପୀଠରେ ଶୁକ୍ରବାର କନକଦୁର୍ଗା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟବୋର୍ଡର ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡା ଅଧକ୍ଷତା କରିଥିଲେ। ଆସନ୍ତା ୩୧ ତାରିଖରେ ପୀଠେ ତପ ଷଷ୍ଠୀ ଓ କଳସ ଯାତ୍ରା, ଅକ୍ଟୋବର ୧ରେ ସପ୍ତମୀ ପୂଜା, ୨ରେ ଅଷ୍ଟମୀ, ୩ରେ ମହାନବମୀ ଓ ୪ ତାରିଖରେ ମା'ଙ୍କର ଅପରାଜିତା ପୂଜା ନୀତି ସମ୍ପନ୍ନ ହେବ ବୋଲି ପଣ୍ଡିତ ମଳୟ କରଶର୍ମା କହିଛନ୍ତି। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟି ସଭାପତି ମନୋଜ ମିଶ୍ର ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପୀଠରେ ଆଲୋକୀକରଣ ସହିତ ଜଳ ଯୋଗାଣ ପାଇଁ ଶନିବାରଠାରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ରାବଣ ପୋଡି ଉତ୍ସବକୁ ସ୍ଥଗିତ ରଖାଯିବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ବୈଠକରେ କିଶୋର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ଦିଲ୍ଲୀପ କୁମାର ସେଠ୍, ବିଜୟ ସାହୁ, ସରୋଜ ମିଶ୍ର, ରଜନୀକାନ୍ତ ଜେନା, ପ୍ରିୟବ୍ରତ ପାତ୍ର, ସଞ୍ଜୟ ବେହେରା, ଦିଲ୍ଲୀପ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତନ୍ୟପାନ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ,୧୬।୯- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକଦିବସୀୟ ସ୍ତନ୍ୟପାନ ସଚେତନତା କାର୍ଯ୍ୟକ୍ରମ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳର ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ପ୍ରଫେସର ଡା. ସରୋଜିନୀ ଷଡଙ୍ଗୀ ଯୋଗଦେଇ ସ୍ତନ୍ୟପାନର ଆବଶ୍ୟକତା ଉପରେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଭାବତୀ ପଣ୍ଡା, କୁମାରୀ ଅରୁଣିମା ଯୋଗ ଦେଇଥିଲେ।

### ବିପଜ୍ଜନକ ଅବସ୍ଥାରେ ମଲା କଦମ୍ବଗଛ

କଣ୍ଟାପଡା, ୧୬।୯ (ଡି.ଏନ୍.ଏ.)- କାକଟପୁର ବ୍ରାଞ୍ଚ କେନାଲ ଦକ୍ଷୀଣପାର୍ଶ୍ୱ ବନ୍ଧର ମଜୁରାଇ ନିକଟରେ ଏକ ବଡ ମଲା କଦମ୍ବ ଗଛ ବିପଜ୍ଜନକ ଅବସ୍ଥାରେ ରାସ୍ତାକୁ ଢଳି ରହିଛି।



ଫଳରେ ଏହି ବାଟ ଦେଇ ଯାତାୟାତ କରିବାକୁ ଯାତ୍ରୀମାନେ ସୁରକ୍ଷିତ ମଣୁନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କେନାଲ ବନ୍ଧଟି ୧୬ ନଂ. ଜାତୀୟ ରାଜପଥର ପ୍ରତାପନଗରୀଠାରୁ ଫୁଲନଖରା-ନିଆଳି ରାସ୍ତାର ଇଛାପୁର ସହ ସଂଯୋଗ କରୁଛି। ପ୍ରତିଦିନ ଏହି ବନ୍ଧ ରାସ୍ତାଦେଇ ବହୁ ସଂଖ୍ୟକ ଜନସାଧାରଣ କଟକ ଯାତାୟତ କରିଥାନ୍ତି। ସେହିପରି କଣ୍ଟାପଡା ବ୍ଲକ ୪ଟି ପଞ୍ଚାୟତର ଜନସାଧାରଣଙ୍କ ଯାତାୟତ ପାଇଁ ମଧ ଏହା ମୁଖ୍ୟରାସ୍ତା। ଉକ୍ତ କଦମ୍ବଗଛ ୧ବର୍ଷ ତଳୁ ଶୁଖିବା ଆରମ୍ଭ ହୋଇଥିଲା। ହେଲେ ୭ମାସ ତଳେ ହଠାତ ଗଛଟି ମରିଯାଇଥିଲା। ଖରାବର୍ଷାରେ ଶୁଖିଯିବା ସହ ଏହାର ଡାଳଗୁଡିକ ବିଭିନ୍ନ ସମୟରେ ଭାଙ୍ଗିପଡୁଛି। କେତେବେଳେ ଏହି ଗଛଟି ଭାଙ୍ଗିପଡି ଲୋକଙ୍କ ଜୀବନହାନୀ ଘଟିବ ତାହା କହିହେବନାହିଁ। ଏ ନେଇ ସାଇଲୋ ଝାରପଡା ଜଳସେଚନ ବିଭାଗର କନିଷ୍ଠଯନ୍ତ୍ରୀ ଶଙ୍କର ଦଳେଇ କହିଛନ୍ତି, ଉକ୍ତ ମଲାଗଛ କାଟିବା ଆମ କ୍ଷମତା ବାହାରେ। ବନ ବିଭାଗର ବିନା ନିଷ୍ପତ୍ତିରେ ଏହାକୁ କଟାଯାଇ ପାରିବ ନାହିଁ ବୋଲି ସେ କହିଥିଲେ।

# ପ୍ରଚାର ପ୍ରସାର ଅଭାବ: ଚାଷୀଙ୍କୁ ମିଳିନି କୃଷିଋଣ

କଟକ ଅଫିସ, ୧୬।୯

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୃଷିଋଣ ନୀତିରେ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷିଋଣ ବିନା ସୁଧରେ ସରକାର ଯୋଗାଇ ଦେଉଥିଲେ। ପରେ ଏହି ନୀତିରେ ପରିବର୍ତ୍ତନ କରି ୧ ଲକ୍ଷ ପର୍ଯ୍ୟନ୍ତ କୃଷିଋଣ ବିନା ସୁଧରେ ପ୍ରଦାନ କରିବାକୁ ଚଳିତବର୍ଷ ପହିଲାରେ ଘୋଷଣା କରି ଜୁଲାଇ ୨୧ରେ ବିଜ୍ଞପ୍ତି ପ୍ରକାଶ କଲେ। ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ପରେ ଅର୍ଥାତ୍ ଅଗଷ୍ଟ ୨୨ରେ ରାଜ୍ୟର ସମସ୍ତ ସମବାୟ ବ୍ୟାଙ୍କକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଚଳିତ ଖରିଫ ଋତୁରେ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ବିନା ସୁଧରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖରିଫ ଋତୁ ଏପ୍ରିଲରୁ ଆରମ୍ଭ ହୋଇ ଚଳିତ ମାସ ୩୦ ତାରିଖରେ ଶେଷ ହେବାକୁ ବସିଥିବାବେଳେ ପ୍ରଚାର ପ୍ରସାର ଓ ସଚେତନତା ଅଭାବରୁ ଅଧିକାଂଶ ଅଞ୍ଚଳରେ ଚାଷୀମାନଙ୍କୁ କୃଷିଋଣ ପ୍ରଦାନ କରାଯାଇନାହିଁ। ଯଦିଓ କେତେକ ଜିଲାରେ ଚାଷୀଙ୍କୁ କୃଷିଋଣ ଦିଆଯାଇଛି, ହେଲେ ତାହା ସନ୍ତୋଷଜନକ ନୁହେଁ। କଟକସ୍ଥିତ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅବିଭକ୍ତ କଟକ ଜିଲାରେ ୧ ଲକ୍ଷ ୨୫ ହଜାର ୭୯୧ କୃଷକ ରହିଥିବାବେଳେ ସେଥିମଧ୍ୟରୁ ୩୪,୯୩୦ ଜଣଙ୍କ କୃଷିଋଣ ପ୍ରଦାନ କରାଯାଇଛି। କେବଳ କଟକ ଜିଲାରେ ୧୨୮ କୋଟି ଋଣ ପ୍ରଦାନ କରାଯାଇଥିବାବେଳେ ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାରେ ଏହି ଋଣ ପ୍ରଦାନ ହାର ୩୦ ପ୍ରତିଶତରେ ସୀମିତ ରହିଛି। ଅନ୍ୟପକ୍ଷରେ ଖରିଫ ଋତୁରେ ଚାଷୀଙ୍କୁ ଚାଷ ସମୟରେ ଋଣ ମିଳିପାରୁ ନଥିବାରୁ ଯୋଜନାର ସଫଳ ରୂପାୟନ ଦିଗରେ ଉଭୟ ସରକାର ଓ ବିଭାଗୀୟ ଅଧିକାରୀ କେତେ ସଚେତନ ତାହା ସହଜରେ ଅନୁମାନ କରିହେଉଛି। ଠିକ୍ ସମୟରେ କୃଷକଙ୍କୁ ଖରିଫ ଋଣ ମିଳିପାରୁ ନଥିବା ସମ୍ପର୍କରେ କଟକ ଡିଆରସିଏସ୍ ଲକ୍ଷ୍ମୀଧର ସୁବୁଦ୍ଧି କହିଛନ୍ତି, କୃଷକଙ୍କୁ କୃଷିଋଣ ପ୍ରଦାନ ଏକ ନିୟମିତ ପ୍ରକ୍ରିୟା। ଚାଷୀ ଆବଶ୍ୟକତା ଅନୁସାରେ ଋଣ ନେଇଥାଏ। ସଚେତନତା ଅଭାବରୁ ଅଧିକାଂଶ ଚାଷୀ ଋଣ ପାଇଁ ଆବେଦନ କରୁ ନଥିବା ଘଟଣାକୁ ସ୍ୱୀକାର କରୁଛି। ହେଲେ ବିଭାଗ ପକ୍ଷରୁ ପ୍ରତ୍ୟେକ ପ୍ୟାକ୍ସରେ ବ୍ୟାନ୍‌ର ଜରିଆରେ ପ୍ରଚାର କରାଯାଉଥିବା ସେ କହିଛନ୍ତି।

# ପାଇପ ଫାଟି ରାସ୍ତା ଜଳମଗ୍ନ



ମାହାଙ୍ଗା, ୧୬।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପାନୀୟ ଜଳ ଯୋଗାଣ ଅଧୀନ ଶ୍ରୀକୃଷ୍ଣପୁର ପଞ୍ଚାୟତର କୁଆଁପାଳ ବଜାର ବସଷ୍ଟାଣ୍ଡ ପ୍ରବେଶ ପଥରେ ମଧ୍ୟସ୍ଥଳୀରେ ପାଇପ ଫାଟି ରାସ୍ତା ଜଳମଗ୍ନ ହେଉଛି। ଫଳରେ ଅପରିଷ୍କାର ଗୋଳିଆ ପାଣିରେ ସମ୍ପୂର୍ଣ୍ଣ ବଜାର ଜଳମଗ୍ନ ହୋଇଯାଉଛି। କୁଆଁପାଳ-ସାଲେପୁର ପୂର୍ତ୍ତ ରାସ୍ତା ଉପରେ ପାଣି ଲହଡ଼ି ଖେଳୁଛି । ବ୍ଲକ କାର୍ଯ୍ୟାଳୟଠାରୁ ପାଇପ ଫାଟିଥିବା ସ୍ଥାନ ମାତ୍ର ୧୦୦ ଫୁଟ ଦୂରତା ହୋଇଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହି। ଏ ନେଇ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଲୋକେ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ତୁରନ୍ତ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପାଇପ ଫାଟିଥିବା ସ୍ଥାନଗୁଡିକୁ ମରାମତି କରିବାକୁ ଦାବି ହୋଇଛି। ବିଭାଗୀୟ ଯନ୍ତ୍ରୀ ଦେବାଶିଷ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏବେ ବିଏସ୍‌ଏନ୍‌ଏଲ କମ୍ପାନୀ ପକ୍ଷରୁ କାମ ଚାଲୁଥିବାରୁ ଅସାବଧାନତା ହେତୁ ପାଇପ ଫାଟିଯାଇଛି। ବିଏସ୍‌ଏନ୍‌ଏଲ୍ କମ୍ପାନୀକୁ ଅବଗତ କରାଯାଇଛି, ତୁରନ୍ତ ସମସ୍ୟାର ସାମଧାନ କରାଯିବ।

# ସାଲେପୁର ଫାର୍ମାସୀ କଲେଜକୁ ୧ ନଂ. ପୁରସ୍କାର




ସାଲେପୁର ଫାର୍ମାସୀ କଲେଜର ଅଧକ୍ଷ ଡ. ସନ୍ତୋଷ ମହାପାତ୍ର ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସାଲେପୁର,୧୬।୯(ଡି.ଏନ୍.ଏ.)

ଏଭରଗ୍ରୀନ୍ ଫୋରମ୍ ପକ୍ଷରୁ ଜାତୀୟ ଇଞ୍ଜିନିୟର ଦିବସ 'ଓଡ଼ିଶା ଟେକ୍‌ନୋଲୋଜିକାଲ କନ୍‌କ୍ଲେଭ୍-୨୦୨୨' ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଷୟିକ ଶିକ୍ଷାରେ ଅତୁଳନୀୟ ଅବଦାନ ପାଇଁ ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍‌ନୋଲୋଜିକୁ ଦି ବେଷ୍ଟ ଫାର୍ମାସୀ ଇନ୍‌ଷ୍ଟିଚ୍ୟୁଟ୍ ପୁରସ୍କାର ଘୋଷଣା କରାଯାଇଥିଲା। ସାଲେପୁର ଫାର୍ମାସୀ କଲେଜର ଅଧକ୍ଷ ଡ. ସନ୍ତୋଷ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାରସ୍ୱରୂପ ଅଧକ୍ଷଙ୍କୁ ଏକ ଉତ୍ତରୀୟ ସହ ଫୁଲତୋଡ଼ା, ମାନପତ୍ର ଓ ଏକ ମେମୋରାଣ୍ଡମ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି, ଓଡ଼ିଶାର ପୂର୍ବତନ କୁଳପତି ପ୍ରଫେସର ଓଁକାର ନାଥ ମହାନ୍ତି, ସମ୍ମାନିତ ବକ୍ତା ରୂପେ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି କୁଳପତି ପ୍ରଫେସର ଡ. ବଂଶୀଧର ମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଆଇଆଇଟି ଉପନିର୍ଦ୍ଦେଶକ ଡ. ଗଣପତି ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ବୈଷୟିକ ଶିକ୍ଷାର ଗୁରୁତ୍ୱାରୋପ କରିଥିଲେ। ଏଥିରେ ବହୁ ଇଞ୍ଜିନିୟର, ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଯୋଗଦେଇଥିଲେ। ଫୋରମ୍ ପକ୍ଷରୁ ଏକ ସୋଭେନିୟର ପ୍ରକାଶ ପାଇଥିଲା। ଏଭର ଗ୍ରୀନ୍ ଫୋରମ୍ ସଭାପତି ଡ. ପ୍ରକାଶଚନ୍ଦ୍ର ଜେନା ଏହାକୁ ପରିଚାଳନା କରିଥିଲେ।

# ବୁଲା କୁକୁରକୁ ଚିକିତ୍ସା କରିବାକୁ ଯାଇ ୫ ହଜାର ହରାଇଲେ ଛାତ୍ରୀ

ଭୁବନେଶ୍ୱର ୧୬।୯ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ରହୁଥିବା ଜଣେ ବି.ଟେକ୍ ଛାତ୍ରୀ ଆଶାବତୀ ଜେନା ଦୁର୍ଘଟଣାରେ ଆହତ ହୋଇଥିବା ବୁଲା କୁକୁରକୁ ଚିକିତ୍ସା କରିବାକୁ ଯାଇ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କଠାରୁ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗୁରୁବାର ଏକ ବୁଲା କୁକୁରକୁ ଆହତ ଅବସ୍ଥାରେ ଦେଖି ଚିକିତ୍ସା କରିବାକୁ ଚାହିଁଥିଲେ। ତେଣୁ ସେ ଇଣ୍ଟରନେଟ୍‌ରେ ଆନିମାଲ୍ କେୟାର ହେଲ୍ପ ଲାଇନ ନମ୍ବର ସର୍ଚ୍ଚ କରିଥିଲେ। ଏହା ପରେ ଏକ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନମ୍ବର (୮୨୪୯୪୦୯୫୦୭) ଆସିଥିଲା। ଉକ୍ତ ନମ୍ବରକୁ ସେ କଲ୍ କରିବାରୁ ତାଙ୍କୁ ଏକ ଲିଙ୍କ୍ ପଠାଯାଇଥିଲା। ଏଥିସହ ସାଇବର ଠକଙ୍କ କହିବାନୁସାରେ ସେ ଉକ୍ତ ଲିଙ୍କ୍‌କୁ କ୍ଲିକ କରିବା ପରେ ଏକ ଆପ୍ ଡାଉନ୍‌ଲୋଡ ହୋଇଥିଲା। ସେଥିରେ ପଞ୍ଜିକୃତ କରି ୫ ଟଙ୍କା ପଠାଇ ଥିଲେ ଯୁବତୀ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା କଟିଯାଇଥିଲା।

# ୪୦୪ ନାମ ପଞ୍ଜୀକୃତ



ଶିବିରରେ ଭିନ୍ନକ୍ଷମମାନଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ଟିଗିରିଆ, ୧୬।୯ (ଡି.ଏନ.ଏ)

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଟିଗିରିଆ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୦୪ ଜଣ ନାମ ପଞ୍ଜୀକରଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଉଦଘାଟନ କରିଥିବା ବେଳେ ବିଡ଼ିଓ ପ୍ରଣବ କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଆଖି ସମସ୍ୟା ଥିବା ୫୦ ଜଣ, କାନ ସମସ୍ୟା ଥିବା ୪୪ ଜଣ, ମାନସିକ ବିକାରଗ୍ରସ୍ତ ୮୯ ଜଣ ଓ ଶାରୀରିକ ଭିନ୍ନକ୍ଷମ ୨୨୧ ଜଣ ନାମ ପଞ୍ଜିକୃତ ହୋଇଥିଲା। ୯ ଜଣଙ୍କୁ ତତ୍କାଳ ବସ୍ ପାସ,୨୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜକ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶହରା ଉତ୍ସବରେ ଡିଜେ ମନା

ସାଲେପୁର,୧୬।୯(ଡି.ଏନ୍.ଏ.)

ଦଶହରା ଉତ୍ସବ ସାଲେପୁର ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଶୁକ୍ରବାର ସାଲେପୁର ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର କର୍ମକର୍ତ୍ତା ଓ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଡିଜେ ଉପରେ ରୋକ୍ ଲଗାଯାଇଥିବାବେଳେ ଭସାଣି ଉତ୍ସବ ରାତି ୧୦ ଟା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡପରେ ୧୬ ଡେସିବଲ୍ ସାଉଣ୍ଡ ପରିବେଷଣ କରାଯିବା ନେଇ ସମସ୍ତ ପୂଜାକମିଟି ପକ୍ଷରୁ ମତ ପ୍ରକାଶ ପାଇଥିଲା। ବୈଠକରେ ସାଲେପୁର ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ, ସବ୍‌ଇନ୍ସପେକ୍ଟର ଧିରେନ୍ଦ୍ରନାଥ ମଲ୍ଲିକ, ପ୍ରଶାନ୍ତ ବେହେରା, ହାବିଲଦାର ଦାଉଦ୍ ସାହା ଏବଂ ସମିତି ମେଢ଼ ପୂଜା କମିଟି ପକ୍ଷରୁ ରବୀନ୍ଦ୍ର ନାଥ ଭୂୟାଁ, ହାଉସିଂବୋର୍ଡ ମାର୍କେଟ୍ ପୂଜା କମିଟି ପକ୍ଷରୁ ଖବରଦାତା ଅକ୍ଷୟ ଦାଶ, ମା'ଦୁର୍ଗାପୂଜା କମିଟି ରୋଧପୁର ପକ୍ଷରୁ ଜୟନ୍ତ ଦାସ ଏବଂ ବିଭିନ୍ନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାଗବତ ସପ୍ତାହ ଉଦ୍‌ଯାପିତ

ବଡ଼ମ୍ବା,୧୬।୯ (ଡ଼ି.ଏନ.ଏ)

ବଡ଼ମ୍ବା ସ୍ଥିତ ପ୍ରାଣଯୋଗ ପ୍ରତିଷ୍ଠାନ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ଭାଦ୍ରବ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଶ୍ରୀମଦ ଭାଗବତ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିବଡ଼ି ଜଗନ୍ନାଥ ଦାଶଙ୍କ ରଚିତ ଭାଗବତ ଗ୍ରନ୍ଥ ପଠନ ଓ ପାରାୟଣ କରାଯାଇଥିଲା। ପ୍ରତିଷ୍ଠାନର ଅଧକ୍ଷ ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ପାଦକ ଅଶୋକ କୁମାର ଧଳ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଅଧାପକ ଡ଼ଃ. ସୁବାସ ଚନ୍ଦ୍ର ଆସ, ମୁଖ୍ୟବକ୍ତା ଭାବେ ପ୍ରବଚକ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧାପକ ମାନଗୋବିନ୍ଦ ପାତ୍ର ଯୋଗ ଦେଇଥିଲେ। ଓଡିଶା ସମବାୟ ବିଭାଗ ଅବସରପ୍ରାପ୍ତ ନିରୀକ୍ଷକ ବାଲୁଙ୍କେଶ୍ୱର ରାଉତ, ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ପ୍ରଶାସନିକ ପ୍ରବନ୍ଧକ ବିପିନ ବିହାରୀ ମହାନ୍ତି, ବଡ଼ମ୍ବା ହାଟ ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର, ମହିଳା ପତଞ୍ଜଳି ଯୋଗ ସମିତି ବ୍ଲକ ପ୍ରଭାରୀ ରଜନୀ ରାଣୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଈ, ମଦର ଟେରେସା ସମ୍ମାନପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଜହ୍ନରୁପା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସଞ୍ଚାଳିକା ପ୍ରବୀଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କଂକ୍ରିଟ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

ବାଙ୍କୀ, ୧୬।୯(ସ୍ୱ.ପ୍ର)



ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ପଞ୍ଚାୟତ ସାତଖଣ୍ଡ ଗ୍ରାମର ପୂର୍ବପଟ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ୮୩ ହଜାର ୬୭୯ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୂର୍ତ୍ତବିଭାଗ ରାସ୍ତା ଠାରୁ ଝରିବସ୍ତି ଘର ପର୍ଯ୍ୟନ୍ତ ହୋଇଥିବା ସିମେଣ୍ଟ କଂକ୍ରିଟ ଢ଼ଳେଇ ରାସ୍ତାର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟଟି କରାଯାଇଛି। ପୂର୍ବରୁ ମଧ ଏହି ପଞ୍ଚାୟତରେ ୪ଟି କାର୍ଯ୍ୟ ହୋଇଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇନାହିଁ। ତେଣୁ ସମସ୍ତ କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କ ନିକଟରେ ସୁଧିର ଚନ୍ଦ୍ର ନାୟକ, ବନମାଳୀ ସେଠୀ, ବ୍ରଜବନ୍ଧୁ ନାୟକ, ପ୍ରମୋଦ କୁମାର ବାରିକ, ମହେଶ୍ୱର ସାମନ୍ତରାୟ, ସିଦ୍ଧେଶ୍ୱର ପାଇକରାୟ, କାର୍ତ୍ତିକ ସୁବୁଦ୍ଧି, ରାଜୀବ ଲୋଚନ ବରାଳ, ଶ୍ରଦ୍ଧାନନ୍ଦ ନାୟକ, ରତ୍ନାକର ବାରିକ, ଅନନ୍ତ ଚରଣ ବେହେରା, ପ୍ରେମାନନ୍ଦ ନାୟକ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି ।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

ବାଙ୍କୀ, ୧୬।୯(ସ୍ୱ.ପ୍ର)

ବାଙ୍କୀ ବ୍ଲକ ପୋଡ଼ାପାଟଣା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ଜଳଖିଆ ଦିଆଯାଉ ନାହିଁ। ଦିଆଯାଇଥିବା ଖାଦ୍ୟ ଅତ୍ୟନ୍ତ ନିମ୍ନମାନର। ଏହି କେନ୍ଦ୍ରକୁ ଅଙ୍ଗନୱାଡି ସହାୟିକା ଚଳାଉଥିବା ଦେଖାଯାଉଛି। ଉକ୍ତ ସହାୟିକାଙ୍କ ପକ୍ଷେ ଏକସଙ୍ଗରେ ରୋଷେଇ ଓ କେନ୍ଦ୍ର ପରିଚାଳନା କରିବା ସମ୍ଭବ ହେଉନାହିଁ। ଫଳରେ କୁନି କୁନି ପିଲାମାନେ କେନ୍ଦ୍ର ବାହାରକୁ ଆସି ବୁଲାବୁଲି କରୁଛନ୍ତି। କେନ୍ଦ୍ରଟି ରାସ୍ତାକଡ଼ରେ ହୋଇଥିବାରୁ ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୋଡାପାଟଣା ଗ୍ରାମର ତାପସ କୁମାର ମଲ୍ଲିକ, ରୀନାରାଣି ସାମନ୍ତରାୟ, ଶକୁନ୍ତଳା ମଲ୍ଲିକ, ସବିତା ମଲିକ, ସେଫାଳି ପରିଡା, ନବକିଶୋର ମହାପାତ୍ର, ମମତା ମଲ୍ଲିକ, ପୁଷ୍ପଲତା ମଲିକ, ପ୍ରତୀମା ସାହାଣୀ, ମିତା ପରିଡା, ବିମଳା ପରିଡା, ତିଳୋତ୍ତମା ସାମନ୍ତରାୟ ପ୍ରମୁଖ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

# 'ଅଭିଯୋଗକାରୀଙ୍କୁ ପୋଲିସ ବନ୍ଧୁତ୍ୱ ଆଚରଣ କରୁ'

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

## ମହିଳା, ଶିଶୁ ହେଲ୍ପ ଡେସ୍କ ସଂକ୍ରାନ୍ତୀୟ ୨ ଦିନିଆ କର୍ମଶାଳା

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୬୦୮ ମହିଳା ଓ ଶିଶୁ ଡେସ୍କଗୁଡିକ କିପରି ସୁବ୍ୟବସ୍ଥିତ ହୋଇପାରିବ ସେ ନେଇ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନ ପରିସରରେ ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ଡିଜିପି ସୁନୀଲ କୁମାର ବଂଶଲ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ସେମାନଙ୍କ ପ୍ରତି ଦୟା ଭାବ ଜାଗ୍ରତ କରିବା ଉପରେ ଡିଜିପି ପରାମର୍ଶ ଦେଇଛନ୍ତି। ପୋଲିସ କର୍ମଚାରୀମାନେ ଅଭିଯୋଗକାରୀଙ୍କ ମାନସିକ ସ୍ଥିତିକୁ ବୁଝି ସେମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ କରିବା ଉଚିତ ବୋଲି ବଂଶଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଅଧିକାରୀଙ୍କ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ମାମଲାଗୁଡ଼ିକର ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ସମସ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଜାଣିବା ଉଚିତ ବୋଲି କହିଛନ୍ତି । ଏହାସହ ଅଭିଯୋଗର ତଦନ୍ତ ଏବଂ ଅଗ୍ରଗତି ସମ୍ପର୍କରେ ଅଭିଯୋଗକାରୀଙ୍କୁ ସୂଚାଇଦେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଏଡିଜିପି (ସିଆଇଡି ସିବି) ଅରୁଣ କୁମାର ବୋଥ୍ରା ଯୋଗଦେଇ ସମସ୍ତ ପୋଲିସ ଅଧିକାରୀ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହେଉଥିବା ଅପରାଧକୁ ଗମ୍ଭୀରତାର ସହ ନେବା ଉଚିତ ଏବଂ ସେମାନଙ୍କୁ ସୁରକ୍ଷା ତଥା ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଡିଜିପି (ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା) ରେଖା ଲୋହାନୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଇଲ୍ଡ ଇଣ୍ଡିଆ ଫାଉଣ୍ଡେସନର ମୁଖ୍ୟ ଅନୁରାଧା, ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଡିଏସପି ଇମନ କଲ୍ୟାଣ ନାୟକ, ବିଭିନ୍ନ ଜିଲାର ପୋଲିସ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଡିଜିପି ବଂଶଲ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କର୍ମଶାଳା ୮ଟି ବ୍ୟାଚରେ ଭୁବନେଶ୍ୱର ବାଲେଶ୍ୱର,ରାଉରକେଲା,ସମ୍ବଲପୁରରେ ଅନୁଷ୍ଠିତ ହେବ।

# ଯକୃତ ପ୍ରତିରୋପଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)



## ତାଲିମ, ଅସ୍ତ୍ରୋପଚାରରେ ସହଯୋଗ କରିବ ଏଆଇଜି ହସ୍ପିଟାଲ

ରାଜ୍ୟରେ ଯକୃତ ରୋଗୀଙ୍କ ସଂଖ୍ୟା ବଢୁଛି। ଏହାର ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ସାଧାରଣ ରୋଗୀଙ୍କ ପକ୍ଷେ ବହନ କରିବା କଷ୍ଟକର ହୋଇପଡୁଛି। ତେଣୁ ରାଜ୍ୟ ସରକାର ଲୋକମାନଙ୍କୁ ବିନାମୂଲ୍ୟରେ ଉନ୍ନତ ଯକୃତ ରୋଗର ଚିକିତ୍ସା ସେବା ଯୋଗାଇଦେବାକୁ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ହସ୍ପିଟାଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଏବଂ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ସାହୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ପୂର୍ବରୁ ଏସ୍‌ସିବି ମେଡିକାଲ କଲେଜରେ ବିନା ଖର୍ଚ୍ଚରେ ଯକୃତ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଏକ ଯକୃତ ପ୍ରତିରୋପଣ ୟୁନିଟ୍ ରହିଛି। ଏଥିପାଇଁ ମଡ୍ୟୁଲାର ଓଟି ଓ ଆଇସିୟୁର ବ୍ୟବସ୍ଥା ଥିବାବେଳେ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରାଯିବା ସହିତ ଡାକ୍ତର, ନର୍ସ ଓ ପାରାମେଡିକ୍‌ସ ନିଯୁକ୍ତି କରାଯାଇଛି। ଏବେ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲ ପକ୍ଷରୁ ଏହି ଡାକ୍ତର, ନର୍ସ ଓ ପାରାମେଡିକ୍‌ସଙ୍କୁ ତାଲିମ ଦେବା ସହିତ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ମଧ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ଶିଶୁ ରୋଗୀଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣ ପାଇଁ ସରକାର ବେଙ୍ଗାଲୁରୁର ଆଷ୍ଟର ସିଏମ୍‌ଆଇ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

## ସଂକ୍ଷେପରେ

### ବୁଲା କୁକୁରକୁ ଚିକିତ୍ସା କରିବାକୁ ଯାଇ ୫ ହଜାର ହରାଇଲେ ଛାତ୍ରୀ

ଭୁବନେଶ୍ୱର ୧୬।୯ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ରହୁଥିବା ଜଣେ ବି.ଟେକ୍ ଛାତ୍ରୀ ଆଶାବତୀ ଜେନା ଦୁର୍ଘଟଣାରେ ଆହତ ହୋଇଥିବା ବୁଲା କୁକୁରକୁ ଚିକିତ୍ସା କରିବାକୁ ଯାଇ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କଠାରୁ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗୁରୁବାର ଏକ ବୁଲା କୁକୁରକୁ ଆହତ ଅବସ୍ଥାରେ ଦେଖି ଚିକିତ୍ସା କରିବାକୁ ଚାହିଁଥିଲେ। ତେଣୁ ସେ ଇଣ୍ଟର୍‌ନେଟ୍‌ରେ ଆନିମାଲ୍ କେୟାର ହେଲ୍ପ ଲାଇନ ନମ୍ବର ସର୍ଚ୍ଚ କରିଥିଲେ। ଏହା ପରେ ଏକ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନମ୍ବର (୮୨୪୯୪୦୯୫୦୭) ଆସିଥିଲା। ଉକ୍ତ ନମ୍ବରକୁ ସେ କଲ୍ କରିବାରୁ ତାଙ୍କୁ ଏକ ଲିଙ୍କ୍ ପଠାଯାଇଥିଲା। ଏଥିସହ ସାଇବର ଠକଙ୍କ କହିବାନୁସାରେ ସେ ଉକ୍ତ ଲିଙ୍କ୍‌କୁ କ୍ଲିକ କରିବା ପରେ ଏକ ଆପ୍ ଡାଉନ୍‌ଲୋଡ ହୋଇଥିଲା। ସେଥିରେ ପଞ୍ଜିକୃତ କରି ୫ ଟଙ୍କା ପଠାଇ ଥିଲେ ଯୁବତୀ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା କଟିଯାଇଥିଲା।

### ୭୩୦ ବୁଣାକାର ନେବେ ପର୍ଯ୍ୟଟନ ପରିଚାଳନା ତାଲିମ

ଭୁବନେଶ୍ୱର,୧୬।୯(ବ୍ୟୁରୋ) : ଓଡ଼ିଶାର ୭୩ଟି ହସ୍ତତନ୍ତ କ୍ଲଷ୍ଟରର ୭୩୦ଜଣ ମାଷ୍ଟର ବୁଣାକାର, ପୁରସ୍କାରପ୍ରାପ୍ତ ବୁଣାକାର, ଉଦ୍ୟୋଗୀ ବୁଣାକାର, କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନାକୁ ନେଇ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ କଟକ ହସ୍ତତନ୍ତ ଅଞ୍ଚଳର (ଜୋନ) ବୁଣାକାରଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଗତ ୧୫ ଓ ୧୬ ତାରିଖରେ ବୟନଶିଳ୍ପ ଉପନିର୍ଦ୍ଦେଶକ କଟକ ଦ୍ୱାରା ଆୟୋଜିତ ହୋଇଯାଇଛି। ରାଜ୍ୟ ହସ୍ତତନ୍ତ ପୁଞ୍ଜ ବିକାଶ ଅନୁଷ୍ଠାନ(ସାଡ଼ାକ୍) ପକ୍ଷରୁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର ୮୦ ଜଣ ବୁଣାକାରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ବୟନଶିଳ୍ପ ଉପନିର୍ଦ୍ଦେଶକ ଅଶୁତୋଷ ମହାନ୍ତି, ସାଡ଼ାକ୍ ସିଇଓ ଦିଲୀପ ବାଗ, ସହକାରୀ ପ୍ରଫେସର ଡ. ବି.ସ୍ୱଜନ, ଭାବତୋଷ ଦେହୁରୀ, ଦେବ ଘଡାଇ ଓ ପ୍ରକାଶ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ୍ ସୂଚନା ଆଦାନପ୍ରଦାନ କରିବାରେ ସହାୟକ ହେବା ସହିତ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଓ ସଶକ୍ତ କରିବ। ହସ୍ତତନ୍ତ ପୁଞ୍ଜର ପର୍ଯ୍ୟଟନ ବିକାଶ, ଏହି ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଦକ୍ଷତା ବିକାଶ ତାଲିମ ବୁଣାକାରଙ୍କ ପାଇଁ ବିକାଶ ଓ ସଫଳତା ଆଣିଦେବ। ବିଶେଷକରି ଗ୍ରାମାଞ୍ଚଳର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସହିତ ହସ୍ତତନ୍ତ ପରମ୍ପରାକୁ ଏକୀକୃତ କରିବା ହେଉଛି ଏହି ତାଲିମ୍‌ର ଅନ୍ୟତମ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସେମାନଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁରର ଜୟୀପୁରଠାରେ ଏକ ବୁଣାକାର ଶିଳ୍ପ ଗ୍ରାମ ବୟନଗ୍ରାମ ଉଦଘାଟିତ ହୋଇଛି। ମାଣିଆବନ୍ଧ ବୌଦ୍ଧ ହସ୍ତତନ୍ତ ପର୍ଯ୍ୟଟନ ଗ୍ରାମ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ହୋଇଛି ଏବଂ ଆହୁରି ଅନେକ କାର୍ଯ୍ୟ ଆଗେଇ ଚାଲିଛି।

### ୨୨ଗ୍ରାମ୍ ବ୍ରାଉନସୁଗାର ଜବତ

ବାରଙ୍ଗ,୧୬।୯(ଡି.ଏନ୍.ଏ.): ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ପଞ୍ଚାନନ ରାଉତ ଓ ଦୀପକ ଜେନା। ଏମାନଙ୍କଠାରୁ ୨୨ଗ୍ରାମ ବ୍ରାଉନସୁଗାର ସହ ୫ଶହ ଟଙ୍କା ଜବତ ହୋଇଛି। ପୋଲିସ ମାମଲା(ନଂ. ୧୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହି ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ଅଧିକ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏନେଇ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଥାନା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ନନ୍ଦନକାନନ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଚା ଦୋକାନରେ ବ୍ରାଉନସୁଗାର ବିକ୍ରି ହେଉଥିବା ପୋଲିସ ଖବର ପାଇଥିଲେ। ଉକ୍ତ ଟିମ୍ ବୁଧବାର ସେଠାରେ ଚଢ଼ାଉ କରି ପଞ୍ଚାନନ ଓ ଦୀପକଙ୍କୁ ଧରିଥିଲେ। ଚଢାଉ ସମୟରେ ପୋଲିସ ସେମାନଙ୍କଠାରୁ ୨୨ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରି ପଚରାଉଚରା କରି ଗିରଫ କରିଥିଲା।

# ସ୍କୁଲ ଗେଟ୍‌ରେ ତାଲା ପକାଇ ରାସ୍ତାରୋକୋ

## ଶିକ୍ଷକଙ୍କ ବଦଳି ବାତିଲ, ନୂତନ ଶିକ୍ଷକ ନିଯୁକ୍ତି ଦାବି

ବୋଲଗଡ଼,୧୬।୯(ଡି.ଏନ୍.ଏ.)



ବିଦ୍ୟାଳୟ ଫାଟକ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଅନେକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଲାଗିରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନାତ୍ମକ ପନ୍ଥା ଆପଣାଉଛନ୍ତି। ଏହି କ୍ରମରେ ଶୁକ୍ରବାର ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଅଧୀନ କାଉତରା ଗ୍ରାମ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଗେଟ୍‌ରେ ତାଲା ପକାଇବା ସହ ସମ୍ମୁଖ ବିଜିପୁର-ବିରୁଡା ରାସ୍ତା ଅବରୋଧ କରିଥିଲେ। ଉକ୍ତ ବିଦ୍ୟାଳୟରେ ୫ ଶିକ୍ଷକ ଓ ୫ ଜଣ ଅଣଶିକ୍ଷକ ପଦବୀ ପୂରଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଏହି ସ୍କୁଲରେ ଅଧ୍ୟୟନରତ ୧୮୫ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ଜଣ ଶିକ୍ଷକଙ୍କ ଆବଶ୍ୟକ ରହିଥିବା ବେଳେ ୫ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ହେଲେ ୧୫ ଦିନ ହେବ ଏହି ସ୍କୁଲରୁ ୨ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। କିନ୍ତୁ ଉକ୍ତ ଦୁଇ ଶିକ୍ଷକଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏ ନେଇ ବିଧାୟକ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ସଂଘ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଫଳରେ ଶୁକ୍ରବାର ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖ ବିଜିପୁର-ବିରୁଡା ରାସ୍ତା ଅବରୋଧ କରିଥିଲେ ଅଭିଭାବକ ଓ ଛାତ୍ରୀଛାତ୍ର। ଖବର ପାଇ ବିଡିଓ ଧୋବେଇ ନାୟକ, ତହସଲିଦାର ସନ୍ତୋଷିନୀ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଦାବି ମୁତାବକ ବଦଳି ହୋଇଥିବା ଦୁଇ ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ କରିବା ନେଇ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରିଚାଳନା କମିଟି ସଭାପତି ବିଜୟ ନାୟକ ଓ ସଦସ୍ୟାସଦସ୍ୟଙ୍କ ସମେତ ବିଜୟ ପ୍ରଧାନ, ପ୍ରଦୀପ ପ୍ରଧାନ, ଲିଟୁ ରାଉତରାୟ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ବୋଲଗଡ଼ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଏକ ପ୍ଲାଟୁନ ଫୋର୍ସ ସହ ଉପସ୍ଥିତ ଥିଲେ।

## ଯକୃତ ପ୍ରତିରୋପଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜ୍ୟରେ ଯକୃତ ରୋଗୀଙ୍କ ସଂଖ୍ୟା ବଢୁଛି। ଏହାର ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ସାଧାରଣ ରୋଗୀଙ୍କ ପକ୍ଷେ ବହନ କରିବା କଷ୍ଟକର ହୋଇପଡୁଛି। ତେଣୁ ରାଜ୍ୟ ସରକାର ଲୋକମାନଙ୍କୁ ବିନାମୂଲ୍ୟରେ ଉନ୍ନତ ଯକୃତ ରୋଗର ଚିକିତ୍ସା ସେବା ଯୋଗାଇଦେବାକୁ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ହସ୍ପିଟାଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଏବଂ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ସାହୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

କୃଷ୍ଣପ୍ରସାଦ,୧୬।୯ (ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ସମିତି ସଭାଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବିଶ୍ୱଜିତ୍ ସାହୁ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ଦିଗରେ ପରାମର୍ଶ ଦେଇଥିଲେ। ବାତ୍ୟା ଆସିବା ପୂର୍ବରୁ ପ୍ରତି ଆଶ୍ରୟସ୍ଥଳରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ନୋଡାଲ ଏନ୍‌ଜିଓ ଦଳିତ ସେବା ସଙ୍ଗଠନର ସମ୍ପାଦକ ପ୍ରବୀର କୁମାର ନାୟକ ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ।

ବାତ୍ୟା ଆଶ୍ରୟସ୍ଥଳ ଗୁଡିକରେ ବିଦ୍ୟୁତ୍ ଏବଂ ପାନୀୟଜଳର ସୁବନ୍ଦୋବସ୍ତ ନିମନ୍ତେ ବିଡିଓ ମନୋଜ କୁମାର ନାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶରତ କୁମାର ଗିରି, ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ବେହେରା, ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ, ସିପି ପ୍ରଭାତ କୁମାର ଜେନା, କୃଷ୍ଣପ୍ରସାଦ ଥାନା ଏଏସ୍‌ଆଇ ସୁବ୍ରତ କୁମାର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ।

## ବସନ୍ତ, ଶଶିଭୂଷଣଙ୍କୁ ଗୀତି ସାହିତ୍ୟ ପାଇଁ ସମ୍ମାନିତ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ନାଟ୍ୟକାର, କବି ଏବଂ ଓଡ଼ିଶୀ ନୃତ୍ୟ ସଙ୍ଗୀତର ଗବେଷକ କବିଚନ୍ଦ୍ର କାଳିନ୍ଦୀଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। କଳା ସୌରଭ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ପଟ୍ଟନାୟକଙ୍କର ଏହି ସଭାକୁ ଗୀତିକବି ଗୌର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏକ ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥିଲା। ଏହାକୁ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଲେଖକ ଡ. ରବିନାରାୟଣ ସେନାପତି ଯୋଗଦେଇ କବିଚନ୍ଦ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବସନ୍ତ ଦାସ ଏବଂ ଶଶିଭୂଷଣ ବେହେରାଙ୍କୁ ଗୀତି ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ମାନିତ କରାଯାଇଥିଲା। ଦେବାଶିଷ ମହାପାତ୍ର, ସିଦ୍ଧାର୍ଥ ମିଶ୍ର, ସୁବାସ ରାମ, ସୁସ୍ମିତା ଦାସ, ବନ୍ଦିତା ରାୟ, ଛନ୍ଦା ମିଶ୍ର ପ୍ରମୁଖଙ୍କ ସଙ୍ଗୀତରେ ଦର୍ଶକ ମୁଗ୍ଧ ହୋଇଥିଲେ।

## ଶ୍ରୀନଅରରେ ବ୍ରାହ୍ମଣ ବରଣ ଆଜି

ପୁରୀ ଅଫିସ, ୧୬।୯

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ଶନିବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ଶନିବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିସହ ଶ୍ରୀମନ୍ଦିର ଭିତରବେଢା ପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହେବ। ତେବେ ପୂଜା ଆରମ୍ଭ ହେବା ପୂର୍ବରୁ ଶନିବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯିବ। ଏହାପରେ ଶୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିବେ। ଷୋଳପୂଜା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିବ। ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତାଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ।

## ବିଭାଗୀୟ ଅଧିକାରୀଙ୍କ ଛତୁଆ କେନ୍ଦ୍ର ପରିଦର୍ଶନ



ଛତୁଆ କେନ୍ଦ୍ର ପରିଦର୍ଶନରେ ଆସିଥିବା ବିଭାଗୀୟ ଅଧିକାରୀ।

କୃଷ୍ଣପ୍ରସାଦ,୧୬।୯(ଡି.ଏନ୍.ଏ.)

ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ତିଆରି ହେଉଥିବା ଛତୁଆ କେନ୍ଦ୍ରକୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ନେଇ ଶୁକ୍ରବାର ବ୍ଲକ ପ୍ରଶାସନିକ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ଅଧୀନ ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ର ଏବଂ ମୋରଡ଼ାସ୍ଥିତ ମା' ପାଦୁକାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ବିଡିଓ ମନୋଜ କୁମାର ନାୟକ, ମହିଳା ଓ ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ, ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ବେହେରା ପ୍ରମୁଖ କେନ୍ଦ୍ରର ଭିତ୍ତିଭୂମି, ପରିଷ୍କାର ପରିଚ୍ଛନ୍ନତା, ହିତାଧିକାରୀଙ୍କ ତାଲିକା ଦେଖିବା ସହିତ ମହିଳାଙ୍କ ସହ ଆଲୋଚନା କରିଥିଲେ। ଛତୁଆ ପ୍ରସ୍ତୁତ ହେଉଥିବା ଚିନି, ବାଦାମ, ବୁଟ, ଗହମ, ସୁଜି ହାଲୁଆ, ବାଦାମ ଲଡୁ ଆଦିର ସ୍ୱାଦ ପରଖିଥିଲେ। ବ୍ଲକ ସଂଯୋଜିକା ସାବିତ୍ରୀ ପଶ୍ଚିମକବାଟ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ମିଶନ ଶକ୍ତି ସଂଯୋଜିକା ଲିନା ମହାପାତ୍ର, ମୁଖ୍ୟ ସେବିକା ଦୀପ୍ତିରାଣୀ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗାରେ ଟ୍ରଲର ମାଡ଼ରେ ଡଲ୍‌ଫିନ ଆହତ

କୋଣାର୍କ,୧୬।୯(ଡି.ଏନ୍.ଏ.)



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶୁକ୍ରବାର ଏକ ଟ୍ରଲର ମାଡ଼ରେ ଗୋଟିଏ ଡଲଫିନ ଆହତ ହୋଇଛି। ସାମୁଦ୍ରିକ ମତ୍ସ୍ୟ ବିଭାଗର ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁ ଏଭଳି ହୋଇଥିବା ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ, ଚନ୍ଦ୍ରଭାଗା ସମୁଦ୍ରରେ ଦିନକୁ ଦିନ ବେଆଇନ ଟ୍ରଲର ଚଳାଚଳ ହେଉଛି। ଏଥିଯୋଗୁ ବିଭିନ୍ନ ସମୟରେ ଡଲଫିନ ଭଳି ଜୀବ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳିଛି।

ସମୁଦ୍ର ଜଳପଥରେ ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ପାଟ୍ରୋଲିଂ କରାଯିବାର ବ୍ୟବସ୍ଥା ଥିବାବେଳେ ବିଭାଗ ମଧ୍ୟରେ ତାଳମେଳ ଅଭାବରୁ ଦିନକୁ ଦିନ ଟ୍ରଲର ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଟ୍ରଲରକୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛ ଧରିବାରୁ ସାମୁଦ୍ରିକ ଜୀବଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଏହି ବେଆଇନ ଟ୍ରଲର ମାଡରେ ଶୁକ୍ରବାର ଭୋରୁ ସମୁଦ୍ର କୂଳରେ ଆଘାତପ୍ରାପ୍ତ ଗୋଟିଏ ଡଲଫିନ ଆହତ ହୋଇଛି। ଖବରପାଇ କୋଣାର୍କ ବନ ବିଭାଗ ପକ୍ଷରୁ ଆଘାତପ୍ରାପ୍ତ ଡଲଫିନକୁ ସାମାନ୍ୟ ଚିକିତ୍ସା କରାଯାଇ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର କେତେଜଣ ଲୋକଙ୍କ ସହାୟତାରେ ସମୁଦ୍ରରେ ଛଡାଯାଇଥିଲା। ବେଆଇନ ଟ୍ରଲର ଉପରେ କଡାକଡି ଭାବେ ନଜର ରଖାଯିବା ସହ ଅନ୍ୟ ବିଭାଗ ସହ ସମୀକ୍ଷା ବୈଠକ କରାଯାଇ ସମୁଦ୍ର ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି।

## ଝାଲ୍‌ମଟର ବିକି ମାନସିକ ବିକାରଗ୍ରସ୍ତଙ୍କ ଚିକିତ୍ସା

ନିରାକାରପୁର,୧୬।୯ (ଡି.ଏନ୍.ଏ.)



କୈଳାସ ସାହୁ

ଗ୍ରାମରେ ବୁଲିବୁଲି ଝାଲମଟର ବିକ୍ରି କରୁଛନ୍ତି। ସେଥିରୁ ଯାହା ରୋଜଗାର ହେଉଛି ତା ଅଧା ଟଙ୍କା ମାନସିକ ବିକାରଗ୍ରସ୍ତଙ୍କ ଚିକିତ୍ସାରେ ଖର୍ଚ୍ଚ କରୁଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ହରିପୁର ପଞ୍ଚାୟତ ଛୋଟରାୟପୁର ଗ୍ରାମର କୈଳାସ ସାହୁ(୪୫)। ପରିବାର କହିଲେ ବିଧବା ବୁଢ଼ୀ ମା', ସ୍ତ୍ରୀ, ପୁଅ, ୨ ଝିଅ। ୧୨ ବର୍ଷ ବୟସରେ ବାପାଙ୍କ ଦେହ ଖରାପ ହେବା ପରେ ପରିବାରର ଦାୟିତ୍ୱ ତାଙ୍କ ମୁଣ୍ଡ ଉପରକୁ ଆସିଥିଲା। ସେ ପ୍ରଥମେ ଟ୍ରେନ୍‌ରେ ମୁଢ଼ୁକି ବିକ୍ରିକରି ଘର ଚଳାଇବା ସହ ବାପାଙ୍କ ଚିକିତ୍ସା କରାଉଥିଲେ। ହେଲେ ଟ୍ରେନ୍‌ରେ ବିକ୍ରି ପାଇଁ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କୁ ବାରଣ କରାଗଲା। ଫଳରେ ତାଙ୍କୁ ପରିବାର ଚଳାଇବା କଷ୍ଟକର ହୋଇପଡିଲା। ପରେ ସେ ଝାଲମଟର ବିକିବା ଆରମ୍ଭ କଲେ। ରୋଜଗାରର ଅଧା ଟଙ୍କାରେ ପରିବାର ଚଳାଉଥିବାବେଳେ ଆଉ ବାକି ଟଙ୍କାରେ ମାନସିକ ବିକାର ଗ୍ରସ୍ତ ଲୋକଙ୍କ ଚିକିତ୍ସା କରାଉଛନ୍ତି। ରାସ୍ତାଘାଟରେ ବୁଲୁଥିବା ସେପରି ଲୋକଙ୍କୁ ଦେଖିଲେ ତାଙ୍କୁ ଗାଧୋଇ ପରିଚ୍ଛନ୍ନ କରାଇ ନୂଆ ପ୍ୟାଣ୍ଟ ଶାର୍ଟ ପିନ୍ଧାଉଛନ୍ତି। ଯଦି ତାଙ୍କର କିଛି କ୍ଷତ ହୋଇଥାଏ, ତେବେ ତାଙ୍କୁ ତୁରନ୍ତ ଚିକିତ୍ସା କରାଉଛନ୍ତି। ଏଥିସହ ସେ ରାସ୍ତା ଘାଟରେ ଜରି ଏବଂ ଅନ୍ୟାନ୍ୟା ଆବର୍ଜନାକୁ ହାତରେ ସଫା କରୁଛନ୍ତି। ଏଥିସହ ଠାକୁରଙ୍କ ଫଟୋ ଲାଗି ଆସୁଥିବା ଖୋଳକୁ ମଧ ଏକାଠି କରି ତାକୁ ସୁରକ୍ଷିତ ସ୍ଥାନରେ ପକାଇ ସେଥିରେ ଅଗ୍ନି ସଂଯୋଗ କରୁଛନ୍ତି। ଏନେଇ କୈଳାସଙ୍କୁ ପଚାରିବାରେ, ୧୫ବର୍ଷ ତଳେ ଟ୍ରେନ୍‌ରେ ମୁଢ଼ୁକି ବିକ୍ରି କରୁଥିଲେ। ସେହି ସମୟରେ ଭୁଷଣ୍ଡପୁର ଷ୍ଟେଶନରେ ଦୟନୀୟ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଥିଲେ। ତାଙ୍କୁ ସଫାସୁତରା କରି ଔଷଧପତ୍ର ଦେବାରୁ ସେ ଅଳ୍ପ ଦିନରେ ସୁସ୍ଥ ହୋଇଯାଇଥିଲେ। ସେହିଦିନଠାରୁ ସେ ଏହି କାମରେ ନିୟୋଜିତ ହୋଇଥିବା କହିଛନ୍ତି।

# ବାଲିଗୁଡ଼ାରୁ ଭୁବନେଶ୍ୱର ଆସୁଥିଲା ଗଞ୍ଜେଇ

## କାର୍ ସହ ୩୬ କେଜି ଜବତ: ବେପାରୀ ଗିରଫ

ଖୋର୍ଦ୍ଧା ଅଫିସ,୧୬।୯



ବ୍ରାଉନ୍‌ସୁଗାର ପରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। ବ୍ରାଉନ୍‌ସୁଗାର କାରବାର ଉପରେ ଏସ୍‌ଟିଏଫ୍ ପକ୍ଷରୁ ବାରମ୍ବାର ଚଢ଼ାଉ ଯୋଗୁ ମାଫିଆମାନଙ୍କ ନଜର ଏବେ ଗଞ୍ଜେଇ ଉପରେ ରହିଛି। କନ୍ଧମାଳରୁ ଭୁବନେଶ୍ୱରକୁ ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚୋରାଚାଲାଣ ଚାଲିଛି। ଯାତ୍ରୀବାହୀ ବସ୍ ଏବଂ କାର୍‌ରେ ଗଞ୍ଜେଇ ଚାଲାଣ କରୁଛନ୍ତି ମାଫିଆ। ଶୁକ୍ରବାର ଅପରାହ୍ନ ୨ଟାରେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ବୋମାଢିହ ଛକରୁ ବାଘମାରୀ ପୋଲିସ ଏକ କାର (ଓଡି-୦୨-ଏଫ୍-୨୫୨୭) ସହ ୩୬ କେଜି ୩ ଶହ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା କିଆମୁଣ୍ଡା ବରିଗୁଡ଼ାର ସୁଶାନ୍ତ ଦିଗାଲ(୩୫)ଙ୍କୁ ଗିରଫ କରାଯାଇଛି। ବାଲିଗୁଡ଼ାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିଲା ବୋଲି ପୋଲିସ କହିଛି।

ସୂଚନା ମୁତାବକ, ବାଲିଗୁଡ଼ାପଟୁ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଆଇଆଇସି ପି.ଆର୍. କରଙ୍କ ନେତୃତ୍ୱରେ ଏକ ଟିମ୍ ବୋମାଢିହ ଛକରେ ସମ୍ପୃକ୍ତ କାରକୁ ଅଟକାଇ ଯାଞ୍ଚ କରିଥିଲା। କାରରେ ଦୁଇଟି ପ୍ଲାଷ୍ଟିକ୍ ଜରିରେ ଥିବା ଗଞ୍ଜେଇ ଜବତ କରିବା ସହ ଚାଳକ ସୁଶାନ୍ତଙ୍କୁ ପଚରାଉଚରା କରିଥିଲା। ତେବେ ସୁଶାନ୍ତଙ୍କଠାରୁ ପୋଲିସ ସନ୍ତୋଷଜନକ ଉତ୍ତର ନ ପାଇବାରୁ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୦(ବି)(ସି)/୨୫/୨୯ରେ ଏକ ମାମଲା(ନଂ .୧୧୯/୨୨) ରୁଜୁ ହୋଇଛି। ଗଞ୍ଜେଇ ଚାଲାଣ ର୍‍ୟାକେଟ ପଛରେ ଅନ୍ୟ କେଉଁମାନେ ରହିଛନ୍ତି, ଭୁବନେଶ୍ୱର କାହା ପାଖକୁ ଯାଉଥିଲା ସେ ସମ୍ପର୍କରେ ପୋଲିସ ଖୋଳତାଡ଼ ଚଳାଇଛି। ଏହି ଚଢ଼ାଉରେ ଏସ୍‌ଆଇ ଗାୟତ୍ରୀ ଗୋଚ୍ଛାୟତ, ଏଏସ୍‌ଆଇ ରଞ୍ଜିତ କୁମାର ନାୟକ, କନ୍‌ଷ୍ଟେବଲ ଏସ୍.କେ. ବେହେରା ଓ ଅନ୍ୟମାନେ ସାମିଲ ଥିଲେ। ସୂଚନାଯୋଗ୍ୟ, ଜାତୀୟ ରାଜପଥ ମାଫିଆଙ୍କ ପାଇଁ ଗଳାବାଟ ସାଜିଛି। ଗତ କିଛିମାସ ତଳେ ଖୋର୍ଦ୍ଧା ଅବକାରୀ ବିଭାଗ କନ୍ଧମାଳରୁ ଖୋର୍ଦ୍ଧାକୁ ଚାଲାଣ ହେଉଥିବା ଦୁଇଟି କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଗତ ଏପ୍ରିଲ ମାସରେ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଛତ୍ରମା ଛକ ଏକ ଢାବା ନିକଟରୁ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ ଭ୍ୟାନ୍‌ରୁ ୧ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ସହ ୫୬ ହଜାର ଟଙ୍କା ଜବତ ହୋଇଥିଲା। ଏଥିସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଗତ ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ପୋଲିସ ନୂଆ ବସ୍‌ଷ୍ଟାଣ୍ଡରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରୁ ଦୁଇଟି ଗଞ୍ଜେଇ ପ୍ୟାକେଟ୍ ଜବତ କରିଥିଲା।

**ଡ. ସତ୍ୟ ରାୟଙ୍କୁ ସମ୍ବର୍ଦ୍ଧନା**

**କଟକ ଅଫିସ:** ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଅନନ୍ୟ କୃତିତ୍ୱ ପାଇଁ ଡ. ସତ୍ୟ ରାୟଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାୟଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଯୁଗଳ କିଶୋର ନାୟକ, ପ୍ରଫୁଲ୍ଲ ସିଂହ, ଜଗନ୍ନାଥ ସ୍ୱାଇଁ, ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜରେ କ୍ଷୁଦ୍ର ନିଯୁକ୍ତିମେଳା

**କଟକ ଅଫିସ,୧୬।୯:** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଯୋଜନା ଆଧାରରେ କଟକ ଖ୍ରୀଷ୍ଟ କଲେଜରେ କ୍ଷୁଦ୍ର ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ନିୟୋଜନ କାର୍ଯ୍ୟାଳୟ ଏବଂ କଲେଜର କ୍ୟାରିୟର କାଉନ୍‌ସେଲିଂ ଓ ପ୍ଲେସ୍‌ମେଣ୍ଟ୍ ସେଲ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ମେଳାକୁ ଅଧକ୍ଷା ମଧୁମିତା ପାତ୍ର ଉଦ୍‌ଘାଟନ କରିଥିଲେ। ଉପାଧକ୍ଷା ଡ. କ୍ଷଣପ୍ରଭା ନନ୍ଦ ଉପସ୍ଥିତ ବେସରକାରୀ ବାଣିଜ୍ୟିକ ସଂସ୍ଥାର କର୍ମଚାରୀ ଓ ନିଯୁକ୍ତି ଆଶାୟୀଙ୍କୁ ସ୍ୱାଗତ କରିଥିଲେ। କ୍ୟାରିୟର କାଉନ୍‌ସେଲିଂ ସେଲ୍‌ର ନୋଡାଲ ଅଫିସର ଡ. ଦିଲୀପ କୁମାର ବରାଳ ଓ କଟକ ଜିଲା ନିୟୋଜନ କାର୍ଯ୍ୟାଳୟର ଅଧିକାରୀ ଶୁଭେନ୍ଦୁ ଦାଶ ଯୋଗଦେଇ ଓଡ଼ିଶାର ବିଭିନ୍ନ କଲେଜରୁ ଯୋଗଦେଇଥିବା ସହସ୍ରାଧିକ ନିଯୁକ୍ତି ଆଶାୟୀଙ୍କୁ ଚୟନ ପ୍ରକ୍ରିୟାର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନିଯୁକ୍ତି ମେଳାରେ ୨୦ଟି ବେସରକାରୀ ବାଣିଜ୍ୟିକ ସଂସ୍ଥା ଯୋଗଦେଇ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କର ଯୋଗ୍ୟତାଭିତ୍ତିରେ ନାମ ପଞ୍ଜୀକରଣ କରିଥିଲେ। କ୍ୟାରିୟର କାଉନ୍‌ସେଲିଂ ସେଲ୍‌ର କର୍ମକର୍ତ୍ତା ଡ. ଶାଶ୍ୱତୀ ମିଶ୍ର, ବିଶ୍ୱରୂପା ଦାଶ, ଡ. ସୁକନ୍ୟା ସେନାପତି, ପ୍ରିୟଦର୍ଶିନୀ ପ୍ରଧାନ ଓ ସନ୍ତୋଷ କୁମାର ନାଥଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୯ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**କଟକ ସଦର, ୧୬।୯(ଡି.ଏନ୍.ଏ.):** ୪୨ ମୌଜା ଥାନା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏଡିଏମ୍ କୋଠାରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ କଟକ ଜୋନ୍-୪ ଏସିପି ଚନ୍ଦନ କୁମାର ଘଡେଇ ଯୋଗଦେଇ ୩୯ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଏହି କାର୍ଡ ସେମାନଙ୍କର ବିଭିନ୍ନ କାର୍ଯ୍ୟରେ ଲାଗିପାରିବ। ଅନ୍ୟ ବରିଷ୍ଠ ନାଗରିକମାନେ ମଧ୍ୟ ଅନ୍‌ଲାଇନ୍‌ରେ ଆବେଦନ କରି ଏହି ସୁବିଧା ହାସଲ ପାଇଁ ଥାନା ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା କହିଛନ୍ତି।

### ପୋଲ ତଳକୁ ଖସିଲା ସ୍କୁଟି, ଚାଳକ ଗୁରୁତର

**ମଙ୍ଗୁଳି,୧୬।୯(ଡି.ଏନ୍.ଏ.):** ମଙ୍ଗୁଳି ରେଲୱେ ଷ୍ଟେଶନ ନିକଟସ୍ଥ ଚାଉଳିଆ ପୋଲ ତଳକୁ ଶୁକ୍ରବାର ସକାଳେ ଏକ ସ୍କୁଟି ଭାରସାମ୍ୟ ହରାଇ ଖସିପଡିଛି। ଏଥିରେ ସ୍କୁଟି ଚାଳକ ଗୁରୁତର ହୋଇଥିବାବେଳେ ପଛରେ ବସିଥିବା ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ସକାଳ ପ୍ରାୟ ୬ଟାରେ ଯୁବକଦ୍ୱୟ ଉକ୍ତ ସ୍କୁଟିରେ ମଙ୍ଗୁଳି ପଟୁ ଚୌଦ୍ୱାର ଅଭିମୁଖେ ଯାଉଥିଲେ। ଚାଉଳିଆ ପୋଲ ନିକଟରେ ରାସ୍ତା ଖରାପ ଥିବାରୁ ଭାରସାମ୍ୟ ହରାଇ ସ୍କୁଟି ପଡିଯାଇଥିଲା। ପରେ ସ୍କୁଟିଟି ପ୍ରାୟ ପାଞ୍ଚଫୁଟ ଘୋଷାରି ହୋଇ ୨୦ ଫୁଟ ପୋଲତଳକୁ ଖସି ପଡ଼ିଥିଲା। ଏଥିରେ ଚାଳକ ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସ୍କୁଟିକୁ ପୋଲ ତଳୁ ଉଦ୍ଧାର କରି ତାଙ୍କୁ ହସ୍ତାନ୍ତର କରିଥିଲେ।

# ୪ ପ୍ରସିଦ୍ଧ ବାଦ୍ୟରେ କମ୍ପିବ ଭସାଣି ଶୋଭାଯାତ୍ରା

**କଟକ ଅଫିସ,୧୬।୯**






ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକର ବିଭିନ୍ନ ପୂଜା ମଣ୍ଡପ। ମା'ଙ୍କ ଆବାହନ ପାଇଁ ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି ଛତ୍ରବଜାର ଦୁର୍ଗାପୂଜା କମିଟି। ୧୯୧୯ରେ ଏହି କମିଟି ପୂଜା ଆରମ୍ଭ କରିଥିଲା। ପ୍ରଥମେ ଏଠାକାର ଏକ ଚାଳଘରେ ହରପାର୍ବତୀ ପୂଜା କରାଯାଉଥିଲା। ୨୦୦୦ ମସିହାରୁ ଏଠାରେ ମା' ଦୁର୍ଗାଙ୍କ ପୂଜା କରାଯାଇଆସୁଛି। ୨୦୧୯ରେ କମିଟିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନୂତନ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ପରମ୍ପରା ଅନୁସାରେ ପୂଜାର ୪ ଦିନ ଉକ୍ତ ଅଞ୍ଚଳରେ ଆମିଷ ନିଷେଧ ହୋଇଥାଏ। ବଳଭଦ୍ରପୁର ଯୁବକ ସଂଘର କର୍ମକର୍ତ୍ତାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଉତ୍ସବ ପରିଚାଳନା କରିଥାନ୍ତି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଜସଜ୍ଜାକୁ କିଛି ନୁଆ ଢଙ୍ଗରେ କରିବା ପାଇଁ କମିଟି ଲକ୍ଷ୍ୟ ରଖିଛି। ପ୍ରାୟ ୭୦ ବର୍ଷ ତଳେ ଛତ୍ରବଜାରରୁ ହିଁ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବହୁ ନାମୀଦାମୀ ମେଲୋଡି ପାର୍ଟି ଏଠାରେ ମେଲୋଡ଼ି କାର୍ଯ୍ୟକ୍ରମ କରିଛନ୍ତି। ଚଳିତବର୍ଷ ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀରେ ମେଲୋଡି ପରିବେଷଣ କରାଯିବ। ଓଲିଉଡ୍ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀଙ୍କଠାରୁ ଆରମ୍ଭ କରି ବହୁ ପ୍ରସିଦ୍ଧ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆଲୋକ ସାଜସଜ୍ଜା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଥର ୪ ପ୍ରକାର ବାଦ୍ୟରେ ଭସାଣି ଶୋଭାଯାତ୍ରା କମ୍ପିବ। ଶ୍ରୀକାକୁଳମର ପ୍ରସିଦ୍ଧ ବ୍ୟାଣ୍ଡ, ବଲାଙ୍ଗୀରର ସିଂହବାଜା, ଢେଙ୍କାନାଳର ଦୁଲୁଦୁଲି ଓ ଘଣ୍ଟବାଦ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଭସାଣି ଶୋଭାଯାତ୍ରାରେ ନୃତ୍ୟ ହୁଏନି। ଶୃଙ୍ଖଳିତ ଭାବେ ମା'ଙ୍କୁ ବିଦାୟ ଦିଆଯାଇଥାଏ।



"ଛତ୍ରବଜାରରେ ଅନେକ ସମସ୍ୟା ରହିଛି। ଫଳରେ ପୂଜା ଓ ଭସାଣି ସମୟରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହାର ସମାଧାନ ପାଇଁ ପ୍ରଶାସନକୁ ଅବଗତ କରିଛୁ। ଏଥର ୪ ଦିନ ମେଲୋଡି ହେବ। ଭସାଣିବେଳେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଥାଏ। କରୋନା ଯୋଗୁ ୨ବର୍ଷ ହେବ ଦଶହରା ଫିକା ପଡ଼ିଥିଲା। ଏଥର କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ସହଯୋଗରେ ଆଡମ୍ବରପୂର୍ଣ୍ଣ ପୂଜା କରାଯିବ।

**ଦେବେନ୍ଦ୍ରନାଥ ସାହୁ, ସଭାପତି**



"ଏଠାରେ ମା'ଙ୍କ ମୂର୍ତ୍ତିର କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ନିଆରା। ପୂଜା ପାଖେଇ ଆସୁଥିବାବେଳେ ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଟି କର୍ମକର୍ତ୍ତାମାନେ ଲାଗିପଡିଛନ୍ତି। ସାଜସଜ୍ଜାଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବରାଦ ଦିଆସରିଛି । ନୀତିନିୟମ ଓ ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟ କରାଯିବ।

**ନୀଳକଣ୍ଠ ମହାନ୍ତି, ସମ୍ପାଦକ**

### ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲୋକାର୍ପିତ

**ଚୌଦ୍ୱାର,୧୬।୯(ଡି.ଏନ୍.ଏ.)**

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ୍(ବିଆଇପିଏଫ୍) ପକ୍ଷରୁ ଶୁକ୍ରବାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲୋକାର୍ପିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଓ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ବିଆଇପିଏଫ୍ ଅନୁଦାନରେ ନବୀକରଣ କରାଯାଇଥିବା ଚୌଦ୍ୱାର ଯାତ୍ରା ପଡ଼ିଆସ୍ଥିତ ୟୁନିୟନ ସ୍ପୋର୍ଟିଂକ୍ଲବ, ଭୋଇସାହିସ୍ଥିତ ମଙ୍ଗଳା ମନ୍ଦିର ଏବଂ ନୁଣ୍ଡିକିରୀସ୍ଥିତ ହନୁମାନ ମନ୍ଦିର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇମ୍ଫା ଜିଏମ୍ ଧୀରେନ କୁମାର ନାଥ, ଲଲାଟ କିଶୋର ମହାପାତ୍ର, ଡେପୁଟି ଜିଏମ୍ ଜି. ସାରଦା ପ୍ରସାଦ ରାଓ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଇମ୍ଫା ଲୋକ ସମ୍ପର୍କ ଡେପୁଟି ଜିଏମ୍ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇମ୍ଫାର ମାନସ ରଞ୍ଜନ ପ୍ରଧାନ, ରବୀନ୍ଦ୍ର ବେହେରା, ଧରଣୀଧର ନାୟକ, ବିଷ୍ଣୁ ଚରଣ ସାହୁ, ଆଶିଷ ଦାସ, ସୁଶାନ୍ତ ବେହେରାଙ୍କ ସମେତ ଗ୍ରାମ ମୁରବୀ ଓ ଯୁବ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।




କଟକ ଶହୀଦ ଭବନରେ ବ୍ୟୁଟିସିଆନ୍ସ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ପ୍ରଥମ ବାର୍ଷିକ ବ୍ୟୁଟିସିଆନ୍ସ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ୨ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିଲା

**କଟକ ଅଫିସ,୧୬।୯**

**ନକଲି ମେଡିସିନ କାରବାର ମାମଲା**

ନକଲି ମେଡିସିନ୍ କାରବାର ମାମଲାରେ ଗିରଫ ୨ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶୁକ୍ରବାର ଶେଷ ହୋଇଛି। ୨ ଅଭିଯୁକ୍ତ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର୍. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲ ପୁଣି ଶନିବାର ବିଚାର ବିଭାଗୀୟ ହାଜତକୁ ଫେରିଯିବେ ବୋଲି ସୂଚନା ମିଳିଛି। ତେବେ ରିମାଣ୍ଡ ସମୟରେ ପୋଲିସ ପକ୍ଷରୁ ଅଭିଯୁକ୍ତଦ୍ୱୟଙ୍କୁ ଜେରାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଯେଉଁମାନେ ନକଲି ମେଡିସିନ କାରବାରରେ ସଂଶ୍ଳିଷ୍ଟ ଅଛନ୍ତି, ୨ ଅଭିଯୁକ୍ତଙ୍କଠାରୁ ମେଡିସିନ ନେଇ ଲୋକଙ୍କୁ ବିକ୍ରି କରିଛନ୍ତି, ସେନେଇ ତଥ୍ୟ ସଂଗ୍ରହ ହୋଇଛି। ଖୁବ୍‌ଶୀଘ୍ର ପୋଲିସର ଏକ ଟିମ୍ ବିହାରର ଗୟାକୁ ଯାଇ ତଥ୍ୟ ସଂଗ୍ରହ କରିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ଅଧିକ କିଛି କହିବାକୁ ସେ ମନା କରିଥିଲେ।

ସୂଚନାଯୋଗ୍ୟ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ପୂଜା ଏଣ୍ଟରପ୍ରାଇଜର୍ସ ଓ ଭି. ଆର୍. ଡ୍ରଗ୍ସ ଏଜେନ୍ସି ନାମରେ ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ମେଡିସିନ ଗୋଦାମରେ ଚଢ଼ାଉ କରିଥିଲା। ତଦନ୍ତ ପରେ ନକଲି ମେଡିସିନ ଗୟା ଓ ବେଙ୍ଗାଲୁରୁରୁ ଅଣାଯାଉଥିବା ଜଣାପଡିଥିଲା। ଏ ସମ୍ପର୍କରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ଦୁଇଟି ମାମଲା ଓ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବିଭାଗ ପକ୍ଷରୁ ଉକ୍ତ ମେଡିସିନ ଦ୍ୱୟର ବିକ୍ରି ନିଷେଧ କରାଯିବା ସହ ୨ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସ ବାତିଲ କରାଯାଇଥିଲା। ଗିରଫ ହୋଇ ଜେଲ ଯିବା ପରେ ସେମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା।

### ଦୀନଦୟାଲ ଗ୍ରାମୀଣ ପ୍ରଶିକ୍ଷଣ ଶିବିର

**କଟକ ସଦର, ୧୬।୯(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କଟକ ସଦର ବ୍ଲକସ୍ତରୀୟ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ପ୍ରଶିକ୍ଷଣ ଶିବିର ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର, ବିଡିଓ ରାଜୀବ ଲୋଚନ ପରିଡା ଓ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବୈଷୟିକ ସଂସ୍ଥା ଓ ଘରୋଇ କମ୍ପାନୀରେ ପ୍ରତିନିଧି ଯୋଗଦେଇ ଆଗ୍ରହୀ ପ୍ରାର୍ଥୀଙ୍କ ବିବରଣୀ ପତ୍ର ସଂଗ୍ରହ କରିଥିଲେ। ଏହି ଶିବିରରେ ୨୨୨ ଜଣ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୧୪୬ ଜଣ ବିଭିନ୍ନ ସଂସ୍ଥା ଦ୍ୱାରା ତାଲିମ ପାଇଁ ମନୋନୀତ ହୋଇଥିଲେ। ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ସମାପିକା ଦାସ, ସୂର୍ଯ୍ୟକାନ୍ତି ନାୟକ, ଅଭିପ୍ସା ମହାନ୍ତି, ଶରତ ରାୟ, ବିଭୂତି ଭୂଷଣ ପରିଡ଼ା, ସମର ବେହେରା ଓ ଯୁବନେତା ବିଦ୍ୟାଧର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୪୦ କେଜି ଖାଦ୍ୟ ନଷ୍ଟ କରାଗଲା

**କଟକ ଅଫିସ, ୧୬।୯**

**ଫାଷ୍ଟଫୁଡ୍ ଷ୍ଟଲରେ ସିଏମ୍‌ସିର ଚଢ଼ାଉ**

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଦୋଳମୁଣ୍ଡାଇଠାରେ ଥିବା ଫାଷ୍ଟଫୁଡ୍ ଷ୍ଟଲଗୁଡିକରେ ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ନକଲି ଟମାଟୋ ସସ୍ ଓ ଅତ୍ୟଧିକ ରଙ୍ଗ ମିଶାଇ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଜଣାପଡିଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଚଢାଉ କରାଯାଇ କିଛି ନକଲି ସସ୍, ରଙ୍ଗ ଜବତ କରାଯିବା ସହ ପ୍ରାୟ ୪୦ କେଜି ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଛି। ଏ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର କହିଛନ୍ତି, ଏହି ଷ୍ଟଲଗୁଡିକରେ ପ୍ରସ୍ତୁତ ହେଉଥିବା ଖାଦ୍ୟରେ ଅତ୍ୟଧିକ ରଙ୍ଗ ମିଶ୍ରଣ କରାଯାଉଛି, ଯାହାକି ଶରୀର ପାଇଁ ହାନିକାରକ। ଏଥିସହ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିରେ ସ୍ୱଚ୍ଛ ପାଣି ବ୍ୟବହାର କରାଯାଉନାହିଁ। ଏପରି କି ଯେଉଁ ପରିବେଶରେ ଖାଦ୍ୟ ରଖାଯାଉଛି ତାହା ମଧ୍ୟ ଠିକ୍ ନାହିଁ। ୨/୩ ଜଣ ବ୍ୟବସାୟୀଙ୍କ ଲାଇସେନ୍ସ ରହିଛି। ଆସନ୍ତା ୭ ଦିନ ମଧ୍ୟରେ ଅନ୍ୟ ବ୍ୟବସାୟୀଙ୍କୁ ଲାଇସେନ୍ସ ନେବା ପାଇଁ କୁହାଯାଇଛି। ଯଦି ସେମାନେ ଲାଇସେନ୍ସ ନ ନେଇ ବ୍ୟବସାୟ କରନ୍ତି, ତା' ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଦୋଳମୁଣ୍ଡାଇସ୍ଥିତ ଏକ ଫାଷ୍ଟଫୁଡ୍ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

### ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

**ନିଆଳି, ୧୬।୯(ଡି.ଏନ୍.ଏ.):** ୧୪ ଦଫା ଦାବି ପୂରଣ ନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରାମୀଣ ସେବକ ସମାଜ ପକ୍ଷରୁ ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। କସର୍ଦା ଫାଣ୍ଡିକୁ ଥାନାର ମାନ୍ୟତା, ନିଆଳିକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା, ନିଆଳି ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ମେଡିକାଲ୍‌କୁ ମରାମତି ସହ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବା ଭଳି ବିଭିନ୍ନ ଦାବି ନେଇ ସଙ୍ଗଠନର ସଦସ୍ୟମାନେ ଆମରଣ ଅନଶନରେ ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଡେପୁଟି କଲେକ୍ଟର ଶୁଭାଶିଷ ପାଲଟା ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ଦାବି ପୂରଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁ ହୋଇ ଠକିନେଲେ ୭.୯୫ ଲକ୍ଷ

**କଟକ ଅଫିସ,୧୬।୯**

କଟକର ଜଣେ ଯୁବତୀ ଠକେଇର ଶିକାର ହୋଇଥିବା ସ୍ଥାନୀୟ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ପ୍ରଥମେ ନିଜକୁ ସ୍କଟଲାଣ୍ଡର ଦାନିଏଲ୍ ବୋଲି ପରିଚୟ ଦେଇ ଯୁବତୀଙ୍କ ପାଖକୁ ଇନ୍‌ଷ୍ଟାଗ୍ରାମରେ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ପଠାଇଥିଲେ। ଯୁବତୀ ଜଣଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଗ୍ରହଣ କରିବା ପରେ ଉଭୟଙ୍କ ମଧ୍ୟରେ ଚାଟିଂ ସହ ବନ୍ଧୁତା ହୋଇଥିଲା। ଏଥିସହ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢି ଉଠିଥିଲା। ଏହାପରେ ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇଥିଲେ। ଏଥିରେ ଯୁବତୀ ରାଜି ହେବା ପରେ ତାଙ୍କ ଠିକଣା ନେଇଥିଲେ। ଏହି ଠିକଣାରେ ଅଭିଯୁକ୍ତ କିଛି ଗିଫ୍ଟ ଡେଲିଭରି କମ୍ପାନୀ ଜରିଆରେ ପଠାଇଥିବା ଯୁବତୀଙ୍କୁ କହିଥିଲେ। ଗିଫ୍ଟ ଭିତରେ କିଛି ସୁନାଚେନ, ବ୍ରେସ୍‌ଲେଟ୍, ଜୋତା, ଲେଡିଜ୍ ବ୍ୟାଗ, ୨୦ ହଜାର ୟୁଏସ ଡଲାର ଆଦି ରହିଛି। ଏହାକୁ କୋରିୟରରେ ପଠାଇବା ପାଇଁ ୧୫ ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ଯୁବତୀ ଜଣକ ଏଥିରେ ବିଶ୍ୱାସ କରି ତାଙ୍କୁ ଦିଆଯାଇଥିବା ଏକ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ପୁଣି ଯୁବତୀଙ୍କ ପାଖକୁ ଏକ କଲ୍ ଆସିଥିଲା କି ଉକ୍ତ ଗିଫ୍ଟ କଷ୍ଟମ ବିଭାଗ ପକ୍ଷରୁ ଜବତ କରାଯାଇଛି ତାହାକୁ ରିଲିଜ କରିବା ପାଇଁ ୨୦ ହଜାର ଟଙ୍କା ଦେବାକୁ ପଡିବ। ଯୁବତୀ ଜଣଙ୍କ ଉକ୍ତ ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ କରିଥିଲେ। ଏହିଭଳି ଭାବେ ଯୁବତୀଙ୍କଠାରୁ ୮ଟି ପର୍ଯ୍ୟାୟରେ ୭.୯୫ ଲକ୍ଷ ଟଙ୍କା ଠକି ନେଇଥିଲେ। କୌଣସି ଗିଫ୍ଟ ଯେତେବେଳେ ଆସିଲା ନାହିଁ ଠକାମିର ଶିକାର ହୋଇଥିବା ସମ୍ପର୍କରେ ଯୁବତୀ ଜାଣିବାକୁ ପାଇଥିଲେ। ଏ ନେଇ ସେ କଟକ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏ ନେଇ ସାଇବର ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ସାଇବର ଏକ୍ସପର୍ଟମାନଙ୍କ ମାଧ୍ୟମରେ ତଦନ୍ତ ଆରମ୍ଭ ହୋଇଛି। ବିଭିନ୍ନ ଲୋକେଶନ୍‌ରୁ ଅଭିଯୁକ୍ତଙ୍କର କଲ୍ ଆସିଥିଲା। ଯେଉଁଥିରେ ଭାରତ ବାହାରର କିଛି ସ୍ଥାନ ରହିଛି। ତେବେ ଠକାମିରେ ବ୍ୟବହୃତ ଆକାଉଣ୍ଟଗୁଡ଼ିକ ଭାରତରେ ଥିବା ସୂଚନା ମିଳିଛି ବୋଲି ସେ କହିଛନ୍ତି।

# 'ତତ୍ପରତାର ସହ କାର୍ଯ୍ୟ କଲେ ସାମଗ୍ରିକ ଅଭିବୃଦ୍ଧି ସମ୍ଭବ'

**କଟକ ଅଫିସ,୧୬।୯**




ଦିଶା ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ ଓ ବିଧାୟକଙ୍କ ସହ ଅନ୍ୟମାନେ।

**ସପ୍ତମ ଦିଶା ବୈଠକ**

- ଦୁର୍ଗାପୂଜା ପୂର୍ବରୁ ରାସ୍ତାରୁ କେବୁଲ ହଟାଯାଉ
- ପ୍ରତ୍ୟେକ ଯୋଜନାର ପରିସଂଖ୍ୟାନରେ ତାଳମେଳ ରହୁ

ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ତୃଣମୂଳସ୍ତରରେ ରୂପାୟନ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ଜନପ୍ରତିନିଧି ଏବଂ ସର୍ବସାଧାରଣ ଅବଗତ ହେବା ଆବଶ୍ୟକ। ପ୍ରଶାସନିକ ଅଧିକାରୀମାନେ ତତ୍ପରତାର ସହ କାର୍ଯ୍ୟ କଲେ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇପାରିବ ବୋଲି କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ସପ୍ତମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକରେ ଅଧକ୍ଷତା କରି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ଅଙ୍ଗନୱାଡି ଗୃହ ନିର୍ମାଣ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ନିମନ୍ତେ ଅନ୍ତତଃ ମାସର ପ୍ରଥମ ଏବଂ ତୃତୀୟ ଶନିବାର ଉପଜିଲାପାଳଙ୍କ ଅଧକ୍ଷତାରେ ବିଡିଓ, ତହସିଲଦାର, ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ଉନ୍ନୟନ ଅଧିକାରୀଙ୍କ ସମେତ ସଂପୃକ୍ତ ଅଧିକାରୀମାନେ ବୈଠକରେ ମିଳିତ ହୋଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରନ୍ତୁ।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ନରସିଂହପୁରର ୧୧ଟି ପଞ୍ଚାୟତରେ ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉ ନଥିବାରୁ ତାହାର ପ୍ରତିକାର ବ୍ୟବସ୍ଥା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଦୂରସଞ୍ଚାର ଯୋଗାଯୋଗ କ୍ଷେତ୍ରରେ ଜିଲାର ଅନେକ ସ୍ଥାନରେ ଭିତ୍ତିଭୂମି ସୁଦୃଢ କରିବାର ଆବଶ୍ୟକତା ରହିଛି। ଯାହାଦ୍ୱାରା ମୋସେବା କେନ୍ଦ୍ରଗୁଡିକ ଲୋକମାନଙ୍କୁ ବିଭିନ୍ନ ସେବା ଯୋଗାଇବା ସହଜ ହେବ। ଜିଲାର ୩୭୩ଟି ସେବାକେନ୍ଦ୍ର ମଧ୍ୟରୁ ୩୨୪ଟି ମୋ ସେବା କେନ୍ଦ୍ରରେ ଇଣ୍ଟରନେଟ ସେବା ଉପଲବ୍ଧ। ଅନ୍ତତଃ ପ୍ରତ୍ୟେକ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନରେ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ଆବଶ୍ୟକ ବୋଲି ମିଶ୍ର କହିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ ଦୁର୍ଗାପୂଜା ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ବେସରକାରୀ ସଂସ୍ଥା ଦ୍ୱାରା ଟଣାଯାଇଥିବା କେବୁଲ ହଟାଇବାକୁ କହିଥିଲେ। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ନ ଥିବା ଗ୍ରାମ୍ୟରାସ୍ତାଗୁଡିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ତାଲିକାରେ ସ୍ଥାନିତ କରିବାକୁ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ବିଧାନସଭା ଗ୍ରାମ୍ୟ ଉନ୍ନୟନ ବିଭାଗର ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଦେବୀ ପ୍ରସାଦ ମିଶ୍ରଙ୍କୁ ଏଗୁଡିକୁ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ପ୍ରତ୍ୟେକ ଯୋଜନାର ପରିସଂଖ୍ୟାନରେ ତାଳମେଳ ରହିବା ଆବଶ୍ୟକ। ପ୍ରଥମେ ଯୋଜନାରେ ଅର୍ନ୍ତଭୁକ୍ତ ହେଉଥିବା ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଯୋଜନା ଯେପରି ଶତପ୍ରତିଶତ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିବ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ।

ଏଥିରେ ଅଙ୍ଗନୱାଡି, ଗୃହ ନିର୍ମାଣ, ଅମୃତ ଓ ସୁଜଳ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ଦୂରସଞ୍ଚାର ଯୋଗାଯୋଗ, ମଧୁବାବୁ ପେନ୍‌ସନ୍ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜିଲା ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ବୈଠକକୁ ସଞ୍ଚାଳନ କରିଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତ ସମିତିର ଅଧକ୍ଷା ଅଧକ୍ଷ, ୱାଟ୍‌କୋର ସାଧାରଣ ପରିଚାଳକ ଦେବବ୍ରତ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀର ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ୬୩ ବର୍ଷର ସରକାରୀ ବିଦ୍ୟାଳୟ ଅବହେଳିତ


ଗୋଟିଏ କୋଠରିରେ ଦୁଇଟି ଶ୍ରେଣୀର ପିଲାମାନେ ପାଠ ପଢୁଛନ୍ତି ।

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

**୨ କୋଠରିରେ ପଢୁଛନ୍ତି ୮ ଶ୍ରେଣୀର ପିଲା**
- ବାରଣ୍ଡାରେ ହେଉଛି ମଧ୍ୟାହ୍ନଭୋଜନ ରୋଷେଇ
- ପାଚେରି ଓ ଖେଳପଡ଼ିଆ ନାହିଁ

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତର ବଡ଼ରିକିଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିର୍ମାଣକୁ ୬୩ ବର୍ଷ ପୂରିଲାଣି। ହେଲେ ଏହା ବିକାଶ ଆଢୁଆଳରେ ରହିଯାଇଛି। ୧୯୫୯ରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟଟି ପ୍ରଶାସନିକ ଉଦାସୀନତା ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ଆନ୍ତରିକତା ଅଭାବରୁ ଅବହେଳିତ ହୋଇପଡ଼ିଛି। ଏପର୍ଯ୍ୟନ୍ତ ସ୍କୁଲ ରୂପାନ୍ତରକରଣ ଯୋଜନାରେ ଏହି ବିଦ୍ୟାଳୟକୁ ସାମିଲ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏଠାରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ମୋଟ ୬୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ସମେତ ୫ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ତେବେ ୮ଟି ଶ୍ରେଣୀ ନିମନ୍ତେ ମାତ୍ର ୨ଟି କୋଠରୀ ରହିଛି। ସେଥିରୁ ଗୋଟିଏ ଶ୍ରେଣୀରେ ୧ମ, ୨ୟ, ୩ୟ, ୫ମ ଶ୍ରେଣୀର ପିଲା ଏବଂ ଅନ୍ୟଟିରେ ୪ର୍ଥ, ୬ଷ୍ଠ, ୭ମ, ୮ମ ଶ୍ରେଣୀର ପିଲା ପଢୁଛନ୍ତି। ଶ୍ରେଣୀ କକ୍ଷରେ ମଧ୍ୟାହ୍ନଭୋଜନ ପାଇଁ ଚାଉଳ, ସଉଦା, ପନିପରିବା, ରନ୍ଧନ ଗ୍ୟାସ୍ ଆଦି ରଖାଯାଇଛି। ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଘର ନ ଥିବାରୁ ବିଦ୍ୟାଳୟ ବାରଣ୍ଡାରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନ ଥିବାରୁ ଏହାର ପରିସର ବୁଲା ଗୋରୁ, ଛେଳି, ମେଣ୍ଢାଙ୍କ ଲାଗି ଆଶ୍ରୟସ୍ଥଳୀ ପାଲଟିଛି। ଏଥିସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ କମନ୍ ରୁମ୍, ପିଲାଙ୍କ ପାଇଁ ଖେଳପଡ଼ିଆ, ଷ୍ଟୋର ରୁମ୍ ନ ଥିବାବେଳେ ସ୍କୁଲର ଭିତ୍ତିଭୂମି ଅତି ଶୋଚନୀୟ। ଏ ସମ୍ପର୍କରେ ଛାତ୍ରୀଛାତ୍ର ପ୍ରଭାତ କାଣ୍ଡି, ଆଇସା ଦାସ, ଅର୍ଚ୍ଚନା ଭୋଇ ଏବଂ ଦିବ୍ୟଜ୍ୟୋତି ବେହେରା ପ୍ରମୁଖଙ୍କୁ ପଚାରିବାରେ କହିଛନ୍ତି, ଆମ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଗୋଟିଏ କୋଠରୀରେ ୪ଟି ଶ୍ରେଣୀର ପିଲା କଷ୍ଟେମଷ୍ଟେ ବସିବାକୁ ବାଧ ହେଉଛୁ। ସେହିପରି ଖେଳ ପଡ଼ିଆ ନ ଥିବାରୁ ଖେଳି ପାରୁନାହାନ୍ତି ବୋଲି ଏହି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ସ୍କୁଲର ମୌଳିକ ବିକାଶ ପାଇଁ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସମସ୍ୟାଗୁଡ଼ିକର ସମାଧାନ ଲାଗି ଚେଷ୍ଟା ଚାଲିଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ କହିଛନ୍ତି।

**ଏମାନେ କହନ୍ତି....**

"ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଦୁଇଟି କୋଠରୀରେ ପିଲାମାନେ ଝୁନ୍ଦାଝୁନ୍ଦି ହୋଇ କଷ୍ଟେମଷ୍ଟେ ବସୁଛନ୍ତି। ତେଣୁ ନିହାତି ପକ୍ଷେ ଆହୁରି ୩ଟି କୋଠରୀର ଆବଶ୍ୟକତା ରହିଛି।
**– ରାଜକିଶୋର ସାହୁ, ଗ୍ରାମବାସୀ**

"ସ୍କୁଲ ପରିସରରେ ଗୋରୁ, ଛେଳି ପଶୁଛନ୍ତି। ତେଣୁ ସ୍କୁଲ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣର ଆବଶ୍ୟକତା ରହିଛି। ସେହିପରି ଖେଳପଡ଼ିଆ ଲାଗି ଜମି ଯୋଗାଇଦେଲେ ପିଲାମାନେ ଉପକୃତ ହୁଅନ୍ତେ।
**–ହିମାଂଶୁ ଭୂଷଣ ଦାସ, ଗ୍ରାମବାସୀ**

"ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ କିଛିଦିବ ତଳେ ଅବଗତ କରାଇଛୁ। ସେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ସମସ୍ୟା ଦୂର ହେବ ବୋଲି ଆଶା ରହିଛି।
**–ବିଜୟ ବେହେରା, ସଭାପତି, ବିଦ୍ୟାଳୟ ପରିଚାଳନା କମିଟି**

"ସଂକୀର୍ଣ୍ଣ ଜାଗା ଯୋଗୁ ବିଦ୍ୟାଳୟ ବିକାଶରେ ଅନ୍ତରାୟ ସୃଷ୍ଟି ହୋଇଛି। ତେବେ ଖୁବ୍‌ଶୀଘ୍ର ବିଭିନ୍ନ ସମସ୍ୟାର ସମାଧାନ କରାଯିବ।
**– ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ**



ବିଦ୍ୟାଳୟ ବାରଣ୍ଡାରେ ମଧ୍ୟାହ୍ନ ଭୋଜନ ରୋଷେଇ ଚାଲିଛି ।

## ସଂକ୍ଷେପରେ

### ଆଜି ପୁରୀ ବେଳାଭୂମିରେ ଏୟାର ଶୋ'

ପୁରୀ ଅଫିସ, ୧୬।୯: ପୁରୀ ବେଳାଭୂମିରେ ଶନିବାର ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ ଏୟାର ଶୋ' ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୨୦ରୁ ୧୧ଟା ମଧ୍ୟରେ ରାଜଭବନ ସମ୍ମୁଖ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଏହି ଶୋ'ର ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯିବ। ତେବେ ଯଦି ପାଣିପାଗ ଠିକ ରହେ ତାହାହେଲେ ପୂର୍ବ ନିର୍ଦ୍ଧାରିତ ୧୮ ତାରିଖରେ ମଧ ବେଳାଭୂମିରେ ଏୟାର ଶୋ ହେବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ୧୮ ତାରିଖରେ ପାଗ ଖରାପ ହେବା ଆଶଙ୍କା ରହିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି, ପୂର୍ବରୁ ୧୭ତାରିଖରେ ଫୁଲ୍‌ଡ୍ରେସ୍ ରିହର୍ସାଲ ଏବଂ ୧୮ ତାରିଖରେ ଏୟାର ଶୋ' ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଥିଲା। ତେବେ ୧୮ ତାରିଖରେ ପୁରୀରେ ପାଣିପାଗ ଠିକ ରହିବ ନାହିଁ ବୋଲି ଜଣାପଡ଼ିଛି। ଏହା ଶୋ' ପାଇଁ ଅନୁକୂଳ ନୁହେଁ। ତେଣୁ ଶନିବାର ଏୟାର ଶୋ'ର ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯିବ। ପାଣିପାଗ ଠିକ ରହିଲେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ୧୮ ତାରିଖରେ ମଧ ଏୟାର ଶୋ' ଅନୁଷ୍ଠିତ ହେବ। ଯଦି ଉକ୍ତଦିନ ପାଗ ଭଲ ନ ରହେ ତେବେ ସମୟ ପରିବର୍ତ୍ତନ କରାଯିବ ନଚେତ ଶୋ'କୁ ବାତିଲ କରାଯିବ। ୧୭ ତାରିଖରେ ହେବାକୁ ଥିବା ଏୟାର ଶୋ' ଉପଭୋଗ କରିବା ପାଇଁ ଜନସାଧାରଣ ପୂର୍ବାହ୍ନ ୯ଟା ୩୦ ସୁଦ୍ଧା ବେଳାଭୂମିରେ ପହଞ୍ଚିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ବନ୍ୟାଞ୍ଚଳର ଛାତ୍ରୀଛାତ୍ରଙ୍କୁ ବହିଖାତା ପ୍ରଦାନ

ଗୋପ,୧୬।୯(ଡି.ଏନ୍.ଏ.)- ଗୋପ ବ୍ଲକ ଅଞ୍ଚଳରେ ବନ୍ୟା ଛାଡିଯିବା ପରେ ସ୍କୁଲ ଖୋଲିଛି। ପାଠପଢ଼ା ମଧ ସ୍ୱାଭାବିକ ହୋଇଛି। କିନ୍ତୁ ଚଳିତ ବନ୍ୟା ଗୋପ ବ୍ଲକର ୧୦ଟି ପଞ୍ଚାୟତର ୪୩ଟି ଗାଁର ଚାଷବାସ ବେଉସା ସହିତ ଛାତ୍ରୀଛାତ୍ରମାନଙ୍କ ବହିପତ୍ର ସବୁ ନଷ୍ଟ କରି ଦେଇଛି। ଏବେ ପାଠପଢ଼ା ଲାଗି ଛାତ୍ରୀଛାତ୍ରଙ୍କ ନିକଟରେ ବହିପତ୍ର, ଖାତା ନ ଥିବାବେଳେ ଶୁକ୍ରବାର ମୁମ୍ବାଇର ବଜାଜ୍ ଇଲେକ୍ଟ୍ରିକାଲ କମ୍ପାନୀ ପକ୍ଷରୁ ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଲୁଣହାର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଲାଗି ବହି, ଖାତା ସହିତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରକାଶ ଯେ, ଚଳିତ କୁଶଭଦ୍ରା ଓ ଧନୁଆ ନଦୀ ବନ୍ୟାଜଳରେ ବ୍ଲକର ୧୦ଟି ପଞ୍ଚାୟତର ହଜାର ହଜାର ଲୋକ ଜଳବନ୍ଦୀ ଥିଲେ। ପରେ ସରକାରଙ୍କ ନିର୍ଦ୍ଦେଶରେ ବିପନ୍ନମାନେ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଧ ବ୍ୟାହତ ହୋଇଥିଲା। ଏ ନେଇ ଲୁଣହାର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜୟଦେବ ବେହେରାଙ୍କ ଅନୁରୋଧକ୍ରମେ ବଜାଜ କମ୍ପାନୀର ସିନିଅର ମ୍ୟାନେଜର ଜୟକୃଷ୍ଣ ମୁଖାର୍ଜୀ ସ୍କୁଲର ଅଧ୍ୟୟନରତ ୬୫ଜଣ ଛାତ୍ରୀଛାତ୍ର ଓ ଅଙ୍ଗନବାଡି କେନ୍ଦ୍ରର ୧୨ଜଣ ଛାତ୍ରୀଛାତ୍ରଙ୍କ ଲାଗି ଆବଶ୍ୟକ ଖାତା, କଲମ, ଜ୍ୟାମିତି ବାକ୍ସ, ଖଡି, ସିଲଟ ସହିତ ଅନ୍ୟାନ୍ୟ ଖାଦ୍ୟ ଆଣି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ଅଜୟ କୁମାର ରଥ, ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକ, ସାମାଜିକ କର୍ମୀ ଜୟଦେବ ବରାଳ, ସୁନାଲ ବି ବିଶ୍ୱାଳ, ପ୍ରଭାତ ସାହୁ, ଶିକ୍ଷା କମିଟି ସଭାପତି ପ୍ରକାଶ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

# ହେଲ୍‌ମେଟ ପିନ୍ଧନ୍ତୁ, ଜୀବନ ବଞ୍ଚାନ୍ତୁ


ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଲୋକଙ୍କୁ ସଚେତନ କରାଉଛନ୍ତି ।

**ଗୋପ,୧୬।୯(ଡି.ଏନ୍.ଏ.)**

ହେଲ୍‌ମେଟ ପିନ୍ଧିଲେ ଆପଣ ସୁରକ୍ଷିତ ରହିବା ସହ ମୂଲ୍ୟବାନ ଜୀବନ ବଞ୍ଚିପାରିବ ବୋଲି ଶୁକ୍ରବାର ଗୋପ ବଜାରରେ କରାଯାଉଥିବା ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ହେଲମେଟ ସଚେତନତା କାର୍ଯ୍ୟକ୍ରମରେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଯୋଗଦେଇ ସାଧାରଣ ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନରେ ଗୋପ ବଜାର ଛକରେ ଆରମ୍ଭ କରାଯିବା ପରେ ଗୋପ-କୋଣାର୍କ ରାସ୍ତାରେ ଯାତାୟାତ କରୁଥିବା ପର୍ଯ୍ୟଟକ ଓ ସାଧାରଣ ଲୋକମାନଙ୍କୁ ସଂଗଠନ ପକ୍ଷରୁ ସଚେତନ କରାଯାଇଥିଲା। ସଂଗଠନ ସଦସ୍ୟ ଓ ଥାନା ଅଧିକାରୀଙ୍କ ସହିତ ଥାନାର ଅନ୍ୟ ଅଧିକାରୀମାନେ ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିଲେ ଜୀବନ କିପରି ସୁରକ୍ଷିତ ରହିବ ସେ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଧନେଶ୍ୱର ଦାସ, ଏସ୍‌ଆଇ କୁନାଲ କୁମାର, ଏଏସ୍‌ଆଇ ତ୍ରିନାଥ କଅର, ସବିତା କିରୋ, ସୁକାନ୍ତ କୁମାର ଦାସଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗା ସମୁଦ୍ରରେ ଟ୍ରଲର ମାଡ଼ରେ ଡଲଫିନ ଆହତ

**କୋଣାର୍କ,୧୬।୯(ଡି.ଏନ୍.ଏ.)**



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶୁକ୍ରବାର ଏକ ଟ୍ରଲର ମାଡ଼ରେ ଗୋଟିଏ ଡଲଫିନ ଆହତ ହୋଇଛି। ସାମୁଦ୍ରିକ ମତ୍ସ୍ୟ ବିଭାଗର ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁ ଏଭଳି ହୋଇଥିବା ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ, ଚନ୍ଦ୍ରଭାଗା ସମୁଦ୍ରରେ ଦିନକୁ ଦିନ ବେଆଇନ ଟ୍ରଲର ଚଳାଚଳ ହେଉଛି। ଏଥିଯୋଗୁ ବିଭିନ୍ନ ସମୟରେ ଡଲଫିନ ଭଳି ଜୀବ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳିଛି। ସମୁଦ୍ର ଜଳପଥରେ ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ପାଟ୍ରୋଲିଂ କରାଯିବାର ବ୍ୟବସ୍ଥା ଥିବାବେଳେ ବିଭାଗ ମଧ୍ୟରେ ତାଳମେଳ ଅଭାବରୁ ଦିନକୁ ଦିନ ଟ୍ରଲର ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବେଆଇନ ଭାବେ ସମୁଦ୍ର ନିଷିଦ୍ଧାଞ୍ଚଳରେ ଟ୍ରଲରରେ ମାଛ ଧରିବାରୁ ସାମୁଦ୍ରିକ ଜୀବଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଏହି ବେଆଇନ ଟ୍ରଲର ମାଡରେ ଶୁକ୍ରବାର ଭୋରୁ ସମୁଦ୍ର କୂଳରେ ଆଘାତପ୍ରାପ୍ତ ଗୋଟିଏ ଡଲଫିନ ଆହତ ହୋଇଛି। ଖବରପାଇ କୋଣାର୍କ ବନ ବିଭାଗ ପକ୍ଷରୁ ଆଘାତପ୍ରାପ୍ତ ଡଲଫିନକୁ ସାମାନ୍ୟ ଚିକିତ୍ସା କରାଯାଇ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର କେତେଜଣ ଲୋକଙ୍କ ସହାୟତାରେ ସମୁଦ୍ରରେ ଛଡାଯାଇଥିଲା। ବେଆଇନ ଟ୍ରଲର ଉପରେ କଡାକଡି ଭାବେ ନଜର ରଖାଯିବା ସହ ଅନ୍ୟ ବିଭାଗ ସହ ସମୀକ୍ଷା ବୈଠକ କରାଯାଇ ସମୁଦ୍ର ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି।

# ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

ନିମାପଡ଼ା ଏନ୍‌ଏସି ଓ ଶହୀଦ ସଂସଦ ପକ୍ଷରୁ ଶହୀଦ ଦିବସ ଥାନା ସମ୍ମୁଖ ଗୋଧନ ବାହୁଡା ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଶହୀଦ ସ୍ମୃତି ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଜିର ଯୁବ ଛାତ୍ର ସମାଜ ଶହୀଦ ସଂଗ୍ରାମୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଷ୍ଠା ଓ ସାହସର ସହ କାର୍ଯ୍ୟ କରିବା, ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସ ସ୍ମୃତିକୁ ଉଜ୍ଜୀବିତ ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ସଂସ୍କୃତି ମନ୍ତ୍ରୀ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଶସ୍ତ୍ର ପୋଲିସ ବାହିନୀ ପକ୍ଷରୁ ଶହୀଦ ଉଚ୍ଛବ ମଳିକଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। କେଉଟତୋଟା ଗ୍ରାମରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ପହଞ୍ଚିଥିଲା। ସେହିପରି ଗଡ଼ଅଣ୍ଡିଆ ଗ୍ରାମ ଗାନ୍ଧୀପୀଠରୁ ଏକ ଶୋଭାଯାତ୍ରା ମଧ ସହର ପରିକ୍ରମା କରିଥିଲା। ଏହି ଅବସରରେ 'ନିମାପଡ଼ାରେ ସ୍ୱାଧୀନତା ସଂଗ୍ରାମର ଇତିହାସ' ଶୀର୍ଷକ ଏକ ତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ସ୍କୁଲ, କଲେଜର ୧୫ଜଣ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ବିଦ୍ୟାଳୟ ଓ କଲେଜର ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍‌ସ ଗାଇଡ୍‌ସ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ।


ଶହୀଦ ସଂଗ୍ରାମୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି ।

## ୩ ଲକ୍ଷ ୫୦ ହଜାର ଠକେଇ ଅଭିଯୋଗରେ ଜଣେ ଗିରଫ

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

ଠକେଇ ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୁହାଳପଡା ଗ୍ରାମର ପ୍ରଫୁଲ୍ଲ ନନ୍ଦ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଉକ୍ତ ଥାନା ଅନ୍ତର୍ଗତ ଓମ୍‌ଫେଡ ଛକର ଲକ୍ଷ୍ମୀଧର ପ୍ରଧାନଙ୍କ ପରିବାର ସହ ଭଲ ସମ୍ପର୍କ ରଖି ପ୍ରଫୁଲ୍ଲ ତାଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ୨ ମାସ ମଧ୍ୟରେ ସମସ୍ତ ଟଙ୍କା ଫେରାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ଦିନ ଧରି ଟଙ୍କା ଫେରସ୍ତ ନ କରି ଓଲଟା ଲକ୍ଷ୍ମୀଧରଙ୍କୁ ସେ ଗାଳିଗୁଲଜ କରି ବିଭିନ୍ନ ଧମକ ଚମକ ଦେଇଥିଲେ। ଏହି ଟଙ୍କା ଦେଣନେଣକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଏନେଇ ଲକ୍ଷ୍ମୀଧର ଜୁନ୍ ୨ରେ ପ୍ରଫୁଲ୍ଲଙ୍କ ନାମରେ କୋର୍ଟରେ ଏକ ଆଇସିସି ମାମଲା (ନଂ. ୧୦୫/୨୨) ଦାଏର କରିଥିଲେ। ପରେ ଅଗଷ୍ଟ ୪ରେ ପ୍ରଫୁଲ୍ଲଙ୍କ ନାମରେ ପୋଲିସରେ ଏକ ମାମଲା (ନଂ. ୨୬୮/୨୨) ରୁଜୁ କରିଥିଲେ।

## ବିଜ୍ଞାନମେଳାରେ ୨୫ ପ୍ରକଳ୍ପ ଚୟନ

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

ନିମାପଡ଼ାସ୍ଥିତ ଏକଲବ୍ୟ ଶିକ୍ଷାକେନ୍ଦ୍ରଠାରେ ଏକ ବିଜ୍ଞାନମେଳା ଓ ପ୍ରକଳ୍ପ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି, ଶିକ୍ଷାବିତ୍ ଡ. ରବିନାରାୟଣ ସାହୁ, ବୃନ୍ଦାବନ ମହାପାତ୍ର, ବିଚାରକ ଭାବେ ଶିକ୍ଷକ ନିର୍ମଳ ମିଶ୍ର, ଦେବାଶିଷ୍ ପତି ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷା, ଶିଶୁ ଛାତ୍ରୀଛାତ୍ରମାନେ ବିଜ୍ଞାନ ତଥା ବିଜ୍ଞାନ ପାଠ ଦିଗରେ ଆଗ୍ରହୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ମେଳାରେ ୧ଶହରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୨୫ ଶ୍ରେଷ୍ଠ ପ୍ରକଳ୍ପ ଚୟନପୂର୍ବକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ମଧୁମିତା ଜେନା, ଗାୟତ୍ରୀ ସେନାପତି, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ମଞ୍ଜୁଲତା ମହାନ୍ତି, ସୁଶ୍ରୀ ସଙ୍ଗୀତା, ଲକ୍ଷ୍ମୀପ୍ରିୟା ମହାରଣା, ଝରଣା ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

# ସହାୟତା ପାଇଁ ଫନୀ କ୍ଷତିଗ୍ରସ୍ତଙ୍କ ଅନଶନ

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକରେ ଗତ ୨୦୧୯ରେ ପ୍ରଳୟଙ୍କରୀ ଫନି ବାତ୍ୟାରେ ହଜାର ହଜାର ଲୋକଙ୍କ ଘରଦ୍ୱାର ଭାଙ୍ଗି ମାଟିରେ ମିଶି ଯାଇଥିଲା। ଏହି ବାତ୍ୟାକୁ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ ବିପନ୍ନମାନେ ଘରଭଙ୍ଗା ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବିପନ୍ନଙ୍କୁ ୯୫ ହଜାର ଟଙ୍କା ସହାୟତା ରାଶି ଯୋଗାଇବା ଦାବିରେ ପଞ୍ଚାୟତବାସୀ ନିମାପଡ଼ା ତହସିଲ ସମ୍ମୁଖରେ ଶୁକ୍ରବାର ଅନଶନ କରିଥିଲେ। ଏଥିରେ ବ୍ଲକର ଉଚ୍ଛୁପୁର, ବଳଙ୍ଗା, ନୂଆସନ୍ଧ, ଗୋପୀନାଥପୁର, କୋଟକସାଙ୍ଗ ଆଦି ପଞ୍ଚାୟତର ପ୍ରାୟ ୪୦ ଜଣ ବିପନ୍ନ ସାମିଲ ହୋଇଥିଲେ। ଆନ୍ଦୋଳନ ସ୍ଥଳରେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଆନ୍ଦୋଳନକାରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାବାଜୀ ମୁଦୁଲି, ଜନାର୍ଦ୍ଦନ ଦାସ, ବେଣୁଧର ସାହୁ, ଉତ୍ତର ସ୍ୱାଇଁ, ଟି. ଉର୍ମିଳା ଦାସ, ମମତା ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନ ଓ ଦାବି ସମ୍ପର୍କରେ ପୂର୍ବରୁ କ୍ଷତିଗ୍ରସ୍ତ ହିତାଧିକାରୀମାନେ ୫-ଟି ସଚିବ ଭିକେ ପାଣ୍ଡିଆନ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନ୍‌ୱର ବିଶାଲ ସିଂ, ନିମାପଡ଼ା ତହସିଲଦାର, ବିଡିଓ, ଏସ୍‌ଡିପିଓଙ୍କୁ ବାରମ୍ବାର ଅବଗତ କରିଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ୫ ପଞ୍ଚାୟତର ଶହ ଶହ ବିପନ୍ନ ଲୋକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆନ୍ଦୋଳନସ୍ଥଳରେ ଚେତାବନୀ ଦେଇଛନ୍ତି।



ତହସିଲ କାର୍ଯ୍ୟାଳୟ ଆଗରେ ଫନୀ କ୍ଷତିଗ୍ରସ୍ତମାନେ ଅନଶନରେ ବସିଛନ୍ତି ।

# ସରକାରଙ୍କୁ ସମସ୍ୟା ଜଣାଇବେ କୁକୁଡ଼ା ଚାଷୀ

**ପିପିଲି,୧୬।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କୁକୁଡ଼ା ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା କୁକୁଡ଼ା ଚାଷୀ ମହାସଂଘ (ପିଏଫ୍‌ଏଓ) ପକ୍ଷରୁ ପିପିଲି ବ୍ଲକ ଅଞ୍ଚଳର ଇନ୍ଦିରା ମଇଦାନରେ ଶୁକ୍ରବାର ଏକ ସଭାର ଆୟୋଜନ କରାଯାଇଥିଲା। ତେବେ ମହାସଂଘ ସଭାପତି ଜ୍ୟୋତିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ପିପିଲି, ଡେଲାଙ୍ଗ, ସତ୍ୟବାଦୀ, ଅସ୍ତରଙ୍ଗ, ପୁରୀ ସଦର, ନିମାପଡା ବିଭିନ୍ନ ଅଞ୍ଚଳରୁ ଶତାଧିକ କୁକୁଡା ଚାଷୀ ଯୋଗଦେଇଥିଲେ। ଏଥିରେ କୁକୁଡା ଚିଆଁ, ଦାନା ଆଦି ଯୋଗାଉଥିବା କମ୍ପାନୀଙ୍କ ପାଇଁ କୁକୁଡା ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଥିଲେ। ସମ୍ପୃକ୍ତ କମ୍ପାନୀ ନିମ୍ନମାନର କୁକୁଡା ଦାନା ଓ କମ୍ ଓଜନର ଚିଆଁ ଯୋଗାଉଥିବା ବେଳେ ଆବଶ୍ୟକ ଅନୁଯାୟୀ ଚିଆଁ ଯୋଗାଉ ନ ଥିବାରୁ ଚାଷୀମାନେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ସେହିଭଳି କୁକୁଡା ଚାଷୀଙ୍କ ଲାଇଫ ଇନ୍‌ସ୍ୟୁରାନ୍ସ ସହ ଅନେକ ସମସ୍ୟାର ସମାଧାନ ପାଇଁ ସଭାରେ ଦାବି ଉଠିଥିଲା। ସମସ୍ୟା ସମ୍ପର୍କରେ ସମ୍ପୃକ୍ତ କମ୍ପାନୀ ଓ ରାଜ୍ୟ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିବା ବେଳେ ଆଗାମୀ ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି କୁକୁଡ଼ା ଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ମହାସଂଘ ସମ୍ପାଦକ ଅବନୀ ରଞ୍ଜନ ଦାଶ, ମୁଖ୍ୟ ସଂଯୋଜକ ଅଶୋକ ପାତ୍ର, ଖବରଦାତା ପ୍ରସନ୍ନ ତ୍ରିପାଠୀ, ଅଭୟ ସାମନ୍ତରାୟ, ପ୍ରଦୀପ ଘଡାଇ, ସନ୍ତୋଷ ମିଶ୍ର, ପ୍ରଦୀପ ଗୁରୁ, ଭାସ୍କର ମଲ୍ଲିକ, ସନ୍ତୋଷ ନାୟକ, ପ୍ରଦୀପ୍ତ ମାହୁନ୍ତ, ଶୋଭ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସଭ୍ୟ ରବିନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ।

ସେହିଭଳି ପଲଟ୍ରି ଫାର୍ମର୍ସ ଡେଭଲପମେଣ୍ଟ ଫୋରମସ (ପିଏଫ୍‌ଡିଏଫ୍) ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳପୁର କଲ୍ୟାଣ ମଣ୍ଡପରେ କୁକୁଡ଼ା ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ କୁକୁଡ଼ା ଚାଷୀ ମହାସଂଘର କର୍ମକର୍ତ୍ତାମାନେ ।

**ରାଜଧାନୀ ଚାଲ ଆହ୍ୱାନ**

ଏଥିରେ ରାଜ୍ୟ କୃଷକ ନେତା ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଲଟ୍ରି ଟ୍ରେଡର କମ୍ପାନୀର ମନମାନି ଓ କୁକୁଡା ଚାଷୀଙ୍କୁ ଶୋଷଣ ନୀତି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ପିଏଫ୍‌ଡିଏଫର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡା ଯୋଗଦେଇ କୁକୁଡ଼ା ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକ ହୋଇ ରାଜଧାନୀ ଚାଲ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ବ୍ଲକର ୨୫୦ରୁ ଅଧିକ କୁକୁଡା ଚାଷୀ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ରମେଶ ପାଟ୍ଟଶାଣୀ, କୋଷାଧ୍ୟକ୍ଷ ଜନ୍ମଜେୟ ମହାନ୍ତୀ, ସତ୍ୟବାଦୀ ଶାଖା ସଭାପତି ଭଗବାନ ବିଶ୍ୱାଳ, ଡେଲାଙ୍ଗ ଶାଖା ସଭାପତି ଗୋପାଳ ସ୍ୱାଇଁ ଓ ସମ୍ପାଦକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ କୁକୁଡା ଚିଆଁ, ଦାନା ଔଷଧ ଇତ୍ୟାଦି ସହିତ କୁକୁଡା ମାର୍କେଟିଂ ଉପରେ ଆଲୋଚନା କରିଥିଲେ।